


ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

RNI REGD NO: 42041/83
www.sakalaepaper.com
/thesakalanews
/TheSakala
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-158 ♦BHUBANESWAR ♦SUNDAY ♦3 DECEMBER 2023 ♦PAGE-20 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୧୫୮ ♦ଭୁବନେଶ୍ୱର ♦ରବିବାର ♦୩ ଡିସେମ୍ବର ୨୦୨୩ ♦ପୃଷ୍ଠା-୨୦ ♦ଟ.୬.୦୦ (ସିନ୍ଦୂରା ସହ)

### '୫-ଟି' ଓ 'ନବୀନ ଓଡ଼ିଶା' ଅଧ୍ୟକ୍ଷ କଲେ ସମୀକ୍ଷା

# ୫୦ ବର୍ଷର ଜମିଜମା ସମସ୍ୟାର ତ୍ୱରିତ ସମାଧାନ

- ଝାରସୁଗୁଡ଼ା ଜିଲ୍ଲାର ହୀରାକୁଦ ବନ୍ଧ ବିସ୍ଥାପିତଙ୍କୁ ଦିଆଯିବ ସ୍ଥାୟୀ ଜମିପଟ୍ଟା
- ୧୪ରେ ସୋରଡ଼ାର ୨୨, ଲଖନପୁରର ୭ଟି ଗାଁରେ ପଟ୍ଟା ବାଣ୍ଟିବେ ମୁଖ୍ୟମନ୍ତ୍ରୀ
- ଜାନୁଆରୀ ମାସରେ ଜଟଣୀ ଖାସମାହାଲ ଜମିର ପ୍ରଥମ ପର୍ଯ୍ୟାୟ ପଟ୍ଟା ବଣ୍ଟନ
- ରେଙ୍ଗାଲି ତହସିଲର ୪ଟି ଗ୍ରାମରେ ମାର୍ଚ୍ଚ ୩୧ ସୁଦ୍ଧା ସର୍ଭେ ସାରିବାକୁ ନିର୍ଦ୍ଦେଶ
- ପୁରୀ ପୌରପାଳିକାରେ ପଟ୍ଟା ପାଇଁ ସଂଶୋଧନ ହେବ ଓଜିଏଲ୍ଏସ୍ ନିୟମ



■ ଭୁବନେଶ୍ୱର, ୨।୧୨ (ସମିସ): ଦୀର୍ଘଦିନ ଧରି ରାଜ୍ୟର ବିଭିନ୍ନ ଅଞ୍ଚଳରେ ଜମିଜମା ସମସ୍ୟା ଭୋଗି ଆସୁଥିବା ଜନ ସାଧାରଣଙ୍କ ପାଇଁ ରାଜ୍ୟ ସରକାର ଏକ ବଡ଼ ଆଶ୍ୱସ୍ତି ପ୍ରଦାନ କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ '୫-ଟି' ତଥା 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଆଜି ରାଜ୍ୟର ବିଭିନ୍ନ ଅଞ୍ଚଳରେ ଦୀର୍ଘ ଦିନର ଜମିଜମା ସମସ୍ୟାର ସମାଧନ ସମ୍ପର୍କରେ ଏକ ବିସ୍ତୃତ ସମୀକ୍ଷା କରି ଏହାର ତୁରନ୍ତ ସମାଧାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏପରିକି କେତେକ ଅଞ୍ଚଳରେ ଜମି ସମସ୍ୟାର ସମାଧାନ କରାଯାଇଥିବା ବେଳେ ମୁଖ୍ୟମନ୍ତ୍ରୀ ନିଜେ ସମ୍ପୃକ୍ତ ଅଞ୍ଚଳର ଜନସାଧାରଣଙ୍କୁ ଜମି ପଟ୍ଟା ବାଣ୍ଟିବା ପାଇଁ କାର୍ଯ୍ୟସୂଚୀ ସ୍ଥିର କରାଯାଇଛି। ସୂଚନାଯୋଗ୍ୟ ଯେ ଶ୍ରୀ ପାଣ୍ଡିଆନ ପୂର୍ବରୁ ବିଭିନ୍ନ ଜିଲ୍ଲା ଗସ୍ତ ସମୟରେ ବିସ୍ଥାପିତମାନଙ୍କ ଜମି ସମସ୍ୟାର ସମାଧାନ ପାଇଁ ଲୋକଙ୍କଠାରୁ ଅଭିଯୋଗ ଗ୍ରହଣ କରିଥିଲେ ଏବଂ ଏ ସମ୍ପର୍କରେ ବିଭିନ୍ନ ବୈଠକରେ ସମାଧାନ ପାଇଁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ। ଏହିକ୍ରମରେ ପ୍ରଶାସନ ସମ୍ପୃକ୍ତ ଅଞ୍ଚଳରେ ଥିବା ସମସ୍ୟାର ସମାଧାନ ପାଇଁ ପ୍ରକ୍ରିୟା ଆରମ୍ଭ କରିଥିଲା।

ସୂଚନାଯୋଗ୍ୟ ଯେ ହୀରାକୁଦ ବନ୍ଧ ବିସ୍ଥାପିତମାନଙ୍କ ୫୦ ବର୍ଷରୁ ଅଧିକ ସମୟର ସମସ୍ୟାର ତୁରନ୍ତ ସମାଧାନ ପାଇଁ ପୂର୍ବରୁ ନିର୍ଦ୍ଦେଶ ଦିଆଯାଇଥିଲା। ଝାରସୁଗୁଡ଼ା ଜିଲ୍ଲା ଲଖନପୁର ତହସିଲର ୧୮ଟି ଗାଁ ଓ ଝାରସୁଗୁଡ଼ା ତହସିଲର ଗୋଟିଏ ଗାଁ ଏହିପରି ୧୯ଟି ଗାଁର ଜମିଜମା ସମସ୍ୟାର ସମାଧାନ କରାଯାଇଛି ବୋଲି ଆଜିର ବୈଠକରୁ ଜଣାଯାଇଛି। ପ୍ରଥମ ପର୍ଯ୍ୟାୟରେ ମୁଖ୍ୟମନ୍ତ୍ରୀ ୭ଟି ଗାଁର ବିସ୍ଥାପିତମାନଙ୍କୁ ପଟ୍ଟା ବଣ୍ଟନ କରିବେ। ଏହି ଗାଁଗୁଡ଼ିକ ହେଲା ଲେମେଇଟିକ୍ରା, ପାତ୍ରପଲ୍ଲୀ, ଛାଡ଼ରମା, ଦୁଆଁମୁଣ୍ଡା, ଲାଛିପାଲ୍ଲୀ, ସାହସବାଗ ଓ ବିନକା। ଏହି ୭ଟି ଗ୍ରାମରେ ପ୍ରାୟ ୯୦୦ଟି ପରିବାର ପଟ୍ଟା ପାଇବେ। ସେହିପରି ସୋରଡ଼ାର ୨୨ଟି ଗାଁରେ ବହୁ ପୁରାତନ ଜମି ସମସ୍ୟାର ସମାଧାନ କରାଯାଇ, ଉଭୟ ଘରବାଡ଼ି ଓ ଚାଷଜମି ପଟ୍ଟା ମଧ୍ୟ ମୁଖ୍ୟମନ୍ତ୍ରୀ ଡିସେମ୍ବର ୧୪ ତାରିଖ ଦିନ ବଣ୍ଟନ କରିବେ। ସେହିପରି ଜଟଣୀ ଖାସମାହାଲ ଜମି ସମସ୍ୟାର ମଧ୍ୟ ସମାଧାନ କରାଯାଇଛି। ଜାନୁଆରୀ ମାସରେ ଏହାର ପ୍ରଥମ ପର୍ଯ୍ୟାୟ ପଟ୍ଟା ବଣ୍ଟନ କରାଯିବ। ପୁରୀ ଜିଲ୍ଲାରେ ଖାସମାହାଲ ଜମି ସମସ୍ୟାର ସମାଧାନ ରାଜସ୍ୱ ବିଭାଗ ଦ୍ୱାରା ପ୍ରଦତ୍ତ ନିର୍ଦ୍ଦେଶାବଳୀ ଅନୁଯାୟୀ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ସୂଚନାଯୋଗ୍ୟ ଯେ ପୁରୀ ପୌରପାଳିକା ବହୁ ବର୍ଷ ଧରି ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷଙ୍କୁ ଲିଜ୍ ସୂତ୍ରରେ ▶ପୃଷ୍ଠା-୭

### ଭୂ-ବନ୍ଦୋବସ୍ତ ଆଇନରେ ହେଲା ସଂଶୋଧନ

## ସରକାରୀ ଜମିରେ ବସ୍ତି ବାସିନ୍ଦାଙ୍କୁ ସ୍ୱତ୍ୱାଧିକାର

**ଗୃହ ନିର୍ମାଣ ପାଇଁ ଜମି ବନ୍ଧକ ରଖି ପାଇପାରିବେ ବ୍ୟାଙ୍କ ଋଣ**

**ପରବର୍ତ୍ତୀ ପିଢ଼ିକୁ କରିପାରିବେ ହସ୍ତାନ୍ତର**

■ ଭୁବନେଶ୍ୱର, ୨।୧୨(ସମିସ): ସରକାର ଦେଉଥିବା ଜମି ଉପରେ ବସ୍ତି ବାସିନ୍ଦାଙ୍କ ଅଧିକାର ଆହୁରି ସୁଦୃଢ଼ ହେବ। ସେମାନେ ନା କେବଳ ବଂଶାନୁକ୍ରମିକ ଭାବେ ସରକାର ଦେଇଥିବା ଜମିକୁ ହସ୍ତାନ୍ତର କରିପାରିବେ ବରଂ ଗୃହ ନିର୍ମାଣ ପାଇଁ ଜମି ବନ୍ଧକ ରଖି ବ୍ୟାଙ୍କ ଋଣ ପାଇପାରିବେ। ଗରିବ ଲୋକଙ୍କ ଜମି ଅଧିକାର ପ୍ରକ୍ରିୟାକୁ ଆହୁରି ପ୍ରଭାବି କରିବା ଲାଗି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଓଡ଼ିଶା ସର୍ଭେ ଆଣ୍ଡ ସେଟେଲମେଣ୍ଟ ନିୟମ ୧୯୬୨ରେ ସଂଶୋଧନ କରିଛନ୍ତି। ଏହା ଏବେ ଓଡ଼ିଶା ସର୍ଭେ ଆଣ୍ଡ ସେଟେଲମେଣ୍ଟ (ସଂଶୋଧନ) ଆଇନ୍-୨୦୨୩ ନାମରେ ନାମିତ ହେବ। ଖୁବ୍‌ଶୀଘ୍ର ଏନେଇ 'ଗେଜେଟ ବିଜ୍ଞପ୍ତିନାମା' ପ୍ରକାଶ କରାଯିବ ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

ଓଡ଼ିଶା ସର୍ଭେ ଆଣ୍ଡ ସେଟେଲମେଣ୍ଟ ନିୟମ ୧୯୬୨ର ଧାରା ୩୪ରେ ଆଉ ଏକ ଉପଧାରା ବା କ୍ଲଜ୍ 'ଜି' ଯୋଡ଼ାଯାଇଛି। ଏହାଦ୍ୱାରା ଓଡ଼ିଶା ବସ୍ତି ବାସିନ୍ଦା ଜମି ଅଧିକାର ଆଇନ୍ ୨୦୧୭ ଏବଂ ଓଡ଼ିଶା ମ୍ୟୁନିସିପାଲ କର୍ପୋରେସନ୍ (ସଂଶୋଧନ) ଆଇନ୍ ୨୦୨୨ ଅନୁସାରେ ବସ୍ତି ବାସିନ୍ଦାଙ୍କୁ ଜମି ପ୍ରମାଣପତ୍ର ପତ୍ର ପ୍ରଦାନ କରାଯିବ। ▶ପୃଷ୍ଠା-୭

# ଆଜି ୪ ରାଜ୍ୟର ନିର୍ବାଚନ ଫଳାଫଳ

**ସକାଳ ୮ଟାରୁ ଗଣତି**

**ରାଜସ୍ଥାନରେ ରାଜନୀତି ସରଗରମ୍**

**ମିଜୋରାମରେ ସୋମବାର ଗଣତି**

■ ନୂଆଦିଲ୍ଲୀ, ୨।୧୨ (ଏଜେନ୍ସି): ନିକଟରେ ଶେଷ ହୋଇଥିବା ୫ ରାଜ୍ୟର ବିଧାନସଭା ନିର୍ବାଚନ ଫଳାଫଳ ମଧ୍ୟରୁ ଆସନ୍ତାକାଲି ୪ ରାଜ୍ୟର ଫଳାଫଳ ଘୋଷଣା ହେବାକୁ ଯାଉଛି। ମିଜୋରାମ ଭୋଟ ଗଣତି ସୋମବାର ହେବାକୁ ରହିଥିବା ବେଳେ ରାଜସ୍ଥାନ, ମଧ୍ୟପ୍ରଦେଶ, ଛତିଶଗଡ଼ ଏବଂ ତେଲଙ୍ଗାନା ରାଜ୍ୟର ଭୋଟ ଗଣତି ଆସନ୍ତାକାଲି ହେବ। ସକାଳ ୮ଟାରୁ ଗଣତି ଆରମ୍ଭ ହେବ। ଏଥିପାଇଁ ଏହି ସମସ୍ତ ରାଜ୍ୟର ଭୋଟ ଗଣତି କେନ୍ଦ୍ରରେ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏହି ୪ଟି ରାଜ୍ୟର ବୁଥ୍ ବାହୁଡ଼ା ସର୍ଭେ ରିପୋର୍ଟକୁ ନେଇ ସାଧାରଣ ଭୋଟରଙ୍କ ଠାରୁ ଆରମ୍ଭ କରି ରାଜନୀତିକ ମହଲରେ ଉତ୍ସୁକତା ବଢିଥିଲା ବେଳେ ଆସନ୍ତାକାଲିର ଫଳାଫଳକୁ ନେଇ ସବୁ ମହଲରେ ଉତ୍କଣ୍ଠା ବଢିବାରେ ଲାଗିଛି। ତେବେ ରାଜସ୍ଥାନ ଫଳାଫଳକୁ ନେଇ ଏବେ ସେଠାକାର ରାଜନୀତି ଚଳଚଞ୍ଚଳ ହୋଇପଡ଼ିଛି। ବୁଥ୍ ବାହୁଡ଼ା ରିପୋର୍ଟ ଆକଳନ ଅନୁସାରେ ଛତିଶଗଡ଼ ଏବଂ ତେଲଙ୍ଗାନାରେ କଂଗ୍ରେସର ବିଜୟକୁ ଏକପ୍ରକାର ସୁନିଶ୍ଚିତ କରାଯାଇଛି। ମଧ୍ୟପ୍ରଦେଶ ଫଳାଫଳ ବିଜେପି ସପକ୍ଷରେ ଯିବ ବୋଲି ଆକଳନ କରାଯାଇଥିଲା ବେଳେ ରାଜସ୍ଥାନରେ ବିଜେପି ଏବଂ କଂଗ୍ରେସ ମଧ୍ୟରେ କଡ଼ା ଟକ୍କର ହେବା ନେଇ ବିଭିନ୍ନ ଏଜେନ୍ସି ଆକଳନ କରିଛନ୍ତି। ଏଭଳି ସ୍ଥିତିରେ ଏଠାକାର ସ୍ୱାଧୀନ ଏବଂ ଛୋଟ ଦଳର ବିଜୟୀ ପ୍ରାର୍ଥୀ ସରକାର ଗଠନ ଦିଗରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ ବୋଲି କୁହାଯାଉଛି। ଏହାକୁ ଦୃଷ୍ଟିରେ ରଖି ଉଭୟ ଦଳ ପକ୍ଷରୁ ରାଜସ୍ଥାନରେ ଜୋରଦାର ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଶନିବାର ବିଜେପି ନେତ୍ରୀ ବସୁନ୍ଧରା ରାଜେ ପ୍ରସିଦ୍ଧ ବାଲାଜୀ ମନ୍ଦିର ଦର୍ଶନ କରିବା ସହିତ ଦଳୀୟ ନେତାଙ୍କୁ ଏକାଠି କରି ରଣନୀତି ପ୍ରସ୍ତୁତ କରିଛନ୍ତି। ନିର୍ବାଚନ ପୂର୍ବରୁ ବିଜେପି ବସୁନ୍ଧରାଙ୍କୁ ସେତେଟା ସାମ୍ନାକୁ ଆଣି ନଥିଲା। କିନ୍ତୁ ଶନିବାର ବସୁନ୍ଧରାଙ୍କ ତତ୍ପରତାକୁ ନେଇ ବିଜେପି ତା'ର ଆଭିମୁଖ୍ୟ ସ୍ପଷ୍ଟ କରିଛି। ଯଦି ଏଠାରେ ବିଜେପି ବିଜୟୀ ହୁଏ ତେବେ ସେ ହିଁ ପରବର୍ତ୍ତୀ ମୁଖ୍ୟ ହେବେ ବୋଲି ସ୍ପଷ୍ଟ ହୋଇଛି। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ଗେହଲଟ୍‌ଙ୍କ ନେତୃତ୍ୱରେ କଂଗ୍ରେସ ନେତା ମଧ୍ୟ ଏକାଠି ହୋଇ ରଣନୀତି ପ୍ରସ୍ତୁତିରେ ଲାଗିପଡ଼ିଛନ୍ତି ବୋଲି କୁହାଯାଇଛି।

# ଆଜି ବାତ୍ୟାର ରୂପନେବ ଅବପାତ



**ଦକ୍ଷିଣ ଓଡ଼ିଶାର ୫ଜିଲ୍ଲାରେ ପ୍ରବଳ ବର୍ଷା ଆଶଙ୍କା**

**୬ ତାରିଖ ଯାଏଁ କ୍ଷେତ୍ରସ୍ତରୀୟ ଅଧିକାରୀଙ୍କ ଛୁଟି ବାତିଲ୍**

**ଫସଲ ସୁରକ୍ଷା ପାଇଁ କୃଷି ବିଭାଗର ମାର୍ଗଦର୍ଶିକା ଜାରି**

■ ଭୁବନେଶ୍ୱର, ୨।୧୨ (ସମିସ): ଦକ୍ଷିଣ-ପୂର୍ବ ବଙ୍ଗୋପସାଗର ଏବଂ ତତ୍‌ସଂଲଗ୍ନ ତାମିଲନାଡୁ ଉପକୂଳରେ ସୃଷ୍ଟି ହୋଇଥିବା ଅବପାତଟି ଘନୀଭୂତ ହୋଇ ଶନିବାର ଗଭୀର ଅବପାତରେ ପରିଣତ ହୋଇଛି। ଆଗାମୀ ୨୪ ଘଣ୍ଟା ମଧ୍ୟରେ ଏହା ଆହୁରି ଘନୀଭୂତ ହୋଇ ବାତ୍ୟାର ରୂପ ନେବ। ଏହା ପ୍ରଭାବରେ ୪ରୁ ୬ ତାରିଖ ଯାଏଁ ରାଜ୍ୟର କିଛି ଜିଲ୍ଲାରେ ପ୍ରବଳ ଏବଂ ଅନ୍ୟ କିଛି ଜିଲ୍ଲାରେ ଅତିପ୍ରବଳ ବର୍ଷା ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର କହିଛି। ଅପରପକ୍ଷେ, ପ୍ରବଳ ବର୍ଷାକୁ ଦୃଷ୍ଟିରେ ରଖି ରାଜ୍ୟ କୃଷି ବିଭାଗ ପକ୍ଷରୁ ୫ଜିଲ୍ଲାର କ୍ଷେତ୍ରସ୍ତରୀୟ କୃଷି ଅଧିକାରୀଙ୍କ ୬ ତାରିଖ ଯାଏଁ ଛୁଟି ବାତିଲ୍ କରାଯାଇଛି। ପ୍ରବଳ ବର୍ଷା ସମ୍ଭାବନା ଥିବାରୁ ୬ତାରିଖ ଯାଏଁ ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି ଓ ଗଞ୍ଜାମ ଜିଲ୍ଲାର କ୍ଷେତ୍ରସ୍ତରୀୟ ଅଧିକାରୀମାନେ ହାଇ-ଆଲର୍ଟରେ ରହିବାକୁ ନିର୍ଦ୍ଦେଶ ▶ପୃଷ୍ଠା-୭

### ଉପ-ରାଷ୍ଟ୍ରପତିଙ୍କ ବଡ଼ ମନ୍ତବ୍ୟ

## ଅବସରପ୍ରାପ୍ତ ବିଚାରପତିଙ୍କ କବ୍‌ଜାରେ ମଧ୍ୟସ୍ଥତା ବ୍ୟବସ୍ଥା

**ମଧ୍ୟସ୍ଥତା ବ୍ୟବସ୍ଥାରେ ବିବିଧତା ନାହିଁ: ସିଜେଆଇ**

■ ନୂଆଦିଲ୍ଲୀ, ୨।୧୨ (ଏଜେନ୍ସି): ଦେଶର ମଧ୍ୟସ୍ଥତା ବ୍ୟବସ୍ଥା ଅବସରପ୍ରାପ୍ତ ବିଚାରପତିଙ୍କ କବ୍ଜାରେ ରହିଛି। ଅନ୍ୟ ଯୋଗ୍ୟ ଲୋକମାନଙ୍କୁ ଏହି ବ୍ୟବସ୍ଥାରେ ସୁଯୋଗ ଦିଆଯାଉନାହିଁ। କୌଣସି ଦେଶରେ ଏଭଳି ସ୍ଥିତି ନାହିଁ। ଏବେ ଆତ୍ମ ନିରୀକ୍ଷଣ କରିବାର ସମୟ ଆସିଯାଇଛି। ଏହି ବ୍ୟବସ୍ଥାରେ ବଡ଼ ପରିବର୍ତ୍ତନ କରିବାର ଆବଶ୍ୟକତା ରହିଛି। ଯଦି ଜରୁରୀ ହୁଏ, ତେବେ ଆଇନ ପ୍ରଣୟନ କରି ଏହି ବ୍ୟବସ୍ଥାକୁ ପରିବର୍ତ୍ତନ କରାଯାଉ। ଅନ୍ୟ ବ୍ୟବସ୍ଥା ଭଳି ଏଥିରେ ମଧ୍ୟ ବିବିଧତା ଏବଂ ସମାବେଶୀ ପ୍ରକ୍ରିୟା ଅବଲମ୍ବନ କରାଯାଉ। ଏପରି ହେଉ ନ ଥିବାରୁ ଯୋଗ୍ୟ ବ୍ୟକ୍ତିମାନେ ବାଦ୍ ପଡ଼ି ଯାଉଛନ୍ତି। ଭାରତରେ ଅନେକ ଯୋଗ୍ୟ ଲୋକ ଅଛନ୍ତି। କିନ୍ତୁ ମଧ୍ୟସ୍ଥତା ବ୍ୟବସ୍ଥାକୁ ତାଙ୍କୁ ▶ପୃଷ୍ଠା-୭

### ଘଟଗାଁ ନିକଟରେ ଦୁର୍ଘଟଣା ମାମଲା

## ଏନ୍‌ଏଚ୍‌ଏଆଇ ନାଁରେ ଏତଲା

■ ଘଟଗାଁ/କେନ୍ଦୁଝର, ୨।୧୨(ସମିସ): କେନ୍ଦୁଝର ଜିଲ୍ଲା ଘଟଗାଁ ନିକଟ ମେଲଣ ବାଲିଯୋଡ଼ି ନିକଟରେ ଗତକାଲି ଦୁର୍ଘଟଣାରେ ୮ଜଣ ପ୍ରାଣ ହରାଇବା ଓ ୧୧ ଗୁରୁତର ହେବା ଘଟଣାରେ ଜାତୀୟ ରାଜପଥ ପ୍ରାଧିକରଣର (ଏନ୍‌ଏଚ୍‌ଏଆଇ) ବିରୋଧରେ ଘଟଗାଁ ଥାନାରେ ଏତଲା ଦିଆଯାଇଛି। ଏନ୍‌ଏଚ୍‌ଏଆଇର ଅବହେଳା ପାଇଁ ଏତେବଡ଼ ଅଘଟଣ ଘଟିଗଲା ବୋଲି ଅଭିଯୋଗ କରି କେନ୍ଦୁଝର ପରିବହନ ବିଭାଗର କନିଷ୍ଠ ଏମ୍‌ଭିଆଇ ଏତଲା ଦେଇଛନ୍ତି। ଏହାକୁ ଆଧାର କରି ପୁଲିସ ଏଚ୍‌ଏଚ୍‌ଏଆଇର ପ୍ରକଳ୍ପ ନିର୍ଦ୍ଦେଶକଙ୍କ ନାଁରେ ନମ୍ବର ୨୭୪/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ଥାନାଧିକାରୀ ଅଞ୍ଜନ କୁମାର ପାତ୍ର ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ କେନ୍ଦୁଝର ଏସ୍‌ପି ନିତୀନ ଡାଗୁଡ୍ର ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ସହ ଆଜି ବିଭିନ୍ନ ଦୁର୍ଘଟଣାପ୍ରବଣ ଅଞ୍ଚଳ ପରିଦର୍ଶନ କରି ଦୁର୍ଘଟଣାର କାରଣ ଅନୁଧ୍ୟାନ କରିଛନ୍ତି।

## ଲୋକକଥା



ପାଞ୍ଚ ପ୍ରଦେଶର ଭୋଟ ସରିଛି
ଆଜି ବାହାରିବ ଫଳ।
ସ୍ଥିତି ବାବଦରେ କେତେ ନେତାଙ୍କ
ମନ ହୁଏ ଅସମ୍ଭାଳ ।
କାହାର କିଭଳି ବେଳ,
କା'ମୁଣ୍ଡେ ଶିରିପା ବାନ୍ଧିବେ ଭୋଟର
କାହାର ଭାଙ୍ଗିବେ ଥାଳ !!

### ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ

## ବୈପାରୀଗୁଡ଼ା ଥାନାଧିକାରୀ ବହିଷ୍କୃତ



■ ଭୁବନେଶ୍ୱର, ୨।୧୨ (ସମିସ): ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ଗିରଫ ହୋଇଥିବା କୋରାପୁଟ ଜିଲ୍ଲାର ବୈପାରୀଗୁଡ଼ା ଥାନା ଆଇଆଇସି ସୁଶାନ୍ତ ଶତପଥୀଙ୍କୁ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ(ଡିଜିପି) ଆଜି ଚାକିରିରୁ ବହିଷ୍କୃତ କରିଛନ୍ତି। ଗତ ୨୭ ତାରିଖ ରାତିରେ ସୁଶାନ୍ତ ବୈପାରୀଗୁଡ଼ାରୁ କଟକସ୍ଥିତ ସରକାରୀ ବାସଭବନକୁ ଏକ ଘରୋଇ ବସ୍‌ରେ ଆସୁଥିବାବେଳେ ଜୟପୁରସ୍ଥିତ ଟାଙ୍କୁଆ ନିକଟରେ ତାଙ୍କୁ ଭିଜିଲାନ୍ସ ଅଧିକାରୀମାନେ ଧରିଥିଲେ। ଯାଞ୍ଚ ବେଳେ ତାଙ୍କ ନିକଟରୁ ନଗଦ ୨ଲକ୍ଷ ୭୦ ହଜାର ଟଙ୍କା ଜବତ ହୋଇଥିଲା। ଉକ୍ତ ରାତିରେ ଭିଜିଲାନ୍ସ ଅଧିକାରୀମାନେ ସୁଶାନ୍ତଙ୍କ ଅଫିସ୍ ଚାମ୍ବର ଓ ସରକାରୀ ବାସଭବନରେ ଚଢ଼ଉ କରି ଅଫିସ୍ ଚାମ୍ବରରୁ ୧ ଲକ୍ଷ ୮୦ ହଜାର ଟଙ୍କା ଜବତ କରିଥିବା ବେଳେ ସରକାରୀ ବାସଭବନରୁ ୩ ଲକ୍ଷ ଟଙ୍କା ଜବତ ହୋଇଥିଲା। ପରଦିନ ଆଇଆଇସିଙ୍କ କଟକ ବକ୍ସିବଜାରସ୍ଥିତ କ୍ୱାର୍ଟର୍ସରେ ଚଢ଼ଉ କରି ଭିଜିଲାନ୍ସ ନଗଦ ୨୯ ଲକ୍ଷ ୭୭ ହଜାର ଜବତ କରିଥିଲା। ଆଇଆଇସି ସୁଶାନ୍ତଙ୍କ ଘରୁ ଭିଜିଲାନ୍ସ ସର୍ବମୋଟ ୩୭ ଲକ୍ଷ ଟଙ୍କା ଜବତ କରିଥିଲା। ଭିଜିଲାନ୍ସ ପକ୍ଷରୁ ତଦନ୍ତ କରାଯିବା ପରେ ତାଙ୍କର ଗଞ୍ଜେଇ ▶ପୃଷ୍ଠା-୭



## ଲଦାଖରେ ୮ ଘଣ୍ଟାରେ ୨ ଥର ଭୂକମ୍ପ

**ଲେହ, ୨।୧୨ (ଏଜେନ୍ସି):** କେନ୍ଦ୍ରଶାସିତ ଅଞ୍ଚଳ ଲଦାଖରେ ଶନିବାର ୮ ଘଣ୍ଟା ମଧ୍ୟରେ ୨ ଥର ଭୂକମ୍ପ ହୋଇଛି। ନ୍ୟାସନାଲ ସେଣ୍ଟର ଫର ସେସ୍‌ମୋଲୋଜିର ସୂଚନା ଅନୁଯାୟୀ ସକାଳ ୮ଟା ୨୫ରେ ପ୍ରଥମ ଝଟ୍‌କା ଅନୁଭୂତ ହୋଇଥିଲା। ଏହାର ତୀବ୍ରତା ୩.୪ ଥିଲା। ଭୂପୃଷ୍ଠରୁ ୧୦ କିମି ତଳେ ଏହାର କେନ୍ଦ୍ର ଥିଲା। ସେହିପରି ସନ୍ଧ୍ୟା ୪ଟା ୨୯ରେ ୩.୭ ତୀବ୍ରତାର ଭୂକମ୍ପ ହୋଇଥିଲା। ଭୂପୃଷ୍ଠରୁ ୫ କିମି ତଳେ ଏହାର କେନ୍ଦ୍ର ଥିଲା। ଏହି ଭୂକମ୍ପରେ କୌଣସି କ୍ଷୟକ୍ଷତି ହୋଇଥିବାର ସୂଚନା ମିଳିନାହିଁ।

## ତିହାରରେ ୫୦ ନକଲି କର୍ମଚାରୀ

**ନୂଆଦିଲ୍ଲୀ, ୨।୧୨ (ଏଜେନ୍ସି):** ତିହାର ଜେଲ୍‌ର ୫୦ ନକଲି କର୍ମଚାରୀ ଧରା ପଡ଼ିଛନ୍ତି। ଏମାନଙ୍କୁ ବରଖାସ୍ତ ନୋଟିସ୍ ପଠାଇ ଦିଆଯାଇଛି। ବାୟୋମେଟ୍ରିକ ରେକର୍ଡ ସହ ମେଳ ନ ଖାଇବା ଯୋଗୁଁ ଜେଲ୍ ପ୍ରଶାସନ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି। ଏହି କର୍ମଚାରୀଙ୍କ ମଧ୍ୟରେ ୩୯ ୱାର୍ଡର, ୯ ଜଣ ଆସିଷ୍ଟାଣ୍ଟ ସୁପରିଟେଣ୍ଡେଣ୍ଟ ଏବଂ ୨ ଜଣ ମ୍ୟାଟ୍ରନ ସାମିଲ ଅଛନ୍ତି। ଦିଲ୍ଲୀ ଅଧସ୍ତନ ସେବା ଚୟନ ବୋର୍ଡ (ଡିଏସ୍ଏସ୍‌ବି) ନିର୍ଦ୍ଦେଶରେ ଏହି କର୍ମଚାରୀଙ୍କୁ ନିଯୁକ୍ତି କରାଯାଇଥିଲା। ତିନୋଟି ପଦବୀରେ ପ୍ରାୟ ୪୫୦ ଲୋକଙ୍କୁ ନିଯୁକ୍ତି ଦିଆଯାଇଥିଲା। ଏମାନଙ୍କ ମଧ୍ୟରୁ ୫୦ ଜଣଙ୍କ ବାୟୋମେଟ୍ରିକ ଆଇଡେଣ୍ଟିଟି ମେଳ ଖାଇ ନ ଥିଲା। ଜଣେ ଅଧିକାରୀ କହିଛନ୍ତି ଯେ ଏମାନଙ୍କ ପାଇଁ ଆଉ କେହି ପରୀକ୍ଷା ଦେଇଥିବା ସନ୍ଦେହ କରାଯାଉଛି। ବରଖାସ୍ତ ନୋଟିସ ପଠା ଯାଇଥିବା କର୍ମଚାରୀ ୨ ବର୍ଷ ପାଇଁ ପ୍ରଶିକ୍ଷଣକାରୀ ଭାବେ ନିଯୁକ୍ତି ପାଇଥିଲେ। ନୋଟିସ୍‌ର ଜବାବ ଦେବା ପାଇଁ ଏମାନଙ୍କୁ ମାସେ ସମୟ ଦିଆଯାଇଛି।

## ଭୟଙ୍କର ସଡ଼କ ଦୁର୍ଘଟଣା; ୬ ମୃତ

**ଆଗ୍ରା, ୨।୧୨ (ଏଜେନ୍ସି):** ଉତ୍ତରପ୍ରଦେଶରେ ଆଗ୍ରାରେ ଗୁରୁଦ୍ୱାର 'ଗୁରୁ କା ତାଲ୍' ସାମ୍ନାରେ ଶନିବାର ସକାଳେ ଦ୍ରୁତଗତିରେ ଆସୁଥିବା ଏକ ଟ୍ରକ ଅଟୋକୁ ଧକ୍କା ଦେଇଛି। ଫଳରେ ଅଟୋଟି ଆଗରେ ଛିଡ଼ା ହୋଇଥିବା ଆଉ ଏକ ଟ୍ରକ୍ ପଛରେ ମାଡ଼ ହୋଇ ଯାଇଥିଲା। ଏହି ଦୁର୍ଘଟଣାରେ ଅଟୋରେ ଯାଉଥିବା ୬ ଜଣ ଲୋକଙ୍କ ମୃତ୍ୟୁ ହୋଇଛି। ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ମୃତକଙ୍କ ମଧ୍ୟରେ ୨ ମହିଳା, ୩ ପୁରୁଷ ଏବଂ ୧୩ ବର୍ଷୀୟ ବାଳକ ସାମିଲ ରହିଛି। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ବାଳକର ମୁଣ୍ଡ ଗଣ୍ଡିଠାରୁ ଅଲଗା ହୋଇଯାଇଛି। ମେସିନ୍‌ରେ ଅଟୋ କାଟି ମୃତଦେହ ବାହାର କରାଯାଇଛି। ଏହାର ୨.୩୦ ଘଣ୍ଟା ପରେ ପୁଲିସ ଆଗ୍ରା-ଦିଲ୍ଲୀ ଜାତୀୟ ରାଜପଥରୁ ଜାମ୍ ଖାଲି କରିଥିଲା। ସୂଚନା ଅନୁଯାୟୀ ଏହି ଅଟୋରେ ୮ ଜଣ ଯାତ୍ରା କରୁଥିଲେ। ଏହା ଭଗବାନ ଟକିଜ୍‌ରୁ ସିକନ୍ଦରା ଅଭିମୁଖେ ଯାଉଥିଲା। ଏବେ ଟ୍ରକ୍ ଡ୍ରାଇଭର ଫେରାର ହୋଇଯାଇଛି। ଅନ୍ୟପକ୍ଷରେ ଦୁର୍ଘଟଣା ପରେ ଲୋକେ ସାହାଯ୍ୟ କରିବା ପରିବର୍ତ୍ତେ ଛିଡ଼ାହୋଇ ଭିଡିଓ ବନାଉ ଥିଲେ। କେହି ସହାୟତା ପାଇଁ ଆଗକୁ ଆସି ନ ଥିଲେ। ପ୍ରଥମେ ଜଣେ ଯୁବକ ସହାୟତା କରିବାକୁ ଯାଉଥିଲେ। ସେ ଡାକିଥିଲେ ମଧ୍ୟ ଆଉ କେହି ଆସି ନ ଥିଲେ।

### ହେଲ୍‌ମେଟ୍ ପିନ୍ଧି ନଥିବାରୁ ଓକିଲଙ୍କୁ ମାଡ଼

## ୬ ପୁଲିସ ଅଧିକାରୀ ନିଲମ୍ବିତ

**ବେଙ୍ଗାଲୁରୁ,୨।୧୨(ଏଜେନ୍ସି):** ହେଲ୍ମେଟ୍ ପିନ୍ଧି ନଥିବାରୁ ଓକିଲଙ୍କୁ ମାଡ଼ ମାରିବା ଘଟଣା କର୍ଣ୍ଣାଟକ ପୁଲିସ ପାଇଁ ମହଙ୍ଗା ପଡ଼ିଛି। ଏହି ଘଟଣାରେ ୬ ପୁଲିସ ଅଧିକାରୀଙ୍କୁ ନିଲମ୍ବିତ କରାଯାଇଛି। ଗତ ମାସ ୩୦ ତାରିଖରେ କର୍ଣ୍ଣାଟକର ଚିକ୍କାମୁଗଲୁରୁରେ ଏଭଳି ଘଟଣା ଘଟିଥିଲା ବେଳେ ଏ ସମ୍ପର୍କରେ ବିଳମ୍ବରେ ଖବର ସାମ୍ନାକୁ ଆସିଛି। ମିଳିଥିବା ଖବର ଅନୁସାରେ ଗତ ୩୦ ତାରିଖରେ ପ୍ରୀତମ ନାମକ ଜଣେ ଓକିଲ ବିନା ହେଲ୍ମେଟ୍ରେ ବାଇକରେ ଆସୁଥିବା ବେଳେ ତାଙ୍କୁ ଟ୍ରାଫିକ ପୁଲିସ ଅଟକାଇଥିଲା। ପୁଲିସ ଗାଡ଼ି ଅଟକାଇ ତାଙ୍କ ଠାରୁ ବାଇକ ଚାବି ଛଡ଼ାଇ ନେଇଥିଲା। ପ୍ରୀତମ ଫାଇନ୍ ଦେବାକୁ ରାଜି ହୋଇଥିଲେ ହେଁ ପୁଲିସ କର୍ମୀମାନେ ତାଙ୍କୁ ଥାନାକୁ ନେଇ ମାଡ଼ ମାରିବା ସହିତ ଲହୁଲୁହାଣ କରିଦେଇଥିଲେ।ପୁଲିସ ମାଡ଼ରେ ପ୍ରୀତମ ଗୁରୁତର ଆହତ ହେବା ସହିତ ତାଙ୍କ ପିଠି, ଛାତି ଓ ହାତରୁ ରକ୍ତସ୍ରାବ ହୋଇଥିଲା। ପରେ ପ୍ରୀତମଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ଏହି ଘଟଣାକୁ ନେଇ ଚିକ୍କାମୁଗଲୁରୁ ଓକିଲ ସଂଘ ଆନ୍ଦୋଳନକୁ ଓହ୍ଲାଇଥିଲା ଏବଂ ପୁଲିସ ବିରୋଧରେ ମାମଲା ରୁଜୁ କରିଥିଲା। ପରେ ପରେ ୬ ପୁଲିସ କର୍ମୀଙ୍କୁ ନିଲମ୍ବିତ କରାଯାଇଛି।

## କାର୍ଯ୍ୟାରମ୍ଭ କଲା ଆଦିତ୍ୟ ଏଲ୍-୧

**ବେଙ୍ଗାଲୁରୁ, ୨।୧୨ (ଏଜେନ୍ସି):** ଭାରତର ପ୍ରଥମ ସୂର୍ଯ୍ୟ ଅଭିଯାନ 'ଆଦିତ୍ୟ ଏଲ୍-୧' କାର୍ଯ୍ୟାରମ୍ଭ କରିଛି। ଏହି ଉପଗ୍ରହରେ ଲାଗିଥିବା ପେଲୋଡ ଆଦିତ୍ୟ 'ସୋଲାର ୱିଣ୍ଡ ପାର୍ଟିକଲ ଏକ୍ସପିରିମେଣ୍ଟ (ଏସ୍‌ଡବ୍ଲ୍ୟୁଆଇଏସ)'



କାମରେ ଲାଗି ପଡ଼ିଛି। ଏହି ପେଲୋଡ ସ୍ୱାଭାବିକ ଭାବେ କାମ କରୁଛି ବୋଲି ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ (ଇସ୍ରୋ) ପକ୍ଷରୁ କୁହାଯାଇଛି। ସୂଚନା ଅନୁଯାୟୀ ଏସ୍‌ଡବ୍ଲ୍ୟୁଆଇଏସରେ ଲାଗିଥିବା ୨ଟି ଅତ୍ୟାଧୁନିକ ଉପକରଣ ଲାଗିଛି। ଗୋଟିଏ ସୋଲାର ୱିଣ୍ଡ ଆୟନ ସ୍ପେକ୍‌ଟ୍ରୋମିଟର (ସ୍ୱିସ୍) ଏବଂ ଅନ୍ୟଟି ସୁପର ଥର୍ମାଲ ଆଣ୍ଡ ଏନର୍ଜେଟିକ ପାର୍ଟିକିଲ ସ୍ପେକ୍‌ଟ୍ରୋମିଟର (ଷ୍ଟେପ୍ସ)। ସେପ୍ଟେମ୍ବର ୧୦ରୁ ଷ୍ଟେପ୍ସକୁ ଚାଲୁ କରାଯାଇଥିଲା। ସେହିପରି ନଭେମ୍ବର ୨ରୁ ସ୍ୱିସ୍ କାମ ଆରମ୍ଭ କରିଥିଲା। ଏହା ଭଲ ଭାବେ କାମ କରୁଛି। ଏହି ଉପକରଣ ସୌର ପବନରେ ଥିବା ପ୍ରୋଟୋନ ଏବଂ ଆଲ୍‌ଫା କଣିକାକୁ ସଫଳତାର ସହ ମାପ କରିଛି। ଏହା ମାଧ୍ୟମରେ ସୌର ପବନ ବିଷୟରେ ଅନେକ ସୂଚନା ମିଳିଛି। ଏହା ଦ୍ୱାରା ସୌର ପବନ ସୃଷ୍ଟି ହେବାର କାରଣ ଏବଂ ପୃଥିବୀ ଉପରେ ପଡୁଥିବା ପ୍ରଭାବ ବିଷୟରେ ସୂଚନା ମିଳିପାରିବ। ମହାକାଶର ପାଣିପାଗ ବିଷୟରେ ମଧ୍ୟ ତଥ୍ୟ ମିଳିପାରିବ। ସୂଚନାଯୋଗ୍ୟ ଯେ ସେପ୍ଟେମ୍ବର ୨ ତାରିଖରେ ଆଦିତ୍ୟ ଏଲ୍-୧କୁ ଉତ୍‌କ୍ଷେପଣ କରାଯାଇଥିଲା। ଏହା ଲାଗରେଞ୍ଜ ପଏଣ୍ଟ ଅଭିମୁଖେ ଯାତ୍ରା ଜାରି ରଖିଛି।

## ଆମେରିକାରେ ବ୍ୟାପୁଛି ରହସ୍ୟମୟ ରୋଗ

**ୱାଶିଂଟନ, ୨।୧୨ (ଏଜେନ୍ସି):** ଚୀନ୍‌ରେ ବ୍ୟାପୁଥିବା ରହସ୍ୟମୟ ରୋଗ ଏବେ ଆମେରିକା ପହଞ୍ଚି ଗଲାଣି। ଏହି ରୋଗ ଆମେରିକାରେ ବ୍ୟାପିବାରେ ଲାଗିଛି। ୩ରୁ ୮ ବର୍ଷର ଅଧିକାଂଶ ଶିଶୁ ଏଥିରେ ଆକ୍ରାନ୍ତ ହେଉଛନ୍ତି। ସଂକ୍ରମିତ ଶିଶୁଙ୍କ ଫୁସ୍‌ଫୁସ୍ ଧଳା ପଡ଼ି ଯାଉଛି। ଆମେରିକାର ଓହିଓ ଏବଂ ମାସାଚୁସେଟ୍ସରେ ଏହି ରୋଗ ଦ୍ରୁତଗତିରେ ବ୍ୟାପିବାରେ ଲାଗିଛି। ଜୀବାଣୁ ଜନିତ ଏହି ନିମୋନିଆକୁ 'ହ୍ୱାଇଟ୍ ଲଙ୍ଗ ସିଣ୍ଡ୍ରୋମ' କୁହାଯାଉଛି। ଓହିଓର ୱାରେନ କାଉଣ୍ଟିରୁ ୧୪୨ ମାମଲା ସାମ୍ନାକୁ ଆସିଛି। ଚୀନ୍‌ରେ ବ୍ୟାପୁଥିବା ରୋଗ ଭଳି ଏହା ଜୀବାଣୁ ଏବଂ ଭୂତାଣୁ ସଂକ୍ରମଣର ମିଶ୍ରିତ ରୂପ ବୋଲି ଡାକ୍ତରମାନେ କହୁଛନ୍ତି। ସ୍ଥିତିକୁ ଦେଖି ଆମେରିକା ରିପବ୍ଲିକାନ ପାର୍ଟିର ୫ ଜଣ ସାଂସଦ



ଚୀନ୍ ଉପରେ ଯାତ୍ରା କଟକଣା ଲଗାଇବାକୁ ଦାବି କରିଛନ୍ତି। ଏ ନେଇ ରାଷ୍ଟ୍ରପତି ଜୋ ବାଇଡେନଙ୍କୁ ଅନୁରୋଧ କରିଛନ୍ତି। ଚୀନ୍ ଉପରେ ଭରସା ନ କରିବା ଉଚିତ। ଏହି ଦେଶର କରୋନା ସମୟରେ ମଧ୍ୟ ତଥ୍ୟ ଲୁଚାଇ ଥିଲା। ଏଭଳି ସ୍ଥିତିରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ହୁ)କୁ ଅପେକ୍ଷା କରିବା ଅନୁଚିତ ବୋଲି କହିଛନ୍ତି। ଜନସାଧାରଣ ଏବଂ ଅର୍ଥବ୍ୟବସ୍ଥାର ସୁରକ୍ଷା ପାଇଁ ତୁରନ୍ତ ଚୀନ୍‌କୁ ଯାତାୟତ ବନ୍ଦ କରାଯିବାର ଆବଶ୍ୟକତା ରହିଛି। ଅନ୍ୟପକ୍ଷରେ ଏହି ରୋଗ ୟୁରୋପରେ ପହଞ୍ଚି ଯାଇଛି। ନେଦରଲାଣ୍ଡର ଅଧିକାଂଶ ଶିଶୁ ଏହି ନିମୋନିଆରେ ସଂକ୍ରମିତ ହେଉଛନ୍ତି।

# ସୋମବାରଠାରୁ ସଂସଦର ଶୀତ ଅଧିବେଶନ

### ଆସିବ ୧୯ ବିଲ୍; ଗୃହ ହେବ ସରଗରମ

**ନୂଆଦିଲ୍ଲୀ,୨।୧୨(ଏଜେନ୍ସି):**

ଆସନ୍ତା ସୋମବାର ଠାରୁ ସଂସଦର ଶୀତକାଳୀନ ଅଧିବେଶନ ଆରମ୍ଭ ହେବାକୁ ଯାଉଛି। ୧୭ତମ ଲୋକସଭାର ଚତୁର୍ଦ୍ଦଶ ଅଧିବେଶନ ଭାବେ ଏହି ଅଧିବେଶନ ଡିସେମ୍ବର ୪ ରୁ ଡିସେମ୍ବର ୨୨ ତାରିଖ ପର୍ଯ୍ୟନ୍ତ ୧୯ ଦିନ ଧରି ଚାଲିବ।ଆସନ୍ତାକାଲି ୫ ରାଜ୍ୟର ବିଧାନସଭା ନିର୍ବାଚନ ଫଳାଫଳ ପ୍ରକାଶ ପାଇବାକୁ ଯାଉଥିବା ବେଳେ ୨୦୨୪ ସାଧାରଣ ନିର୍ବାଚନ ମଧ୍ୟ ପାଖେଇ ଆସୁଛି। ତେଣୁ କେତେକ ପ୍ରମୁଖ ପ୍ରସଙ୍ଗକୁ ନେଇ ଶାସକ ଏବଂ ବିରୋଧୀ ଗୋଷ୍ଠୀଙ୍କ ମଧ୍ୟରେ ବିତର୍କ ଜୋର ଧରିବା ସହିତ ଏହି ଅଧିବେଶନ ସରଗରମ ରହିବ ବୋଲି କୁହାଯାଉଛି। ବିଶେଷକରି ତୃଣମୂଳ କଂଗ୍ରେସ(ଟିଏମସି) ସାଂସଦ ମହୁଆ ମୋଇତ୍ରାଙ୍କ ମାମଲାରେ ଅଧିବେଶନର ପ୍ରଥମ ଦିନରେ ସଂସଦୀୟ ସଦାଚାର କମିଟି ରିପୋର୍ଟ ଉପସ୍ଥାପନ କରିବ। ଏହି ରିପୋର୍ଟରେ ମହୁଆଙ୍କ



ନିଲମ୍ବନ ପାଇଁ ସୁପାରିସ କରାଯାଇଥିଲା ବେଳେ ଶାସକ ଏବଂ ବିରୋଧୀ ଏହି ପ୍ରସଙ୍ଗରେ ମୁହାଁମୁହିଁ ହୋଇପାରନ୍ତି ବୋଲି କୁହାଯାଉଛି। ଏହାବ୍ୟତୀତ ମହଙ୍ଗାମାଡ଼, ଚୀନ୍ ସହ ସୀମା ସମସ୍ୟା,ମଣିପୁର ହିଂସା ଏବଂ ଇଡି ଓ ସିବିଆଇ ଭଳି କେନ୍ଦ୍ରୀୟ ଏଜେନ୍ସିଙ୍କ ଅପବ୍ୟବହାରକୁ ନେଇ ବିରୋଧୀ ଦଳ ଶାସକ ଗୋଷ୍ଠୀଙ୍କୁ ଘେରି ପାରନ୍ତି ବୋଲି ରାଜନୀତିକ ବିଶାରଦମାନେ ଆକଳନ କରିଛନ୍ତି। ତେବେ ଏହି ଅଧିବେଶନ ପୂର୍ବରୁ ଶନିବାର ଆହୂତ ସର୍ବଦଳୀୟ ବୈଠକରେ ଗୃହ କାର୍ଯ୍ୟ ସ୍ୱାଭାବିକ କରିବାକୁ ବିରୋଧୀ ଦଳର ନେତାମାନଙ୍କୁ ନିବେଦନ କରାଯାଇଛି। କେନ୍ଦ୍ର ମନ୍ତ୍ରୀ ରାଜନାଥ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ୨୩ଟି ଦଳର ୩୦ ନେତା ଯୋଗ ଦେଇଥିଲେ। ଶୀତ ଅଧିବେଶନରେ କେନ୍ଦ୍ର ସରକାର ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଏବଂ ଭାରତୀୟ ସାକ୍ଷ୍ୟ ଅଧିନିୟମ ବିଲ୍ ସହ ମୋଟ ୧୯ଟି ବିଲ୍ ଉପସ୍ଥାପନ କରିବାକୁ ଯାଉଛନ୍ତି ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ସୂଚନା ଦେଇ ଗୃହ କାର୍ଯ୍ୟ ପରିଚାଳନାରେ ସହଯୋଗ କରିବାକୁ ବିରୋଧୀ ଦଳର ନେତାମାନଙ୍କୁ ନିବେଦନ କରିଥିଲେ। ସରକାର ସବୁ ପ୍ରସଙ୍ଗରେ ଆଲୋଚନା କରିବାକୁ ପ୍ରସ୍ତୁତ ଅଛନ୍ତି ବୋଲି ସେ କହିଥିଲେ।

### ଭାରତରେ ପୁଣି କରୋନା ଚିନ୍ତା

## ୮୮ ନୂଆ ମାମଲା

**ନୂଆଦିଲ୍ଲୀ, ୨।୧୨(ଏଜେନ୍ସି):** ମହାମାରୀ କରୋନାକୁ ନେଇ ଚିନ୍ତା ଶେଷ ହୋଇ ନାହିଁ। ଶୀତ ଋତୁ ଆରମ୍ଭ ସହିତ ଭାରତରେ କିଛି ଲୋକ କରୋନା ସଂକ୍ରମିତ ହୋଇଛନ୍ତି। କିଛି ଦିନ ମଧ୍ୟରେ ଭାରତରେ ୮୮ଟି ନୂଆ ମାମଲା ସାମ୍ନା ଚିହ୍ନଟ କରାଯିବା ସହିତ ବର୍ତ୍ତମାନ ସୁଦ୍ଧା କରୋନା ସକ୍ରିୟ ରୋଗୀଙ୍କ ସଂଖ୍ୟା ୩୯୬ରେ ପହଞ୍ଚିଛି ବୋଲି ଶନିବାର କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟ ପକ୍ଷରୁ ପ୍ରକାଶ କରାଯାଇଥିବା ରିପୋର୍ଟରୁ ଜଣାପଡ଼ିଛି। କରୋନାକୁ ନେଇ ସ୍ୱାସ୍ଥ୍ୟ ମନ୍ତ୍ରାଳୟ ପକ୍ଷରୁ ପ୍ରକାଶ କରାଯାଇଥିବା ସର୍ବଶେଷ ରିପୋର୍ଟ ଅନୁସାରେ ଦେଶରେ କରୋନାଜନିତ ମୃତ୍ୟୁସଂଖ୍ୟା ୫ଲକ୍ଷ ୩୩ ହଜାର ୩୦୦ରେ ପହଞ୍ଚିଛି। ସେହିପରି କରୋନା ସଂକ୍ରମିତ ଲୋକଙ୍କ ସଂଖ୍ୟା ୪ କୋଟି ୫୦ ଲକ୍ଷ ୨ହଜାର ୧୦୩ରେ ପହଞ୍ଚିଛି ବୋଲି ଏହି ରିପୋର୍ଟରେ କୁହାଯାଇଛି। ଅନ୍ୟପକ୍ଷରେ ସଂକ୍ରମଣରୁ ସୁସ୍ଥ ହୋଇଥିବା ଲୋକଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ହୋଇଛି। ମୋଟ ୪ କୋଟି ୪୪ ଲକ୍ଷ ୬୮ ହଜାର ୪୦୭ ଜଣ ସୁସ୍ଥ ହୋଇଛନ୍ତି। ବର୍ତ୍ତମାନ ସୁଦ୍ଧା ମୋଟ ୨୨୦.୬୭ କୋଟି ଲୋକ କରୋନା ଟିକା ନେଇସାରିଛନ୍ତି।

## ମୋଦୀଙ୍କ ସହ ମେଲୋନୀଙ୍କ ସେଲ୍‌ଫି ଇଣ୍ଟରନେଟ୍‌ରେ ଭାଇରାଲ



**ନୂଆଦିଲ୍ଲୀ,୨।୧୨(ଏଜେନ୍ସି):** ଦୁବାଇରେ ଅନୁଷ୍ଠିତ ଜାତିସଂଘ ଜଳବାୟୁ ସମ୍ମିଳନୀ ସିଓପି-୨୮ ଶେଷ ହୋଇଛି। ଏହି ଶିଖର ସମ୍ମିଳନୀରେ ୧୩୦ରୁ ଅଧିକ ରାଷ୍ଟ୍ରର ପ୍ରତିନିଧି ଯୋଗ ଦେଇଥିଲା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ଉପସ୍ଥିତ ଥିଲେ। ଏହି ଅବସରରେ ଇଟାଲୀ ପ୍ରଧାନମନ୍ତ୍ରୀ ଜର୍ଜିଆ ମେଲୋନୀ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଭେଟିବା ସହିତ ତାଙ୍କ ସହ ସେଲଫି ନେଇଥିଲେ। ପରେ ପରେ ମେଲାନୀ ଏକ୍ସ ପ୍ଲାଟଫର୍ମରେ ଏହି ସେଲଫିକୁ ସେୟାର କରିବା ସହିତ ' ଗୁଡ୍ ଫ୍ରେଣ୍ଡସ୍ ଆଟ୍ ସିଓପି-୨୮ ' ବୋଲି ଉଲ୍ଲେଖ କରିଥିଲେ। ତେବେ ମେଲାନୀଙ୍କ ଏହି ସେଲଫି ଇଣ୍ଟରନେଟ୍ରେ ଖୁବ୍ ଭାଇରାଲ ହେବାରେ ଲାଗିଛି।ଭାଇରାଲ ଫଟୋରେ ଦୁହେଁ ହସୁଥିବାର ଦେଖାଯାଇଛି। ବର୍ତ୍ତମାନ ସୁଦ୍ଧା ଏହି ଫଟୋକୁ ନେଇ ୪ ଲକ୍ଷରୁ ଅଧିକ ଲୋକ ମତାମତ ଦେବା ସହିତ ଏହାକୁ ଲାଇକ୍ କରିଛନ୍ତି। ଏହାସହିତ ମେଲୋନୀଙ୍କ ଫଟୋ ସେୟାରକୁ ନେଇ ମଧ୍ୟ ଜୋରଦାର ଚର୍ଚ୍ଚା ଆରମ୍ଭ ହୋଇଛି।

# ତାମିଲନାଡୁରୁ ଇଡି ଅଧିକାରୀ ଗିରଫ

**ଚେନ୍ନଇ, ୨।୧୨ (ଏଜେନ୍ସି):** ତାମିଲନାଡୁରୁ ଜଣେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଅଧିକାରୀଙ୍କୁ ଗିରଫ କରାଯାଇଛି। ୨୦ ଲକ୍ଷ ଟଙ୍କା ଲାଞ୍ଚ ନେଉଥିବା ଅଭିଯୋଗରେ 'ଆଣ୍ଟି-କରପସନ ବ୍ୟୁରୋ ଆଣ୍ଡ ଭିଜିଲାନ୍ସ ଟିମ୍ (ଡିଭିଏସି)' ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଗିରଫ ଇଡି ଅଧିକାରୀ ଅଙ୍କିତ ତିୱାରୀ ମଦୁରାଇ ଅଫିସରେ ମୁତୟନ ଥିଲେ। ଏହା ପରେ ଭିଜିଲାନ୍ସ ଟିମ୍ ଇଡି ଅଫିସ ଏବଂ ଅଙ୍କିତଙ୍କ ଘରେ ଚଢ଼ଉ କରିଛି। ରାଜ୍ୟ ଏଜେନ୍ସି ଅନୁଯାୟୀ ଅଧିକାରୀ ଏକ ପୁରୁଣା ମାମଲାରେ ଜଣେ ଡାକ୍ତରଙ୍କୁ ଡରାଇ ଥିଲେ। ତାଙ୍କୁ ୩ କୋଟି ଟଙ୍କା ଦେବାକୁ କହିଥିଲେ। ପରେ ୫୧ ଲକ୍ଷ ଟଙ୍କା ଦେବାକୁ ଧାର୍ଯ୍ୟ ହୋଇଥିଲା। ଡାକ୍ତର ପ୍ରଥମେ ଶୁକ୍ରବାର ୨୦ ଲକ୍ଷ ଟଙ୍କା ଦେଇଥିଲେ। ଏହା ସହିତ ଭିଜିଲାନ୍ସରେ ଅଭିଯୋଗ କରିଥିଲେ।

ଗତ ପାଞ୍ଚ ମାସ ମଧ୍ୟରେ ଇଡିର ୫ ଅଧିକାରୀଙ୍କୁ ଗିରଫ କରାଗଲାଣି। ଲାଞ୍ଚ ମାମଲାରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଏହା ପୂର୍ବରୁ ଅଗଷ୍ଟରେ ଦିଲ୍ଲୀ ମଦ ନୀତି ଦୁର୍ନୀତି ମାମଲାରେ ସିବିଆଇ ଇଡିର ସହାୟକ ନିର୍ଦ୍ଦେଶକ ପବନ ଖତ୍ରିଙ୍କୁ ଗିରଫ କରିଥିଲା। ଏହା ବ୍ୟତୀତ ନଭେମ୍ବର ୨ରେ ୧୫ ଲକ୍ଷ ଟଙ୍କା ନେବା ସମୟରେ ଇଡିର ଇନ୍ସପେକ୍ଟର ସ୍ତରର ଅଧିକାରୀ ନଭଲ କିଶୋର ମୀନା ଏବଂ ତାଙ୍କ ସହଯୋଗୀ ବାବୁଲାଲ ମୀନାଙ୍କୁ ଜୟପୁର ଏସିବି ଗିରଫ କରିଥିଲା। ରାଜ୍ୟ ଏଜେନ୍ସିର ସୂଚନା ଅନୁଯାୟୀ ଅକ୍ଟୋବର ୨୯ରେ ଅଙ୍କିତ ପ୍ରଥମେ ଡିଣ୍ଡିଗୁଲର ସରକାରୀ ଡାକ୍ତରଙ୍କ ସହ ଯୋଗାଯୋଗ କରି ମାମଲା ରୁଜୁ ହୋଇଥିବା କହିଥିଲା। କିନ୍ତୁ ଏହି ମାମଲା ପୂର୍ବରୁ ସମାଧାନ ହୋଇ ସାରିଥିଲା। ପୁଣିଥରେ ପିଏମ୍ଅଫିସରୁ ଏହାର ଯାଞ୍ଚ ଆଦେଶ ମିଳିଛି ବୋଲି କହିଥିଲା। ଅକ୍ଟୋବର ୩୦ରେ ଇଡିର ମଦୁରାଇ ଅଫିସ ଆସିବାକୁ କହିଥିଲେ। ସେ ଅଫିସ ପହଞ୍ଚିବାରୁ ତିୱାରୀ ତାଙ୍କ କାର୍‌ରେ ବସି ଯାଇଥିଲେ ଏବଂ ୩ କୋଟି ଟଙ୍କା ମାଗିଥିଲେ। ଏହି ଟଙ୍କାର ପ୍ରଥମ କିସ୍ତି ନେବାବେଳେ ରାଜ୍ୟ ଏଜେନ୍ସି ଅଙ୍କିତଙ୍କୁ ଧରି ଥିଲା। ଏବେ ତାଙ୍କୁ ୧୫ ତାରିଖ ପର୍ଯ୍ୟନ୍ତ ନ୍ୟାୟିକ ହେପାଜତକୁ ପଠାଇ ଦେଇଛନ୍ତି। ଆଣ୍ଟି କରପସନ୍ ଟିମ୍ ମଦୁରାଇର ଇଡି ଅଫିସରେ ଚଢ଼ଉ କରି ତଲାସୀ ଜାରି ରଖିଛି। ଏଥିପାଇଁ ଅଙ୍କିତଙ୍କ ଘରେ ମଧ୍ୟ ଚଢ଼ଉ କରାଯାଇଛି। ଏହା ମଧ୍ୟରେ ସିଆରପିଏଫ୍‌ର ଏକ ଟିମ୍ ଶୁକ୍ରବାର ବିଳମ୍ବିତ ରାତିରେ ମଦୁରାଇରେ ପହଞ୍ଚି ଥିଲା। ଏଠାରେ ଅଙ୍କିତ ମାମଲାର ଯାଞ୍ଚ ଚାଲିଛି।

**୨୦ ଲକ୍ଷ ଟଙ୍କା ଲାଞ୍ଚ ନେଉଥିଲେ**
**ଡାକ୍ତରଙ୍କୁ ମାଗିଥିଲେ ୫୧ ଲକ୍ଷ**
**୫ ମାସରେ ତୃତୀୟ ଅଧିକାରୀ ଗିରଫ**
**ଇଡି ଅଫିସରେ ଭିଜିଲାନ୍ସ ଚଢ଼ଉ**






### ଏବେ ଇସ୍ରାଏଲ ସେନା ନିଶାଣରେ ଦକ୍ଷିଣ ଗାଜା

# ଯୁଦ୍ଧ ବିରତି ଆଲୋଚନାରୁ ଓହରିଲା ଇସ୍ରାଏଲ

**ତେଲ୍ ଆଭିଭ୍,୨।୧୨(ଏଜେନ୍ସି):**

ଇସ୍ରାଏଲ ଏବଂ ହମାସ ମଧ୍ୟରେ ୭ ଦିନର ଯୁଦ୍ଧ ବିରତି ପରେ ଗାଜାରେ ପୁଣି ଆକ୍ରମଣ ଆରମ୍ଭ କରିଛି ଇସ୍ରାଏଲୀ ସେନା। ଗତକାଲି ଆଇଡିଏଫର ଘନ ଘନ ବୋମା ବିସ୍ଫୋରଣରେ ଗାଜାର ବହୁ ଅଞ୍ଚଳ

### ହମାସ୍ ନେତାଙ୍କୁ ଖୋଜି ଖୋଜି ମାରିବାକୁ ମୋସାଦ୍‌କୁ ନିର୍ଦ୍ଦେଶ

ଧ୍ୱସ୍ତବିଧ୍ୱସ୍ତ ହୋଇଛି। ଘଣ୍ଟାକ ମଧ୍ୟରେ ପ୍ରାୟ ୧୭୦ ଜଣଙ୍କ ମୃତ୍ୟୁ ହୋଇଥିଲା ବେଳେ ଶହ ଶହ ପାଲେଷ୍ଟାଇନ ନାଗରିକ ଆହତ ହୋଇଛନ୍ତି। ଯାହାକୁ ନେଇ ବିଗତ ୭ ଦିନ ଧରି ଆପତତଃ ଶାନ୍ତ ପଡ଼ିଥିବା ଗାଜା ଅଞ୍ଚଳ ପୁଣିଥରେ ସଙ୍କଟଜନକ ସ୍ଥିତି ମଧ୍ୟକୁ ଟାଣି ହୋଇଯାଇଛି। ତେବେ ସବୁଠାରୁ ଉଦବେଗର ବିଷୟ ହେଲା ଏବେ ଇସ୍ରାଏଲ ସେନା ଦକ୍ଷିଣ ଗାଜାକୁ ନିଶାଣ



କରି ଆକ୍ରମଣ କରିବାକୁ ପ୍ରସ୍ତୁତ ହେଉଛନ୍ତି। ଉତ୍ତର ଗାଜାରେ ଆକ୍ରମଣ ଦ୍ୱାରା ପ୍ରାୟ ୧୫ ହଜାର ଲୋକଙ୍କ ମୃତ୍ୟୁ ହେବା ସହିତ ୨୫ ହଜାରରୁ ଅଧିକ ଲୋକ ଆହତ ହୋଇଛନ୍ତି। ଏହାବ୍ୟତୀତ ୧୫ ଲକ୍ଷରୁ ଅଧିକ ଲୋକ ଉତ୍ତର ଗାଜା ଛାଡି ଦକ୍ଷିଣ ଗାଜାରେ ଆଶ୍ରୟ ନେଇଛନ୍ତି। କିନ୍ତୁ ସାଧାରଣ ନାଗରିକଙ୍କ ସହ ହମାସ୍ ଆତଙ୍କବାଦୀମାନେ ମଧ୍ୟ ଦକ୍ଷିଣ ଗାଜାରେ ଆତ୍ମଗୋପନ କରିଛନ୍ତି ବୋଲି ଇସ୍ରାଏଲ ଦାବି କରି ସେହି ଅଞ୍ଚଳରେ ଆକ୍ରମଣ କରିବାକୁ ପ୍ରସ୍ତୁତି ନେଇଛି। କିନ୍ତୁ ଏଭଳି ସ୍ଥିତିକୁ ନେଇ ବିଶ୍ୱର ବହୁ ରାଷ୍ଟ୍ର ଉଦବେଗ ପ୍ରକାଶ କରିଛନ୍ତି। ଜାତିସଂଘ ଠାରୁ ଆରମ୍ଭ କରି ବିଶ୍ୱସ୍ୱାସ୍ଥ୍ୟ ସଂଗଠନ ଏବଂ ଅନ୍ୟ କେତେକ ପାଶ୍ଚାତ୍ୟ ରାଷ୍ଟ୍ର ଇସ୍ରାଏଲକୁ ଏଥିରୁ ନିବୃତ ହେବାକୁ କହିଥିଲେ ହେଁ ଇସ୍ରାଏଲ ନିଜ ପଣରେ ଅତୁଟ ରହିଛି। ହମାସ୍ ନେତାମାନଙ୍କୁ ଖୋଜି ଖୋଜି ନିପାତ କରିବାକୁ ଇସ୍ରାଏଲ ସରକାର ଇତିମଧ୍ୟରେ ଏହାର ଗୁଇନ୍ଦା ଏଜେନ୍ସି ମୋସାଦକୁ ନିର୍ଦ୍ଦେଶ ଦେଇଛନ୍ତି। ତେଣୁ ଆଗକୁ ଗାଜା ସ୍ଥିତି ଆହୁରି ସଙ୍କଟମୟ ହୋଇପଡ଼ିବ ବୋଲି ଆଶଙ୍କା ବଢିଛି। ଗାଜାରେ ଦ୍ୱିତୀୟ ପର୍ଯ୍ୟାୟ ଯୁଦ୍ଧ ବିରତି ପାଇଁ ବୁଝାମଣା କରିବାକୁ କାତାର ଉଦ୍ୟମ କରିଥିଲେ ହେଁ ଏହା ଶନିବାର ବିଫଳ ହୋଇଛି। ଦ୍ୱିତୀୟ ପର୍ଯ୍ୟାୟ ଯୁଦ୍ଧ ବିରତି ଆଲୋଚନା ପାଇଁ ହମାସ୍ ନେତା ଏବଂ ମୋସାଦ ଅଧିକାରୀମାନେ କାତାରରେ ଏକାଠି ହୋଇଥିଲେ। କିନ୍ତୁ ସର୍ତ୍ତ ମୁତାବକ ହମାସ୍ ଇସ୍ରାଏଲ ବନ୍ଧକମାନଙ୍କୁ ମୁକ୍ତ କରି ନଥିବା ଏବଂ ଅନ୍ୟ କେତେକ ସର୍ତ୍ତ ପାଳନ କରି ନଥିବାରୁ ଇସ୍ରାଏଲ ସରକାର ମୋସାଦ୍ ଅଧିକାରୀମାନଙ୍କୁ କାତାରରୁ ଫେରି ଆସିବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ୩ ଖଲିସ୍ତାନୀ ଆତଙ୍କବାଦୀ ଦୋଷୀ

**ଅକ୍‌ଲାଣ୍ଡ, ୨।୧୨ (ଏଜେନ୍ସି):** ନ୍ୟୁଜିଲାଣ୍ଡ ଅକଲାଣ୍ଡରେ ଏକ ରେଡିଓ ଷ୍ଟେସନ ଚଳାଉଥିବା ଭାରତୀୟ ବଂଶୋଦ୍ଭବ ହରନେକ ସିଂହଙ୍କ ହତ୍ୟା ଷଡ଼ଯନ୍ତ୍ର ମାମଲାରେ ଏକ ସ୍ଥାନୀୟ କୋର୍ଟ ୩ ଜଣ ଖଲିସ୍ତାନୀ ଆତଙ୍କବାଦୀଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଦୋଷୀ ସରବଜିତ ସିଂହ ସିଦ୍ଧୁ (୨୭), ସୁଖପ୍ରୀତି ସିଂହ (୪୪) ବିରୋଧରେ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଏପରି ଆକ୍ରମଣ ପାଇଁ ପ୍ରୋତ୍ସାହନ ନ ଦେବା ନିମନ୍ତେ ଦଣ୍ଡର ବିଭିନ୍ନ ଦିଗ ଉପରେ ବିଚାର କରାଯାଉଛି। ଗୋଷ୍ଠୀ ସୁରକ୍ଷା ଏବଂ ଧାର୍ମିକ ଚରମପନ୍ଥାକୁ ପ୍ରତିରୋଧ କରିବାର ଆବଶ୍ୟକତା ରହିଛି ବୋଲି ବିଚାରପତି କହିଛନ୍ତି। ଖାଲିସ୍ତାନକୁ ବିରୋଧ କରିବା ଯୋଗୁଁ ହରନେକଙ୍କ ଉପରେ ଆକ୍ରମଣ ହୋଇଥିଲା। ୨୦୨୦ ଡିସେମ୍ବର ୨୩ରେ ତାଙ୍କ ଉପରେ ୪୦ ଥର ଛୁରାମାଡ଼ କରାଯାଇଥିଲା। ଏଥିଯୋଗୁଁ ପୀଡ଼ିତଙ୍କ ଶରୀରରେ ପ୍ରାୟ ୩୫୦ ଷ୍ଟିଚ୍ ପଡ଼ିଥିଲା।

### ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲା

## ସଞ୍ଜୟ ସିଂଙ୍କ ବିରୋଧରେ ଚାର୍ଜସିଟ୍

**ନୂଆଦିଲ୍ଲୀ,୨।୧୨(ଏଜେନ୍ସି):** ଦିଲ୍ଲୀ ଅବକାରୀ ନୀତି ଦୁର୍ନୀତି ମାମଲାରେ ଆପ୍ ସାଂସଦ ସଞ୍ଜୟ ସିଂହଙ୍କ ବିରୋଧରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଶନିବାର ଚାର୍ଜସିଟ୍ ଦାଖଲ କରିଛି। ସଞ୍ଜୟ ସିଂହ ଏବଂ ଏହି ମାମଲାରେ ଜଡ଼ିତ ଅନ୍ୟ ଅଭିଯୁକ୍ତଙ୍କ ବିରୋଧରେ ଇଡି ଦିଲ୍ଲୀସ୍ଥିତ ରାଉଜ ଏଭେନ୍ୟୁ କୋର୍ଟରେ ୬୦ ପୃଷ୍ଠା ସମ୍ବଳିତ



ଚାର୍ଜସିଟ୍ ଦାଖଲ କରିଛି। ଆମ୍ ଆଦମୀ ପାର୍ଟି ସାଂସଦ ସଞ୍ଜୟ ସିଂହଙ୍କୁ ଇଡି ଅର୍ଥ ହେରଫେର ମାମଲାରେ ଗତ ଅକ୍ଟୋବର ୪ ତାରିଖରେ ଗିରଫ କରିଥିଲା। ଦିଲ୍ଲୀ ଅବକାରୀ ନୀତି ଘୋଟାଲାରେ ସଂଜୟ ସିଂ ଅର୍ଥ ହେରଫେର କରିଥିବା ସହିତ ବିଭିନ୍ନ ଦିଗରେ ସହଯୋଗ ସ୍ଥାପନ କରିଥିବା ଅଭିଯୋଗରେ ତାଙ୍କୁ ଗିରଫ କରାଯାଇଥିଲା। ସେବେ ଠାରୁ ସେ ଜେଲରେ ଅଛନ୍ତି। ଇତିମଧ୍ୟରେ ସେ ରାଉଜ୍ ଏଭେନ୍ୟୁ କୋର୍ଟ ଠାରୁ ଆରମ୍ଭ କରି ଦିଲ୍ଲୀ ହାଇକୋର୍ଟ ଓ ସୁପ୍ରିମକୋର୍ଟରେ ଜାମିନ ପାଇଁ ଆବେଦନ କରିଥିଲେ ହେଁ କୌଣସି ଅଦାଲତରେ ତାଙ୍କୁ ଆଶ୍ୱସ୍ତି ମିଳିପାରି ନାହିଁ। ତେବେ ଡିସେମ୍ବର ୬ ତାରିଖ ସୁଦ୍ଧା ସଞ୍ଜୟଙ୍କ ଜାମିନ ଆବେଦନ ଉପରେ ଜବାବ ଦାଖଲ କରିବାକୁ କୋର୍ଟ ଇଡିକୁ ପୂର୍ବରୁ କହିସାରିଛନ୍ତି। ଏଥିପାଇଁ ଜଷ୍ଟିସ ନାଗପାଲ ଇଡିକୁ ନୋଟିସ୍ ମଧ୍ୟ ଜାରି କରିଥିଲେ। ତେବେ ଏହାପୂର୍ବରୁ ଇଡି ସଞ୍ଜୟଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ କରିଛି। ସଞ୍ଜୟ କିଛି ବ୍ୟବସାୟୀଙ୍କ ଠାରୁ ୮୨ ଲକ୍ଷ ଟଙ୍କା ଚାନ୍ଦା ନେଇଥିବା ଇଡି ନିଜ ଚାର୍ଜସିଟ୍ରେ ଦର୍ଶାଇଥିବା ଜଣାପଡ଼ିଛି।

# '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ବିଜେଡିର ବରିଷ୍ଠ ନେତୃବୃନ୍ଦ ଏବଂ ବିଭିନ୍ନ ସଂଗଠନର ଶୁଭେଚ୍ଛା









## କଂଗ୍ରେସରେ ଜୟରାମ ପାଙ୍ଗୀ



**ଭୁବନେଶ୍ୱର, ୨।୧୨(ସମିସ):** କୋରାପୁଟର ପୂର୍ବତନ ସାଂସଦ ତଥା ବିଆରଏସ୍(ଭାରତ ରାଷ୍ଟ୍ର ସମିତି) ନେତା ଜୟରାମ ପାଙ୍ଗୀ ଆଜି କଂଗ୍ରେସରେ ଯୋଗ ଦେଇଛନ୍ତି। ଆଜି ଭୁବନେଶ୍ୱରରେ କଂଗ୍ରେସ ଭବନରେ ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ଉପସ୍ଥିତିରେ ସେ ଦଳରେ ସାମିଲ ହୋଇଛନ୍ତି। ଏହି ଅବସରରେ କଂଗ୍ରେସର ଅନ୍ୟତମ ବରିଷ୍ଠ ନେତା ବିଜୟ ପଟ୍ଟନାୟକ, ନିରଞ୍ଜନ ପଟ୍ଟନାୟକ ଓ ପ୍ରସାଦ ହରିଚନ୍ଦନ ପ୍ରମୁଖ ଉପସ୍ଥିତ ଥିଲେ। କଂଗ୍ରେସକୁ ଶକ୍ତିଶାଳୀ କରିବାକୁ ସେ ଏହି ଦଳରେ ଯୋଗ ଦେଇଥିବା ନେଇ ଶ୍ରୀ ପାଙ୍ଗୀ କହିଛନ୍ତି।

ସୂଚନାଯୋଗ୍ୟ, ଏହା ପୂର୍ବରୁ ଶ୍ରୀ ପାଙ୍ଗୀ ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ କେସିଆର୍‌ଙ୍କ ଦଳ ଭାରତ ରାଷ୍ଟ୍ର ସମିତି (ବିଆରଏସ)ରେ ଥିଲେ। ତା' ପୂର୍ବରୁ ସେ ବିଜେପି, ବିଜେଡି ଓ ଜନତା ଦଳରେ ଥିଲେ। ସେ ୪ଥର ବିଧାନସଭାକୁ ଓ ଥରେ ଲୋକସଭାକୁ ନିର୍ବାଚିତ ହୋଇଛନ୍ତି।

## ମହାପ୍ରଭୁଙ୍କ ଦର୍ଶନ ପାଇଁ ରହିବନି ଖରା, ବର୍ଷାର ଭୟ

### ଶୀତତାପ ନିୟନ୍ତ୍ରିତ ବ୍ୟାରିକେଡ୍‌ରେ ଯିବେ ଭକ୍ତ

**ପୁରୀ,୨।୧୨(ସମିସ):** ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସୁଥିବା ଶ୍ରଦ୍ଧାଳୁମାନେ ଯେପରି କୌଣସି ପ୍ରକାର ଅସୁବିଧାର ସମ୍ମୁଖୀନ ନ ହେବେ, ତାହା ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଉ ଆସୁଛନ୍ତି। ଏଥିପାଇଁ ଭିତ୍ତିଭୂମି ମଧ୍ୟ ପ୍ରସ୍ତୁତ କରାଯାଉଛି। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପରେ ଭକ୍ତଙ୍କ ଲାଗି ଅତ୍ୟାଧୁନିକ ସେବା, ସୁବିଧା ଉପଲବ୍ଧ ହେବ। ସେହିପରି ଶ୍ରଦ୍ଧାଳୁଙ୍କ ସ୍ୱଚ୍ଛନ୍ଦ ଦର୍ଶନ ଲାଗି ଆଉ ଏକ ପଦକ୍ଷେପ ନେଉଛନ୍ତି ସରକାର। ଏଣିକି ମହପ୍ରଭୁଙ୍କ ଦର୍ଶନ ପାଇଁ ଆସୁଥିବା ଭକ୍ତଙ୍କୁ ଆଉ ଖରା କିମ୍ବା ବର୍ଷାକୁ ଭୟ ରହିବ ନାହିଁ। ସେମାନେ ଶୀତତାପ ନିୟନ୍ତ୍ରିତ ବ୍ୟାରିକେଡ୍‌ରେ ଯାଇ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରିବେ। ଖୁବ୍‌ଶୀଘ୍ର ଏହି ବ୍ୟବସ୍ଥା କାର୍ଯ୍ୟକାରୀ କରିବା ଲାଗି ଯୋଜନା ପ୍ରସ୍ତୁତ ହୋଇଛି।

ଶ୍ରୀମନ୍ଦିରକୁ ଭକ୍ତଙ୍କ ସଂଖ୍ୟା ଢେର୍ ବଢ଼ିଯାଇଛି। ଏବେ ସାଧାରଣ ଦିନରେ ଦୈନିକ ୭୦/୮୦ ହଜାର ଭକ୍ତ ଆସୁଛନ୍ତି। ଛୁଟି ଦିନରେ ସଂଖ୍ୟା ଲକ୍ଷେ ଟପୁଥିବା ବେଳେ ସ୍ୱତନ୍ତ୍ର ପର୍ବପର୍ବାଣିରେ ସ୍ଥିତି ଅସମ୍ଭାଳ ହୋଇପଡୁଛି। ତେଣୁ ଭକ୍ତମାନେ ଯେପରି ବାଧାମୁକ୍ତ ଦର୍ଶନ କରିପାରିବେ ଏବଂ କୌଣସି ଅସୁବିଧାର ସମ୍ମୁଖୀନ ନ ହେବେ, ସେଥିଲାଗି ତିଆରି ହେବ ଶୀତତାପ ନିୟନ୍ତ୍ରିତ ବ୍ୟାରିକେଡ୍। ବଡ଼ଦାଣ୍ଡର ମରୀଚିକୋଟ ଛକଠାରୁ ଟନେଲ ସଦୃଶ ଏହି ଶୀତତାପ ନିୟନ୍ତ୍ରିତ ବ୍ୟାରିକେଡ୍ ଦେଇ ଭକ୍ତମାନେ ଶ୍ରୀମନ୍ଦିରକୁ ପ୍ରବେଶ କରିବେ। ଏହି ବ୍ୟାରିକେଡ୍ ଭିତରେ ଶ୍ରଦ୍ଧାଳୁଙ୍କ ସୁବିଧା ପାଇଁ ଆବଶ୍ୟକ ବ୍ୟବସ୍ଥା ରହିବ। ରଥଯାତ୍ରା ସମୟରେ କିନ୍ତୁ ଏହି ବ୍ୟାରିକେଡ୍‌କୁ ହଟାଯିବ। ଏହି ଅତ୍ୟାଧୁନିକ ବ୍ୟବସ୍ଥା ଲାଗି ସିଂହଦ୍ୱାରଠାରୁ ମରୀଚିକୋଟ ଛକ ପର୍ଯ୍ୟନ୍ତ ବଡ଼ଦାଣ୍ଡର ଉଭୟପାର୍ଶ୍ୱରୁ ଉଠାଦୋକାନ ହଟାଯିବ। ସେମାନଙ୍କୁ ଅନ୍ୟତ୍ର ଥଇଥାନ କରିବାକୁ ପରାମର୍ଶ ଦିଆଯାଇଛି। ଏହାକୁ ସେମାନେ ସ୍ୱାଗତ କରିଥିବା ବେଳେ ଉପଯୁକ୍ତ ଥଇଥାନ ପାଇଁ ଅନୁରୋଧ କରିଛନ୍ତି।

ଏ ସମ୍ପର୍କରେ ଉପଜିଲ୍ଲାପାଳ ଭବତାରଣ ସାହୁ କହିଛନ୍ତି, ଅଧିକାଂଶ ଦିନ ମରୀଚିକୋଟ ଛକ ପର୍ଯ୍ୟନ୍ତ ଭକ୍ତଙ୍କ ଲମ୍ବା ଲାଇନ୍ ଲାଗୁଛି। ଖରା, ବର୍ଷା ହେଲେ ଭକ୍ତମାନେ ହଇରାଣ ହେଉଛନ୍ତି। ତେଣୁ ଏହି ସମସ୍ୟା ଦୂର କରିବା ଲାଗି ଭକ୍ତଙ୍କ ସୁବିଧା ନିମନ୍ତେ ଏମିତି ଏକ ସେଡ୍ ବା କରିଡର୍ ମରୀଚିକୋଟ ଛକଠାରୁ କରିବା ପାଇଁ ବ୍ୟବସ୍ଥା ହେଉଛି। ଜନସାଧାରଣଙ୍କଠାରୁ ମିଳିଥିବା ମତାମତ ଆଧାରରେ ସରକାର ଏହିଭଳି ବ୍ୟବସ୍ଥା କରିବାକୁ ଯାଉଛନ୍ତି। ଏ ସଂପର୍କରେ ଉଠା ବ୍ୟବସାୟୀଙ୍କ ସହ ମଧ୍ୟ ଆଲୋଚନା ହେଉଛି। ଖୁବ୍‌ଶୀଘ୍ର ଏହା କାର୍ଯ୍ୟକାରୀ ହେବ ବୋଲି ଉପଜିଲ୍ଲାପାଳ ଶ୍ରୀ ସାହୁ କହିଛନ୍ତି।

### ପ୍ରତ୍ୟୁଷରୁ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ସମୀକ୍ଷା କଲେ '୫-ଟି' ଅଧ୍ୟକ୍ଷ

## ମଠ ସୌନ୍ଦର୍ଯ୍ୟକରଣ କାମ ତ୍ୱରାନ୍ୱିତ ପାଇଁ ନିର୍ଦ୍ଦେଶ

**ପୁରୀ,୨।୧୨(ସମିସ):** ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କାମ ସରିସରି ଆସୁଥିବା ବେଳେ '୫-ଟି' ଓ 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଶନିବାର ଭୋର୍‌ରୁ ପ୍ରକଳ୍ପ ବୁଲି ଦେଖିବା ସହ କାର୍ଯ୍ୟ ସମୀକ୍ଷା କରିଛନ୍ତି। ଶ୍ରୀମନ୍ଦିରରେ ଭକ୍ତମାନଙ୍କ ସୁବ୍ୟବସ୍ଥିତ ଦର୍ଶନ, ଭିଡ଼ ନିୟନ୍ତ୍ରଣ ଓ ଶୃଙ୍ଖଳିତ ଦର୍ଶନ ଦିଗରେ ପଦକ୍ଷେପ ନେବା ସହ ମଠଗୁଡ଼ିକର ପୁନରୁଦ୍ଧାର ଏବଂ ଲ୍ୟାଣ୍ଡ ସ୍କେପିଙ୍ଗ କାମ ତ୍ୱରାନ୍ୱିତ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଶ୍ରୀଜଗନ୍ନାଥ ବଲ୍ଲଭ କଂପ୍ଲେକ୍ସଠାରୁ ଶ୍ରୀମନ୍ଦିର ଦୋଳବେଦୀ କୋଣକୁ ସଂଯୋଗ ପାଇଁ ନୂତନ ରାସ୍ତାର ଜମି ଅଧିଗ୍ରହଣ ସମ୍ପର୍କରେ ମଧ୍ୟ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି।



ଜଗନ୍ନାଥ ବଲ୍ଲଭ ପିଲିଗ୍ରୀମ ସେଣ୍ଟର୍‌ରୁ ଦୋଳବେଦୀ କୋଣକୁ ସଂଯୋଗ ହେବାକୁ ଯାଉଥିବା ନୂତନ ରାସ୍ତା ନିର୍ମାଣ କାର୍ଯ୍ୟ ବୁଲି ଦେଖିବା ସହ ଏହାର ନକ୍ସାକୁ ଅନୁଧ୍ୟାନ କରିଛନ୍ତି। ରାସ୍ତା ପାଇଁ ଯେଉଁ ଜମି ଅଧିଗ୍ରହଣ ହେବ, ସେସବୁ ସ୍ଥାନକୁ ବୁଲି ଦେଖି କାର୍ଯ୍ୟ ଶେଷ ନେଇ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ପୁରୀ ଜିଲ୍ଲାପାଳ ସମର୍ଥ ବର୍ମା, ଏସ୍‌ପି ଡ. କନୱର ବିଶାଲ ସିଂ, ଉପଜିଲ୍ଲାପାଳ ଭବତାରଣ ସାହୁଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଓ ନିର୍ମାଣକାରୀ ସଂସ୍ଥାର ଅଧିକାରୀ କାର୍ଯ୍ୟ ବାବଦରେ ଅବଗତ କରାଇଥିଲେ।

ଭୋର୍ ୫ଟାରୁ ସକାଳ ୭ଟା ପର୍ଯ୍ୟନ୍ତ '୫-ଟି' ଅଧ୍ୟକ୍ଷ ସମୀକ୍ଷା କରିଥିଲେ। ସମଗ୍ର ପରିକ୍ରମା ପ୍ରକଳ୍ପ ଅଞ୍ଚଳ ବୁଲି ଦେଖିବା ସହ ଭକ୍ତମାନଙ୍କ ସହ ଆଲୋଚନା କରିଥିଲେ। ଏହି ସମୀକ୍ଷା ଅବସରରେ ଦୋଳବେଦୀ ଅଞ୍ଚଳର ତ୍ୱରିତ ବିକାଶ, ପ୍ରକଳ୍ପ ପରିସର ବିଭିନ୍ନ ମଠ ଆଦିର ପୁନରୁଦ୍ଧାର ସହ ପରିକ୍ରମା ପ୍ରକଳ୍ପ ସମ୍ମୁଖଭାଗର ପେଣ୍ଟିଂ କାମ ଆଗେଇ ନେବାକୁ ପରାମର୍ଶ ଦେଇଥିଲେ। ଏହାସହ ଭକ୍ତମାନଙ୍କ ସ୍ୱଚ୍ଛନ୍ଦ ଦର୍ଶନ ପାଇଁ ମରୀଚିକୋଟ ଛକଠାରୁ ଧାଡ଼ି ଆରମ୍ଭ ସହ ସିଂହଦ୍ୱାରଠାରୁ ମରୀଚିକୋଟ ଛକ ପର୍ଯ୍ୟନ୍ତ ବଡ଼ଦାଣ୍ଡର ଉଭୟପାର୍ଶ୍ୱରୁ ଭେଣ୍ଡିଂଜୋନ୍ ହଟାଇ ଅନ୍ୟତ୍ର ଥଇଥାନ କରିବା ପାଇଁ '୫-ଟି' ଅଧ୍ୟକ୍ଷ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ।

ଜିଲ୍ଲାପାଳ ସମର୍ଥ ବର୍ମା କହିଛନ୍ତି, '୫-ଟି' ଅଧ୍ୟକ୍ଷ ସମ୍ପୂର୍ଣ୍ଣ ପ୍ରକଳ୍ପ ସମୀକ୍ଷା କରିଛନ୍ତି। ସବୁ କାମ ଦ୍ରୁତ ଗତିରେ ଚାଲିଛି। ପ୍ରାୟ ୧୦୦ଜଣଙ୍କୁ ଲଗାଇ ମଠଗୁଡ଼ିକର କାମ ତ୍ୱରାନ୍ୱିତ କରାଯାଉଛି। ଲଙ୍ଗୁଳି, ମଡ଼ଆଖଡା, ପଞ୍ଜାବୀ, ଦକ୍ଷିଣପାର୍ଶ୍ୱ, ଏମାର, ଉତ୍ତରପାର୍ଶ୍ୱ, ତ୍ରିମାଳୀ ପ୍ରମୁଖ ମଠର ପୁନରୁଦ୍ଧାର କାମ ଜୋର୍‌ଦାର ଚାଲିଛି। ଷ୍ଟ୍ରିଟ୍ ଲାଇଟଗୁଡ଼ିକ ଲଗାଯିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଜଗନ୍ନାଥବଲ୍ଲଭରୁ ଆସୁଥିବା ଶ୍ରଦ୍ଧାଳୁ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ସଂଲଗ୍ନ ଅଭ୍ୟର୍ଥନା କେନ୍ଦ୍ରରେ ପହଞ୍ଚିବେ। ଏହି ଅଭ୍ୟର୍ଥନା କେନ୍ଦ୍ର ସମ୍ପୂର୍ଣ୍ଣ ଶୀତତାପ ନିୟନ୍ତ୍ରିତ ହେବ। ଭକ୍ତମାନଙ୍କ ବସିବା ପାଇଁ ଚେୟାର ପଡ଼ିବ। ସେହିପରି ସ୍ୱତନ୍ତ୍ର ଭାବେ ବରିଷ୍ଠ ନାଗରିକଙ୍କ ପାଇଁ ୨୦୦ଜଣ ବସିବା ଭଳି ବ୍ୟବସ୍ଥା ହେବ। ସେଠାରେ ହ୍ୱିଲ୍ ଚେୟାର ଏବଂ ସ୍ୱେଚ୍ଛାସେବୀ ରହିବେ। ସେମାନଙ୍କୁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦିଆଯିବ। ଏହା ମଧ୍ୟ ସମ୍ପୂର୍ଣ୍ଣ ଶୀତତାପ ନିୟନ୍ତ୍ରିତ ହେବ। ତେବେ ଦର୍ଶନ ବ୍ୟବସ୍ଥାରେ ଯାହା ବି ଉନ୍ନତି ଦରକାର, ତାହା କରାଯିବ ବୋଲି ଜିଲ୍ଲାପାଳ ଶ୍ରୀ ବର୍ମା କହିଛନ୍ତି।

## ଆଜାଦୀ କେ ଦିୱାନେ ସଂଗ୍ରହାଳୟରେ ଉତ୍କଳମଣିଙ୍କ ଫଟୋଚିତ୍ର

**ନୂଆଦିଲ୍ଲୀ,୨।୧୨ (ସମିସ):** ପାଖାପାଖି ଦୁଇ ଦଶନ୍ଧି ପରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଏକ ଫଟୋଚିତ୍ର ନୂଆଦିଲ୍ଲୀସ୍ଥିତ ଲାଲକିଲ୍ଲାର 'ଆଜାଦୀ କେ ଦିୱାନେ' ସଂଗ୍ରହାଳୟରେ ପୁନଃସ୍ଥାପିତ ହୋଇଛି। ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା (ଏଏସ୍‌ଆଇ)ର ମହାନିର୍ଦ୍ଦେଶକ କିଶୋର ବାସା ଶୁକ୍ରବାର



ପୁରାତନ ଛାତ୍ର ସଂଘ (ଭୋସ୍ ୯୨)ର ପ୍ରଚେଷ୍ଟାରେ ସଫଳ ହୋଇପାରିଛି। ଏହି ଫଟୋଚିତ୍ରଟି ବାଲେଶ୍ୱର ଆର୍ଟ ଆଣ୍ଡ କ୍ରାଫ୍ଟ ମହାବିଦ୍ୟାଳୟର ପୁରାତନ ବିଭିଏ ଛାତ୍ର ମନୋଜ ରାଉଳଙ୍କ ଦ୍ୱାରା ଅଙ୍କା ଯାଇଛି। କାର୍ଯ୍ୟକ୍ରମରେ ଏଏସ୍‌ଆଇର ଦିଲ୍ଲୀ ଅଧିକାରୀ ପ୍ରବୀଣ ସିଂ, ଓଡ଼ିଶା ପରିମଣ୍ଡଳ ଅଧିକାରୀ ସୁଶାନ୍ତ କୁମାର



### ଦୁଇ ଦଶନ୍ଧି ପରେ ହେଲା ପୁନଃ ଅବସ୍ଥାପିତ

କର, ଭୋସ୍-୯୨ର ସଂସ୍ଥାପକ ସଦସ୍ୟ ତଥା ପ୍ରାକ୍ତନ ସମ୍ପାଦକ ଗଦାଧର ରଥ, ଭୋସ୍ ଦିଲ୍ଲୀ ଶାଖାର ମୁଖ୍ୟ ସଂଯୋଜକ ବିଶ୍ୱଭୂଷଣ ସୁଆର ଏବଂ ଦିଲ୍ଲୀସ୍ଥିତ ବରିଷ୍ଠ ସାମ୍ବାଦିକ ବିଭୁଦତ୍ତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

ଗୋପବନ୍ଧୁଙ୍କ ଏହି ଫଟୋଚିତ୍ରକୁ ସ୍ୱାଧୀନତା ସଂଗ୍ରାମୀଙ୍କ ଗ୍ୟାଲେରୀରେ ସ୍ଥାପିତ କରିଛନ୍ତି।

ଓଡ଼ିଶାର ଏହି ବରପୁତ୍ରଙ୍କ ଛବିଟି ଅନ୍ୟ ସ୍ୱାଧୀନତା ସଂଗ୍ରାମୀ ଯଥା ଜବାହରଲାଲ ନେହରୁ, ମଦନ ମୋହନ ମାଳବୀୟ, ମୋତିଲାଲ ନେହରୁ ଏବଂ ସରୋଜିନୀ ନାଇଡୁଙ୍କ ସହ ସ୍ଥାନ ପାଇଛି। ବାଣୀବିହାର

ସୂଚନାଯୋଗ୍ୟ, ଏହା ପୂର୍ବରୁ ଭୋସ୍-୯୨ ଉଦ୍ୟମରେ ଉତ୍କଳ ବିଶ୍ୱବିଦ୍ୟାଳୟ ଦର୍ଶନ ଶାସ୍ତ୍ର ବିଭାଗ ଉଦ୍ୟାନରେ ପଣ୍ଡିତ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ୨୦୧୭ ମସିହାରେ ସ୍ଥାପିତ କରାଯାଇଥିଲା। ସେବେଠାରୁ ପ୍ରତିବର୍ଷ ଜୟନ୍ତୀ ଓ ତିରୋଧାନ ଦିବସ ଭୋସ୍ ପକ୍ଷରୁ ପାଳନ କରାଯାଇଆସୁଛି।




## ବିରଜା ଡିଗ୍ରୀ ମହାବିଦ୍ୟାଳୟରେ ଏଡ୍‌ସ ଦିବସ ପାଳିତ

**ଯାଜପୁର, ୨।୧୨(ସମିସ):** ଯାଜପୁରର ବିରଜା ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷା ଡକ୍ଟର ସୁକାନ୍ତିଲତା ସାହୁଙ୍କ ସଭାପତିତ୍ୱରେ ସଭାର ଆୟୋଜନ କରାଯାଇଥିଲା। ଏ ଅବସରରେ ଶତାଧିକ ୱାଇଆର୍‌ସି ସ୍ୱେଚ୍ଛାସେବୀଙ୍କ ଦ୍ୱାରା ଏକ ରାଲି ସହର ପରିକ୍ରମା କରିଥିଲା। ଛାତ୍ରୀଙ୍କ ସହିତ ୱାଇଆର୍‌ସି କାଉନ୍‌ସିଲର ପର୍ଶୁରାମ ନାୟକ, ଅଧ୍ୟାପକ ବିଶ୍ୱରଞ୍ଜନ ମହାନ୍ତି, ତରଣୀସେନ ଜେନା, ଅଧ୍ୟାପିକା ଅମ୍ବିକା କର, ମିଲି ମହାପାତ୍ର ସାମିଲ ଥିଲେ। ରାଲି ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ (ଏଡିପିଏଚ୍‌ଓ, ଯକ୍ଷ୍ମା)ର ଡାକ୍ତର ଦେବରାଜ ହାଂସଦା ମୁଖ୍ୟଅତିଥି ରୂପେ ଯୋଗଦାନ କରି ଏଡ୍‌ସର କାରଣ ଓ ନିରାକରଣ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ କୋ-ଅଡ଼ିନେଟର ମାନସ ରଞ୍ଜନ ସାମଲ, ହେଲ୍‌ଥ ସୁପରଭାଇଜର ଅଶୋକ କୁମାର ସାମଲ ଅତିଥି ରୂପେ ଅଂଶଗ୍ରହଣ କରି ରୋଗକୁ ଘୃଣା କର, କିନ୍ତୁ ରୋଗୀକୁ ନୁହେଁ ଓ ଘରକୁ ଘର ପ୍ରଚାର ପ୍ରସାର ବିଷୟରେ ସଚେତନ କରାଇଥିଲେ। ୱାଇଆର୍‌ସି କାଉନସିଲର ସୁଶ୍ରୀ ଦାସ ଏଡ୍‌ସ ଦିବସର ଲକ୍ଷ୍ୟ 'ଗୋଷ୍ଠୀଗତ ସଚେତନତାକୁ ଗୁରୁତ୍ୱ ଦେବା' ଉପରେ ଆଲୋକପାତ କରିଥିଲେ। ଗତ ୩୦ ତାରିଖରେ ଅନୁଷ୍ଠିତ ତର୍କ ଓ କୁଇଜ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ମୁଖ୍ୟଅତିଥି ପ୍ରମାଣପତ୍ର ଓ ପୁରସ୍କାର ରାଶି ପ୍ରଦାନ କରିଥିଲେ। ଜୁନିୟର କାଉନସିଲର ପର୍ଶୁରାମ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ସଭାକୁ ଡଃ ମଧୁଲିତା ମହାନ୍ତି, କନକ ମଞ୍ଜରୀ ପଟ୍ଟନାୟକ, ଅନୀତା ମହାପାତ୍ର, ଛନ୍ଦା ରାୟ ଓ ଐଶ୍ୱର୍ଯ୍ୟା ରାଉତ ପରିଚାଳନା କରିଥିଲେ।

## ୯ ରେ ରାଷ୍ଟ୍ରୀୟ ଲୋକ ଅଦାଲତ

**ଯାଜପୁର, ୨।୧୨(ସମିସ):** ଆସନ୍ତା ୯ ତାରିଖ ଶନିବାର ଦିନ ଜିଲ୍ଲା ଓ ଦୌରା ଅଦାଲତ ସମେତ ଜିଲ୍ଲାର ସମସ୍ତ ଅଦାଲତ ପରିସରରେ ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେଉଥିବା ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ଶ୍ରୀମତୀ ଜ୍ୟୋତିର୍ମୟୀ ଦାସ ପ୍ରକାଶ କରିଛନ୍ତି। ଉକ୍ତ ଲୋକ ଅଦାଲତରେ ସମସ୍ତ ପ୍ରକାରର ବିଚାରାଧୀନ ମକଦ୍ଦମା ଫୌଜଦାରୀ (ସାଲିସଯୋଗ୍ୟ), ଚେକ୍ ବାଉନ୍ସ, ବ୍ୟାଙ୍କ ଋଣ, ଗାଡ଼ି ଦୁର୍ଘଟଣାଜନିତ କ୍ଷତିପୂରଣ, ଶ୍ରମ ଓ ନିଯୁକ୍ତି ବିବାଦ, ବିଦ୍ୟୁତ୍, ଜଳ ଓ ଅନ୍ୟାନ୍ୟ ଦେୱାନୀ ମକଦ୍ଦମା ଇତ୍ୟାଦିର ସହମତି ଭିତ୍ତିରେ ସମାଧାନ କରାଯାଇପାରିବ। ଏଥିସହ ପ୍ରାକ୍ ମୋକଦ୍ଦମା ସ୍ତରୀୟ ମାମଲା ତଥା ଚେକ୍ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ବିବାଦ, ଶ୍ରମ ଓ ନିଯୁକ୍ତି ବିବାଦ, ବିଦ୍ୟୁତ, ଜଳ ଓ ଅନ୍ୟାନ୍ୟ ସାଲିସ୍‌ଯୋଗ୍ୟ ଫୌଜଦାରୀ ଓ ଅନ୍ୟାନ୍ୟ ଦେୱାନୀ ମକଦ୍ଦମା ଇତ୍ୟାଦିର ସମାଧାନ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ହୋଇପାରିବ। ଏହି ମକଦ୍ଦମା ବାବଦରେ ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ପଡେ ନାହିଁ। ଲୋକ ଅଦାଲତଙ୍କ ରାୟ ବୈଧ ଓ ଚୂଡ଼ାନ୍ତ। ଦୀର୍ଘଦିନ ଧରି ଚାଲୁ ରହିଥିବା ମୋକଦ୍ଦମାର ସହଜ ସମାଧାନ ପାଇଁ ଆର୍ଥିôକ ଖର୍ଚ୍ଚ ଓ ସମୟ ଅପଚୟରୁ ନିସ୍ତାର ପାଇଁ ଏହା ଏକ ସୁଯୋଗ। ଏ ସମ୍ପର୍କରେ ସବିଶେଷ ବିବରଣୀ ନିମନ୍ତେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଓ ତାଲୁକ ଆଇନ ସେବା କମିଟି ସହିତ ଯୋଗାଯୋଗ କରିବାକୁ ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ସୂଚନା ଦିଆଯାଇଛି।

## ଦୁର୍ଘଟଣାରେ ଯୁବକ ଗୁରୁତର

**ସୁକିନ୍ଦା, ୨।୧୧(ସମିସ):** ସୁକିନ୍ଦା-ହାତିବାରୀ ରାସ୍ତାର ଖରଡ଼ି ଛକ ନିକଟରେ ଦୁର୍ଘଟଣାରେ ଯୁବକ ଆହତ ହୋଇଥିବା ଜଣାପଡ଼ିଛି। ମୃଦଙ୍ଗା ଗ୍ରାମର ସୁନୀଲ ପ୍ରଧାନ(୨୬) ଶନିବାର ରାତିରେ କଳିଙ୍ଗନଗରସ୍ଥ ଘରୋଇ ଶିଳ୍ପ ସଂସ୍ଥାକୁ ଯାଉଥିବାବେଳେ ଖରଡି ଛକ ନିକଟରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଏହି ଦୁର୍ଘଟଣାରେ ସୁନୀଲ ପ୍ରଧାନଙ୍କ ଅଣ୍ଟାରେ ଗଭୀର ଆଘାତ ଲାଗିଥିଲା। ସ୍ଥାନୀୟ ଲୋକେ ସୁନୀଲଙ୍କ ଉଦ୍ଧାର କରି ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସୁନୀଲଙ୍କ ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ କଟକ ସ୍ଥାନାନ୍ତର କରାଯାଇଥିବା ସୂଚନା ମିଳିଛି।

### ବର୍ଜ୍ୟଜଳ ପରିଚାଳନା କର୍ମଶାଳା ଓ ତାଲିମ ଶିବିର

# ସାମ୍ପ୍ରତିକ ପରିସ୍ଥିତିରେ ବର୍ଜ୍ୟଜଳ ପରିଚାଳନା ବଡ଼ ଆହ୍ୱାନ

**ଯାଜପୁର, ୨।୧୨(ସମିସ)**




ଦିନକୁ ଦିନ ତ୍ରୁଟିପୂର୍ଣ୍ଣ ବର୍ଜ୍ୟଜଳର ପରିମାଣ ବୃଦ୍ଧି ପାଇବାରେ ଲାଗିଛି। ତେଣୁ ଏହି ବର୍ଜ୍ୟଜଳର ସୁବିନିଯୋଗ କରା ନ ଗଲେ ଏହା ଯୋଗୁଁ ପ୍ରଦୂଷଣର ମାତ୍ରା ବୃଦ୍ଧି ପାଇବ। ତେଣୁ ଏହି ବର୍ଜ୍ୟଜଳକୁ ପୁନଃବିନିଯୋଗ କରିବା ପାଇଁ ରାଜ୍ୟ ସରକାର ଉଦ୍ୟମ ଆରମ୍ଭ କରଛନ୍ତି। ତେଣୁ ଏହି ଯୋଜନାକୁ ସଠିକ୍ ଭାବେ କାର୍ଯ୍ୟକାରୀ କରାଗଲେ ନିଶ୍ଚିତ ଭାବେ ପରିବେଶର ସୁରକ୍ଷା କରାଯାଇପାରିବ ବୋଲି ମତ ପ୍ରକାଶ ପାଇଛି। ଆଜି ଡିଆରଡିଏ ସମ୍ମିଳନୀ କକ୍ଷରେ ବର୍ଜ୍ୟଜଳ ପରିଚାଳନା ସମ୍ପର୍କିତ ଏକ କର୍ମଶାଳା ଓ ତାଲିମ ଶିବିରରେ ଯୋଗଦେଇ ଅତିଥିମାନେ ଉପରୋକ୍ତ ମତ ଦେଇଛନ୍ତି। ଓଡ଼ିଶା ସରକାରଙ୍କ ଦ୍ୱାରା ଯାଜପୁର ମ୍ୟୁନିସିପାଲିଟି ଆନୁକୂଲ୍ୟରେ ଯାଜପୁର ପୌରପାଳିକା ଅଧ୍ୟକ୍ଷା ଶ୍ରୀମତୀ ରଞ୍ଜୁଲତା ହୋତାଙ୍କ ପୌରୋହିତ୍ୟରେ 'ଗ୍ରେ ୱାଟର ପରିଚାଳନା' ସମ୍ପର୍କିତ ଏକ ତାଲିମ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ଦକ୍ଷତା ବିକାଶ କାର୍ଯ୍ୟକ୍ରମରେ ଯାଜପୁର ଜିଲ୍ଲାପାଳ ଚକ୍ରବର୍ତ୍ତୀ ସିଂହ ରାଠୋର ଯୋଗଦେଇ ଜିଲ୍ଲାର ପରିମଳ ବ୍ୟବସ୍ଥା କିପରି ସୁଦୃଢ଼ ହୋଇଛି, ସେ ବିଷୟରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଓଡ଼ିଶା ସରକାର ଓ ପ୍ରକଳ୍ପ ନିର୍ଦ୍ଦେଶକ, ରାଜ୍ୟ ନଗର ଉନ୍ନୟନ ସଂସ୍ଥା (ସୁଡା) ଯୁଗ୍ମ ସଚିବ ଶାରଦା ପ୍ରସାଦ ପଣ୍ଡା, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଅତିରିକ୍ତ ଶାସନ ସଚିବ ଦେବାଶିଷ ସିଂ, ଯାଜପୁର ପୌରପାଳିକା ଉପାଧ୍ୟକ୍ଷ ସନ୍ତୋଷ ମଲ୍ଲିକ ପ୍ରମୁଖ ଯୋଗଦେଇ ବର୍ଜ୍ୟ ପରିଚାଳନା କାର୍ଯ୍ୟ ସଠିକ ଓ ଦକ୍ଷତାର ସହ ପରିଚାଳନା, ସହରାଞ୍ଚଳର ବିଭିନ୍ନ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ, ଲକ୍ଷ୍ୟ ସମ୍ବନ୍ଧରେ ଆଲୋଚନା କରିଥିଲେ। ମିଶନ ଶକ୍ତି ଗୋଷ୍ଠୀ ଓ ବସ୍ତିବାସିନ୍ଦା ସଂଗଠନ ବିଭିନ୍ନ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରି ଅତି ସହଜ ଓ ସରଳ ଭାବେ କାର୍ଯ୍ୟ ପରିଚାଳନା କରିପାରିବେ, ସେ ସମ୍ବନ୍ଧରେ ଗୁରୁତ୍ୱ ଆରୋପ କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସହରୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ମାନସ ରଞ୍ଜନ ରାୟ, ଯାଜପୁର ପୌରପାଳିକା ନିର୍ବାହୀ ଅଧିକାରୀ ସୂର୍ଯ୍ୟମଣି ପାଟଯୋଶୀ, ମୁକ୍ତା କର୍ମକର୍ତ୍ତା, ସ୍ୱଚ୍ଛ ସାଥୀ, ସ୍ୱଚ୍ଛ ସୁପରଭାଇଜର, ମିଶନ ଶକ୍ତି ଗୋଷ୍ଠୀ ଓ ବସ୍ତିବାସିନ୍ଦା ସଂଗଠନର କର୍ମକର୍ତ୍ତା ଯୋଗଦେଇ ବର୍ତ୍ତମାନ ସମୟରେ ଉପଯୁକ୍ତ ବର୍ଜ୍ୟ ପରିଚାଳନା କେବଳ ପରିବେଶ ଅବକ୍ଷୟ ଓ ସ୍ୱାସ୍ଥ୍ୟ ପ୍ରତି ବିପଦ ସହିତ ଜଡ଼ିତ ନୁହେଁ, ବରଂ ଏହା ବର୍ଜ୍ୟଜଳ ପରିବର୍ତ୍ତେ ମୂଲ୍ୟବାନ ସମ୍ବଳର ଉତ୍ସ ଭାବେ ମଧ୍ୟ ପରିଗଣିତ ହେଉଛି। ବର୍ଜ୍ୟଜଳ ପୁନଃବ୍ୟବହାର କେବଳ କୃଷି କାର୍ଯ୍ୟରେ ବ୍ୟବହୃତ ଗଚ୍ଛିତ ପାନୀୟଜଳ ଖର୍ଚ୍ଚକୁ ହ୍ରାସ କରେନାହିଁ, ବରଂ ଏହା ଖାଦ୍ୟ ସୁରକ୍ଷାକୁ ମଧ୍ୟ ବୃଦ୍ଧି କରିଥାଏ। ଏହାଛଡ଼ା ଜନସ୍ୱାସ୍ଥ୍ୟରେ ଉନ୍ନତି ଆଣିଥାଏ। ତେଣୁ ଗ୍ରେ ୱାଟର ମ୍ୟାନେଜମେଣ୍ଟ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଓଡ଼ିଶା ସରକାର 'ଗ୍ରେ-ୱାଟର ପରିଚାଳନା' କାର୍ଯ୍ୟ ଓଡ଼ିଶାର ଭୁବନେଶ୍ୱର ମହାନଗର ନିଗମ, କଟକ ମହାନଗର ନିଗମ, ସମ୍ବଲପୁର ମହାନଗର ନିଗମ, ରାଉରକେଲା ମହାନଗର ଓ ପୁରୀ ପୌରସଂସ୍ଥା ବ୍ୟତୀତ ଅନ୍ୟ ସମସ୍ତ ପୌରାଞ୍ଚଳରେ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଜାରି କରିଛନ୍ତି। 'ଗ୍ରେ ୱାଟର' ପରିଚାଳନା କାର୍ଯ୍ୟ ସଠିକ୍ ଓ ଦକ୍ଷତାର ସହ ପରିଚାଳନା କରିବା ନିମନ୍ତେ ସରକାର କାର୍ଯ୍ୟରେ ସମ୍ପୃକ୍ତ ଥିବା ସମସ୍ତ ଅଧିକାରୀ, ନିର୍ବାଚିତ ଲୋକପ୍ରତିନିଧି ଓ କାର୍ଯ୍ୟକର୍ତ୍ତାଙ୍କ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଏଥିନିମନ୍ତେ ବିଭାଗର ବରିଷ୍ଠ ଅଧିକାରୀଙ୍କୁ ମେଣ୍ଟର ଭାବେ ନିଯୁକ୍ତ କରାଯାଇଛି। ଯେଉଁମାନେ ଆବଶ୍ୟକତା ଅନୁସାରେ ପୌରସଂସ୍ଥାଙ୍କୁ ବୈଷୟିକ ସହାୟତା ପ୍ରଦାନ କରିବେ। ଆଜିର ଏହି ତାଲିମ ଶିବିରରେ ବ୍ୟାସନଗର ପୌରାଧ୍ୟକ୍ଷା ସଙ୍ଗୀତା ପିଙ୍ଗୁଆ, ଉପାଧ୍ୟକ୍ଷ ସୁବାସ ବଳଙ୍କ ସମେତ କେନ୍ଦ୍ରାପଡ଼ା ଓ ପଟ୍ଟାମୁଣ୍ଡାଇ ପୌରପାଳିକା ପ୍ରତିନିଧି ଯୋଗ ଦେଇଥିଲେ।

## ଗୋପୀନାଥଜୀଉ ମନ୍ଦିରରେ 'ଜ୍ଞାନ ପ୍ରଦୀପ' ପୁସ୍ତକ ଉନ୍ମୋଚିତ



**ଯାଜପୁର, ୨।୧୨(ସମିସ):** ବିରଜାକ୍ଷେତ୍ର ନିକଟସ୍ଥ ବଡ଼ଦୋଗଡ଼ାସ୍ଥ ଗୋପୀନାଥଜୀଉ ମନ୍ଦିର ପରିସରରେ ବିଶିଷ୍ଟ ଲେଖକ ଅଧିକାରୀ ନବକିଶୋର ଦାସଙ୍କ ରଚିତ ପୁସ୍ତକ 'ଜ୍ଞାନ ପ୍ରଦୀପ' ଉନ୍ମୋଚନ ଉତ୍ସବ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ତଥା ଯଜ୍ଞପ୍ରଭାର ସମ୍ପାଦକ ପଣ୍ଡିତ ଭୂପତିଭୂଷଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଦୀପକ କୁମାର ମିଶ୍ର ପୁସ୍ତକ ଉନ୍ମୋଚନ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସମାଜସେବୀ ହୃଷିକେଶ ପତି ସ୍ତୋତ୍ର ପାଠ କରିଥିଲେ। ଅଧିକାରୀ ନବକିଶୋର ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିରଜା ସାହିତ୍ୟ ସଂସ୍କୃତି ଗବେଷଣା ପରିଷଦର ବାର୍ତ୍ତା ସମ୍ପାଦକ ମୀନକେତନ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଆଧ୍ୟାତ୍ମିକବାଦୀ ଦୀପକ କୁମାର ମିଶ୍ର, ମୁଖ୍ୟବକ୍ତା ଭାବେ ନରୁଆ ମଠ ମହନ୍ତଙ୍କ ପଟ୍ଟଶିଷ୍ୟା ଇଂ. ପାର୍ଥକୀ ମିଶ୍ର, ସମ୍ମାନିତ ଅତିଥି ଭାବେ ଗୀତା ଜାଗରଣ ପରିଷଦର ସଭାପତି ଆଇନଜୀବୀ ପ୍ରତିମା କର, ଅନ୍ୟତମ ଅତିଥି ଭାବେ ପ୍ରକାଶକ ତଥା ସମାଜସେବୀ ଶୀତଳ ଚନ୍ଦ୍ର ସାହାଣୀ ଯୋଗଦେଇ 'ଜ୍ଞାନ ପ୍ରଦୀପ' ପୁସ୍ତକର ବହୁଳ ପ୍ରଚାର ପ୍ରସାର କାମନା କରିଥିଲେ। ଏ ଅବସରରେ ଯାଜପୁର ମୁଖ୍ୟ ଚିକିତ୍ସାଳୟର ବିଶିଷ୍ଟ ଶୈଲ୍ୟ ଚିକିତ୍ସକ ଡା. ଶାନ୍ତନୁ କୁମାର ସାହୁ, ଯାଜପୁରର ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସକ ବନବିହାରୀ ମହାପାତ୍ର, ବିଶିଷ୍ଟ ପଣ୍ଡିତ ରାଧାକାନ୍ତ ପଣ୍ଡାଙ୍କୁ ଏ ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ସମାଜସେବୀ ମୁକ୍ତିକାନ୍ତ ପଣ୍ଡା, ବିରଜା ମୁକ୍ତି ମଣ୍ଡପ ସେବାୟତ ପରିଷଦର ସଭାପତି ଦେବୀପ୍ରସାଦ ପାଣି, ବିଶିଷ୍ଟ ଶିକ୍ଷାବିତ୍ ଅଚ୍ୟୁତାନନ୍ଦ ପତି, କବୟିତ୍ରୀ ନିର୍ମଳାବାଳା ମିଶ୍ର, ଅବସରପ୍ରାପ୍ତ ପୁଲିସ ପ୍ରଶାସକ ଗଦାଧର ରାଉତ, ବିରଜା ସାହିତ୍ୟ ସଂସ୍କୃତି ଗବେଷଣା ପରିଷଦର ସମ୍ପାଦକ ପ୍ରଶାନ୍ତ କୁମାର ରାଉତରାୟଙ୍କୁ ପାଠକୀୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ବିଶିଷ୍ଟ ଔପନ୍ୟାସିକ ଜଗନ୍ନାଥ ଧଳ ଲେଖକଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। କୀର୍ତ୍ତନ ମଣ୍ଡଳୀ ଦ୍ୱାରା ମହାମନ୍ତ୍ର ନାମ ସଂକୀର୍ତ୍ତନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଅଶୋକ କୁମାର ଦାଶ, ବିଶିଷ୍ଟ କବି ରାମଚନ୍ଦ୍ର ଦାସ, ତପନ କୁମାର ଦାସ, ନଟବର ଦାସ, ଶ୍ରୀକାନ୍ତ ଦାସ, ବିଜୟଲକ୍ଷ୍ମୀ ଦାସ, ଅଧ୍ୟାପକ ହରିହର ପାଣିଗ୍ରାହୀ ପ୍ରମୁଖ ସହଯୋଗ କରିଥିଲେ। ସମାଜସେବୀ ସୁବାସ ଚନ୍ଦ୍ର ମହାପାତ୍ର ସମସ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

## ବଜାରରୁ ବୃଦ୍ଧଙ୍କ ମୃତଦେହ ଉଦ୍ଧାର

**ଚଣ୍ଡିଖୋଲ, ୨।୧୨(ସମିସ):** ବାଲିଚନ୍ଦ୍ରପୁର ବଜାର ପଟ୍ଟାମୁଣ୍ଡାଇ କେନାଲ ନିକଟ ସରସ୍ୱତୀ ବଜାରର ଏକ ଦୋକାନ ସମ୍ମୁଖରେ ଆଜି ଜଣେ ବୃଦ୍ଧଙ୍କ ମୃତଦେହକୁ ବାଲିଚନ୍ଦ୍ରପୁର ଥାନା ପୁଲିସ ଉଦ୍ଧାର କରିଛି। ମୃତଦେହକୁ ଚିହ୍ନଟ କରାଯାଇ ପରେ ବ୍ୟବଚ୍ଛେଦ ପାଇଁ ବଡ଼ଚଣା ମେଡିକାଲକୁ ପଠାଯାଇଥିବା ନେଇ ଥାନା ଅଧିକାରିଣୀ ପ୍ରମୋଦିନୀ ସାହୁ ସୂଚନା ଦେଇଛନ୍ତି। ମୃତ ବୃଦ୍ଧ ହେଉଛନ୍ତି କଟକ ଜିଲ୍ଲା ମାହାଙ୍ଗା ଥାନା ଲଳିତଗିରି ପଞ୍ଚାୟତ ଅନ୍ତର୍ଗତ ଗଙ୍ଗାଧର ଗ୍ରାମର ଭାବଗ୍ରାହୀ ଜେନା (୫୬)। ଭାବଗ୍ରାହୀ ଗତ ୧୫ ଦିନ ହେବ ଏହି ବଜାରରେ ବୁଲୁଥିବା ବଜାର ଲୋକେ କହିଛନ୍ତି। ତେବେ ମାନସିକ ବିକାରଗ୍ରସ୍ତ ଯୋଗୁଁ ବୃଦ୍ଧ ଭାବଗ୍ରାହୀ ଅଖିଆ ଅପିଆ ଏଠାରେ ବୁଲାବୁଲି କରି ପରେ ତାଙ୍କର ମୃତ୍ୟୁ ହେବା ନେଇ ଆଲୋଚନା ହେଉଛି। ମୃତ ଭାବଗ୍ରାହୀଙ୍କ ପୁତୁରା ବିଚିତ୍ର ଆସି ଥାନାରେ ଜଣାଇବା ପରେ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି ବୋଲି ଥାନା ପକ୍ଷରୁ ସୂଚନା ଦିଆଯାଇଛି।

# ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତିକ ସଂଗଠନ ସମ୍ମିଳନୀ




**ଯାଜପୁର, ୨।୧୨(ସମିସ):** ଅଶ୍ଳୀଳତା, ଅପସଂସ୍କୃତି, ମଦ, ମାଦକ ଦ୍ରବ୍ୟର ପ୍ରଚାର ପ୍ରସାର ବନ୍ଦ, ନାରୀ ଓ ଶିଶୁ ନିର୍ଯାତନା, ଦରଦାମ ବୃଦ୍ଧି, ଜାତୀୟ ଶିକ୍ଷା ନୀତି-୨୦୨୦ ଆଦି ବିରୁଦ୍ଧରେ ମହିଳା ସମ୍ମିଳନୀ ବରୀ ଗୋବିନ୍ଦପୁର ଶିବା ଛକରେ ୨୦୦ରୁ ଊର୍ଦ୍ଧ୍ୱ ମହିଳା ପ୍ରତିନିଧିଙ୍କୁ ନେଇ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ସର୍ବଭାରତୀୟ କମିଟିର ସାଧାରଣ ସମ୍ପାଦିକା ଛବି ମହାନ୍ତି ସଂଗଠନର ରକ୍ତ ପତାକା ଉତ୍ତୋଳନ କରି ସମ୍ମିଳନୀ ଆରମ୍ଭ କରିଥିଲେ। ନାରୀ ସମାଜର ମୁକ୍ତି ପାଇଁ ରେନେସା ଯୁଗର ମହାମନିଷୀଙ୍କ ଉଦ୍ଧୃତି ପ୍ରଦର୍ଶନୀକୁ ଆଇନଜୀବୀ ସଂଘମିତ୍ରା ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଆଇନଜୀବୀ ସଂଘମିତ୍ରା ପଟ୍ଟନାୟକ ସହିଦ ବେଦୀରେ ମାଲ୍ୟାର୍ପଣ କରିଥିଲେ। ଜିଲ୍ଲା ସଭାନେତ୍ରୀ ଶାନ୍ତିଲତା ପଣ୍ଡାଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ପ୍ରଥମେ ଏକ ଶୋକ ପ୍ରସ୍ତାବ ପାଠ କରିଥିଲେ କମିଟିର ଉପସଭାପତି ସଂଯୁକ୍ତା କର ଓ ସମସ୍ତେ ସହିଦଙ୍କୁ ସ୍ମୃତି ଉଦ୍ଦେଶ୍ୟରେ ଏକ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା।

ପ୍ରଥମେ ମୁଖ୍ୟଅତିଥି ଏସୟୁସିଆଇ କମ୍ୟୁନିଷ୍ଟ ଯାଜପୁର ଜିଲ୍ଲା ସମ୍ପାଦକ ତାଙ୍କର ମୂଲ୍ୟବାନ ଭାଷଣ ରଖିଥିଲେ। ତାଙ୍କର ମୁଖ୍ୟ ଚିଠି ପ୍ରସ୍ତାବ ପାଠ କରିଥିଲେ। ବରୀ ଆଞ୍ଚଳିକ କମିଟି ସଭାପତି ବନଲତା ବାରିକ ମୁଖ୍ୟ ଚିଠା ପ୍ରସ୍ତାବ ସମ୍ପର୍କରେ ବକ୍ତବ୍ୟ ରଖିଥିଲ। ବିଭିନ୍ନ ଆଞ୍ଚଳିକ କମିଟି ସମ୍ପାଦିକା, ସଭାପତି ଲିଲି ମହାନ୍ତି, ମାଧବୀ ମଲିକ, କୁମୁଦିନୀ ରଥ, ମିନତୀ ବାରିକ, ଝୁନାରାଣୀ ସାହୁ, ଶର୍ମିଷ୍ଠା ଯେନା, ବନଲତା ଦାସ, ଝୁନାରାଣୀ ଦାସ, ପ୍ରମିଳା ଦାସ, ସେବତୀ ମଲିକ ପ୍ରମୁଖ ଜିଲ୍ଲାର ସାଂଗଠନିକ ବିବରଣୀ ପାଠ କରିଥିଲେ। ଜିଲ୍ଲା ସମ୍ପାଦିକା ତରଙ୍ଗିଣୀ ଦାସ ଏହାର ସମର୍ଥନରେ ବକ୍ତବ୍ୟ ରଖିଥିଲେ। ଅନ୍ୟତମ ଉପସଭାନେତ୍ରୀ ସୁଲୋଚନା ପ୍ରଧାନ, ସଂଗଠନର ରାଜ୍ୟ ସମ୍ପାଦକ ସ୍ୱପ୍ନପ୍ରଭା ନାୟକ ବକ୍ତବ୍ୟ ରଖିଥିଲେ। ଶେଷରେ ସମ୍ମିଳନୀର ମୁଖ୍ୟବକ୍ତା ସର୍ବଭାରତୀୟ କମିଟିର ସାଧାରଣ ସମ୍ପାଦକ ଶ୍ରୀମତୀ ଛବି ମହାନ୍ତି ଆଜି ସମାଜରେ ବଢ଼ି ଚାଲିଥିବା ଶୋଷଣ, ଅତ୍ୟାଚାର, ମଦର ପ୍ରସାର, ଅଶ୍ଳୀଳତା, ଅପସଂସ୍କୃତି ବିରୁଦ୍ଧରେ ଏଆଇଏମ୍‌ଏସ୍‌ଏସ୍ ମହିଳାଙ୍କୁ ନେଇ ଆନ୍ଦୋଳନ କରୁଛି। ଭବିଷ୍ୟତରେ ଜନସାଧାରଣଙ୍କ ଦାବି ଓ ନାରୀ ସମାଜର ମୁକ୍ତି ପାଇଁ ଜଣାଇଥିଲେ। ଦୁର୍ବାର ଗଣଆନ୍ଦୋଳନ ଗଢ଼ିତୋଳିବା ପାଇଁ ସମସ୍ତ ମହିଳା ପ୍ରତିନିଧି ସଂଗଠନର ସଭ୍ୟଭୁକ୍ତ ହେବା ସହିତ ସ୍ତରେ ସ୍ତରେ ସାହି ବସ୍ତିରେ ସଭ୍ୟ ସଂଗ୍ରହ କମିଟି ଗଠନ କରି ନିଜର ମୁକ୍ତି ପାଇଁ ସମାଜ ବ୍ୟବସ୍ଥାର ପରିବର୍ତ୍ତନକୁ ତ୍ୱରାନ୍ୱିତ କରିବାକୁ ଆଗେଇ ଆସିବାକୁ ଆହ୍ୱାନ କରିଥିଲେ।

ଲୋକପ୍ରିୟ ଖବରକାଗଜ
'ସକାଳ'ର ୩ୟ ସ୍ୱନକ୍ଷତ୍ର ଦିବସ ଅବସରରେ
ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ।
ମହାବିଦ୍ୟାଳୟକୁ ଗୌରବୋଜ୍ଜ୍ୱଳ ମଣ୍ଡିତ କରି ରଖିଥିବା ମୋ ପ୍ରିୟ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଶ୍ରଦ୍ଧେୟ ଛାତ୍ରଛାତ୍ରୀମାନଙ୍କ ଉଦ୍ୟମକୁ ପ୍ରଶଂସା କରିବା ସହିତ ସେମାନଙ୍କୁ ଅଭିନନ୍ଦନ ଜଣାଉଛି।
ପ୍ରାଧ୍ୟାପକ ସାଧୁଚରଣ ଜେନା
ଅଧ୍ୟକ୍ଷ କୁଣଭଦ୍ରା ମହାବିଦ୍ୟାଳୟ
ବିଚନା, ପ୍ରାତିପୁର, ଯାଜପୁର


## ସୟଦପୁର ପଞ୍ଚାୟତରେ ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ



**ବିଂଝାରପୁର, ୨।୧୨(ସମିସ):** ବିଂଝାରପୁର ବ୍ଲକ ସୟଦପୁର ପଞ୍ଚାୟତର ଫଜୀଲା ମହଲ୍ଲା କଲ୍ୟାଣୀ ମଣ୍ଡପରେ ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଇଂ ଲାୟକ ଅଲ୍ଲୀ ଖାଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାନସଭା ବାଚସ୍ପତି ତଥା ବିଂଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ, ସୟଦପୁର ସରପଞ୍ଚ ସେକ ମହମ୍ମଦ ସବୀର ଯୋଗଦେଇ ପଞ୍ଚାୟତରେ ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ରଞ୍ଜିତା କୁମାରୀ ଦାସ, ଜିଲ୍ଲା ପରିଷଦ ସଭ୍ୟ ନନ୍ଦକିଶୋର ସାମଲ, ବ୍ଲକ ଉପାଧ୍ୟକ୍ଷ ସେକ ଇର୍ସାଦ, ବିଧାୟକଙ୍କ ପ୍ରତିନିଧି ପ୍ରଦୀପ ମହାନ୍ତି, ଜାଭେଦ ଇକବାଲ, ଜାହାନୱାଜ ଅଖତର, ଜାବିର ହୋସେନ ଖାନ, ଜାହିଦ ହୋସେନ ଖାନ, ମହମ୍ମଦ ଓଲିଦ ଖାଁ, ଅସଫର ଅଲ୍ଲୀ ଖାନ, ପ୍ରତାପ ଚନ୍ଦ୍ର ବେହେରା, ପ୍ରଦୀପ ଦାସ, ମୁସ୍ତଫା ଅଲ୍ଲୀ ଖାନ, ରିୟାଜ ଅହମଦ ପ୍ରମୁଖ ଉପସ୍ଥିତ ରହି ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା ସମ୍ପର୍କରେ ଅବଗତ କରିଥିଲେ। ସେହିପରି ସ୍ଥାନୀୟ ଅଞ୍ଚଳର ବହୁ ବୁଦ୍ଧିଜୀବୀ ଓ ବରିଷ୍ଠ ନାଗରିକ ଉପସ୍ଥିତ ଥିଲେ।



ଓଷ୍ଟାର ୪୦ତମ ଶିଶୁ ଉତ୍ସବ

# 'ଉତ୍ତମ ଛାତ୍ର ସୃଷ୍ଟି ହେଲେ ଉତ୍ତମ ରାଷ୍ଟ୍ର ଗଠନ ସମ୍ଭବ'

ବରୀ, ୨।୧୨(ସମିସ)



ଉତ୍ତମ ଛାତ୍ରଟିଏ ସୃଷ୍ଟି ହୋଇପାରିଲେ ଉତ୍ତମ ରାଷ୍ଟ୍ରଟିଏ ଗଠନ ହୋଇପାରିବ। ଉତ୍ତମ ଛାତ୍ର ସୃଷ୍ଟି କ୍ଷେତ୍ରରେ ଗୁରୁଙ୍କ ଗୁରୁଦାୟିତ୍ୱ ରହିଛି ବୋଲି ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ବରୀ ବ୍ଲକ ପକ୍ଷରୁ ଓଷ୍ଟାର ୪୦ତମ ଶିଶୁ ମହୋତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଅତିରିକ୍ତ ଆୟୁକ୍ତ ଅକ୍ଷୟ କୁମାର ମଲିକ ପ୍ରକାଶ କରିଛନ୍ତି।

କଳାଖଣ୍ଡର ଗୋପିନାଥଜୀଉ ବିଦ୍ୟାମନ୍ଦିରରେ ବରୀ ଓଷ୍ଟା ପକ୍ଷରୁ ୪୦ତମ ଶିଶୁ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବରୀ ବ୍ଲକ ଓଷ୍ଟା ସଭାପତି ରବୀନ୍ଦ୍ର କୁମାର ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଅକ୍ଷୟ କୁମାର ମଲିକ, ମୁଖ୍ୟବକ୍ତା ଭାବେ ଓଷ୍ଟାର ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାସ, ସମ୍ମାନିତ ଅତିଥି ଭାବେ ଓଷ୍ଟା ସମ୍ପାଦକ ନିର୍ମଳ ଚନ୍ଦ୍ର ଜେନା, ଯୁଗପ୍ରଭା ସାବତ, ଡଃ ନୃସିଂହ ଚରଣ ବେହେରା, ଦିଲ୍ଲୀପ କୁମାର ଦାସ ପ୍ରମୁଖ ଯୋଗଦେଇ ଶିଶୁଙ୍କ ବିକାଶ କ୍ଷେତ୍ରରେ ଓଷ୍ଟାର ଥିବା ଗୁରୁଦାୟିତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ବରୀ ବ୍ଲକ ଓଷ୍ଟାର ସମ୍ପାଦକ ଦିବ୍ୟଲୋଚନ ମହାପାତ୍ର ଅତିଥି ପରିଚୟ ଦେଇଥିଲେ। ଏ ଅବସରରେ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଶିକ୍ଷକ ସତ୍ୟବ୍ରତ ଜେନା, ଶଙ୍କର୍ଷଣ ସାହୁ, ବୃନ୍ଦାବନ ରାଉତ, ଭରତ ଚନ୍ଦ୍ର ଜେନା, ସୁଧାଂଶୁ ଶେଖର ସ୍ୱାଇଁ, ପ୍ରଫୁଲ୍ଲ କୁମାର ଧଳ, ଶମ୍ଭୁନାଥ ତ୍ରିପାଠୀ, କିଶୋର ଚନ୍ଦ୍ର ଜେନା, ରବୀନ୍ଦ୍ରନାଥ ମହାନ୍ତି ଓ ଶଙ୍କର୍ଷଣ ସ୍ୱାଇଁଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଦେଇ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଦଶମ ଶ୍ରେଣୀ ପରୀକ୍ଷାରେ ରାଜ୍ୟରେ ସର୍ବୋଚ୍ଚ ନମ୍ବର ରଖିଥିବା ଶ୍ରେୟଶ୍ରୀ ଜେନା ଓ ଗୋପିନାଥଜୀଉ ବିଦ୍ୟାମନ୍ଦିରର କୃତି ଛାତ୍ରୀ ଶ୍ୱାତିରେଖା ପଣ୍ଡାଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତଥା ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ତପନ କୁମାର ଜେନା, ଓଷ୍ଟାର ବ୍ଲକ ଉପସଭାପତି ଇନ୍ଦ୍ରମଣି ନାୟକ, ଯୁଗ୍ମସମ୍ପାଦକ ସତ୍ୟରଞ୍ଜନ ମହାନ୍ତି, ରାଜ୍ୟ ସଂଘ ସଭ୍ୟ ପାବକ ମହାପାତ୍ର, ସୁବାସ ଚନ୍ଦ୍ର ବିଶ୍ୱାଳ, ରାଜକିଶୋର ପରିଡ଼ା ପ୍ରମୁଖ ଶିଶୁ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

ଏ ଅବସରରେ ଗୋପିନାଥଜୀଉ ବିଦ୍ୟାମନ୍ଦିରରୁ ଅବସର ଗ୍ରହଣ କରିଥିବା ପ୍ରଧାନ ଶିକ୍ଷକ ବୃନ୍ଦାବନ ରାଉତ, ସହକାରୀ ଶିକ୍ଷକ ଭରତ ଚନ୍ଦ୍ର ଜେନା, କନିଷ୍ଠ ସହକାରୀ ସୁଧାଂଶୁ ଶେଖର ସ୍ୱାଇଁଙ୍କୁ ବିଦ୍ୟାଳୟ ପକ୍ଷରୁ ମାନପତ୍ର, ଉପଢୌକନ ଓ ପୁଷ୍ପଗୁଚ୍ଛ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶିଶୁ ମେଳାରେ ବରୀ ବ୍ଲକର ୪୨ଟି ବିଦ୍ୟାଳୟରୁ ୨୫୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ତର୍କ, ସଙ୍ଗୀତ, ଚିତ୍ରାଙ୍କନ, କବିତା ଆବୃତ୍ତି, ଗଳ୍ପ ଲିଖନ, କବିତା ଲିଖନ, ଏକକ ଅଭିନୟ, ସାଧାରଣ ଜ୍ଞାନ, ବୁଦ୍ଧି ପରୀକ୍ଷା ଓ ଏକକ ନୃତ୍ୟ ଭଳି ୧୦ଟି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ବିଭିନ୍ନ ବିଭାଗର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିବାବେଳେ ପ୍ରଥମ ଓ ଦ୍ୱିତୀୟ ହୋଇଥିବା ପ୍ରତିଯୋଗୀ ଜିଲ୍ଲା ସ୍ତରରେ ହେବାକୁ ଥିବା ଓଷ୍ଟା ଶିଶୁ ମେଳାରେ ଅଂଶଗ୍ରହଣ କରିବେ ବୋଲି ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ତପନ କୁମାର ଜେନା ପ୍ରକାଶ କରିଛନ୍ତି।

## ବାଇକ୍ ଲୁଟେରା ଗିରଫ



**କବାଟବନ୍ଧ, ୨।୧୨ (ସମିସ):** ଦୀର୍ଘବର୍ଷ ଧରି ପୁଲିସକୁ ଚକମା ଦେଇ ଲୁଟପାଟ କରୁଥିବା ଏକ ବାଇକ ଲୁଟେରା ଜେନାପୁର ପୁଲିସ ପଞ୍ଝାରେ ପଡ଼ିଛି। ଏହି କୁଖ୍ୟାତ ଲୁଟେରା ହେଉଛି ଏହି ଥାନା ଅନ୍ତର୍ଗତ ଅଞ୍ଜିରା ପଞ୍ଚାୟତ ଅଧୀନ ମୁରାରୀପୁର ଗ୍ରାମର ଅନୁକୂଳିଆ ଜେନାଙ୍କ ପୁଅ ଚଗଲି ଜେନା (୪୭)। ଚଗଲି ଦୀର୍ଘ ବର୍ଷ ହେବ ଓଡ଼ିଶାର ବିଭିନ୍ନ ଥାନା ସମେତ ଜେନାପୁର ଥାନା ଅଞ୍ଚଳର ବାରକଣା, ମାଳହାଟ, ଚଢ଼େଇଧରା ଆଦି ବିଭିନ୍ନ ସାପ୍ତାହିକ ହାଟରୁ ବାଇକ୍ ଚୋରି କରି ନେଇ ସ୍ୱଳ୍ପ ମୂଲ୍ୟରେ ଲୋକଙ୍କୁ ବିକ୍ରି କରିଥାଏ। ଏହି ଖବର ନୂତନ କରି ଆସିଥିବା ଜେନାପୁର ଥାନା ଅଧିକାରୀ ଶୁଭେନ୍ଦୁ କୁମାର ସାହୁ ଜାଣିବା ପରେ ପୁଲିସ ଏସଆଇ ସୌମ୍ୟରଞ୍ଜନ ଭୋଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶ୍ରୀ ଭୋଳ ଏକ ଟିମ ଗଠନ କରି କୁଖ୍ୟାତ ଚୋର ଚଗଲିକୁ ଧରିବା ପାଇଁ ଜାଲ ବିଛାଇଥିଲେ। ଚଣ୍ଡିଖୋଲ ଡୁବୁରୀ ୫୩ ନମ୍ବର ଜାତୀୟ ରାଜପଥର ବାଲିସାହି ଅଞ୍ଚଳରୁ ଚଗଲିକୁ ଶ୍ରୀ ଭୋଳ କାବୁ କରି ଥାନାକୁ ଆଣିଥିଲେ। ଏହାପରେ ଚଗଲି ପୁଲିସ ଆଗରେ ସବୁ ସତ ମାନି ନେଇଥିଲା। ପୁଲିସ ଚଗଲି ପାଖରୁ ଏକ ସ୍ପ୍ଲେଣ୍ଡର ବାଇକ ଜବତ କରିଥିଲା। ଜବତ ବାଇକ୍‌କୁ ଚଗଲି କଟକ ବାଦାମବାଡ଼ି ଥାନା ଅଞ୍ଚଳ ରୁ ଚୋରି କରି ଆଣିଥିବା ଜଣାପଡ଼ିଛି।

ସେହିପରି ଜୁଲାଇ ୨୧ ତାରିଖରେ ଚଗଲି ନିଜ ଗ୍ରାମର କୁଶାସନ ବେହେରା ଓ ତାଙ୍କ ପତ୍ନୀ ଉଭୟ ଘରେ ନ ଥିବା ସୁଯୋଗ ନେଇ ଚଗଲି ତାଙ୍କ ଘରେ କଳାକନା ବୁଲାଇ ୧ ଲକ୍ଷ ଟଙ୍କା ଓ ଅଳଙ୍କାର ଚୋରି କରି ନେଇଥିଲା। ଉକ୍ତ ମାମଲାରେ ଚଗଲି ୧ ଲକ୍ଷ ଟଙ୍କା ଖର୍ଚ୍ଚ କରିଥିବାବେଳେ ତା' ନିକଟରୁ କିଛି ଅଳଙ୍କାର ଜବତ ହୋଇଛି। ଚଗଲି ନାମରେ ୧୩ଟି ଥାନାରେ ୨୨ଟି ମାମଲା ଓ ୩ଟି ୱାରେଣ୍ଟ ରହିଥିବା ତଦନ୍ତକାରୀ ଅଧିକାରୀ ଶ୍ରୀ ଭୋଳ ସୂଚନା ଦେଇଥିବାବେଳେ ଚଗଲିକୁ ଆଜି କୋର୍ଟ ଚାଲାଣ କରାଯାଇଥିବା ଜଣାପଡ଼ିଛି।

## ଟାଟା ଷ୍ଟିଲ୍ ପକ୍ଷରୁ ସୁରକ୍ଷା ସମ୍ମିଳନୀ 'ସୁମିଳନ'



**ଦାନଗଦି, ୨।୧୨(ସମିସ):** ଟାଟା ଷ୍ଟିଲ୍ କଳିଙ୍ଗନଗର (ଟିଏସ୍‌କେ) ପକ୍ଷରୁ ଯାଜପୁର ଜିଲ୍ଲାର ଡୁବୁରୀସ୍ଥ କଳିଙ୍ଗନଗର କାରଖାନା ପରିସରରେ ଭେଣ୍ଡର୍ ସହଯୋଗୀଙ୍କ (ଭେଣ୍ଡର ପାର୍ଟନର) ଲାଗି 'ସୁମିଳନ' ନାମକ ଏକ ସୁରକ୍ଷା ଯୋଗାଯୋଗ ସମ୍ମିଳନୀ ଆୟୋଜିତ ହୋଇଯାଇଛି। ଟାଟା ଷ୍ଟିଲ୍ କଳିଙ୍ଗନଗରର ଭିପି (ଅପରେସନ୍ସ) ରାଜୀବ କୁମାର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ଟାଟା ଷ୍ଟିଲ୍ କଳିଙ୍ଗନଗର ଓ ୟୁନିଅନର ଅଧିକାରୀ ଉପସ୍ଥିତ ଥିଲେ।

'ସୁମିଳନ'ର ଏହି ନବମ ସଂସ୍କରଣ କାର୍ଯ୍ୟକ୍ରମରେ ବିଭିନ୍ନ ଭେଣ୍ଡର ସହଯୋଗୀଙ୍କ ୫୦୦ରୁ ଅଧିକ କର୍ମଚାରୀ ଅଂଶଗ୍ରହଣ କରି ସୁରକ୍ଷାର ବିଭିନ୍ନ ଦିଗ ଉପରେ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଏହି ସମ୍ମିଳନୀର ବିଷୟବସ୍ତୁ ଥିଲା ଦ'କିକେନ୍ ଯୋଚି ଟ୍ରେନିଂ (କେୱାଇଟି) ମାଧ୍ୟମରେ ୟୁନିଫର୍ମ ରିସ୍କ ପରସେପ୍ସନ୍ ଅଫ୍ ସୁରକ୍ଷା ଓ ସ୍ୱାସ୍ଥ୍ୟକୁ ପ୍ରୋତ୍ସାହିତ କରିବା ଦିଗରେ ବିପଦର ପୂର୍ବାନୁମାନ କରିବା ପାଇଁ କେୱାଇଟି ହେଉଛି ଏକ ସ୍ୱଳ୍ପକାଳୀନ କାର୍ଯ୍ୟକଳାପ। ଏହି କାର୍ଯ୍ୟକ୍ରମରେ ଭେଣ୍ଡର୍ ସହଯୋଗୀ ଓ ସେମାନଙ୍କ କର୍ମଚାରୀଙ୍କ ପକ୍ଷରୁ କାର୍ଯ୍ୟସ୍ଥଳୀ ଓ କର୍ମଚାରୀଙ୍କ ବହୁ ଶ୍ରେଷ୍ଠ ସୁରକ୍ଷା ପଦକ୍ଷେପର ପ୍ରଦର୍ଶନ କରାଯାଇଥିଲା। କାର୍ଯ୍ୟସ୍ଥଳୀରେ ସୁରକ୍ଷା ଦିଗରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା କର୍ମଚାରୀଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ। ପୂର୍ବରୁ ଆୟୋଜିତ ବିଭିନ୍ନ ସୁରକ୍ଷା ସମ୍ପର୍କିତ ପ୍ରତିଯୋଗିତାରେ ବିଜୟୀ ଭେଣ୍ଡର୍ ସହଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ଦୁର୍ଘଟଣାରେ ପୂର୍ବତନ ଯୁବ ବିଜେଡି ସଭାପତିଙ୍କ ମୃତ୍ୟୁ

**ଟମକା, ୨।୧୨(ସମିସ):** ସ୍ଥାନୀୟ ଥାନା ଅନ୍ତର୍ଗତ ଚିତ୍ରୀ ପଞ୍ଚାୟତର ପୂର୍ବତନ ଯୁବ ବିଜେଡି ସଭାପତି ନିହାର ରଞ୍ଜନ ସାମଲ(ଟୁଟୁ)(୩୮)ଙ୍କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ଟୁଟୁ ଏକ ମିକ୍‌ଚର ମେସିନ୍ କରି ଘରୋଇ ଛାତ କାମ କରି ନିଜର ପରିବାର ପୋଷଣ କରୁଥିଲେ। ୧ ତାରିଖ ଦିନ ଛାତ କାମ କରିଥିବା ମାଲିକଙ୍କଠାରୁ ପଇସା ଆଣି ସନ୍ଧ୍ୟା ସମୟରେ ମାଳ ଡ୍ୟାମ୍ ରାସ୍ତାରୁ ନାରଙ୍ଗପୁର ଆସିବା ବାଟରେ ଭାରସାମ୍ୟ ହରାଇ ରାସ୍ତାରେ ପଡ଼ିଯାଇଥିଲେ। ପଛପଟ ମୁଣ୍ଡ ରାସ୍ତାରେ ବାଡେଇ ହେବାରୁ ପ୍ରବଳ ରକ୍ତସ୍ରାବ ହେବାରୁ ଘଟଣାସ୍ଥଳରେ ମୃତ୍ୟୁବରଣ କରିଥିଲେ। ସ୍ଥାନୀୟ ଲୋକଙ୍କ ଦ୍ୱାରା ଖବର ପାଇ ହରିଚନ୍ଦନପୁର ଅଗ୍ନିଶମ କର୍ମଚାରୀ ଓ ପୁଲିସ୍ ପହଞ୍ଚି ଆମ୍ବୁଲାନ୍ସ ଯୋଗେ ଘଷିପୁରା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଗତକାଲି ଶବ ବ୍ୟବଚ୍ଛେଦ ପରେ ମଧ୍ୟାହ୍ନରେ ନିଜ ଗାଁ ଚିତ୍ରୀରେ ପହଞ୍ଚିବା ପରେ ସ୍ଥାନୀୟ ଲୋକେ ଶୋଭାଯାତ୍ରାରେ ତାଙ୍କ ଘରକୁ ନେଇଥିଲେ। ପରେ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ଟୁଟୁଙ୍କ ୫ ବର୍ଷର ଓ ୨ ବର୍ଷର ଦୁଇଟି ପୁଅ ଅଛନ୍ତି। ଟୁଟୁଙ୍କ ଅକାଳ ବିୟୋଗରେ ମନ୍ତ୍ରୀ ଇଂ ପ୍ରୀତିରଞ୍ଜନ ଘଡ଼ାଇ ଶୋକ ବ୍ୟକ୍ତ କରିଛନ୍ତି।

ଜାତୀୟ ରାଜପଥରେ ପରିବହନ ବିଭାଗର ଯାଞ୍ଚ

## ବେଆଇନ ପାର୍କିଂ ପାଇଁ ଜରିମାନା ଆଦାୟ

ପାଣିକୋଇଲି, ୨।୧୨(ସମିସ)



ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ଓ ୨୦ ନମ୍ବର ଜାତୀୟ ରାଜପଥରେ ପାଣିକୋଇଲି ନିକଟସ୍ଥ ଅନେକ ସ୍ଥାନରେ ବେଆଇନ ପାର୍କିଂକୁ ନେଇ ଯାଜପୁର ପରିବହନ ବିଭାଗ ପକ୍ଷରୁ ଶନିବାର ପୂର୍ବାହ୍ନରେ ଚଢ଼ଉ କରାଯାଇଛି। ରାଜପଥ କଡ଼ ବା ସର୍ଭିସ ରୋଡରେ ବେଆଇନ ପାର୍କିଂ ଯୋଗୁଁ ଅନେକ ସମୟରେ ଦୁର୍ଘଟଣାର ପ୍ରମୁଖ କାରଣ ପାଲଟିଛି। ଏମିତିକି ରାଜପଥ କଡ଼ରେ ବହୁଦିନ ଧରି ଗାଡ଼ି ରହିବା ଦେଖିବାକୁ ମିଳିଛି। ଫଳରେ ପାଖଆଖ ଗ୍ରାମର ଲୋକେ, ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଯାତାୟାତରେ ବହୁ ଅସୁବିଧା ଦେଖିବାକୁ ମିଳୁଛି। ସମସ୍ତ ନିୟମକୁ ଫାଙ୍କି କେତେକ ବ୍ୟବସାୟୀ ରାସ୍ତା କଡ଼ରେ ଗାଡ଼ି ରଖି ସେମାନଙ୍କ ବ୍ୟବସାୟ ଚଳାଉଛନ୍ତି। ଏମିତିକି ଗୋଟିଏ ଗୋଟିଏ ସ୍ଥାନରେ ଅନେକ ଦିନ ଗାଡ଼ି ରହୁଥିବା ଦେଖିବାକୁ ମିଳିଛି। ବିଭିନ୍ନ ସମୟରେ ଅଭିଯୋଗ କଲେ ମଧ୍ୟ ଓଲଟି ସେମାନେ ସାଧାରଣ ଲୋକଙ୍କୁ ଧମକାଇବା ଭଳି ଘଟଣା ଦେଖିବାକୁ ମିଳିଛି। ରାଜପଥ କଡ଼ରେ ବେଆଇନ ଭାବେ ମାଳମାଳ ଦୋକାନ ଖୋଲାଯାଇଥିବାରୁ ଏଠାରେ ଗାଡ଼ି ରଖିବା ଏକ ନିତିଦିନିଆ ଘଟଣାରେ ପରିଣତ ହୋଇଛି। ଯାଜପୁର ପରିବହନ ଅଧିକାରୀ ନୀଳକଣ୍ଠ ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ଶନିବାର ଟ୍ରାଫିକ ଇନ୍ସପେକ୍ଟର ରଜତ କୁମାର ଶତପଥୀ, ଜୁନିୟର ଏମଭିଆଇ ପ୍ରଦୀପ କୁମାର ବେହେରା, ଅତିରିକ୍ତ ଟ୍ରାଫିକ ସବଇନ୍ସପେକ୍ଟର ରାଜେଶ କୁମାର ମଙ୍ଗରାଜ, ରାଜପଥ ପେଟ୍ରୋଲିଂ ଅଧିକାରୀ ଅଶୋକ କୁମାର ବଳ, କନେଷ୍ଟବଳ ବିଜନ ସେଠୀ, ଟି କିଶୋର କୁମାର, ମୃତ୍ୟୁଞ୍ଜୟ ପହି, ବିଦ୍ୟାଧର ମଲ୍ଲିକ ପ୍ରମୁଖ ଚଢ଼ଉ କରି ପାର୍କିଂରେ ଥିବା ୧୪ଟି ଗାଡ଼ିରୁ ୮ ହଜାର ୫ ଶହ ଟଙ୍କା ଚାଲାଣ କାଟିଥିଲେ। ଉକ୍ତ ଚଢ଼ଉ କ୍ରମାଗତ ଚାଲିବ ବୋଲି ପରିବହନ ଅଧିକାରୀ ଶ୍ରୀ ପ୍ରଧାନ ଜଣାଇଛନ୍ତି।

## କଳିଙ୍ଗନଗରରେ ଓପିଟିସିଏଲ୍ ପାଚେରି ନିର୍ମାଣକୁ ବିରୋଧ




**ସୁକିନ୍ଦା, ୨।୧୨(ସମିସ):** କଳିଙ୍ଗନଗରସ୍ଥ ଟାଟା ପ୍ରକଳ୍ପ ସମ୍ମୁଖରେ ଥିବା ଚାଷଜମି, ଗୋଚର ଓ ଶ୍ମଶାନ ଜମିକୁ ଅଧିଗ୍ରହଣ ନକରି ଓପିଟିସିଏଲ୍ ନିର୍ମାଣ କରୁଥିବା ପାଚେରି କାର୍ଯ୍ୟକୁ ସ୍ଥାନୀୟ ଅଞ୍ଚଳରେ ଘୋର ବିରୋଧ କରାଯାଇଛି। ପାଚେରି ନିର୍ମାଣ ହେଉଥିବା ସମ୍ପୃକ୍ତ ସ୍ଥାନ ଗୋବରଘାଟି ଓ ବାରଗାଡିଆ ପଞ୍ଚାୟତ ଅନ୍ତର୍ଗତ। ଏହି ପଞ୍ଚାୟତ ଅନ୍ତର୍ଗତ ଢୋଲପଥର, ଗୋବରଘାଟି, ଆମ୍ବଗାଡ଼ିଆ, ବେଲହୁରୀ ଆଦି ଗ୍ରାମର ଶତାଧିକ ପୁରୁଷ ଓ ମହିଳା ଏହି ଘଟଣାରେ ଶୁକ୍ରବାର ଦିନ ସୁକିନ୍ଦା ତହସିଲଦାରଙ୍କୁ ଭେଟିବା ସହ ଘଟଣା ସମ୍ପର୍କରେ ଅବଗତ କରାଇଥିଲେ। ଜମି ଅଧିଗ୍ରହଣ ନ କରି ସମ୍ପୃକ୍ତ ସଂସ୍ଥା ପାଚେରି ନିର୍ମାଣ କରୁଥିବା ଜନସାଧାରଣ ଅଭିଯୋଗ କରିଥିଲେ। ୧୯୯୨ରେ ଏସବୁ ଜମି ହୋଇସାରିଥିବା ତହସିଲଦାର ଅଭିଯୋଗକାରୀଙ୍କୁ କହିଥିଲେ। ଯଦି ଜମି ଅଧିଗ୍ରହଣ ହୋଇଛି, ତେବେ ସେମାନେ ଜମିର ମୂଲ୍ୟ ପାଇ ନ ଥିବା ତହସିଲଦାରଙ୍କୁ ଜଣାଇଥିଲେ। ଜମି ଅଧିଗ୍ରହଣ ନ ହେବା ପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ ବନ୍ଦ କରିବାକୁ ଅନୁରୋଧ କରିଥିଲେ। ଏ ନେଇ ଶନିବାର ଦିନ କଳିଙ୍ଗନଗରସ୍ଥ ଆମ୍ବଗାଡ଼ିଆ ବୀରଭୂମିଠାରେ ସ୍ଥାନୀୟ ଅଞ୍ଚଳର ଶତାଧିକ ପୁରୁଷ ଓ ମହିଳା ଏକତ୍ରିତ ହୋଇଥିଲେ। ସେଠାରେ ଅନୁଷ୍ଠିତ ବୈଠକରେ ଏହି ନିର୍ମାଣ କାର୍ଯ୍ୟକୁ ବିରୋଧ କରିବାକୁ ନିଷ୍ପତ୍ତି ହୋଇଥିଲା। ଏହି ବୈଠକରେ ଜିଲ୍ଲାପରିଷଦ ସଭ୍ୟ ସାଧୁଚରଣ ତିଉ, ପୂର୍ବତନ ସରପଞ୍ଚ ସ୍ୱର୍ଣ୍ଣଲତା ବାନରା, ଟୁକୁ ମହାନ୍ତ, ମହାବୀର ତିଉ, ସିଦ୍ଧି ହେମ୍ବ୍ରମ, ହେମବତୀ ହୋଙ୍କ ସମେତ ଶତାଧିକ ପୁରୁଷ ଓ ମହିଳା ସାମିଲ ହୋଇଥିଲେ।

## କରଦା ହରିହାଟ ମହୋତ୍ସବ ପ୍ରସ୍ତୁତି



**ପାଣିକୋଇଲି, ୨।୧୨(ସମିସ):** କୋରେଇ ବ୍ଲକ ଅନ୍ତର୍ଗତ କରଦାର ଗଣପର୍ବ ହରିହାଟ ମହୋତ୍ସବ ପାଇଁ ପଞ୍ଚାୟତର ସହଯୋଗ ଲୋଡ଼ିଛି ମହୋତ୍ସବ କମିଟି। ମାଘ ସପ୍ତମୀରୁ ଆରମ୍ଭ ହେବାକୁ ଥିବା କରଦା ହରିହାଟ ମେଳାରେ ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ମହୋତ୍ସବ ଅନୁଷ୍ଠିତ ହେବ। ଏହି ମହୋତ୍ସବକୁ ଚଳିତବର୍ଷ ଅଧିକ ସରସ ସୁନ୍ଦର କରିବା ପାଇଁ ମହୋତ୍ସବ କମିଟି ଅଣ୍ଟା ଭିଡ଼ିଛି। ଚଳିତବର୍ଷ ରାଜ୍ୟସ୍ତରୀୟ କଳା ପରିଷଦକୁ ସ୍ଥାନ ଦେବା ସହ ସ୍ଥାନୀୟ ଯୁବ ପ୍ରତିଭାଙ୍କୁ ମଧ୍ୟ ପ୍ରୋତ୍ସାହିତ କରାଯିବ। ସେଥିପାଇଁ କାର୍ଯ୍ୟକ୍ରମ ପ୍ରସ୍ତୁତି ଚୂଡାନ୍ତ ହୋଇଥିବାବେଳେ ଆଜି କମିଟି ପକ୍ଷରୁ କରଦା ପଞ୍ଚାୟତର ସରପଞ୍ଚଙ୍କୁ ଭେଟିଛନ୍ତି ମହୋତ୍ସବ କମିଟିର ସଦସ୍ୟ। ଏହାକୁ କିଭଳି ଅଧିକ ସରସ ସୁନ୍ଦର କରାଯିବ, ପଞ୍ଚାୟତ ଅଧିକ ଗୁରୁତ୍ୱ ଦେବାକୁ ଏକ ଦାବିପତ୍ର ମଧ୍ୟ ଦିଆଯାଇଛି। ସରପଞ୍ଚଙ୍କ ପ୍ରତିନିଧି ଗଣେଶ ଚନ୍ଦ୍ର ସାହୁ ଦାବିପତ୍ର ଗହଣ କରିଛନ୍ତି। ପ୍ରମୋଦ ମହାପାତ୍ର, ବିଶ୍ୱନାଥ ପଣ୍ଡା, ବିଜୟ ବେହେରା, ସୁଶୀଲ ବେହେରା, ସଞ୍ଜୟ ସାହୁ, ଦୁର୍ଗାପ୍ରସାଦ ପଣ୍ଡା, କାର୍ତ୍ତିକ ସ୍ୱାଇଁ, ସଚିଦାନନ୍ଦ ସାହୁ, ବିବେକାନନ୍ଦ ଚୌଧୁରୀ, ଚିନ୍ତାମଣି ସାହୁ, ସରୋଜ ନାୟକ ପ୍ରମୁଖ ସାମିଲ ଥିଲେ।

## ଖଣ୍ଡରାରେ ଭାରତ ସଂକଳ୍ପ ରଥକୁ ସ୍ୱାଗତ



**ଦଶରଥପୁର, ୨।୧୨ (ସମିସ):** ଦଶରଥପୁର ବ୍ଲକ ଖଣ୍ଡରା ପଞ୍ଚାୟତ କାର୍ଯ୍ୟାଳୟରେ ବିକଶିତ ଭାରତ ସଂକଳ୍ପ ରଥକୁ ବିପୁଳ ସ୍ୱାଗତ କରାଯାଇଛି। ଏହି ରଥକୁ ବନ୍ଦାଇ ସ୍ୱାଗତ କରାଯିବା ପରେ ସ୍ଥାନୀୟ ପିଇଓ ପ୍ରଶାନ୍ତ ମିଶ୍ରଙ୍କ ସଂଯୋଜନାରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଖଣ୍ଡରା ସରପଞ୍ଚ କୁଞ୍ଜବିହାରୀ ଦାସ, ପଞ୍ଚାୟତ ମହିଳା ମହାସଂଘ ସଭାପତି ମାଧବୀ ଯେନା, ସମ୍ପାଦିକ ବାସନ୍ତୀ ଦାସ, ସିଆର୍‌ପି ଟିକନ ସାହୁ, ଗୀତା ଦାସ, ମଞ୍ଜୁ ଗେଡ଼ି, ଚିନ୍ମୟୀ ମୁଦୁଲି, ଜିଆର୍‌ଏସ୍ ଅଭିରାମ ବେହେରା, ସମାଜସେବୀ ତପନ ଯେନା, ଅଜୟ ଦାସ, ଯଦୁନାଥ ସାହୁ, ରବିନାରାୟଣ ଧଳ ପ୍ରମୁଖ ସାମିଲ ଥିଲେ।

## ଯାତ୍ରା ପଡ଼ିଆରେ ଜୁଆଖେଳ

**ଦଶରଥପୁର, ୨।୧୨ (ସମିସ):** ମଙ୍ଗଳପୁର ଥାନା ତଥା ଦଶରଥପୁର ବ୍ଲକ ଥାଲକୁଡ଼ି ପଞ୍ଚାୟତ ଧନିପୁର ଗ୍ରାମ ଲକ୍ଷ୍ମୀ ପଡ଼ିଆରେ ମାଣବସା ଗୁରୁବାର ଉପଲକ୍ଷେ ଲକ୍ଷ୍ମୀପୂଜା ଅନୁଷ୍ଠିତ ହେଉଛି। ଏ ପରିପ୍ରେକ୍ଷୀରେ ସ୍ଥାନୀୟ ପୂଜା କମିଟି ପକ୍ଷରୁ ଚଳିତ ମାସ ୧ ତାରିଖଠାରୁ ମେଳା ପଡ଼ିଆରେ ଗ୍ରାମବାସୀଙ୍କ ମନୋରଞ୍ଜନ ପାଇଁ ଯାତ୍ରା ପରିବେଶଣ କରାଯାଉଥିବାବେଳେ ଯାତ୍ରା ଦେଖିବାକୁ ଆଖପାଖ ଅଞ୍ଚଳରୁ ବହୁ ସଂଖ୍ୟାରେ ଲୋକଙ୍କ ଯାତ୍ରା ପଡ଼ିଆରେ ସମାଗମ ହେଉଛି। ଏହି ସୁଯୋଗରେ ସ୍ଥାନୀୟ ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ପୃଷ୍ଠପୋଷକତାରେ ଯାତ୍ରା ପଡ଼ିଆରେ ଜୁଆ ଖେଳ ଚାଲୁଛି। ଏହି ଜୁଆଖେଳ ବନ୍ଦ କରିବା ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳ ଭାବେ ଦାୟିତ୍ୱ ନେଲେ ନବକୃଷ୍ଣ ଜେନା

## 'ଅଧୁରା କାର୍ଯ୍ୟକୁ ପ୍ରାଥମିକତା ଦେବି'



**ବ୍ୟାସନଗର, ୨।୧୨(ସମିସ):** କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳ ସନ୍ତୋଷ କୁମାର ମିଶ୍ର ଗତ ୩୦ ତାରିଖରେ ଅବସର ନେବା ପରେ ଯାଜପୁରର ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବକୃଷ୍ଣ ଜେନା ଶନିବାର ଯାଜପୁର ରୋଡ ଡାକବଙ୍ଗଳା ଛକସ୍ଥ ଅଫିସରେ ପହଞ୍ଚି କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଦାୟିତ୍ୱ ନେବା ପରେ ପୂର୍ବରୁ ରହିଥିବା ଅଧୁରା କାର୍ଯ୍ୟକୁ ପ୍ରାଥମିକତା ଦେବାକୁ ଦୃଢତା ପ୍ରକାଶ କରିଥିଲେ। କାର୍ଯ୍ୟଭାର ଗ୍ରହଣ କରିବା ପରେ ସହରର ବିଭିନ୍ନ ସଂଗଠନ ପକ୍ଷରୁ ଶ୍ରୀ ଜେନାଙ୍କୁ ସ୍ୱାଗତ କରାଯାଇଥିଲା। ଏ ଅବସରରେ ଯାଜପୁରରୋଡ ସିଭିଲ ସୋସାଇଟିର ଆବାହକ ବିବେକାନନ୍ଦ ମହାନ୍ତି, କୋରେଇ ସଂଗ୍ରାମ ସମିତି ସଭାପତି ବିଦ୍ୟାଧର ମହାନ୍ତି, ଅଭିମନ୍ୟୁ ମିଶ୍ର, ଶିଶିର କୁମାର ରାଉତ, ସନ୍ତୋଷ କୁମାର ମହାନ୍ତି, ପ୍ରଦ୍ୟୁମ୍ନ ବୋଇତାଇ, ପବିତ୍ର ରଞ୍ଜନ ମହାନ୍ତି ପ୍ରମୁଖ ପହଞ୍ଚି ଶ୍ରୀ ଜେନାଙ୍କୁ ଅଭିନନ୍ଦନ ଜଣାଇଥିଲେ। ଯାଜପୁର ରୋଡ ଏଯାବତ ସବଡିଭିଜନ ମାନ୍ୟତା ପାଇ ନ ଥିବାବେଳେ ଏଠାରେ ଥିବା ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟ ଦକ୍ଷତା ଗୁରୁତ୍ୱପୂର୍ଣ୍ଣ ଅଟେ ବୋଲି ଆଲୋଚନା କରିବା ସହ ସହରର ବହୁ ଉନ୍ନୟନ କାର୍ଯ୍ୟ ଉପରେ ଧ୍ୟାନ ଦେବାକୁ ଅନୁରୋଧ କରିଥିଲେ। ବ୍ୟାସନଗର ସହର ପ୍ରତି ବିକାଶର ପ୍ରାଥମିକତା ଦିଆଯିବ ଓ ପୂର୍ବରୁ ଯାହା ଅଧୁରା କାର୍ଯ୍ୟ ରହିଯାଇଛି, ସେଥିପ୍ରତି ପ୍ରାଥମିକତା ଦିଆଯାଇ ସମାପ୍ତ କରାଯିବ ବୋଲି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଜେନା ପ୍ରକାଶ କରିଥିଲେ।




# ନୂଆ ରୂପରେଖ ନେବ ଆଖଣ୍ଡଳମଣି ପୀଠ

ଭଦ୍ରକ/ଆରଡ଼ି, ୨।୧୨(ସମିସ)

ନୂଆ ରୂପରେଖ ନେଇ ଝଲସି ଉଠିବ ବାବା ଆଖଣ୍ଡଳମଣି ପୀଠ। ଏଥିପାଇଁ ରାଜ୍ୟ ସରକାର ଯୋଗାଇ ଦେଇଛନ୍ତି ୪୨କୋଟି ଟଙ୍କା। ଏହି ଅର୍ଥ

- ୨ୟ ପର୍ଯ୍ୟାୟ କାର୍ଯ୍ୟ ଆରମ୍ଭ
- ଖର୍ଚ୍ଚ ହେବ ୪୨କୋଟି ଟଙ୍କା
- ବିସ୍ଥାପିତଙ୍କ ପାଇଁ ସ୍ୱତନ୍ତ୍ର ପ୍ୟାକେଜ
- ସମୀକ୍ଷା କଲେ ଜିଲ୍ଲାପାଳ ଓ ବିଭାଗୀୟ ଅଧିକାରୀ
- ସୋମବାର ଠାରୁ ଜମି ଅଧିଗ୍ରହଣ ଆରମ୍ଭ



ମଞ୍ଜୁର ହେବା ପରେ ପୀଠରେ ଆରମ୍ଭ ହୋଇଛି ୨ୟ ପର୍ଯ୍ୟାୟ ରୂପାନ୍ତରଣ କାର୍ଯ୍ୟ। ତାହା ସହ ବିସ୍ଥାପିତ ହେବାକୁ ଥିବା ୧୦୩ ପରିବାରଙ୍କୁ ଶନିବାର ଭଦ୍ରକ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବନ୍ଦୋର ଭେଟିବା ସହ ଆଲୋଚନା କରିଥିଲେ। ଅନ୍ୟପଟେ ଶିବପ୍ଲାଜା, ଗାଡିପାର୍କିଂ, ଶିବଗଙ୍ଗା ପୁଷ୍କରିଣୀର ସୌନ୍ଦର୍ଯ୍ୟକରଣ, ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇଛି। ଏହି ୨ୟ ପର୍ଯ୍ୟାୟ କାର୍ଯ୍ୟ ଜିଲାପାଳ ଶ୍ରୀ ବନ୍ଦୋର ଓ ବିଭାଗୀୟ ଅଧିକାରୀଙ୍କ ସହ ବୁଲି ଦେଖିଥିଲେ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଅନ୍ୟପଟେ ୬କୋଟି ଟଙ୍କାରେ ମନ୍ଦିର ଭିତରେ ଚାଲିଥିବା ପ୍ରଥମ ପ୍ରଯ୍ୟାୟ କାର୍ଯ୍ୟ ପୂର୍ଣ୍ଣ ରୂପରେଖ ନେଇଥିବାରୁ ଉକ୍ତ କାର୍ଯ୍ୟ ବୁଲି ଦେଖିବା ସହ ବାକି ଥିବା ସିଂହଦ୍ୱାର କାର୍ଯ୍ୟ ଆସନ୍ତା ଜାନୁଆରୀ ମାସ ସୁଧା ସାରିବାକୁ ପରାମର୍ଶ ଦେଇଥିଲେ ଜିଲ୍ଲାପାଳ ଶ୍ରୀ ବନ୍ଦୋର। ପୀଠର ସମ୍ପ୍ରସାରଣ ପାଇଁ ମନ୍ଦିର ଓ ପୁଷ୍କରିଣୀ ଚତୁଃପାର୍ଶ୍ୱରୁ ୨୦ମିଟର ପରିଧି ମଧ୍ୟରେ ବିସ୍ଥାପିତ ହେଉଥିବା ୧୦୩ପରିବାରଙ୍କ ସହ ଆଲୋଚନା କରାଯାଇ ସୋମବାରରୁ ଜମି ଅଧିଗ୍ରହଣ କରାଯିବା ପାଇଁ ଚାନ୍ଦବାଲି ତହସିଲଦାରଙ୍କୁ କହିଥିଲେ। ବିସ୍ଥାପିତ ହେଉଥିବା ପରିବାରଙ୍କୁ ସ୍ୱତନ୍ତ୍ର ପ୍ୟାକେଜ ଜିଲା ପ୍ରଶାସନ ପକ୍ଷରୁ ଯୋଗାଇ ଦିଆଯିବ। ଏପରିକି ଜମି ବଦଳରେ ଜମି ଘର ଉପଯୋଗୀ ନିମନ୍ତେ ଆଲୋକ, ପାଣି, ରାସ୍ତା ଆଦି ସୁବିଧା ଯୋଗାଇ ଦିଆଯିବ ବୋଲି ଜିଲାପାଳ ଶ୍ରୀ ବନ୍ଦୋର କହିଥିଲେ। ଜିଲ୍ଲାପାଳଙ୍କ ଏହି ସମୀକ୍ଷାରେ ଚାନ୍ଦବାଲି ବିଡିଓ ଅସିତ କୁମାର ମହାନ୍ତି, ତହସିଲଦାର ଅଶ୍ୱନୀକୁମାର ଭୂୟାଁ, କାର୍ଯ୍ୟଭାର ନେଇଥିବା ରାସ୍ତାଗୃହ ନିର୍ମାଣ ବିଭାଗର ଅତିରିକ୍ତ ଅଧିକାରୀ ଅମ୍ବିକା ସ୍ୱାଇଁ, ଆରଡି ଆର.ଆଇ ଦେବାଶିଷ ରାୟ, ମନ୍ଦିର ନିର୍ବାହିଅଧିକାରୀ ବିଦ୍ୟାଧର ପଲାଇ, ସେବାୟତ ଅରବିନ୍ଦ ପାଢ଼ୀ, ଗଦାଧର ପାଢ଼ୀ, ଟ୍ରଷ୍ଟସଭ୍ୟ ସରୋଜ ଦାସ ପ୍ରମୁଖ ଯୋଗଦେଇଥିଲେ।

## ମେଲାଣି ନେଲେ ମା' କାଳୀ

**ବାସୁଦେବପୁର, ୨।୧୨ (ସମିସ):** ବାସୁଦେବପୁରରେ ଅନୁଷ୍ଠିତ ଗଣପର୍ବ ଶେଷରେ ଆଜି ଜନ ସମୁଦ୍ର ମଧ୍ୟରେ ମା' କାଳୀଙ୍କୁ ମେଲାଣି ଦିଆଯାଇଛି। ବେଶ ଉତ୍ସାହର ସହ ସମସ୍ତ କମିଟି କର୍ମକର୍ତ୍ତାମାନଙ୍କ ପକ୍ଷରୁ ଆୟୋଜନ ଏହି ମେଲାଣୀ ଉତ୍ସବରେ ଲକ୍ଷାଧିକ ଲୋକଙ୍କ ସମାଗମରେ ମା' ବର୍ଷକ ପାଇଁ ବିଦାୟ ନେଇଛନ୍ତି। ଆଜି ସନ୍ଧ୍ୟାରେ ପୃଥକ ପୃଥକ ଭାବେ ଆସି ବାସୁଦେବପୁର ସହରରେ ଏକତ୍ରିତ ହୋଇଥିଲେ। ବାଜା ବାଣ ରୋଷଣୀ ବାଦ୍ୟରେ ତାଳେ ତାଳେ ବିଭିନ୍ନ ନର୍ତ୍ତକ ମଣ୍ଡଳୀ ନୃତ୍ୟରେ ସାରା ସହର ପ୍ରକମ୍ପିତ ହୋଇଥିଲା। ଶୋଭାଯାତ୍ରାରେ ହଜାରେ ସଂଖ୍ୟାରେ ଭକ୍ତ ଓ ଦର୍ଶକମାନେ ସାମିଲ ହୋଇ ପର୍ବର ମର୍ଯ୍ୟାଦାକୁ ଦ୍ୱିଗୁଣିତ କରିଥିଲେ। ଏହି ଶୋଭାଯାତ୍ରା ସ୍ଥାନୀୟ ହାଇସ୍କୁଲ ଛକରେ ଏକତ୍ର ହେବାପରେ ଆଗରେ ମା' ବୁଢି କାଳୀ ପରେ ବସଷ୍ଟାଣ୍ଡ କାଳୀ, ବ୍ଲକରୋଡ କାଳୀ ଓ ଶେଷରେ ହାଇସ୍କୁଲ ଛକ କାଳୀ କମିଟିର ମେଢ ପଛକୁ ପଛ ଶୋଭାଯାତ୍ରାରେ ଶୋଭା ମଣ୍ଡନ କରିଥିଲେ। ରାସ୍ତା ସାରା ସହରବାସୀଙ୍କ ସମେତ ବିଭିନ୍ନ ସ୍ଥାନରୁ ଆସିଥିବା ଶ୍ରଦ୍ଧାଳୁମାନେ ଶଙ୍ଖ ହୁଳହୁଳୀ ପକାଇ ମା'ଙ୍କୁ ବିଦାୟ ପ୍ରଦାନ କରିଥିଲେ। ଲୋକମାନଙ୍କ ସମାଗମକୁ ଆଖି ଆଗରେ ରଖି ସ୍ଥାନୀୟ ପୁଲିସ ପ୍ରଶାସନ ଓ କମିଟିର କର୍ମକର୍ତ୍ତାମାନେ ଶାନ୍ତିଶୃଙ୍ଖଳା ପ୍ରତି ବେଶ ସାବଧାନତା ଆପଣାଇଥିଲେ। ଏହି ଶୋଭାଯାତ୍ରା ଦୀର୍ଘ ତିନି ଘଣ୍ଟା ଧରି ଆୟୋଜିତ ହୋଇଥିବା ବେଳେ ଲୋକମାନେ ଭରପୁର ଆନନ୍ଦ ଉପଭୋଗ କରିଥିଲେ।



- ବଡ଼ ଡକାୟତି ଯୋଜନା ପଣ୍ଡ

## ବନ୍ଧୁକ ଓ ମାରଣାସ୍ତ୍ର ଜବତ; ୩ ଗିରଫ

**ବାସୁଦେବପୁର, ୨।୧୨(ସମିସ) :** ବାସୁଦେବପୁର ପୁଲିସ ଏକ ବଡ ଡକାୟତି ଯୋଜନା ପଣ୍ଡ କରିଛି। ଗତ ଶୁକ୍ରବାର ରାତିରେ ଏକ ବଡ ଧରଣର ଡକାୟତି ଯୋଜନା କରିଥିବା ତିନି ଲୁଟେରାଙ୍କୁ ସ୍ଥାନୀୟ ପୁଲିସ ଗିରଫ କରିବା ସହିତ ସେମାନଙ୍କ ନିକଟରେ ମହଜୁଦ ଥିବା ବନ୍ଧୁକ ସହିତ ବିଭିନ୍ନ ମାରଣାସ୍ତ୍ର ଜବତ କରିଥିବା ପୁଲିସ ସୂଚନା ଦେଇଛି। ସେମାନେ ହେଲେ ସ୍ଥାନୀୟ ପୌରପାଳିକାର ବାଲିନଗର ଗ୍ରାମର ବୈକୁଣ୍ଠ ବାରିକଙ୍କ ପୁଅ ଲକ୍ଷ୍ମୀଧର(୨୪), ସ୍ଥାନୀୟ ଥାନା ବିନାୟକପୁର ଗ୍ରାମର ମହେନ୍ଦ୍ର ରଣାଙ୍କ ପୁଅ ସୁଶାନ୍ତ କୁମାର ରଣା(୨୩) ଓ ସ୍ଥାନୀୟ ନାୟକାଣୀଡିହୀ ଥାନା ଗଦଲା ଗ୍ରାମର ଶରତ ନାୟକଙ୍କ ପୁଅ ସର୍ବେଶ୍ୱର (୨୭) ପୁଲିସ ସୂଚନା ଦେଇଛି। ନିକଟରେ ଶେଷ ହୋଇଥିବା କାଳୀ ପର୍ବରେ ଏକ ବାଇକ ଚୋରିକୁ ଠାବ କରିବାକୁ ଯାଇ ସିସିଟିଭି ଫୁଟେଜରେ ଏମାନଙ୍କ ସମ୍ପୃକ୍ତି ଥିବା ପୁଲିସ ସନ୍ଦେହକୁ ଆସିଥିଲେ। ପରେ ପୁଲିସ ଛାନଭିନ କରି ତିନିଜଣଙ୍କୁ ଉଠାଇ ଆଣିବା ସହିତ ତଦନ୍ତ ପରେ ସେମାନଙ୍କ ନିକଟରେ ଥିବା ତିନୋଟି ମୋବାଇଲ ସହିତ ଏକ ପିସ୍ତଲ ସହିତ ୪ ଟି ଅଫୁଟା ଗିଳି, ଏକ ଖେଳନା ବନ୍ଧୁକ, ଆରିପାତ, କଙ୍କୁରୀ, ଛୁରୀ ଓ ହେଣ୍ଡ ଗ୍ଲୋଭ୍ସ ଆଦି ସାମଗ୍ରୀ ପୁଲିସ ହାତରେ ଲାଗିଥିଲା। ଆଜି ସ୍ଥାନୀୟ ପୁଲିସ ମାମଲା ରୁଜୁ କରି କୋର୍ଟ ପଠାଇଥିବା ସୂଚନା ଦେଇଛି।

## ରହସ୍ୟ ଘେରରେ ଯୁବକଙ୍କ ମୃତ୍ୟୁ ଘଟଣା

**ବାସୁଦେବପୁର, ୨।୧୨(ସମିସ):** ବାସୁଦେବପୁର କାଳୀ ଭସାଣି ସମୟରେ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଛି। ସ୍ଥାନୀୟ ଧାମରା ବସ୍‌ଷ୍ଟପେଜ ନିକଟରେ ଜଣେ ଯୁବକର ମୃତ ଦେହ ପଡ଼ିଥିବା ଦେଖିବାକୁ ମିଳିଥିଲା। ଦିନ ହେବା ପରେ ଯୁବକ ଜଣକ ସ୍ଥାନୀୟ ପୌରପାଳିକାର ପାରା ଗ୍ରାମର ରାମଚନ୍ଦ୍ର ପାତ୍ରଙ୍କ ପୁଅ ସନାତନ(୩୨) ବୋଲି ଜଣା ପଡ଼ିଥିଲା। ଏହି ଖବର ପରିବାର ନିକଟରେ ପହଞ୍ଚିବା ପରେ ଘଟଣାସ୍ଥଳରେ ଶୋକାକୂଳ ପରିସ୍ଥିତି ପ୍ରକାଶ ପାଇଥିଲା। ସନାତନଙ୍କ ଦେହରେ କେତେକ ସ୍ଥାନରେ କ୍ଷତ ଚିହ୍ନ ରହିଥିବାକୁ ନେଇ ପରିବାର ଲୋକଙ୍କ ସନ୍ଦେହ ବଢ଼ାଇଥିଲା। ଯାହାକୁ ନେଇ ସନାତନଙ୍କୁ କେହି ମାରି ଦେଇଥିବା ସ୍ଥାନୀୟ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ସ୍ଥାନୀୟ ପୁଲିସ ସାଇଣ୍ଟିଫିକ ଟିମ ସହିତ ସନ୍ଧାନୀ କୁକୁରର ସହାୟତା ନେଇଥିଲା। ଘଟଣାସ୍ଥଳରେ ପୁଲିସ ସହିତ ସାଇଣ୍ଟିଫିକ ଦଳ ଛାନଭିନ କରିବା ସହିତ ଏକ ମାମଲା ରୁଜୁ କରି ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇଛି।

## ରାଣୀ ଲକ୍ଷ୍ମୀବାଈ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର

**ଭଣ୍ଡାରିପୋଖରୀ, ୨।୧୨(ସମିସ):** ଏହି ବ୍ଲକର ତୁଳସୀପୁର ଉପ୍ରା ବିଦ୍ୟାଳୟରେ ପ୍ରଥମ ପର୍ଯ୍ୟାୟ ରାଣୀ ଲକ୍ଷ୍ମୀବାଈ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ପ୍ରଧାନଶିକ୍ଷୟିତ୍ରୀ ପ୍ରଜ୍ଞାପରମିତା ସ୍ୱାଇଁଙ୍କ ପୌରୋହିତ୍ୟରେ ଶନିବାର ଉଦ୍‌ଯାପିତ ହୋଇଯାଇଛି। ସରସଦା ଅଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ବିଶ୍ୱରଞ୍ଜନ ଶେଣ୍ଠୀଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଶିବିରରେ ଷଷ୍ଠ, ସପ୍ତମ ଓ ଅଷ୍ଟମ ଶ୍ରେଣୀର ବାଳିକାମାନଙ୍କୁ ବିଭିନ୍ନ ପ୍ରତିକୂଳ ପରିସ୍ଥିତିରେ ଫଳପ୍ରଦ ଆତ୍ମରକ୍ଷା କୌଶଳ ଶିକ୍ଷା ଓ ପ୍ରଶିକ୍ଷଣ ଦିଆଯାଇଥିଲା। ପ୍ରଶିକ୍ଷକା ସସ୍ମିତା ମହାନ୍ତି ଓ ସୁନାମି ଦତ୍ତ ଛାତ୍ରୀମାନଙ୍କୁ ସାହସ ଓ ମୁକାବିଲା ଆଧାରିତ ଆତ୍ମରକ୍ଷା ଉପାୟ ପ୍ରଦର୍ଶନ ସହ ଅଭ୍ୟାସ କରାଇ ଉପଯୁକ୍ତ ସମୟରେ ଏହା ଆତ୍ମବିଶ୍ୱାସ ସୃଷ୍ଟି ଓ ଫଳପ୍ରଦ ହୋଇପାରିବ ବୋଲି କହିଥିଲେ। ଶିକ୍ଷୟିତ୍ରୀ ସସ୍ମିତା ନାୟକ ଧନ୍ୟବାଦ ଦେଇଥିଲେ।

## ବାଲି ଟ୍ରକ୍‌ରୁ ଜରିମାନା ଆଦାୟ

**ମଞ୍ଜୁରୀରୋଡ, ୨।୧୨(ସମିସ):** ଭଣ୍ଡାରିପୋଖରୀ ତହସିଲଦାର ସରୋଜକାନ୍ତ ନାୟକଙ୍କ ନିର୍ଦ୍ଦେଶ କ୍ରମେ ଆଜି ବେଆଇନ ବାଲି ଟ୍ରକରୁ ଜରିମାନା ଆଦାୟ କରାଯାଇଛି। ସୂଚନା ଅନୁସାରେ ୩ ଗୋଟି ଟ୍ରକ ସ୍ଥାନୀୟ ବ÷ତରଣୀ ନଦୀରୁ ବାଲି ବୋଝେଇ କରି ଭଦ୍ରକ ଅଭିମୁଖେ ଯାଉଥିବା ବେଳେ ସେଗୁଡିକୁ ତହସିଲ କର୍ମଚାରୀ ମାନେ ଅଟକ ରଖିଥିଲେ। କାଗଜ ପତ୍ର ଯାଞ୍ଚ ସମୟରେ ଟ୍ରକ ଗୁଡ଼ିକରେ ବେଆଇନ ଭାବେ ବାଲି ପରିବହନ ହେଉଥିବା ଜଣା ପଡ଼ିଥିଲା। ଏପରିକି ଆବଶ୍ୟକତା ଠାରୁ ଅଠୟଧିକ ପରିମାଣରେ ବାଲି ପରିବହନ ହେଉଥିବା ତହସିଲଦାର ଜାଣିବାକୁ ପାଇଥିଲେ ତେଣୁ ବେଆଇନ ପରିବହନ ଅଭିଯୋଗରେ ଗାଡ଼ି ଗୁଡ଼ିକ ଠାରୁ ତହସିଲ ପକ୍ଷରୁ ଜୋରିମାନା ଆଦାୟ କରାଯାଇଛି।

## ବେଆଇନ କାଠ ଜବତ

**ମଞ୍ଜୁରୀରୋଡ, ୨।୧୨(ସମିସ):** ଭଣ୍ଡାରିପୋଖରୀ ବ୍ଲକ ବାଲିପୋଖରୀ ନିକଟରୁ ବେଆଇନ ଭାବେ କଟା ହୋଇଥିବା ବିପୁଳ ପରିମାଣର କାଠକୁ ଆଜି ବନ ବିଭାଗ ଜବତ କରିଛି। ଗତ ଜୁନ ମାସରେ ବାଲିପୋଖରୀ ନିକଟ ମହାପୋଖରୀ ଠାରେ ବେଆଇନ ଭାବେ ପୋଖରୀ ଖନନ ହୋଇଥିଲା। ଏଥିପାଇଁ ବିଧିବଦ୍ଧ ଭାବେ କୌଣସି ସରକାରୀ ଅନୁମୋଦନ ହୋଇ ନଥିବା ବେଳେ ପୋଖରୀ ଖନନ ପାଇଁ ଉକ୍ତ ସ୍ଥାନଟି ବେଆଇନ ଭାବେ ଚୟନ କରାଯାଇଥିଲା। ଏପରିକି ନୂତନ ପୋଖରୀ ପାଇଁ ପ୍ରାୟ ଅଠର ଗୋଟି ବୃହତ ଗଛ ମଧ୍ୟ କଟାଯାଇଥିବା ଅଭିଯୋଗ ହୋଇଥିଲା। ସେବେଠାରୁ ମାମଲା କୋର୍ଟରେ ବିଚାରଧୀନ ଥିବା ବେଳେ ପୋଖରୀ ଖନନ କାର୍ଯ୍ୟ ମଧ୍ୟ ବନ୍ଦ ରହିଥିଲା। ଏପରି ସ୍ଥଳେ ଆଜି ଜନୈକ ବ୍ୟକ୍ତି କଟା ହୋଇଥିବା ଗଛକୁ ନେବା ପାଇଁ ସମସ୍ତ ବ୍ୟବସ୍ଥା କରୁଥିବା ବେଳେ ସ୍ଥାନୀୟ ଲୋକେ ଏହାକୁ ବିରୋଧ କରିଥିଲେ। କଥା ତହସିଲଦାର ଓ ଥାନା ଅଧିକାରୀଙ୍କ ନିକଟକୁ ଆସି ଥିବା ବେଳେ କାଠ ଜବତ ପାଇଁ ଗ୍ରାମବାସୀ ଦାବି ଜଣାଇଥିଲେ। ଧାମନଗର ବନାଞ୍ଚଳ ଅଧିକାରୀ କୁଶ ଚରଣ ସିଂଙ୍କ ନିର୍ଦ୍ଦେଶ କ୍ରମେ କାଠ ଜବତ ହୋଇଛି। ଘଟଣାସ୍ଥଳରେ ଫରେଷ୍ଟର କୃଷ୍ଣଚନ୍ଦ୍ର ବାସ୍କେ, ମଧୁସ୍ମିତା ଦାସ ଓ ଅନ୍ୟାନ୍ୟ କର୍ମଚାରୀ ମାନେ ପହଞ୍ଚି କଟା ଯାଇଥିବା କାଠକୁ ଜବତ କରିଛନ୍ତି।

## ଭଦ୍ରକ ମହାବିଦ୍ୟାଳୟରେ ନିଶା ନିବାରଣ କାର୍ଯ୍ୟକ୍ରମ

**ଭଦ୍ରକ, ୨।୧୨(ସମିସ):** 'ନୂଆ-ଓ'" ଯୋଜନା କାର୍ଯ୍ୟକ୍ରମରେ ଚତୁର୍ଥ ଦିବସରେ ସାମାଜିକ କାର୍ଯ୍ୟ ଓ କାର୍ଯ୍ୟକଳାପରେ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଏକ ବିଶାଳ ଅଭିଯାନ ସହର ପରିକ୍ରମା କରିଥିଲା। ଏହି ଅଭିଯାନ 'ନିଶା ନିବାରଣ' ଉପରେ ପର୍ଯ୍ୟବେକ୍ଷିତ ତଥା ନିଶା ରାକ୍ଷସ ସାଜିଥିବା ପାନ, ଗୁଟଖା, ସିଗାରେଟ୍, ମାଦକ ଦ୍ରବ୍ୟ କେମିତି ସମାଜରୁ ଦୂର ହୋଇପାରିବ, ସେଥିନେଇ ଛାତ୍ରଛାତ୍ରୀମାନେ ଜନସାଧାରଣଙ୍କୁ ସଚେତନତା କରାଇଥିଲେ। ଏହି କାର୍ଯ୍ୟ ବୁଦ୍ଧିଜୀବୀ ମହଲରେ ଉଚ୍ଚ ପ୍ରଶଂସିତ ହୋଇଥିଲା। ଏହି ନିଶା ନିବାରଣ କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ପରିଚାଳନା କମିଟିର ସଭାପତି ଡ. ଶୈଳେନ୍ଦ୍ର ମହାପାତ୍ର, ଅଧ୍ୟକ୍ଷ ଦାୟିତ୍ୱରେ ଥିବା ଡ. ଦୁର୍ଗାଶଙ୍କର ଦାସ, ନୋଡାଲ ଅଫିସର ଡ. ଲକ୍ଷ୍ମୀକାନ୍ତ ନାୟକ, ସାମାଜିକ କାର୍ଯ୍ୟ କଳାପର ସଂଯୋଜକ ଡ. ପଦ୍ମନାଭ ପତ୍ରୀ, ଅଧ୍ୟାପକ ଡ. ସୁଦର୍ଶନ ଦାସ, ଅଧ୍ୟାପକ ଡ. ସନ୍ତୋଷ କୁମାର ସେଠୀ ଏବଂ ଅଧ୍ୟାପକ ଡ. ନାରାୟଣ ଚନ୍ଦ୍ର ବେହେରା ପ୍ରମୁଖ ପରିଚାଳନା କରିଥିଲେ।

## ପ୍ଲାଷ୍ଟିକ ମୁକ୍ତ ପରିବେଶ ଶୋଭାଯାତ୍ରା




**ଭଦ୍ରକ, ୨।୧୨(ସମିସ):** ଭଦ୍ରକ ମହିଳା ମହାବିଦ୍ୟାଳୟରେ 'ଯୁବ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ଆନୁକୂଲ୍ୟରେ 'ପ୍ଲାଷ୍ଟିକ ମୁକ୍ତ ପରିବେଶ' ସମ୍ପର୍କୀତ ଏକ ବିଶାଳ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଆଇୱାଇଡିପିର ଏହି ସାମାଜିକ କାର୍ଯ୍ୟକ୍ରମଟିକୁ କଲେଜର ବରିଷ୍ଠ ଅଧ୍ୟାପିକା ତଥା ଇଂରାଜୀ ବିଭାଗର ମୁଖ୍ୟ ଡ.ସଙ୍ଗୀତା ଦାସ ଏବଂ ଶିକ୍ଷା ବିଭାଗର ମୁଖ୍ୟ ଡ. ଆଭାମୟୀ ମହାପାତ୍ର ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମର ସଂଯୋଜିକା ଡ. ଶୁଭଶ୍ରୀ ବେହେରା ଏହି ଶୋଭାଯାତ୍ରାଟିକୁ ପରିଚାଳନା କରିଥିଲେ। ପ୍ରାୟ ୨୦୦ ଛାତ୍ରୀ ମହାବିଦ୍ୟାଳୟ ପରିସରରୁ ଶୋଭାଯାତ୍ରା ଆରମ୍ଭ କରି ଭଦ୍ରକ ସହର ପରିକ୍ରମା କରିଥିଲେ।

## ସାଳନ୍ଦୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ବିଶ୍ୱ ଏଡ୍‌ସ ଦିବସ

**ଭଦ୍ରକ, ୨।୧୨(ସମିସ):** ଉତ୍ତରବାହିନୀ ସ୍ଥିତ ସାଳନ୍ଦୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ପରିସରରେ ବିଶ୍ୱ ଏଡସ ଦିବସ ବିଦ୍ୟାଳୟର ଯୁବ ରେଡ୍‌କ୍ରସ ସଂଯୋଜକ ବରିଷ୍ଠ ଅଧ୍ୟାପକ ସୁବାସ ଚନ୍ଦ୍ର ସାମଲଙ୍କ ତତ୍ତ୍ୱାବଧାନରେ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ସଚ୍ଚିଦାନନ୍ଦ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଚେତନତା ସଭାରେ ପ୍ରାକ୍ତନ ଅଧ୍ୟକ୍ଷ ବିଜୟ କୁମାର ଦାସ ମୁଖ୍ୟବକ୍ତା ଭାବରେ ଯୋଗ ଦେଇ ଏଡ୍‌ସର ଭୟାବହତା ଓ ଏହାର ନିରାକରଣ ଉପରେ ଆଲୋଚନା କରିଥିଲେ। ଅଧ୍ୟାପିକା ମଧୁମିତା ସ୍ୱାଇଁ, ଅଧ୍ୟାପକ ଶୁଭକାନ୍ତ କୁଅଁର, ଅଧ୍ୟାପକ ରବୀନ୍ଦ୍ର କୁମାର ପାଢ଼ୀ, ଅଧ୍ୟାପକ ହୃଷିକେଶ ବେହେରା, ଅଧ୍ୟାପକ ସୁଭାଶିଷ ଭଟ୍ଟାଚାର୍ଯ୍ୟ, ଅଧ୍ୟାପିକା ଅଳକା ସାହୁ ଆଦି ଆଲୋଚନା ରେ ଅଂଶ ଗ୍ରହଣ କରିଥିଲେ ରାମଚନ୍ଦ୍ର ସାହୁ, ଅମର ପରିଡ଼ା, ପ୍ରଭାତ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

## ବିଜେଡି ଜିଲ୍ଲା ପର୍ଯ୍ୟବେକ୍ଷକଙ୍କ ଆଖଣ୍ଡଳମଣି ଦର୍ଶନ

**ଆରଡ଼ି, ୨।୧୨(ନିପ୍ର):** ବିଜୁ ଜନତା ଦଳର ଭଦ୍ରକ ଜିଲ୍ଲା ପର୍ଯ୍ୟବେକ୍ଷକ ସଞ୍ଜୟ ଦାଶବର୍ମା ଶନିବାର ଆରଡ଼ି ପୀଠର ଆରାଧ୍ୟ ଦେବ ବାବା ଆଖଣ୍ଡଳମଣିଙ୍କୁ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଛନ୍ତି। ସୁନ୍ଦରପୁର ଛକ, ଓଳଗ ଓ ନାନ୍ଦପୁରର ପହଣା ଛକଠାରୁ ସେ ଚାଲି ଚାଲି ମନ୍ଦିର ନିକଟକୁ ଆସିବା ପରେ ସେବାୟତଙ୍କ ସହ ମନ୍ଦିରକୁ ଯାଇ ବାବାଙ୍କୁ ଦର୍ଶନ କରିଥିଲେ। ତାଙ୍କ ସହିତ ଭଦ୍ରକ ବିଧାୟକ ସଞ୍ଜିବ ମଲିକ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ୧ନମ୍ବର ଜୋନର ଜିଲ୍ଲା ପରିଷଦ ସଭ୍ୟ ପ୍ରିନ୍ସିରାକେଶ ନାୟକ, ରଞ୍ଜନ ସାହୁ, ଦ୍ୱିଜବର ରାଉତ, ଧାମନଗର ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ଅଶୋକ ନାୟକ, ସମାଜସେବୀ ଡା. ସଞ୍ଜୟ ଦାସ, ସରପଞ୍ଚ ଅଭିମନ୍ୟୁ ଜେନା, ପ୍ରଫୁଲ ବେହେରା, ପୂର୍ବତନ ସରପଞ୍ଚ ସରୋଜ ଦାସ, ଅରବିନ୍ଦ ପାଢ଼ୀ, ଗଣେଶ ବିଶ୍ୱାଳ, ପ୍ରସନ୍ନ ଜେନା ପ୍ରମୁଖ ଉପସ୍ଥିତ ଥିଲେ।



## ଭଦ୍ରକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ 'ନୂଆ-ଓ' କାର୍ଯ୍ୟକ୍ରମ

**ଭଦ୍ରକ, ୨।୧୨(ସମିସ):** ଓଡ଼ିଶା ସରକାରଙ୍କ ତରଫରୁ 'ନୂଆ-ଓ' ଯୋଜନା କାର୍ଯ୍ୟକ୍ରମ ଗତ ତିନିଦିନ ଧରି ଚାଲିଆସିଥିବା ବେଳେ ଆଜି ଭଦ୍ରକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଏହା ଚତୁର୍ଥ ଦିବସରେ ପହଞ୍ଚିଛି। ଏହି ଚତୁର୍ଥ ଦିବସରେ ନିଶା ନିବାରଣ ଉପରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ସହର ପରିକ୍ରମା କରି ସମାଜକୁ କିପରି ନିଶା କବଳିତ କରି ରଖିଛି ଓ ତାହା ସେବନ ଦ୍ୱାରା ମଣିଷର କ'ଣ କ୍ଷତି ଘଟିଥାଏ। ନିଶାରୁ କିପରି ମୁକ୍ତି ପାଇପାରିବେ ସେଥିପାଇଁ ଜନସାଧାରଣଙ୍କୁ ସଚେତନ କରାଇଥିଲେ। ଏହି କାର୍ଯ୍ୟକ୍ରମକୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଦାୟିତ୍ୱରେ ଥିବା ଡ. ଦୁର୍ଗାଶଙ୍କର ଦାସ, ନୋଡାଲ ଅଫିସର ଡ. ଅଜିତ୍ କୁମାର ଦାସ, ସଂଯୋଜକ ଡ. ସ୍ୱପ୍ନା ସୋନାଲିକା ଜେନା, ଅଧ୍ୟାପକ ସତ୍ୟନାରାୟଣ ବାରିକ ଓ ଅଧ୍ୟାପକ ଡ. ସଞ୍ଜୟ ଶତପଥୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଭଦ୍ରକ ମହିଳା ମହାବିଦ୍ୟାଳୟରେ ଏଡ୍‌ସ ଦିବସ



**ଭଦ୍ରକ, ୨।୧୨(ସମିସ):** ଭଦ୍ରକ ମହିଳା ମହାବିଦ୍ୟାଳୟରେ ଯୁବ ରେଡ୍‌କ୍ରସ ତରଫରୁ ବିଶ୍ୱ ଏଡ୍‌ସ୍ ଦିବସରେ ଏକ ବିରାଟ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଶୋଭାଯାତ୍ରାଟିକୁ ମହାବିଦ୍ୟାଳୟ ପ୍ରସାଶନିକ ମୁଖ୍ୟ ଅନିତା ଦଳାଇ ଉଦ୍‌ଘାଟନ କରିଥିଲେ। ସେହିପରି ମହାବିଦ୍ୟାଳୟର ଯୁବ ରେଡ୍‌କ୍ରସ ସଂଯୋଜିକା ତଥା ସମାଜବିଜ୍ଞାନ ବିଭାଗର ମୁଖ୍ୟ ଡ. ଶୁଭଶ୍ରୀ ବେହେରା ଏହି ଶୋଭାଯାତ୍ରାଟିକୁ ସଞ୍ଚାଳନ କରିଥିଲେ। ଛାତ୍ରମାନେ ସହର ପରିକ୍ରମା କରି ଲୋକମାନଙ୍କୁ ଏଡ୍‌ସ୍‌ର ଭୟାବହତା ଏବଂ ନିରାକରଣ ବିଷୟରେ ସଚେତନତା ସୃଷ୍ଟି କରିଥିଲେ। ଏହି ଶୋଭାଯାତ୍ରରେ ୨୦୦ରୁ ଅଧିକ ଛାତ୍ରୀ ଅଂଶଗ୍ରହଣ କରିଥିଲେ।

## ଆଦାନି ଫାଉଣ୍ଡେସନ ପକ୍ଷରୁ ଏଡ୍‌ସ ଦିବସ ପାଳିତ




**ଭଦ୍ରକ, ୨।୧୨(ସମିସ):** ଭଦ୍ରକ ଜିଲ୍ଲା ଏଡ୍‌ସ ନିରାକରଣ ୟୁନିଟ୍‌ର ସହଭାଗିତାରେ ଆଦାନି ଧାମରା ପୋର୍ଟ ସିଏସ୍‌ଆର୍ ବିଭାଗ ଆଦାନି ଫାଉଣ୍ଡେସନ ପକ୍ଷରୁ ଏଡ୍‌ସ ଦିବସ ପାଳିତ ହୋଇଯାଇଛି। ଏଡ୍‌ସ ଦିବସ ପାଇଁ 'ଲେଟ୍ କମ୍ୟୁନିଟିଜ୍ ଲିଡ୍' ଥିଲା ଚଳିତ ବର୍ଷର ବିଷୟବସ୍ତୁ। ଏହି ଅବସରରେ ଆଦାନି ଫାଉଣ୍ଡେସନ ପକ୍ଷରୁ ୧୦୦ ଏଡ୍‌ସ ରୋଗୀଙ୍କୁ କମ୍ବଳ ଯୋଗାଇ ଦିଆଯାଇଥିଲା। ଫାଉଣ୍ଡେସନ ପକ୍ଷରୁ ଆୟୋଜନ କରାଯାଇଥିବା ସଚେତନତା ରାଲିରେ ଅଂଶଗ୍ରହଣ କରିଥିବା ସ୍କୁଲ, କଲେଜ ଛାତ୍ରଛାତ୍ରୀଙ୍କୁ ଟି-ସାର୍ଟ ଏବଂ କ୍ୟାପ୍ ବଣ୍ଟନ କରାଯାଇଥିଲା। ଭଦ୍ରକ ଜିଲା ଏଡ୍‌ସ ନିରାକରଣ ଓ ନିୟନ୍ତ୍ରଣ ୟୁନିଟ୍ ପକ୍ଷରୁ ଏଡ୍‌ସ/ଏଚ୍‌ଆଇଭି ସଚେତନତା ସମ୍ବନ୍ଧୀୟ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଭଦ୍ରକ ଏଡିଏମ୍ ଡ. ଶାନ୍ତନୁ କୁମାର ମହାନ୍ତି ଯୋଗଦେଇ ଏହାର କାରଣ ଓ ନିରାକରଣ ସମ୍ବନ୍ଧରେ ଲୋକମାନଙ୍କୁ ଅବଗତ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଥିରେ ସନ୍ତୋଷ ପୃଷ୍ଟି, ସରିତା ମହାପାତ୍ର, ଦେବବ୍ରତ ମହାପାତ୍ର, ରମେଶ ଚନ୍ଦ୍ରନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଘଣ୍ଟେଶ୍ୱରରେ ଏଡ୍‌ସ ଦିବସ

**ଭଦ୍ରକ, ୨।୧୨ (ସମିସ):** ଘଣ୍ଟେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁବ ରେଡ଼କ୍ରସ ଓ ରେଡ ରିବନ କ୍ଲବର ମିଳିତ ଆନୁକୂଲ୍ୟରେ ବିଶ୍ୱ ଏଡସ ଦିବସ ଅଧ୍ୟକ୍ଷ ଅକ୍ଷୟ ଗିରିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ରେଡ୍‌କ୍ରସ ଜିଲ୍ଲା ସଂଯୋଜକ ଗୋପାଳ ପ୍ରସାଦ ମହାପାତ୍ର ଓ ରେଡ୍‌ରିବନ କ୍ଲବର କାର୍ଯ୍ୟ ନିର୍ବାହୀ ଅଧିକାରୀ ରାଜକିଶୋର ଦାଶଙ୍କ ଦ୍ୱାରା ପରିଚାଳିତ ଏହି କାର୍ଯ୍ୟକ୍ରମରେ ଚାନ୍ଦବାଲି ମଣ୍ଡଳ ଉନ୍ନୟନ ଅଧିକାରୀ ଅସିତ ମହାନ୍ତି ମୁଖ୍ୟଅତିଥି ରୂପେ ଯୋଗ ଦେଇ ଛାତ୍ରଛାତ୍ରୀ ମାନଙ୍କୁ ଏଡ୍‌ସର କାରଣ ଓ ନିରାକରଣ ଉପରେ ଉଦ୍‌ବୋଧନ ଦେଇଥିଲେ। ପିଲାମାନେ ପ୍ଲାକାଡ଼ ଧରି ଏକ ଶୋଭାଯାତ୍ରାରେ ଗାଁ ଗାଁ ବୁଲି ଜନସାଧାରଣଙ୍କୁ ଏଡ୍‌ସ ବିଷୟରେ ସଚେତନ କରିଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କର ଏ ପ୍ରକାର ସଚେତନତା ଧର୍ମୀ କାର୍ଯ୍ୟକ୍ରମ ସ୍ଥାନୀୟ ଅଧିବାସୀଙ୍କ ମଧ୍ୟରେ ବେଶ ଆନନ୍ଦ ସୃଷ୍ଟି କରିଥିଲା।




# ସାଇବର ସୁରକ୍ଷା ଓ ଅନ୍‌ଲାଇନ ସଚେତନ କାର୍ଯ୍ୟକ୍ରମ

ଭଦ୍ରକ, ୨।୧୨(ସମିସ)




ମହିଳା ଶିଶୁ ବିକାଶ ବିଭାଗ ଓଡ଼ିଶା ସରକାର, ଜିଲ୍ଲା ପ୍ରଶାସନ ଭଦ୍ରକ ଓ ସୋସାଇଟି ଫର ଉଇକର କମଭ୍ୟୁନିଟି (ଆସିଆନା) ର ମିଳିତ ଉଦ୍ୟମରେ ଭଦ୍ରକ ମହିଳା ମହାବିଦ୍ୟାଳୟ ସଭାଗୃହରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ସାଇବର ସୁରକ୍ଷା ଓ ଅନ୍‌ଲାଇନ ସଚେତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ ଉପଆରକ୍ଷୀ ଅଧୀକ୍ଷକ ପୁଷ୍ପଲତା ବାରିକ, ଅଧ୍ୟକ୍ଷ ଜିଲ୍ଲା ଶିଶୁ ମଙ୍ଗଳ କମିଟି ଡ. ଦେବରାଜ ପାଣିଗ୍ରାହୀ, ଆସିଆନା ସମ୍ପାଦିକା ସୋଫିଆ ସେକ୍, ବାଲ୍ୟ ବିବାହ (ସଂଯୋଜକ) ତଥା ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀ ଅସିମ ଅମିତାଭ ଦାସ, ଜିଲ୍ଲା ଅପରାଧ ଶାଖାର ନୀରକ୍ଷକ ବନ୍ଦନା ଦେବୀ, ଭାରପ୍ରାପ୍ତ ଅଧ୍ୟକ୍ଷ, ଭଦ୍ରକ ମହିଳା ମହାବିଦ୍ୟାଳୟ ଅମିତା ଦଳେଇ, ଅଧ୍ୟାପକ ଆଭାମୟୀ ମହାପାତ୍ର, ମଞ୍ଜୁଲତା ପ୍ରଧାନ ପ୍ରମୁଖ ଯୋଗଦେଇ ସାଇବର ଅପରାଧର କିପରି ବଶବର୍ତ୍ତୀ ହେଉଛୁ ଓ ସେଥିପ୍ରତି ଆମେ କିଭଳି ସତର୍କ, ସଚେତନ ହେବା; ସେ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। କେବଳ ସଚେତନା ହିଁ ରକ୍ଷା କବଚ ବୋଲି ବିଭିନ୍ନ ଦୃଷ୍ଟାନ୍ତମୂଳକ ଉଦାହରଣ ଦେଇ ଆଲୋଚନାରେ ଆଲୋକପାତ କରିଥିଲେ। କୌଣସି ଅପରାଧରେ ସମ୍ମୁନ ହେଲେ ୧୦୯୮ ଓ ୧୯୩୦ ହେଲପ୍‌ଲାଇନର ସାହାଯ୍ୟ ନେବା ପାଇଁ କହିଥିଲେ। ଆସିଆନାର ସମ୍ପାଦିକା ସୋଫିଆ ସେକ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ +୨ ଓ +୩ ଛାତ୍ରୀମାନେ ବହୁ ସଂଖ୍ୟାରେ ଯୋଗଦେଇଥିଲେ। ଆସିଆନାର ସଂଯୋଜକ ରିଆଜ ଅହମ୍ମଦ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଆସିଆନାର ସାମାଜିକ କର୍ମୀ ଭାଗ୍ୟଶ୍ରୀ ମହାକୁଡା, ମହମ୍ମଦ ରଫିକ ସେକ୍, ଜନ୍ମଜ୍ୟୋତି ବେହେରା, ତାରାକନାଥ ଜେନା ପ୍ରମୁଖ ସହଯୋଗ କରିଥିଲେ।

### ଅସହ୍ୟ ହେଲା ଆଖି ସାମ୍ନାରେ ପ୍ରେମିକଙ୍କୁ ମାଡ଼

# ପ୍ରେମିକାର ଆତ୍ମଦାହ

**ବାରିପଦା/ଖୁଣ୍ଟା, ୨।୧୨ (ସମିସ):** ଆଖି ଆଗରେ ପ୍ରେମିକଙ୍କୁ ବାନ୍ଧି ମାଡ଼ ମରାଯିବା ଓ ଲଜ୍ଜିତ କରାଯିବା ଘଟଣା ତାଙ୍କ ଦେହରେ ଗଲାନି। ବାରମ୍ବାର ପ୍ରତିବାଦ କରିବା ପରେ ବି ପରିବାରଲୋକ ନ ଶୁଣିବାରୁ ଦେହରେ ନିଆଁ ଲଗାଇ ନିଜକୁ ଜାଳିଦେଲେ ଯୁବତୀ। ଖୁଣ୍ଟା ଥାନା ଅନ୍ତର୍ଗତ ଲକ୍ଷ୍ମଣସାହି ପଞ୍ଚାୟତର କୁଶଗଡ଼ିଆ ଗ୍ରାମରେ ଘଟିଥିବା ଏଭଳି ଏକ ଅଭାବନୀୟ ଘଟଣା ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି। ମୃତ ଯୁବତୀଜଣଙ୍କ ହେଲେ, ଭୁଣ୍ଡା ମାରାଣ୍ଡିଙ୍କ ଝିଅ ଲଛମଣି (୧୮)।

**ପ୍ରେମିକ ବିରୋଧରେ ହତ୍ୟା ଅଭିଯୋଗ ଆଣିଲେ ମୃତକଙ୍କ ବାପା**

ସୂଚନାନୁଯାୟୀ, ଦଶମ ଶ୍ରେଣୀରେ ପଢୁଥିବା ଲଛମଣିଙ୍କ ସହ ନିକଟସ୍ଥ ସପଞ୍ଚୁଆ ଗ୍ରାମର ଗୋଲକ ନାଏକ (୧୮)ଙ୍କ ପ୍ରେମ ସଂପର୍କ ଥିଲା। ଶୁକ୍ରବାର ରାତିରେ ଗୋଲକ ଲୁଚିଲୁଚି ତାଙ୍କ ଘରକୁ ଆସିଥିବା ବେଳେ ଲଛମଣିଙ୍କ ପରିବାର ତାଙ୍କୁ ଧରି ପକାଇଥିଲେ। ପରେ ପରିବାରଲୋକ ଉଭୟଙ୍କୁ ବାନ୍ଧି ନିର୍ଦ୍ଧୁମ୍ ମାଡ଼ ମାରିଥିଲେ। ଗୋଲକଙ୍କୁ ଛାଡ଼ିଦେବା ପାଇଁ ଲଛମଣି ଯେତେ ଅନୁରୋଧ କଲେ ବି ପରିବାରଲୋକ ଶୁଣିନଥିଲେ। ଏହା ଭିତରେ ଲଛମଣି କୌଶଳକ୍ରମେ ଖସିଯାଇ ନିଜ ଦେହରେ କିରାସିନି ଢାଳି ନିଆଁ ଲଗାଇ ଦେଇଥିଲେ। ଏହା ଦେଖି ପରିବାର ଓ ସ୍ଥାନୀୟ ଲୋକେ ତୁରନ୍ତ ତାଙ୍କୁ ଉଦ୍ଧାର କରିଥିଲେ ହେଁ ସେତେବେଳକୁ ତାଙ୍କ ଶରୀରର ୮୦ ପ୍ରତିଶତ ପୋଡ଼ି ଯାଇଥିଲା। ଚିକିତ୍ସା ଲାଗି ତାଙ୍କୁ ପିଆର୍‌ଏମ୍ ମେଡିକାଲ କଲେଜ ଓ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଖବର ପାଇ ଖୁଣ୍ଟା ପୁଲିସ ଗୋଲକଙ୍କୁ ଯୁବତୀଙ୍କ ଘରୁ ଉଦ୍ଧାର କରି ଥାନାରେ ପଚରାଉଚରା କରୁଛି। ତେବେ ଏହି ଘଟଣାରେ ଯୁବତୀଙ୍କ ବାପା ଭୁଣ୍ଡା ଏକ ଏତଲା ଦେଇଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ ଗୋଲକ ତାଙ୍କ ଝିଅକୁ ହତ୍ୟା କରିବା ପରେ ପ୍ରମାଣ ନଷ୍ଟ କରିବା ପାଇଁ ନିଆଁ ଲଗାଇ ତାକୁ ପୋଡ଼ି ଦେଇଛି। ଏହି ଘଟଣାରେ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଉପରୁ ପରଦା ହଟିବ ବୋଲି ପୁଲିସ କହିଛି।

### ଦୁର୍ଘଟଣାରେ ୮ ଜଣଙ୍କ ମୃତ୍ୟୁ ଘଟଣା

# ଗାଁ ମଶାଣିରେ ଜଳିଲା ଜୁଇ

**ସାନଖେମୁଣ୍ଡି, ୨।୧୨ (ସମିସ):** ଘଟଗାଁ ନିକଟରେ ଗତକାଲି ଦୁର୍ଘଟଣାରେ ପ୍ରାଣ ହରାଇଥିବା ମୃତକଙ୍କ ଆଜି ଅନ୍ତିମ ସଂସ୍କାର ଅତ୍ୟନ୍ତ ଶୋକାକୁଳ ପରିବେଶରେ ସଂପନ୍ନ ହୋଇଛି।



ପୋଡ଼ାମାରି ଓ ବତାଗଡ଼ ଗାଁ ମଶାଣିରେ ଆଜି ସେମାନଙ୍କ ଦାହ ସଂସ୍କାର ହୋଇଥିଲା। ଶବଗୁଡ଼ିକ ଶୁକ୍ରବାର ରାତି ପ୍ରାୟ ୨ଟାରେ ଗାଁରେ ପହଞ୍ଚିବା ପରେ କାନ୍ଦବୋବାଳିରେ ପୂରା ଗାଁ ଫାଟି ପଡ଼ିଥିଲା। ଗଞ୍ଜାମ ଜିଲ୍ଲା ପ୍ରଶାସନ, ପୁଲିସ ପ୍ରଶାସନ, ବ୍ଲକ ଅଧ୍ୟକ୍ଷ, ସରପଞ୍ଚ ଉପସ୍ଥିତ ରହି ଅନ୍ତିମ ସଂସ୍କାରରେ ସହଯୋଗ କରିଥିଲେ। ପୋଡ଼ାମାରିରେ ଗଜେନ୍ଦ୍ର ପ୍ରଧାନଙ୍କ ପରିବାରକୁ ଗଜେନ୍ଦ୍ରଙ୍କ ସ୍ତ୍ରୀ ମିତା ପ୍ରଧାନ, ପୁଅ ଆକାଶ ପ୍ରଧାନ, ବୋହୂ ଲିଲି ପ୍ରଧାନଙ୍କ ଶବ ହସ୍ତାନ୍ତର କରାଯାଇଥିଲା। ୩ଟି କୋକେଇରେ ଗାଁ ମଶାଣିରେ ଗୋଟିଏ ଜୁଇରେ ମାଆ ଓ ଅନ୍ୟ ଏକ ଜୁଇରେ ପୁଅ-ବୋହୂର ଶବ ସତ୍କାର କରାଯାଇଥିଲା। ସେହିପରି ବତାଗଡ଼ ଗ୍ରାମର ଗୋଟିଏ ଜୁଇରେ ବାପା ବାୟାଘନ ଗୌଡ଼, ଅନ୍ୟ ଏକ ଜୁଇରେ ପୁଅ ମଦନ ଗୌଡ଼, ନାତି ରୁଦ୍ର ଗୌଡ଼ଙ୍କ ଶବ ସତ୍କାର କରାଯାଇଥିଲା। ଅପରପକ୍ଷେ, ବାୟା ଗୌଡ଼ଙ୍କ ଜ୍ୱାଇଁ ବାବୁଲା ଗୌଡ଼ଙ୍କ ଶବ ଆମ୍ବୁଲାନ୍ସ ଯୋଗେ ଦିଗପହଣ୍ଡି ବ୍ଲକ ଦେଖାଳି ପଠାଯାଇଥିବା ବେଳେ ଝିଅ ପାପିନି ଗୌଡ଼ଙ୍କ ଶବକୁ କୁକୁଡ଼ାଖଣ୍ଡି ବ୍ଲକ ପାଳଝାଡ଼ି ଗ୍ରାମକୁ ପଠାଯାଇଥିଲା। ପୂର୍ବତନ ସାଂସଦ ରେଣୁବାଳା ପ୍ରଧାନ ପରିବାର ସହ ଗଜେନ୍ଦ୍ରଙ୍କ ପରିବାର ସମ୍ପର୍କ ରହିଥିବା ବେଳେ ଛଅ ମାସ ବ୍ୟବଧାନରେ ଦୁଇଟି ଦୁର୍ଘଟଣା ପ୍ରଧାନ ପରିବାରକୁ ଦାରୁଣ ଆଘାତ ଦେଇଥିବା କହିଛନ୍ତି ରେଣୁବାଳା। ସାନଖେମୁଣ୍ଡି ବିଡିଓ ଜିତେନ୍ଦ୍ର କୁମାର ମିଶ୍ର ପୋଡ଼ାମାରି ଓ ବତାଗଡ଼ ମୃତକଙ୍କ ପରିବାର ନିକଟରେ ପହଞ୍ଚି ସମବେଦନା ଜଣାଇଛନ୍ତି।

### ଆନ୍ଦୋଳନରୁ ଓହରିଲେ ବନବାସୀ

# ସୋମବାରରୁ ପୁଣି ଖୋଲିବ ଶିମିଳିପାଳ

**ବାରିପଦା/ଯଶିପୁର,୨।୧୨(ସମିସ):** ପର୍ଯ୍ୟଟକଙ୍କ ପାଇଁ ଖୁସି ଖବର। ସୋମବାର (୪ ତାରିଖ)ଠାରୁ ଶିମିଳିପାଳ ଅଭୟାରଣ୍ୟ ପୁଣିଥରେ ପର୍ଯ୍ୟଟକଙ୍କ ପାଇଁ ଖୋଲିବ। ଶିମିଳିପାଳ ଆଭ୍ୟନ୍ତରରେ ଗ୍ରାମବାସୀଙ୍କ ରାସ୍ତା ଅବରୋଧ ଶୁକ୍ରବାର ପ୍ରତ୍ୟାହୃତ ହୋଇଥିବାରୁ ଏପରି ନିଷ୍ପତ୍ତି ନିଆଯାଇଛି ବୋଲି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ଉପନିର୍ଦ୍ଦେଶକ (ଉତ୍ତର) ସାଇ କିରଣ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ନଭେମ୍ବର ୨୫ତାରିଖରୁ ଦିନିକିଆ ପର୍ଯ୍ୟଟକଙ୍କ ପାଇଁ ଶିମିଳିପାଳ ବନ୍ଦ ରହିଥିଲା। ସେହିପରି ରାତ୍ରରହଣି ପାଇଁ ଆସିଥିବା ପର୍ଯ୍ୟଟକମାନଙ୍କ ପାଇଁ ବରେହିପାଣି, ଗୁଡ଼ଗୁଡ଼ିଆ ଓ କୁମାରୀ ନେଚର୍ କ୍ୟାମ୍ପ ବନ୍ଦ ରହିଥିଲା। ପ୍ରତିବର୍ଷ ନଭେମ୍ବର ୧ ତାରିଖରୁ ପର୍ଯ୍ୟଟକଙ୍କ ପାଇଁ ଶିମିଳିପାଳ ଖୋଲିଥାଏ। ହେଲେ ଚଳିତ ବର୍ଷ ଆଗୁଆ ତଥା ଅକ୍ଟୋବର ୧୪ ତାରିଖରୁ ଅଭୟାରଣ୍ୟ ଖୋଲିଥିଲା। କିନ୍ତୁ ଚଳିତବର୍ଷ ଶିମିଳିପାଳ ବିକାଶ ପରିଷଦ ୫ଦଫା ଦାବି ନେଇ ଅନିର୍ଦ୍ଦିଷ୍ଟ କାଳ ପାଇଁ ଶିମିଳିପାଳ ରାସ୍ତା ଅବରୋଧ କରିବାରୁ ପର୍ଯ୍ୟଟକମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ତେଣୁ ପର୍ଯ୍ୟଟକଙ୍କ ସୁରକ୍ଷା ଓ ସ୍ୱାର୍ଥକୁ ଦୃଷ୍ଟିରେ ରଖି ନଭେମ୍ବର ୨୫ ତାରିଖରୁ ଶିମିଳିପାଳ ବନ୍ଦ ରହିଥିଲା। ଶୁକ୍ରବାର ଶିମିଳିପାଳ ଅଭୟାରଣ୍ୟରେ ଥିବା ବରେହିପାଣିଠାରେ ପ୍ରଶାସନ, ବନବିଭାଗ ଓ ବନବାସୀଙ୍କ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଯଶିପୁର ବିଧାୟକ ଗଣେଶ ରାମ ସିଂ ଖୁଣ୍ଟିଆ, ସାଇ କିରଣ, ଯଶିପୁର ବିଡ଼ିଓ, ତହସିଲଦାର ଓ ଥାନା ଅଧିକାରିଣୀ, ଚକ୍ର ହେମ୍ବ୍ରମ ଓ ମହାନ୍ତି ବିରୁଆ ପ୍ରମୁଖଙ୍କ ଉପସ୍ଥିତିରେ ଆଲୋଚନା ହୋଇଥିଲା। ବନବାସୀଙ୍କ ୫ ଦଫା ଦାବି ପୂରଣ ପାଇଁ ପ୍ରତିଶ୍ରୁତି ଦିଆଯିବା ପରେ ଶନିବାରଠାରୁ ଶିମିଳିପାଳ ଅଭୟାରଣ୍ୟର ରାସ୍ତା ମରାମତି ଆରମ୍ଭ ହୋଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୫୦ ବର୍ଷର...

ପ୍ରାୟ ୫୦୪ ଏକର ଜମି ଦେଇଛି। ଏହି ଉଚ୍ଚସ୍ତରୀୟ ବୈଠକରେ ଉପଯୁକ୍ତ ଲିଜ୍ ସର୍ତ୍ତାବଳୀ ଓ ପୌରପାଳିକା ନିୟମ ଅନୁସାରେ ହୋଇଥିବା ଲିଜ୍‌କୁ ନିୟମିତ କରାଯିବ। ଏଥିପାଇଁ ସରକାର ଉପଯୁକ୍ତ ପରିମାଣର ଦେୟ ଧାର୍ଯ୍ୟ କରି ଲିଜ୍‌ଧାରୀଙ୍କଠାରୁ ଆଦାୟ କରିବେ। ଏହି ସମସ୍ତ କାର୍ଯ୍ୟ ପାଇଁ ଓଜିଏଲ୍‌ଏସ୍(ଓଡ଼ିଶା ସରକାର ଜମି ବନ୍ଦୋବସ୍ତ) ନିୟମରେ ଆବଶ୍ୟକ ପରିବର୍ତ୍ତନ କରାଯିବ। ସେହିପରି ସମ୍ବଲପୁର ଜିଲ୍ଲାର ରେଙ୍ଗାଲୀ ତହସିଲ ଅନ୍ତର୍ଗତ କୁର୍ଲା, ଥୁଣ୍ଟିକତରବଗା, ଯୋଗୀପାଲ୍ଲୀ ଓ ସପନେ ଆଦି ଗ୍ରାମରେ ହାଇଟେକ୍ ସର୍ଭେ ମାଧ୍ୟମରେ ପୁରୁଣା ଜମିଜମା ସମସ୍ୟାର ସମାଧାନ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ସର୍ଭେକୁ ତ୍ୱରାନ୍ୱିତ କରିବା ପାଇଁ ଏହାର ଆଇନଗତ ସମୟସୀମାକୁ କମ୍ କରାଯାଇଛି। ନିଷ୍ପତ୍ତି ଅନୁଯାୟୀ ଏହି କାର୍ଯ୍ୟ ପାଇଁ ଅଧିକ ରାଜସ୍ୱ କ୍ଷେତ୍ରାଧିକାରୀମାନଙ୍କୁ ନିୟୋଜିତ କରାଯାଇ ୨୦୨୪ ମାର୍ଚ୍ଚ ସୁଦ୍ଧା ସର୍ଭେ ସମ୍ପୂର୍ଣ୍ଣ କରିବା ପାଇଁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ଆଜିର ବୈଠକରେ ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟର ମୁଖ୍ୟ ପରାମର୍ଶଦାତା ସୁରେଶ ଚନ୍ଦ୍ର ମହାପାତ୍ର, ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା, ଉନ୍ନୟନ କମିଶନର ଅନୁ ଗର୍ଗ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ଆଇନ ସଚିବ ମାନସ ରଞ୍ଜନ ବାରିକ, ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ସୁରେଶ ଚନ୍ଦ୍ର ଦଳାଇ ତଥା ପୁରୀ, ଖୋର୍ଦ୍ଧା ଓ ଭଦ୍ରକ ଜିଲ୍ଲାର ଜିଲ୍ଲାପାଳ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

### ସରକାରୀ ଜମିରେ...

ଅନ୍ୟପକ୍ଷରେ ପ୍ରଦାନ କରାଯାଇ ଥିବା ଜମି ସରକାରୀ ଖାତାରେ ରହିବା ସହ ଖଜଣାରହିତ ହେବ। ଉକ୍ତ ଜମିର କିସମ ଅପରିବର୍ତ୍ତିତ ରଖି ନୂଆ ବଟା ଖାତା/ପ୍ଲଟ୍ ପ୍ରସ୍ତୁତ କରାଯାଇ ହିତାଧିକାରୀଙ୍କୁ ଜମି ସତ୍ତ୍ୱ ହସ୍ତାନ୍ତର କରାଯିବ। ଓଡ଼ିଶା ବସ୍ତି ବାସିନ୍ଦା ଜମି ଅଧିକାର ଆଇନ୍ ୨୦୧୭ ଓ ଓଡ଼ିଶା ମ୍ୟୁନିସିପାଲ କର୍ପୋରେସନ୍ (ସଂଶୋଧନ) ଆଇନ୍ ୨୦୨୨ ବିଧି ବ୍ୟବସ୍ଥା ଅନୁଯାୟୀ ବସ୍ତି ବାସିନ୍ଦା ଏହି ସତ୍ତ୍ୱର ଅଧିକାରୀ ହୋଇପାରେବେ।

ସତ୍ତ୍ୱାଧିକାରୀ ଏହି ଜମିକୁ ପରବର୍ତ୍ତୀ ପିଢ଼ୀକୁ ହସ୍ତାନ୍ତର କରିପାରିବେ କିନ୍ତୁ ବିକ୍ରି କିମ୍ବା ଦାନ ସୂତ୍ରରେ ଅନ୍ୟକୁ ପ୍ରଦାନ କରିପାରିବେ ନାହିଁ। ମାତ୍ର ଉକ୍ତ ଜମିକୁ ବନ୍ଧକ ରଖି ଗୃହ ନିର୍ମାଣ ପାଇଁ ବ୍ୟାଙ୍କ ଋଣ ପାଇବା ଲାଗି ଯୋଗ୍ୟ ବିବେଚିତ ହେବେ। ପରବର୍ତ୍ତୀ ସମୟରେ ଆବଶ୍ୟକତା ଅନୁସାରେ ସରକାର ଏହି ନିୟମରେ ସଂଶୋଧନ କରିପାରିବେ। ରାଜସ୍ୱ ବିଭାଗର ଅବସରପ୍ରାପ୍ତ ବରିଷ୍ଠ ଅଧିକାରୀ ସୁଧାଂଶୁ ଶେଖର ଭୂୟାଁ କହିଛନ୍ତି, ବସ୍ତି ବାସିନ୍ଦାଙ୍କ ଜମି ଅଧିକାର ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ଲକ୍ଷ୍ୟରେ ସରକାର ଜମି ଅଧିକାର ଆଇନ୍‌ରେ ସଂଶୋଧନ କରିଛନ୍ତି। ଏହାର ପ୍ରଭାବ ସୁଦୂର ପ୍ରସାରୀ ହେବ। 'ଜାଗା ମିଶନ୍' ଭଳି ଯୋଜନାର ହିତାଧିକାରୀ ପୂର୍ବାପେକ୍ଷା ଅଧିକ ସ୍ୱାଧୀନତା ପାଇବେ ବୋଲି ସେ କହିଛନ୍ତି। ତେବେ ସରକାରଙ୍କ ଏଭଳି ମହତ୍ୱାକାଂକ୍ଷୀ ପଦକ୍ଷେପକୁ ଅଧିକ ଗ୍ରହଣଯୋଗ୍ୟ ଓ ଉପଯୋଗୀ କରିବା ଲକ୍ଷ୍ୟରେ ଜନମତ ଗ୍ରହଣ ଅବଧି ଆଜି ଶେଷ ହେଉଥିବା ବେଳେ ଏହି ଅବଧିକୁ ବୃଦ୍ଧି କରିବାର ଆବଶ୍ୟକତା ରହିଛି ବୋଲି ଶ୍ରୀ ଭୂୟାଁ କହିଛନ୍ତି।

### ଆଜି ବାତ୍ୟାର...

ଦିଆଯାଇଛି। ସେହିପରି ପୂର୍ବତଟ ରେଳପଥ ଦେଇ ଯା'ଆସ କରୁଥିବା ୫୪ଟି ଦୂରଗାମୀ ଏକ୍ସପ୍ରେସ୍ ଟ୍ରେନ୍‌କୁ ୨ରୁ ୮ ତାରିଖ ପର୍ଯ୍ୟନ୍ତ ପର୍ଯ୍ୟାୟକ୍ରମେ ବାତିଲ୍ କରାଯିବାକୁ ରେଳବାଇ ନିଷ୍ପତ୍ତି ନେଇଛି।

ପାଣିପାଗ କେନ୍ଦ୍ରର ସୂଚନାନୁସାରେ, ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଗଭୀର ଅବପାତଟି ଆଗାମୀ ୨୪ ଘଣ୍ଟା ମଧ୍ୟରେ ଆହୁରି ଘନୀଭୂତ ହୋଇ ଏକ ବାତ୍ୟାରେ ପରିଣତ ହେବାର ସମ୍ଭାବନା ରହିଛି। ଏହି ସମ୍ଭାବ୍ୟ ବାତ୍ୟାଟି ଉତ୍ତର-ପଶ୍ଚିମ ଦିଗରେ ଗତି କରି ୪ ତାରିଖରେ ଦକ୍ଷିଣ ଆନ୍ଧ୍ର ଓ ଉତ୍ତର ତାମିଲନାଡୁ ଉପକୂଳ ନିକଟତର ହେବ। ୫ ତାରିଖରେ ନେଲୋର ଓ ମଛଲିପଟ୍ଟନମ୍ ଉପକୂଳ ଦେଇ ଅତିକ୍ରମ କରିବ। ଏହା ଅତିକ୍ରମ କରିବା ବେଳେ ପବନର ବେଗ ଘଣ୍ଟା ପ୍ରତି ସର୍ବାଧିକ ୧୦୦ କିଲୋମିଟର ରହିବ। ବାତ୍ୟା ପ୍ରଭାବରେ ଆସନ୍ତାକାଲି ଅର୍ଥାତ୍ ୩ରୁ ୮ ତାରିଖ ଯାଏଁ ରାଜ୍ୟରେ ବର୍ଷା ହେବାର ସମ୍ଭାବନା ରହିଛି। ୪ ତାରିଖରୁ ରାଜ୍ୟରେ ବର୍ଷାର ପରିମାଣ ବଢ଼ିବ। ଦକ୍ଷିଣ-ଓଡ଼ିଶାର କିଛି ଜିଲ୍ଲା ଯଥା ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି ଓ ଗଞ୍ଜାମ ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ତେଣୁ ଏହି ଜିଲ୍ଲାଗୁଡ଼ିକ ପାଇଁ ପାଣିପାଗ କେନ୍ଦ୍ର ୟେଲୋୱାର୍ଣ୍ଣିଂ ଜାରି କରିଛି। ସେହିପରି ୫ତାରିଖରେ ବର୍ଷାର ବିସ୍ତୃତି ବଢ଼ିବା ସହ ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଞ୍ଜାମ ଓ ଗଜପତି ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା(୭ରୁ ୨୦ ସେଣ୍ଟିମିଟର) ହେବ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି। ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ ଓ ପୁରୀ ଜିଲ୍ଲାରେ ମଧ୍ୟ ପ୍ରବଳ ବର୍ଷା ସମ୍ଭାବନା ରହିଛି। ୬ ତାରିଖରେ ଗଞ୍ଜାମ, ଗଜପତି, ପୁରୀ, ନୟାଗଡ଼, ଖୋର୍ଦ୍ଧା, କଟକ, ଜଗତସିଂହପୁର, କନ୍ଧମାଳ, କୋରାପୁଟ, ମାଲକାନଗିରି ଓ ରାୟଗଡ଼ାର କେତେକ ସ୍ଥାନରେ ପ୍ରବଳ ବର୍ଷା ସମ୍ଭାବନା ରହିଥିବା ନେଇ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି।

ଅନ୍ୟପକ୍ଷରେ ପାଣିପାଗ ବିଭାଗର ପୂର୍ବ ସୂଚନା ଅନୁସାରେ, ଆସନ୍ତା ୫ ତାରିଖରୁ ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଞ୍ଜାମ, ଗଜପତି ଆଦି ଜିଲ୍ଲାରେ କେତେକ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହାସହ ନବରଙ୍ଗପୁର, କନ୍ଧମାଳ, କଳାହାଣ୍ଡି, ନୟାଗଡ଼, ଖୋର୍ଦ୍ଧା, ପୁରୀ, ଜଗତସିଂହପୁର ଓ କଟକ ଆଦି ବିଭିନ୍ନ ସ୍ଥାନରେ ମାତ୍ରାଧିକ ବର୍ଷା ହେବାର ସମ୍ଭାବନା ରହିଛି। ଏହି ପରିପ୍ରେ଼କ୍ଷୀରେ ଚାଷୀମାନଙ୍କ ଫସଲ ସୁରକ୍ଷା ପାଇଁ କୃଷି ବିଭାଗ ପକ୍ଷରୁ କେତେ ଗୁଡ଼ିଏ ପରାମର୍ଶ ଦିଆଯାଇଛି। ସେଗୁଡ଼ିକ ହେଲା, କଟା ହୋଇଥିବା ଧାନ ଅମଳ କରି ସୁରକ୍ଷିତ ସ୍ଥାନରେ ସାଇତି ରଖନ୍ତୁ। ଏହାସହ ଧାନ ଅମଳକ୍ଷମ ହୋଇଥିଲେ, କଟା ହୋଇପାରିନଥିଲେ ତାକୁ ପଲିଥିନ୍ ଘୋଡ଼ାଇ ସୁରକ୍ଷିତ ରଖନ୍ତୁ। ଧାନ ଗଛ ପଡ଼ି ଯାଇଥିଲେ ବର୍ଷା ପରେ ହଳା କରି ଛିଡ଼ା କରନ୍ତୁ ଓ କଟା ଧାନକୁ ବିଲରେ ସୁଖାନ୍ତୁ ନାହିଁ। ସେହିଭଳି ଅମଳ ଉପଯୋଗୀ ବିଭିନ୍ନ ଫସଲକୁ ସୁରକ୍ଷିତ ସ୍ଥାନରେ ସାଇତି ରଖନ୍ତୁ ବୋଲି କୃଷି ଓ ରାଜ୍ୟ ଉତ୍ପାଦନ ନିର୍ଦ୍ଦେଶ। ।ଳୟ ଓ ସ୍ୱତନ୍ତ୍ର ରିଲିଫ୍ କମିଶନର ପକ୍ଷରୁ ସୂଚନା ଦିଆଯାଇଛି।

### ଅବସରପ୍ରାପ୍ତ ବିଚାରପତିଙ୍କ...

ଚୟନ କରାଯାଉନାହିଁ। ଶନିବାର ଇଣ୍ଟରନ୍ୟାସନାଲ ଚ୍ୟାମ୍ବର ଅଫ୍ କମର୍ସ(ଷଷ୍ଠ)ର ଅଧିବେଶନକୁ ସମ୍ବୋଧନ କରି ଉପ-ରାଷ୍ଟ୍ରପତି ଜଗଦୀପ ଧନଖର ଏହି ମନ୍ତବ୍ୟ ଦେଇଛନ୍ତି।

ଉପ-ରାଷ୍ଟ୍ରପତି ଭାରତର ମଧ୍ୟସ୍ଥତା ବ୍ୟବସ୍ଥା ଉପରେ ଚିନ୍ତା ପ୍ରକଟ କରି କହିଥିଲେ ଯେ ଭାରତର ମଧ୍ୟସ୍ଥତା ବ୍ୟବସ୍ଥାରେ ଯେଉଁ ଭଳି ଚିତ୍ର ଦେଖିବାକୁ ମିଳୁଛି ତାହା ଅନ୍ୟ କୌଣସି ଦେଶ କିମ୍ବା ବ୍ୟବସ୍ଥାରେ ଦେଖାଯାଏ ନାହିଁ। ରାଜ୍ୟସଭା ଅଧ୍ୟକ୍ଷ ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡିୱାଇ ଚନ୍ଦ୍ରଚୂଡଙ୍କୁ ମଧ୍ୟ ପ୍ରଶଂସା କରିଛନ୍ତି। ସିଜେଆଇ ହିଁ ନ୍ୟାୟପାଳିକାରେ ବଡ଼ ପରିବର୍ତ୍ତନ କରୁଥିବ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ସିଜେଆଇ ଚନ୍ଦ୍ରଚୂଡ ମଧ୍ୟ ଉପସ୍ଥିତ ଥିଲେ। ସେ ପୂର୍ବରୁ ଅଧିବେଶନକୁ ସମ୍ବୋଧନ କରି କହିଥିଲେ ଯେ ଦେଶର ମଧ୍ୟସ୍ଥତା ବ୍ୟବସ୍ଥାରେ ବିବିଧତାର ଅଭାବ ରହିଛି। ଏହି କ୍ଷେତ୍ରରେ ଅବସରପ୍ରାପ୍ତ ବିଚାରପତିଙ୍କ କର୍ତ୍ତୃତ୍ୱ ରହିଛି। ଏହି ମନ୍ତବ୍ୟକୁ ଉପ-ରାଷ୍ଟ୍ରପତି ପ୍ରଶଂସା କରିଥିଲେ। ସିଜେଆଇଙ୍କ ଏହି ଚିନ୍ତାଧାରକୁ ସେ ପ୍ରଣାମ କରିଥିଲେ। ଏହି ମନ୍ତବ୍ୟକୁ ଦୀର୍ଘ ଦିନ ପର୍ଯ୍ୟନ୍ତ ମନେ ରଖାଯିବ ବୋଲି କହିଥିଲେ। ଏହି ବ୍ୟବସ୍ଥା ଯୋଗୁଁ ଅନ୍ୟ ଯୋଗ୍ୟ ଆଶାୟୀଙ୍କୁ ଅଣଦେଖା କରିଦିଆଯାଉଛି। ଏହା ପୁରୁଣା ଖେଳାଳିଙ୍କ କ୍ଲବରେ ପରିଣତ ହୋଇଯାଇଛି। ଏହି ମାନସିକତା ମଧ୍ୟସ୍ଥତା ବ୍ୟବସ୍ଥା ଉପରେ ଭାରି ପଡ଼ି ଯାଇଛି। ବିବାଦ ସମାଧାନ କରିବା ପାଇଁ ଏକ ଦକ୍ଷ, ପ୍ରଭାବୀ, ବିଜ୍ଞାନସମ୍ମତ, ସମାବେଶୀ ବ୍ୟବସ୍ଥା ପ୍ରସ୍ତୁତ କରିବାକୁ ପଡ଼ିବ। ବିବିଧତା ରହିଲେ ମଧ୍ୟସ୍ଥତା ବ୍ୟବସ୍ଥା ମଜବୁତ ହେବ। ଦେଶର ଆର୍ଥିକ ବିକାଶ ଏବଂ ସମୃଦ୍ଧି ପାଇଁ ଦକ୍ଷ ମଧ୍ୟସ୍ଥତା ବ୍ୟବସ୍ଥା ମଧ୍ୟ ଜରୁରୀ। ଏହା ଦ୍ୱାରା ବିବାଦର ଶୀଘ୍ର ସମାଧାନ ହେବ। ଏହା ଦେଶର ବିକାଶକୁ ଗତି ଦେବ।

### ବୈପାରୀଗୁଡ଼ା ଥାନାଧିକାରୀ...

ମାଫିଆଙ୍କ ସହ ଲିଙ୍କ୍ ରହିଥିବା ଜଣାପଡ଼ିଛି। ସେ ବୈପାରୀଗୁଡ଼ାରେ କାର୍ଯ୍ୟ କରିବା ସମୟରେ ଗଞ୍ଜେଇ ଚାଲାଣ ପାଇଁ ନିଶା ମାଫିଆଙ୍କଠାରୁ ମୋଟା ଅଙ୍କର ପାଉଣା ନେଉଥିଲେ। ଏପରିକି କିଛି ଦଲାଲଙ୍କୁ ହାତରେ ରଖି ଚାକିରି ଦେବାକୁ କହି ପିଲାଙ୍କ ଠାରୁ ଟଙ୍କା ଆଦାୟ କରୁଥିଲେ। କିନ୍ତୁ ପିଲାଙ୍କୁ ପରବର୍ତ୍ତୀ ସମୟରେ ଚାକିରି ଦେଉ ନ ଥିଲେ। କିନ୍ତୁ ଅଭିଯୁକ୍ତ ପୁଲିସ ବିଭାଗରେ ଚାକିରି କରିଥିବାରୁ ତାଙ୍କ ବିରୋଧରେ କେହି ଅଭିଯୋଗ କରୁ ନ ଥିଲେ।

୧୯୯୯ରୁ କନେଷ୍ଟବଳ ଭାବେ ଚାକିରି ଆରମ୍ଭ କରିଥିଲେ ସୁଶାନ୍ତ। ଆଉ କନେଷ୍ଟବଳରୁ ବନିଯାଇଥିଲେ ଥାନା ବାବୁ। କିନ୍ତୁ କେଉଁଠି ମଦ ବ୍ୟବସାୟୀଙ୍କୁ ଖଲାସ କରିବାରେ ହେଉ କିମ୍ବା ମୁଦାଲାଙ୍କୁ ଛାଡ଼ିଦେବା ଭଳି ମାଳ ମାଳ ଅଭିଯୋଗ ଆଧାରରେ ୨୦୧୨ରେ ଜଗତସିଂହପୁର, ୨୦୧୮ରେ କଟକ ଏବଂ ୨୦୨୦ରେ ରାୟଗଡ଼ାର ତତ୍କାଳୀନ ଏସ୍‌ପି ତାଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିସ କରିଥିଲେ। ଏହା ସତ୍ତ୍ୱେ ତାଙ୍କୁ ୨୦୨୩ରେ ଥାନା ବାବୁ ଭାବେ ପଦୋନ୍ନତି ଦିଆଯିବା ସହ ଗଞ୍ଜେଇ ବେପାର ପାଇଁ ଚର୍ଚ୍ଚାରେ ଥିବା ବୈପାରୀଗୁଡ଼ାରେ ତାଙ୍କୁ ନିଯୁକ୍ତି ଦିଆଯାଇଥିଲା।

### ଜାହାଜରୁ ୨୨୦ କୋଟିର କୋକେନ ଜବତ ଘଟଣା

# ତଦନ୍ତ ଆରମ୍ଭ, ୨୧ କର୍ମଚାରୀଙ୍କୁ ଜେରା

**ପାରାଦୀପ, ୨।୧୨(ସମିସ):** ପାରାଦୀପ ବନ୍ଦରରେ ଲାଗିଥିବା ଏକ ବିଦେଶୀ ଜାହାଜରୁ ୨୨୦ କୋଟି ଟଙ୍କାର କୋକେନ୍ ମିଳିବା ଘଟଣାର ତଦନ୍ତ ଆରମ୍ଭ ହୋଇଛି। ଏସ୍‌ଟିଏଫ୍, ଏନ୍‌ସିବି, କୋଷ୍ଟଗାର୍ଡ, ସିଆଇଏସଏଫ୍‌ର ସ୍ୱତନ୍ତ୍ର ଟିମ୍ ଶନିବାର ଏହାର ଖୋଳତାଡ଼ କରିଛନ୍ତି। ବିଭିନ୍ନ ତଦନ୍ତକାରୀ ସଂସ୍ଥା ପକ୍ଷରୁ ଜାହାଜର କ୍ୟାପଟେନ ସମେତ ୨୧ ଜଣଙ୍କୁ ଜେରା କରାଯାଇଛି। ସ୍ପେନ୍‌ରୁ ବାହାରିଥିବା ଜାହାଜ ଏମ୍‌ଭି ଦେବୀ ପାନାମା ଇଣ୍ଡୋନେସିଆରେ ପଣ୍ୟ କାଢ଼ିବା ପରେ ୨୨ ତାରିଖରେ ଷ୍ଟିଲ୍ ପ୍ଲେଟ ନେବା ପାଇଁ ପାରାଦୀପ ବନ୍ଦର ବାହାରିଥିଲା। ପାରାଦୀପ ବନ୍ଦର ଆଙ୍କରେଜରେ ଲାଗିବା ପରେ ୨୯ ତାରିଖ ରାତିରେ ବନ୍ଦରର ପିଆଇସିଟି ବର୍ଥରେ ଲାଗିଥିଲା। ପାଖାପାଖି ୧୮ରୁ ଅଧିକ ସଂସ୍ଥାରୁ କ୍ଲିୟରାନ୍ସ ମିଳିବା ପରେ ଜାହାଜ ବର୍ଥରେ ଲାଗିଥିଲା ଏବଂ ସେଠାରେ ଷ୍ଟିଲ ପ୍ଲେଟ ଲୋଡିଂ ଆରମ୍ଭ ହୋଇଥିଲା। ଏହି ସମୟରେ ଜାହାଜରୁ ଏକ ବାଲ୍ଟିରେ ୮ ପ୍ୟାକେଟ କୋକେନ କଢ଼ାଯାଇଥିଲା। ଖବର ପାଇବା ପରେ ପାରାଦୀପ ଡିଏସ୍‌ପି ସନ୍ତୋଷ ଜେନା ଜଟାଧାର ମେରାଇନ ଥାନା ଆଇଆଇସିଙ୍କ ନେତୃତ୍ୱରେ ଚଢଉ କରି ଏହାକୁ ଜବତ କରିଥିଲେ। ପରେ ସିଆଇଏସଏଫ୍, କଷ୍ଟମ୍ସ ଓ ଓଡ଼ିଶା ପୁଲିସ ସମେତ ଡଗ୍ ସ୍କ୍ୱାଡ୍ ମିଳିତ ଯାଞ୍ଚରେ ୨୨ଟି ପ୍ୟାକେଟ କୋକେନ ମିଳିଥିଲା। ଘଟଣା ଜଣାପଡ଼ିବା ପରେ କଷ୍ଟମ୍ସ ବିଭାଗ, ଡଗ୍ ସ୍କ୍ୱାଡ୍, ସିଆଇଏସଏଫ, ଏସ୍‌ଟିଏଫ, ଏନ୍‌ସିବି, ଅର୍ଥ ମନ୍ତ୍ରାଣାଳୟର ସ୍ୱତନ୍ତ୍ର ଟିମ୍ ତଦନ୍ତ ଆରମ୍ଭ କରିଛି। ଜାହାଜକୁ ବର୍ଥରେ ଅଟକ ରଖାଯାଇଛି। ଏହାର କ୍ୟାପଟେନ୍‌ଙ୍କ ସମେତ ସମସ୍ତ ୨୧ ସଦସ୍ୟଙ୍କୁ ଅଟକ ରଖି ତଦନ୍ତ କରାଯାଉଛି। ସମସ୍ତଙ୍କୁ ପୃଥକ୍ ପୃଥକ୍ ଓ ୨ଜଣିଆ ଗ୍ରୁପ୍ କରି ଏସ୍‌ଟିଏଫ୍ ଓ ଏନ୍‌ସିବି ସାମ୍ନାସାମ୍ନି ପଚରାଉଚରା କରୁଛି।

# ଗୁହାଳରେ ପଶି ବାଛୁରୀ ଖାଇଲା ବାଘ

**ନୂଆପଡ଼ା/କୋମନା, ୨।୧୨(ସମିସ):** ନୂଆପଡ଼ା ଜିଲ୍ଲାର କୋମନା ଓ ନୂଆପଡ଼ା ବ୍ଲକ୍ ଅଞ୍ଚଳରେ ବିଶେଷକରି ସୁନାବେଡ଼ା ଅଭୟାରଣ୍ୟ ଏବଂ ଜଙ୍ଗଲ ତଳି ଗାଁମାନଙ୍କରେ କଳରାପତରିଆ ବାଘ ଆଜିକୁ ଦୀର୍ଘ ବର୍ଷେ ହେବ ଆତଙ୍କିତ କରି ରଖିଛି। କେତେବେଳେ ଗୃହପାଳିତ ପ୍ରାଣୀ ତ ପୁଣି କେତେବେଳେ ମଣିଷଙ୍କୁ ମାରି ଖାଉଛି। ଶୁକ୍ରବାର ରାତିରେ କୋମନା ବ୍ଲକ ସୁନାବେଡ଼ା ଅଭୟାରଣ୍ୟର ସୋସେଙ୍ଗ ଗାଁରେ ଦୁର୍ଗା ମାଝୀଙ୍କ ଗୁହାଳରେ ପଶି ବାଘ ଏକ ବାଛୁରୀକୁ ମାରି ଖାଇଥିବା ଜଣାଯାଇଛି। ବାକି ଗୋରୁ ଚିତ୍କାର କରିବାରୁ ବାଘ ତାକୁ ଅଧା ଖାଇ ଛାଡ଼ି ଚାଲିଯାଇଥିଲା। ଦୁର୍ଗାଙ୍କ ପରିବାରଲୋକ ବାହାରି ଦେଖିଲା ବେଳକୁ କିଛି ଦୂରରେ ବାଘଟି ବସି ରହିଥିଲା। ତେଣୁ ଲୋକେ ରାତିସାରା ବାହାରେ ଜଗି ରହିଥିଲେ। ସେହିପରି ଶନିବାର ପୂର୍ବାହ୍ନରେ ମଧ୍ୟ କଟିଙ୍ଗପାଣି ଗାଁ ରାସ୍ତାରେ ବାଘଟି ଘୂରି ବୁଲୁଥିବା ଗ୍ରାମବାସୀ ଦେଖିଥିବା କହିଛନ୍ତି।

obcc ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଲିଃ
(ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗ ଅଧିନର ଏକ ଉଦ୍ୟୋଗ)
ODISHA BRIDGE & CONSTRUCTION CORPORATION LIMITED
(A Government of Odisha Undertaking under Works Department)
CAD-3126

No. 10841
File: SMT-1975
NOTICE INVITING TENDER
Date 01.11.2023

| | | | | |
|---|---|---|---|---|
| 1. | Name of Work | : | Supply, Fitting & Fixing of SS 304 Grade Barricade Railing with Bench in the proposed Darshan queue for Shree Mandira, Puri on Percentage Rate Basis. | Supply, installation & maintenance of German Hanger, Pagoda & Provision of A/C therein along with provision of A/C in the proposed Darshan queue for Shree Mandira, Puri on Percentage Rate Basis. |
| 2. | Bid Identification No | : | 70/Tender/OBCC/2023-24 | 71/Tender/OBCC/2023-24 |
| 3. | Class of Contractor | : | Registered Indian Firm & Authorized dealer of Similar Equipment. | Registered Indian Firm & Authorized dealer of Similar Equipment. |
| 4. | Bid Processing fee (only in online mode) | : | ₹ 11,800.00 (Including GST) | ₹ 11,800.00 (Including GST) |
| 5. | Bid Security Fee/ EMD (In online mode only) | : | ₹ 1,40,000.00 | ₹ 6,10,000.00 |
| 6. | Date of availability of bid document in e-procurement portal | : | From Dt.07.12.2023 | From Dt.07.12.2023 |
| 7. | Last Date & time of receipt of online bid | : | Up to 11.00 AM on 21.12.2023 | Up to 11.00 AM on 21.12.2023 |
| 8. | Date of Bid Opening | : | 21.12.2023 at 11.30 AM | 21.12.2023 at 11.30 AM |
| 9. | Project Completion Duration | : | 2 (Two) Calendar Months | 2 (Two) Calendar Months |

10. Further details can be seen from the e-Procurement portal https://www.tendersodisha.gov.in.
11. OBCC has the right to accept or reject the Notice / DTCN without assigning any reasons thereof.
OIPR-34161/11/0085/2324
Sr. Chief Genral Manager-I

DSPL-438
ଓଡ଼ିଶା ସରକାର



**ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା**

ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ଅବସରରେ ଆପଣମାନଙ୍କୁ ମୋର ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି ।

ସମାଜ ତଥା ବିକାଶର ପ୍ରତ୍ୟେକ ସ୍ତରରେ ଭିନ୍ନକ୍ଷମମାନଙ୍କ ଅଧିକାର ତଥା କଲ୍ୟାଣକୁ ପ୍ରୋତ୍ସାହିତ କରିବା ତଥା ରାଜନୈତିକ, ସାମାଜିକ, ଅର୍ଥନୈତିକ ଏବଂ ସାଂସ୍କୃତିକ ଜୀବନର ସବୁ କ୍ଷେତ୍ରରେ ସେମାନଙ୍କ ଦକ୍ଷତାର ବିକାଶ ପାଇଁ ସୁଯୋଗ ସୃଷ୍ଟି କରିବା ଦିଗରେ ଆମେ ପ୍ରତିଶ୍ରୁତିବଦ୍ଧ । ଭିନ୍ନକ୍ଷମ ବ୍ୟକ୍ତିମାନେ ଆଜି ସମସ୍ତ ପ୍ରତିବନ୍ଧକକୁ ଅତିକ୍ରମ କରି ସମାଜର ବିଭିନ୍ନ କ୍ଷେତ୍ରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରୁଛନ୍ତି ଏବଂ ଅନ୍ୟମାନଙ୍କ ପାଇଁ ଉଦାହରଣ ମଧ୍ୟ ହୋଇପାରିଛନ୍ତି । ଭିନ୍ନକ୍ଷମମାନଙ୍କ ବ୍ୟକ୍ତିତ୍ୱର ବିକାଶ ପାଇଁ ଉପଯୁକ୍ତ ପରିବେଶ ଓ ପ୍ରୋତ୍ସାହନ ସୃଷ୍ଟି କରିବା ନିମନ୍ତେ ମୋ ସରକାର ଅନେକ କଲ୍ୟାଣକାରୀ ପଦକ୍ଷେପ ଗ୍ରହଣ କରିଛନ୍ତି । ସେମାନଙ୍କୁ ଆତ୍ମନିର୍ଭରଶୀଳ କରି ବିକାଶର ମୁଖ୍ୟ ସ୍ରୋତରେ ସାମିଲ କରିବା ଦିଗରେ ମୋ ସରକାରର ଉଦ୍ୟମ ଜାରି ରହିବ ।

ନବୀନ ପଟ୍ଟନାୟକ
ମୁଖ୍ୟମନ୍ତ୍ରୀ, ଓଡ଼ିଶା
OIPR-46001/13/0027/2324

# ପ୍ରଶଂସା



**ଶ୍ରୁତକୀର୍ତ୍ତି ତ୍ରିପାଠୀ**

ସମୀର ଖୁବ କମ୍ କଥା କୁହନ୍ତି । କହିବାକୁ ଗଲେ ଯେଉଁଠି ସବୁ ଠିକ୍‌ଠାକ୍ ଥାଏ, ସେଠି ସେ କିଛି କୁହନ୍ତି ନାହିଁ; ମାତ୍ର ଯେଉଁଠି କିଛି ଭୁଲ୍ ଦେଖିଲେ, ତାଙ୍କୁ ଆଉ ସମ୍ଭାଳେ କିଏ ? ଏଭଳି ଲୋକଙ୍କ ପ୍ରଶଂସକଙ୍କଠାରୁ ନିନ୍ଦୁକଙ୍କ ସଂଖ୍ୟା ଖୁବ୍ ବେଶୀ । ଏଇ ଯେମିତି ଯୁବା ସମୟରେ ତାଙ୍କ ଉପରିସ୍ଥ କର୍ମଚାରୀ ତାଙ୍କୁ ଅପମାନ ଦେଇଥିଲା ବୋଲି ଚାକିରିରୁ ଇସ୍ତଫା ଦେଇ ସେ ଘରକୁ ଚାଲି ଆସିଥିଲେ । କାହା ଅଧୀନରେ ମୁଣ୍ଡ ନୁଆଁଇ, ନିଜ ସମ୍ମାନକୁ ତଳେ ପକେଇ ଚାକିରି କରିବା ତାଙ୍କ ଦ୍ୱାରା ହୋଇ ନ ଥିଲା । ସେଥିପାଇଁ ବ୍ୟବସାୟକୁ ସେ ବାଛି ନେଇଥିଲେ ନିଜ ଆଗାମୀ ଭବିଷ୍ୟତ ପାଇଁ । ସେଇ ରୋକ୍‌ଠୋକ୍ କଥାବାର୍ତ୍ତା ଓ ନ୍ୟାୟସମ୍ମତ ଗୁଣ ଯୋଗୁଁ ଆଜି ସେ ଜଣେ ସଫଳ ବ୍ୟବସାୟୀ । ଅଳ୍ପ କଥା କୁହନ୍ତି, ହେଲେ ଯେବେ କହନ୍ତି ନିରାଟ ସତ । ସେଥିପାଇଁ ତାଙ୍କୁ ଅନ୍ତରରୁ ଭଲ ପାଉଥିବା ଲୋକ ହିଁ ତାଙ୍କ ସାଙ୍ଗରେ ମିଶନ୍ତି । ମିଛ ପ୍ରଶଂସା ତ ତାଙ୍କ ଜାତକରେ ନାହିଁ । ଆଉ ରହିଲା ସତରେ ପ୍ରଶଂସା କରିବା କଥା, ସେଇ କଳାଟି ସେ ଏ ଯାଏଁ ଆୟତ୍ତ କରି ପାରନ୍ତି ନାହିଁ । ସେଥିପାଇଁ ସ୍ତ୍ରୀ ମୀରାଙ୍କର ବି ଅଭିଯୋଗ ଯେ, "ତୁମେ ଆଜି ପର୍ଯ୍ୟନ୍ତ କେବେ ଭଲକୁ ଭଲ କହିଛ ନା କହିବ !"

ମୀରା ନିତି ଭିନ୍ନ ଭିନ୍ନ ରକମର ସୁସ୍ୱାଦୁ ଭୋଜନ ତିଆରି କରି ପରଷି ଦିଅନ୍ତି ସ୍ୱାମୀଙ୍କ ଆଗରେ, ହେଲେ ଚୁପ୍‌ଚାପ୍ ବିନା ବାକ୍ୟ ବିନିମୟରେ ସବୁ ଖାଇଦେଇ ଉଠି ଯାଆନ୍ତି ସମୀର । ଏତେ ପରିଶ୍ରମ କରି, ସମୟ ଦେଇ ରୋଷେଇ କରିଥିବା ଯୋଗୁଁ ସବୁ ସ୍ତ୍ରୀ ଭଳି ତାଙ୍କର ବି ଇଚ୍ଛା ହୁଏ କେବେ ଟିକେ ସ୍ୱାମୀ କହନ୍ତେ, "ବାଃ ! ଆଜି ବଢ଼ିଆ ହେଇଛି ଖାଇବା, ମଜା ଆସିଗଲା ।" ହେଲେ ନା, ଏଇ ସୌଭାଗ୍ୟ କେବେ ହୋଇନି ତାଙ୍କର ।

ଖାଇବା ଭଲ ହେଇଥିଲେ ଥାଳିଆ ସଫା କରି ଖାଇଦେବେ, ହେଲେ ସ୍ତ୍ରୀ ହାତରନ୍ଧାର ପ୍ରଶଂସା କେବେ କରିବେ ନାହିଁ । ଖାଇବା ଭଲ ନ ଲାଗିଲେ ଧୀରେ କ'ଣ କେମିତି ଆଚାର ଲଗେଇ ଅଳ୍ପ ଖାଇ ଦେଇ ବାକି ତକ ଛାଡ଼ି ଦେଇ ଯାଆନ୍ତି । କିଛି କୁହନ୍ତି ନାହିଁ ସିନା, ଭାରି କଷ୍ଟ ପାଆନ୍ତି ମୀରା ! ଲୋକଟି ଆଜି କିଛି ଭଲରେ ନ ଖାଇ ଉଠିଗଲେ । ଯେତେ ପ୍ରକାର ନୂଆ, ସୁସ୍ୱାଦୁ ବ୍ୟଞ୍ଜନ ପରଷି ଦେଲେ ବି "ବାଃ, ବଢ଼ିଆ ହେଇଛି ତ" ଧାଡ଼ିକ ଶୁଣିବାକୁ ସ୍ତ୍ରୀ ମୀରାଙ୍କ ତପ୍ତ କାନଦୁଇଟି ସବୁବେଳେ ନିରାଶ ହୁଅନ୍ତି ।

ଥରେ ରୋଷେଇଘର କାମ ସାରି ଶୋଇବା ଘରକୁ ଆସିବା ବେଳେ ସମୀର କାହା ସହିତ ଫୋନ୍‌ରେ କଥା ହେବା ଶୁଣି ମୀରା କବାଟ ପାଖରେ ହିଁ ରହିଗଲେ । ସମୀର କହୁଥିଲେ, "ମୋ ଧର୍ମପତ୍ନୀ ମୀରାଙ୍କ ହାତର ସୁସ୍ୱାଦୁ ବ୍ୟଞ୍ଜନର ଯେତେ ପ୍ରଶଂସା କଲେ କମ୍ ହେବ । ସେଥିପାଇଁ ତ ତମ ସାଙ୍ଗମାନଙ୍କର ପ୍ରତିଥର ହୋଟେଲ ଯିବା ନିମନ୍ତ୍ରଣକୁ ଆଡ଼େଇ ଦେଇ ତାଙ୍କ ହାତପରଷା ଖାଇବାକୁ ରହିଯାଏ । କିନ୍ତୁ ଏଇଟା ବି ସତ ଯେ ଭଲକୁ ଭଲ କହିବାର ଭଲ ଗୁଣଟି ବି ମୋ ପାଖରେ ନାହିଁ । ବିଚାରୀ ମୀରା କେତେ ପରିଶ୍ରମ କରି ରୋଷେଇ କରି ନିତି ନୂଆ ବ୍ୟଞ୍ଜନ ପରଷି ଦିଅନ୍ତି ମୋ ଆଗରେ, ଆଉ ମୁଁ ପ୍ରଶଂସା କରିବା ତ ଦୂରର କଥା, ଖାଇବା ଭଲ ହୋଇଛି" ବୋଲି କହିବାକୁ ବି ସଙ୍କୋଚ କରେ ।

ବାହାରୁ ଥାଇ ମୀରା ଶୁଣୁଥାନ୍ତି ସବୁ କଥା । ଲାଜରେ ତାଙ୍କ ତୋଫା ଗୋରା ମୁହଁଟି ନାଲି ପଡ଼ି ଯାଉଥାଏ । ଏତେ ଦିନର ଅଭିମାନ କେଇ କ୍ଷଣରେ ଅଦୃଶ୍ୟ ହୋଇଗଲା ସମୀରଙ୍କ କଥା ଶୁଣି । ମୁହଁ ଖୋଲି ପ୍ରଶଂସାର ପଦଟିଏ କହୁ ନ ଥିବା ତାଙ୍କ ସ୍ୱାମୀ, ତାଙ୍କ ହାତରନ୍ଧା ଖାଦ୍ୟର ପ୍ରଶଂସା ସାଙ୍ଗମାନଙ୍କ ଆଗରେ ବେଧଡ଼କ କହିଦେବା ତାଙ୍କୁ ଗୋଟିଏ ବଡ଼ ପୁରସ୍କାରଠାରୁ କମ୍ ଲାଗିଲା ନାହିଁ । ସବୁ ଶୁଣି କିଛି ନ ଶୁଣିଲା ଭଳି ଅଭିନୟ କରି ସେ ଶୋଇବାଘରକୁ ପଶିଲେ । ସମୀରଙ୍କ ମୁହଁରେ ତୃପ୍ତିର ଧାରେ ହସ, "ଯା ହଉ ମୀରା ଆସିବା ପୂର୍ବରୁ ସେ ଫୋନରେ କଥା ହେବା ସାରି ଦେଇଛନ୍ତି ।" ■

ଭୁବନେଶ୍ୱର
ମୋ: ୬୩୭୦୫୧୬୪୭୮

ଏ ସପ୍ତାହର କବିତା



## ଯଦି କେବେ ଯୁଦ୍ଧ ହୁଏ -୨



**ପ୍ରତୀକ୍ଷା ଜେନା**

ତୁମକୁ ଦେଖିଥିଲି ପାଲେଷ୍ଟାଇନ୍‌ରେ,
ଗୋଟେ କଫିନ୍‌ରେ ଶୋଇଥିଲ ନିଶ୍ଚିନ୍ତ...
ସେଇଦିନ
କେତେ ସମୁଦ୍ର, କେତେ ସହର
କେତେକେତେ ଅଜଣା ଘର ଓ ଗଛଲତା ଡେଇଁ
ତୁମେ ଭେଟିବାକୁ ଆସିଥିଲ ।

ଆଖିମାନେ ଅପେକ୍ଷାରତ ପୂର୍ବଭଳି...

ଛିଟ ହଳଦିଆ ରଙ୍ଗର ଫୁଲ ଫୁଟିଛି ଶାଢ଼ିରେ,
ମଥାରେ କୁଙ୍କୁମରେ ଅଙ୍କା ହେଇଛି ସୂର୍ଯ୍ୟ,
ଯେଉଁ ଲୋକମାନେ ତଥାପି ମରି ନାହାନ୍ତି ଯୁଦ୍ଧରେ
ସେମାନେ ସନ୍ଦେହରେ ।

ମୁଁ ଈଶ୍ୱରଙ୍କୁ ବସେଇ ରଖିଛି ଘରେ,
ମୋ ହାତରେ ତୁମ ଆୟୁଷରେଖାରେ ଚୁମା ଦେଉଛି,
ଖଟରେ, ବାରଣ୍ଡାରେ, ଚଟାଣରେ ଅଧା ନିଦରେ
ଶୋଇଥିବା ମୁମୂର୍ଷୁ ଶିଶୁମାନଙ୍କ ଓଠରେ
ଗୁଞ୍ଜିଦେଉଛି ସ୍ତନ,
ପୃଥିବୀ ବଞ୍ଚିରହୁ ବୋଲି
ଯେଉଁ ଶେଷଥର ଆମେ ଶୋଇଥିଲେ ସମ୍ଭୋଗରେ,
ସେଇ ଭ୍ରୂଣଟିକି ଗର୍ଭରେ ଧାରଣ କରିଛି ।

ମୁଁ ଗୋଟେ ସୁନ୍ଦର ସ୍ୱପ୍ନ ଦେଖୁଛି...

ଆମ ଓଠ ନିବିଡ଼ ଚୁମ୍ବନରେ
ବାନ୍ଧି ହେଇଛନ୍ତି ଚିରକାଳ...
ଆମ ମାଟିରେ ଅସରନ୍ତି ଶସ୍ୟ ଫଳିଛି
ଭାଙ୍ଗିରୁଜି ନିଶ୍ଚିହ୍ନ ହେଇଛି ମନ୍ଦିର ଓ ଗୀର୍ଜାଘର,
ଗୋଡ଼ ଅଙ୍ଗୁଳିରେ ଲିଭେଇ ଦେଇଛି ସୀମାରେଖା,
ଲିଭେଇଛି ଗାର...
ଈଶ୍ୱରଙ୍କୁ ଅସହାୟ ସେପରି ବସେଇ ରଖିଛି ଘରେ,
ମୁଁ ପ୍ରସବ ବେଦନାରେ ଖେଳେଇ ପଡୁଛି ଏ ଭୂଖଣ୍ଡରେ ଏବଂ
ତୁମକୁ ସହସ୍ର ରୂପରେ ଜନ୍ମ ଦେଉଛି ।

ଆଦୌ ଭୟ କରନା ଏ ଯୁଦ୍ଧକୁ.....
ମୁଁ ଜାଣେ ବାରୁଦ କି ବିସ୍ଫୋରଣରେ
ଶେଷ ହେବନି ପ୍ରେମ । ■

ନାଲ୍‌କୋ ନଗର, ଅନଗୁଳ



## ଦେଖାଦେଖି



**ସତ୍ୟନାରାୟଣ ଗନ୍ତାୟତ**

ନିୟତ ଦେଖୁଥିବ ବୋଲି
ପଲକ ପଡ଼େନି ତୁମ ଆଖିର
ଆମେ ନେତ୍ର ଭରି
ଥରୁଟେ ଦେଖିବା ବେଳକୁ
କିନ୍ତୁ ଏତେ ମାରଧର ?

ତ' ଥାଅ ସେଠି ସେଇମିତି
ଆପଣା ଠଣାରେ ଇ
ଏମିତିରେ ଆମେ ଯେଉଁଠି ଥିଲେ ବି
ତୁମେ ପରା ଥାଅ ରହି
ଆମ ସଭିଙ୍କର ହୋଇ ?

ତ' ଦେଖିବା ଏଥର
ମନକୁ ମନ୍ଦିର ସଜାଇ
ଆଖି ବୁଜି ନିରେଖିଲେ
କେମିତି ଦେବନି ଦେଖା
ଥାଇ ଆମ ହୃଦୟ ବେଦୀରେ !! ■

'ସୁହାସିତମ୍', କସ୍ତୁରୀ ନଗର
ରାୟଗଡ଼ା: ୭୬୫୦୦୧
ମୋ: ୯୪୩୭୯୦୯୬୭୫

# ସାଂପ୍ରତିକ ସମୟ ଓ ମାନବେତର ଗଳ୍ପ



**ଡକ୍ଟର ଜଗନ୍ନାଥ ସାହୁ**

ଏକବିଂଶ ଶତାବ୍ଦୀର ମଣିଷ ହେଉଛି ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ମଣିଷ । ଏହି ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାକୁ ପାଥେୟ କରି ବିକାଶର ଶୀର୍ଷରେ ପହଞ୍ଚିବା ପାଇଁ ସେ ବ୍ୟାକୁଳ ହୋଇ ଉଠିଛି । ଧାଁ-ଦୌଡ଼ ପୃଥିବୀର ମଣିଷ ଯନ୍ତ୍ର ପରି ବଞ୍ଚି ଚାଲିଛି । ବିଶ୍ୱ ଏବେ ଯୁଦ୍ଧମୁହାଁ । କେଉଁଠି ନା କେଉଁଠି ପ୍ରତ୍ୟହ ଗୁଳିବର୍ଷା, ରକ୍ତପାତ ହେଉଛି । ହିଂସା, କ୍ରୋଧ, ଲୋଭ, ଈର୍ଷା ପରି ଆସୁରିକ ପ୍ରବୃତ୍ତିକୁ ମାନସିକ ସ୍ତରରୁ ହଟେଇ ପାରୁନାହୁଁ । ଯେଉଁଥିପାଇଁ ବିଭିନ୍ନ ପ୍ରକାର ଅପରାଧିକ ତଥା ଅନୈତିକ କାର୍ଯ୍ୟ ଦେଖିବାକୁ ମିଳୁଛି । ପବିତ୍ର ସଂପର୍କ ପାଇଁ ଏ ଧରଣୀକୁ ପ୍ରେମର ପୃଥିବୀ, ସମବେଦନାର ଧରିତ୍ରୀ ବା ସହନଶୀଳତାର ବସୁନ୍ଧରା, ଏମିତି କେତେ ନାମରେ ତାକୁ ସମ୍ବୋଧନ କରିଥାଉ, ମାତ୍ର ବିଭିନ୍ନ ପ୍ରକାର ଗଣମାଧ୍ୟମ ବା ଅନୁଭବରୁ ଆମେ ଦୈନନ୍ଦିନ ଜୀବନରେ ଯେଉଁ ସବୁ ଘଟଣା ଦେଖୁଛୁ, ଯେମିତି ଗର୍ଭବତୀ ନାରୀକୁ ହତ୍ୟା, କନ୍ୟାଭ୍ରୂଣ ହତ୍ୟା, ବୃଦ୍ଧ ମାତାପିତାଙ୍କୁ ଘରୁ ତଡ଼ି ଦେବା, ଆତ୍ମୀୟ ମଣିଷର ଶରୀରକୁ ଖଣ୍ଡ ଖଣ୍ଡ କାଟି ଟିଫିନ୍, ବେଗ୍, ଫ୍ରିଜରେ ରଖିବାର ବୀଭତ୍ସ, ହୃଦୟବିଦାରକ ଘଟଣା ସ୍ୱତଃ ଆମ ଭିତରେ ପ୍ରଶ୍ନ ସୃଷ୍ଟି ହେଉଛି, ଆମେ ମଣିଷ ତ! ସହାନୁଭୂତିହୀନ ମଣିଷ ପାଖରେ ସ୍ୱାର୍ଥର ଜାଲ ଟିକକ ବଞ୍ଚିଛି, ଯେଉଁ ସ୍ୱାର୍ଥର ଫାଶରେ ଅନେକ ସଂପର୍କ ଆଜି କଳୁଷିତ କରିବାକୁ ମଧ୍ୟ ପଛଘୁଞ୍ଚା ଦେଉ ନାହିଁ । ହାଣ୍ଡିଏ ଅମୃତରେ ବୁନ୍ଦାଏ ବିଷ ପଡ଼ିବା ପରି ଏକ ସୁସ୍ଥ ସାମାଜିକ ଜୀବନଶୈଳୀକୁ ଏମିତି କିଛି କିଛି ଘଟଣା ବିଗାଡ଼ି ଦେଉଛି ।

ଅସିକୁ ନିରବ କରି, ପାଶବିକତାକୁ ଫାଶରେ ପକେଇ ଦେଇ, ସୁମନ୍ତ୍ରିତ ନିୟନ୍ତ୍ରିତ ଏକ ସୁସ୍ଥ ସମାଜ ଗଢ଼ିବା ପାଇଁ ମସିର ଭୂମିକା ଗୁରୁତ୍ୱପୂର୍ଣ୍ଣ, ତାହା ପ୍ରାଚୀନ ସମୟରୁ ଆମେ ଦେଖି ଆସିଛୁ । ଓଡ଼ିଆ ଗାଳ୍ପିକଗଣ ମଧ୍ୟ ତାଙ୍କ ଲେଖନୀ ସାମ୍ନାରେ ଘଟି ଯାଇଥିବା ବିଭିନ୍ନ ଘଟଣାବଳୀର ଚିତ୍ରକୁ ଚିତ୍ରିତ କରିଛନ୍ତି ।

ବିଶାଳ ବିଶ୍ୱକୁ ବିଶ୍ୱଗ୍ରାମ ଭାବରେ ଅଭିହିତ କରି ମଣିଷ ବିଶ୍ୱକୁ ଆଜି ନିଜ ହାତମୁଠାରେ ରଖିପାରିଛି । ମାତ୍ର ମଣିଷ ଏତେ କୋଣଠେସା ହୋଇଯାଇଛି ଯେ, ତା' ପୃଥିବୀ ତା' ପାଇଁ ଗୋଟିଏ କୋଠରିରୁ ମଧ୍ୟ ଆହୁରି ଛୋଟ । ବନ୍ଦ କବାଟ, ଅଳ୍ପ ଖୋଲା ଝରକା, ପଙ୍ଖାର କିଛି ପବନ, ଇଲେକ୍ଟ୍ରି ବଲ୍‌ବର କିଛି ଆଲୁଅ, ଛୋଟବଡ଼ ଯନ୍ତ୍ର ଭିତରେ ଏମିତି ମଗ୍ନ ରହିଯାଉଛି ଯେ, ତା' ପାଇଁ ଦିନରାତି ପ୍ରାୟ ସମାନ ହେଇଯାଇଛି । ତା' ବାହାରେ ଏଡ଼େ ବିଶାଳ ବିଚିତ୍ର ପୃଥିବୀ ଅଛି, ପାଣି, ପବନ, ଝରଣା, ନଦୀ, ସମୁଦ୍ର, ପାହାଡ଼, ଖୋଲା ଆକାଶ, ପୂର୍ଣ୍ଣମୀ ଜହ୍ନ, ସୁଖଦୁଃଖ ହେବା ପାଇଁ, ସମବେଦନା, ସହାନୁଭୂତି ବାଣ୍ଟିବା ପାଇଁ ତା' ଛାତି ଭିତରେ ଯେ, ଏଡ଼େ ସୁନ୍ଦର ହୃଦୟଟିଏ, ତାହା ମଧ୍ୟ ତାକୁ ଅଜଣା ପରି ମନେ ହୁଏ । ଆମେ ଯେମିତି ଅଦୃଶ୍ୟ ବଳୟରେ ବନ୍ଦୀ । ଏ କ୍ଷେତ୍ରରେ ପଦ୍ମଜ ପାଲଙ୍କ 'ପିଞ୍ଜରାବଦ୍ଧ', କୈଳାଶ ପଟ୍ଟନାୟକଙ୍କ 'ସୌଦାଗର ଓ ଶୁକ ପକ୍ଷୀକଥା', ରାମଚନ୍ଦ୍ର ବେହେରାଙ୍କ 'ପିଂଜରା' ଭୀମ ପୃଷ୍ଟିଙ୍କ 'ଦ୍ୱାରବନ୍ଧ ସବୁଜ ଜୀବନ' ଆଦି ଗଳ୍ପକୁ ଆଲୋଚନା କରିପାରିବା । ଭୀମ ପୃଷ୍ଟିଙ୍କ ଶୁଆ ଚରିତ୍ରଟି ଫୁଲରୁ ଫୁଲ, ଡାଳରୁ ଡାଳ ସହ ଅନନ୍ତ ଆକାଶରେ ଉଡ଼ି ବୁଲୁଥିଲା । ତାକୁ ଯେବେ ମଣିଷ ବନ୍ଦୀ କରିଦେଲା ଶୁଆଟି ନିଜ ସ୍ୱାଧୀନତା ହରାଇବା ସହ ପାହାଡ଼େ ଅବସୋସ ଯେମିତି ତା' ମୁଣ୍ଡରେ ଭିତରେ ଧରି ରଖିଲା । କେବଳ ମଣିଷକୁ ଖୁସି କରିବା ପାଇଁ ହିଁ ସେ ବନ୍ଦୀ, କିନ୍ତୁ ପରୋକ୍ଷରେ ସେ ଦେଖୁଛି ତା'ଠୁ ମଣିଷ ଆହୁରି ବନ୍ଦୀ ଜୀବନଯାପନ କରୁଛି । ଗୋଟାଏ ଗୋସେଇଁ ଏବଂ ଅବୋଲକରା ବାର୍ତ୍ତାଳାପ ପ୍ରସଙ୍ଗରେ ଆସିଛି 'ସୌଦାଗର ଓ ଶୁକପକ୍ଷୀ କଥା' ଗଳ୍ପ । ଯେଉଁଠି ବୁଦ୍ଧିଜୀବୀ ନାମକ ଶୁଆ ପକ୍ଷୀଟି ଅନେକ ଶାସ୍ତ୍ରରୁ ଜ୍ଞାନ ଆହରଣ କରିଥିଲେ ହେଁ ଖାଦ୍ୟର ଲୋଭରେ ପଡ଼ି କେମିତି ତା'ର ସ୍ୱାଧୀନତାକୁ ହରେଇଛି, ତାହା ଅତ୍ୟନ୍ତ ଶିକ୍ଷଣୀୟ ।

ଭୋକ ଉପାସରେ ବା ରୋଗରେ ପଡ଼ିଥିବା ମଣିଷ ସମବେଦନା ବା ସହାନୁଭୂତିରେ ହିଁ କିଛିଦିନ ବଞ୍ଚିଯାଏ । ଭଙ୍ଗା ହୃଦୟରେ କାହା 'ଆହାଃ' ପଦକ ମହୌଷଧି ପରି କାମ କରେ, ଯେଉଁଠି ଜୀବନ ପୁଣି ଜିଇଁ ଉଠେ । ମାତ୍ର ଯେଉଁଠି ଏସବୁ ଆକାଶ କଇଁଆ, ସେଠି ମଣିଷର ଭିଡ଼ ଜମିପାରେ; ମାନବିକତାର ନୁହଁ । ମାନବିକତାର ଜୟଗାନ ସର୍ବାଗ୍ରେ ତିଷ୍ଠି ରହିବା ଉଚିତ । ଏ ଦିଗରେ କାଳିନ୍ଦୀଚରଣ ପାଣିଗ୍ରାହୀଙ୍କ 'ମାଂସର ବିଳାପ', ମହାପାତ୍ର ନୀଳମଣି ସାହୁଙ୍କ 'ଅନ୍ଧରାତିର ସୂର୍ଯ୍ୟ', ଜଗଦୀଶ ମହାନ୍ତିଙ୍କ 'ତୁଚ୍ଛାତିତୁଚ୍ଛ', ଅଚ୍ୟୁତାନନ୍ଦ ପତିଙ୍କ 'ଘରଚଟିଆର ଛୋଟ କାହାଣୀଟିଏ', ବସନ୍ତ ଶତପଥିଙ୍କ 'ଭାଲୁ ଶିକାର', ସତ୍ୟପ୍ରିୟ ମହାଲିକଙ୍କ 'କ୍ରୋକୋଡାଇଲ୍', ବିଜୟ ନାୟକଙ୍କ 'କୁଆ' ଆଦି ଅନ୍ୟତମ । ହୁ ହୁ ହେଇ ବଢୁଥିବା ଜନସଂଖ୍ୟା ଭିତରେ ପ୍ରକୃତ ମଣିଷର ସଂଖ୍ୟା କେତେ ତାହା ଏକ ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରେ 'କୁଆ' ଗଳ୍ପ ।

ପରିବାର ଭିତରେ ପିତାମାତା ହିଁ ମେରୁଦଣ୍ଡ । ସଂସାର ଭିତରେ ପରିବାରଟିକୁ ତିଷ୍ଠେଇବା ପାଇଁ ସେମାନେ ଅସମ୍ଭବକୁ ସମ୍ଭବ ମଧ୍ୟ କରିଥାନ୍ତି । ଯେଉଁ କୁନିକୁନି ପୁଅ ଝିଅ ପାଇଁ ସେମାନେ ନ ଖାଇପିଇ ମଧ୍ୟ ହସିହସି ବଞ୍ଚିଥାନ୍ତି, ସମୟର ଚକ୍ରରେ ଆର୍ଥିକ ସ୍ୱଚ୍ଛଳତା ଥାଉ ବା ନ ଥାଉ କେତେକ ମାତାପିତା ତାଙ୍କ ସେହି ଶିକ୍ଷିତ-ଅଶିକ୍ଷିତ ପୁଅ-ଝିଅ, ବୋହୂ, ନାତି-ନାତୁଣୀ ଥିବା ସତ୍ତ୍ୱେ ବୃଦ୍ଧାଶ୍ରମର କୋଠରି ଭିତରେ ଖୁଣ୍ଟ ପରି ପଡ଼ି ରହିଥାନ୍ତି । ଯେଉଁ ମାତାପିତା ପାଇଁ ପୁଅ ସାହେବ ହୋଇଥାଏ, ଉଚ୍ଚ ପଦବୀରେ ବସିଥାଏ, ସେହି ପିତାମାତା କେମିତି ଅଛନ୍ତି ବୋଲି ସାହେବର ନଜର ପକେଇବାକୁ ମଧ୍ୟ ସମୟ ନଥିବା ସାଂପ୍ରତିକ ସମୟରେ ଯେମିତି କୌଣସି ନୂଆ କଥା ନୁହେଁ । କନ୍ୟାଭ୍ରୂଣ ହତ୍ୟା ମଧ୍ୟ ଏଯାଏଁ ସଂପୂର୍ଣ୍ଣ ଭାବରେ କମି ନାହିଁ । ଏମିତି ଘୃଣ୍ୟ ମାନସିକତାକୁ ପଶୁପକ୍ଷୀ ଚରିତ୍ର ମାଧ୍ୟମରେ ଚିତ୍ରିତ କରି ଗାଳ୍ପିକଗଣ ସମାଜକୁ ସଚେତନ କରିବା ଲକ୍ଷ୍ୟରେ ସତତ ଚେଷ୍ଟିତ । ରାମଚନ୍ଦ୍ର ବେହେରାଙ୍କ 'ଅସମାହିତ', 'ଏନ୍ଟୁଡ଼ିଶାଳ ପରେ', ଅଜୟ ସ୍ୱାଇଁଙ୍କ 'ବୋଉ ଓ ବିଲେଇ', କାଳିନ୍ଦୀଚରଣ ଜେନାଙ୍କ 'ଭାବକୁ ନିକଟ', ସୁବ୍ରତ କୁମାର ପଟ୍ଟନାୟକଙ୍କ 'ପାରା ଯୋଡ଼ିଙ୍କ ସମ୍ପର୍କରେ ଏକ ଦୁଃଖଦାୟକ ଗପ', ଦେବବ୍ରତ ମଦନ ରାୟଙ୍କ 'ସ୍ୱପ୍ନଭଙ୍ଗ' ପରି ଅନେକ ଗଳ୍ପ ଏ କ୍ଷେତ୍ରରେ ଏକ ଏକ ବଳିଷ୍ଠ ଉଦାହରଣ । 'ଭାବକୁ ନିକଟ' ଗଳ୍ପରେ ବୁଢ଼ୀ ଚରିତ୍ରଟି ଅସନା, କର୍କଶ, ଚର୍ମହୀନ ବାଛୁରୀଟିକୁ ମୃତ୍ୟୁମୁଖରୁ ଫେରାଇ ଆଣି ଏକ ଆକର୍ଷଣୀୟ ରୂପ ଦେଇଛି ତା' ପ୍ରେମ ତଥା ସେବା ଯତ୍ନରେ । ଅନ୍ୟ ଦିଗରେ ଏହି ନାରୀ ଚରିତ୍ରଟି ନିଜ ପିତୃହୀନ ପୁତ୍ର କାଶୀକୁ ବଡ଼ ମଣିଷ କରିବା ପାଇଁ ପରଘରେ କାମ କରିଛି । ସମୟକ୍ରମେ କାଶୀ ଚାକିରି ପାଇ ବାହାରେ ରହିଛି, ବିବାହ କରିଛି, ହାକିମ ହୋଇଛି, ବାପା ହୋଇଛି, ଅଥଚ ସେହି ନାରୀ ଚରିତ୍ରଟି କୌଣସି ଖବର ସୁଦ୍ଧା ପାଇ ନାହାନ୍ତି । ଗଳ୍ପରେ ଶେଷରେ ଦେଖିବାକୁ ପାଉ ପରିସ୍ଥିତିର ଦାସ ହୋଇ ବୁଢ଼ୀ ଯେଉଁ ବାଛୁରୀଟିକୁ ବଢ଼େଇ ଥିଲା ତାକୁ ବିକ୍ରି କରିଦେବାର ତିନିଦିନ ପରେ ସେ ଫେରିଆସି ଅନ୍ୟ କୁଆଡ଼େ ଯିବା ପାଇଁ ବାରଣ କରୁଛି, ଅଥଚ ହାକିମ ମା'ର ମୁହଁକୁ ଅନେଇ ନାହିଁ ।

ଏକ ଯୁକ୍ତାତ୍ମକ ଆଶା ସଂଚାର କରି ମହାପାତ୍ର ନୀଳମଣି ସାହୁ ଘୋଷଣା କରିଛନ୍ତି "ଏ ପୃଥିବୀ ନିଶ୍ଚେ ବଦଳିଯିବ । ଏ ଦାରିଦ୍ର୍ୟ ନିଶ୍ଚୟ ଅପସରି ଯିବ । ମଣିଷ ନୁହଁ- ତା' ଭିତରର ସୁପ୍ତ ମନୁଷ୍ୟତା ହିଁ ଦିନେ ଏ ପୃଥିବୀକୁ ରକ୍ଷା କରିବ । ଡେରି ହେଉ- ଯେତେ ଡେରି ହେଉ ପଛେ ।" ଏକ ରଙ୍ଗିନ ଆବେଗପୂର୍ଣ୍ଣ ଭାବ ରଖି ଆମେ ଯଦି ସହାନୁଭୂତି, ସମାନୁଭୂତିରେ ବଞ୍ଚିବା, ତେବେ ନିଶ୍ଚିତ ଭାବରେ ଏକ ସୁନ୍ଦର ପୃଥିବୀ ଗଢ଼ି ପାରିବା । ■

ରେଙ୍ଗାଲି, ଚୁଡ଼ାପାଲି, ବଲାଙ୍ଗିର
ମୋ- ୯୪୩୯୫୮୦୭୩୯

## ପୂଜା ପତ୍ରିକା

### ପଞ୍ଚବଟୀ

**ସଂପାଦକ: ସୁଶାନ୍ତ କୁମାର ନାୟକ**

ସୁଶାନ୍ତ କୁମାର ନାୟକଙ୍କ ସଂପାଦିତ ଆମ 'ପଞ୍ଚବଟୀ'ର ଶାରଦୀୟ ବିଶେଷାଙ୍କ-୨୦୨୩ ପ୍ରକାଶ ପାଇଛି । ଏହି ସଂଖ୍ୟାଟି ଗପ,କବିତା, ପ୍ରବନ୍ଧ, ଫିଚର୍, ବ୍ୟଙ୍ଗ ଗଳ୍ପ, ଅନୁବାଦ, ଗୀତି କବିତା ଆଦି ସାହିତ୍ୟର ବିଭିନ୍ନ ବିଭାଗରେ ସମୃଦ୍ଧଶାଳୀ ହୋଇଛି । 'କାହାଣୀ' ବିଭାଗରେ ବିଭୂତି ପଟ୍ଟନାୟକଙ୍କ 'ଜଳି ଯାଉଥିବା ଜୀବନର ଦୃଶ୍ୟ', ଗୌରହରି ଦାସଙ୍କ 'ଭସାମେଘ', ସଦାନନ୍ଦ ତ୍ରିପାଠୀଙ୍କ 'ଅନାଚାର', ଡକ୍ଟର ଜୟନ୍ତୀ ରଥଙ୍କ 'ଯସ୍‌ମିନ୍', ରବି ପଣ୍ଡାଙ୍କ 'ରାଜନୀତି' ଆଦି ଗପ ହୃଦୟସ୍ପର୍ଶୀ ହୋଇଛି । ସେହିପରି 'ପ୍ରବନ୍ଧ' ବିଭାଗରେ ପ୍ରଫେସର ବିଜୟାନନ୍ଦ ସିଂହଙ୍କ 'ନିରବତାର କବି ପ୍ରମୋଦ ସର', ଡକ୍ଟର ସୂର୍ଯ୍ୟମଣି ଖୁଣ୍ଟିଆଙ୍କ 'ସିଦ୍ଧକବି ପର୍ଶୁରାମ ବିହାରୀଙ୍କ ଲେଖନୀରେ ଶ୍ରୀରାଧା ଓ ଶ୍ରୀକୃଷ୍ଣ', କୁମୁଦ ଚନ୍ଦ୍ର ଦାଶଙ୍କ 'ସମାଲୋଚକ ବାବାଜି ଚରଣ ପଟ୍ଟନାୟକ 'ବିଚାର ବିମର୍ଶନ' ଆଦି ପ୍ରବନ୍ଧଗୁଡ଼ିକ ଉଚ୍ଚକୋଟୀର ହୋଇଛି । 'କବିତା' ବିଭାଗରେ ହରିହର ମିଶ୍ର, ଫନୀ ମହାନ୍ତି, ଭଗବାନ ଜୟସିଂହ, ଅମରେନ୍ଦ୍ର ଖଟୁଆ, ଡକ୍ଟର ଗାୟତ୍ରୀବାଳା ପଣ୍ଡା, ନନ୍ଦ କିଶୋର ସିଂହ, ସେନାପତି ପ୍ରଦ୍ୟୁମ୍ନ କେଶରୀ, ସୂର୍ଯ୍ୟ ମିଶ୍ର, ପ୍ରୀତିଧାରା ସାମଲ ପ୍ରମୁଖଙ୍କ କବିତା ମନଛୁଆଁ ହୋଇଛି । 'ପଞ୍ଚବଟୀ'ର ଶାରଦୀୟ ବିଶେଷାଙ୍କ ପାଠକଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ । ■







### ତୀର ତରଙ୍ଗ

**ସଂପାଦିକା: ବନ୍ଦନା ମିଶ୍ର**

ବନ୍ଦନା ମିଶ୍ରଙ୍କ ସଂପାଦନାରେ ପ୍ରକାଶିତ 'ତୀରତରଙ୍ଗ' ପାର୍ବଣ-୨୦୨୩ ସଂଖ୍ୟା ଆମର ହସ୍ତଗତ ହୋଇଛି । ଏହି ସଂଖ୍ୟାର 'ବିଶେଷ ପ୍ରସଙ୍ଗ'ରେ 'ବିବାହ ପୂର୍ବ ଓ ପରବର୍ତ୍ତୀ ସୃଜନୀ' ସଂପର୍କରେ ଏକ ଚମତ୍କାର ଆଲେଖ୍ୟ ପ୍ରକାଶ ପାଇଛି । 'ଅନୁଚିନ୍ତା'ରେ 'ମହିଳା ସଶକ୍ତିକରଣ'ରେ ଓଡ଼ିଶାର ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ କେତେ ଜଣ ମହିଳାଙ୍କ ଜୀବନ ଓ ସଂଘର୍ଷକୁ ନେଇ ସାକ୍ଷାତକାର ଭିତ୍ତିକ ଲେଖା ପ୍ରକାଶିତ ହୋଇଛି । ସେହିପରି 'କଥା ଓ କଥାକାର' ବିଭାଗରେ ଅରବିନ୍ଦ ପଟ୍ଟନାୟକ, କାଶୀନାଥ ନନ୍ଦୀ, ମୋନାଲିସା ମିଶ୍ର, ବିରଜା ରାଉତରାୟ, ଡକ୍ଟର କବିତା ବାରିକ ପ୍ରମୁଖ ଗଳ୍ପ ମାର୍ମିକ ହୋଇଛି । ଯୁବ କଥାକାର ଚିତ୍ତରଞ୍ଜନ ଚିରଞ୍ଜିତଙ୍କ ରଚିତ ଗୌତମ ବୁଦ୍ଧଙ୍କ ଦର୍ଶନ ଉପରେ ଆଧାରିତ ଭିନ୍ନ ସ୍ୱାଦର ସଂପୂର୍ଣ୍ଣ ଉପନ୍ୟାସ 'ବିଦ୍ରୋହୀ' ଅତ୍ୟନ୍ତ ଭାବଗର୍ଭକ ହୋଇଛି । ସେହିପରି 'କବିତା କକ୍ଷ' ବିଭାଗରେ ରବି ଶତପଥୀ, ପୀତାମ୍ବର ତରାଇ, ଡକ୍ଟର ଶ୍ରୀହରି ଧଳ, ମୌସୁମୀ ଦାସ, ପ୍ରିୟଙ୍କା ପ୍ରିୟଦର୍ଶନୀ ଦାସ, ଡକ୍ଟର କମଳାକୃଷ୍ଣ ତ୍ରିପାଠୀ, ସୁଶାନ୍ତ କୁମାର ନାୟକ ପ୍ରମୁଖଙ୍କ କବିତା ହୃଦୟସ୍ପର୍ଶୀ ହୋଇଛି । ତୀରତରଙ୍ଗ'ର ପାର୍ବଣ -୨୦୨୩ ସଂଖ୍ୟାଟି ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ । ■






### ରେବତୀ

**ସଂପାଦିକା: ସୁବାସିନୀ ଜେନା**

ଆମ ମାଟିର ସ୍ୱର 'ରେବତୀ'ର ପୂଜା ସଂଖ୍ୟା ଆମର ହସ୍ତଗତ ହୋଇଛି । ସୁବାସିନୀ ଜେନାଙ୍କ ସଂପାଦିତ 'ରେବତୀ'ର ଏହି ସଂଖ୍ୟା 'ପୂଜା ପ୍ରସଙ୍ଗ : ମାତୃଶକ୍ତି' ଉପରେ ଆଧାରିତ । ଡକ୍ଟର ରାଧାରଞ୍ଜନ ପଟ୍ଟନାୟକଙ୍କ 'ମାତୃଶକ୍ତିର ମହିମା', ଲକ୍ଷ୍ମୀପ୍ରିୟା ଓଝାଙ୍କ 'ମାତା ତନୋଟ୍', ନାରାୟଣ ରାଉତରାୟଙ୍କ 'ଶକ୍ତିମୟୀ ସପ୍ତମାତା', ପ୍ରଦୀପ କୁମାର ମିଶ୍ରଙ୍କ 'ଲୋଭନୀୟ ଲାଠିଯାତ୍ରା', ଡକ୍ଟର ଶିଶିର କୁମାର କରଙ୍କ 'ମାଆ ସଂଖାରୁଣୁଣୀ' ଆଲେଖ୍ୟରେ ବିଭିନ୍ନ ଶକ୍ତିପୀଠର ମାହାତ୍ମ୍ୟ ସଂପର୍କରେ ବର୍ଣ୍ଣନା କରାଯାଇଛି । ସେହିପରି ପ୍ରିୟମ୍ବଦା ରଥଙ୍କ 'ଜହୁରୀ ଭାଇ'ର ଯାତ୍ରା'ରେ ବିଶିଷ୍ଟ ଶିଶୁ ସାହିତ୍ୟିକ ନୃସିଂହଚରଣ ସାହୁ ବା ଜହୁରୀ ଭାଇଙ୍କ ଜୀବନ ଓ କୃତି ସଂପର୍କରେ ମାର୍ମିକ ଆଲୋଚନା ହୋଇଛି । କବିତା ବିଭାଗରେ ହରିହର ମିଶ୍ର, ଶୈଳବାଳା ମହାପାତ୍ର, ରଞ୍ଜନ କୁମାର ଦାସ, ଶ୍ରୀଦେବ, ମମତା ଦାଶ, ଡକ୍ଟର ମନୋରମା ବିଶ୍ୱାଳ ମହାପାତ୍ର, ପ୍ରବାସିନୀ ମହାକୁଡ଼ ପ୍ରମୁଖଙ୍କ କବିତା ହୃଦୟସ୍ପର୍ଶୀ ହୋଇଛି । ସେହିପରି ତରୁଣକାନ୍ତି ମିଶ୍ରଙ୍କ 'ନ ଦେଖିଥିବା ଦିନ', ବିଜୟ ନାୟକଙ୍କ 'ମନ୍ତ୍ରଣା' ଗପ ମନଛୁଆଁ ହୋଇଛି । ଅନ୍ୟାନ୍ୟ ନିୟମିତ ବିଭାଗଗୁଡ଼ିକ ମଧ୍ୟ ସୁଖପାଠ୍ୟ ହୋଇଛି । ରେବତୀର ଅକ୍ଟୋବର-୨୦୨୩ ସଂଖ୍ୟାଟି ପାଠକମାନଙ୍କ ଦ୍ୱାରା ଆଦୃତି ଲାଭ କରିବ ବୋଲି ଆଶା କରାଯାଏ । ■






# ଗୁଡ୍ ମର୍ଣ୍ଣିଂ ଓଡ଼ିଶା





# ବିଦେଶରେ ମହକୁଛି 'କୋରାପୁଟ'

*ପୃଥିବୀର ଶତକଡ଼ା ୭୫ ଭାଗ ଲୋକେ ଚା' କିମ୍ବା କଫି ପିଇ ଥାଆନ୍ତି । ତେବେ ଅନ୍ତର୍ଜାତୀୟ ବଜାରରେ ଚା' ପାଇଁ ଆସାମ ଯେପରି ନାଁ କରିଛି କଫି କ୍ଷେତ୍ରରେ ବର୍ତ୍ତମାନ କୋରାପୁଟ ଜିଲ୍ଲା ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି । ତେବେ କୋରାପୁଟ କଫିର ଚାହିଦା ଦିନକୁ ଦିନ ବିଦେଶରେ ବୃଦ୍ଧି ପାଉଥିବା ଲକ୍ଷ୍ୟ କରାଯାଇଛି । କୋରାପୁଟ ଜିଲ୍ଲାରେ ବର୍ତ୍ତମାନ ପ୍ରାୟ ୫୦୦ ହେକ୍ଟର ଜମିରେ ସରକାରୀ ଅନୁଦାନରେ ଆଦିବାସୀ କଫିଚାଷ କରି ସ୍ୱାବଲମ୍ବୀ ହୋଇ ପାରିଥିବାବେଳେ ୨୦୦୦ ହେକ୍ଟର ଜମିରେ ଘରୋଇ ଉଦ୍ୟୋଗୀ ନିଜସ୍ୱ ପୁଞ୍ଜିରେ କଫିଚାଷ କରି ନିଜେ ସ୍ୱାବଲମ୍ବୀ ହେବା ସହ ଜିଲ୍ଲାର ହଜାର ହଜାର ଲୋକଙ୍କୁ ରୋଜଗାର ଦେଇ ପାରିଛନ୍ତି । ବିଦେଶ ବଜାରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା କୋରାପୁଟ କଫି ସମ୍ପର୍କରେ ସ୍ୱତନ୍ତ୍ର ଉପସ୍ଥାପନା ।*


ସୁବୋଧ କୁମାର ଚେଟ୍ଟୀ



କୋରାପୁଟ ଜିଲ୍ଲାରେ ପ୍ରଥମେ ସ୍ୱାଧୀନତା ପୂର୍ବରୁ ଅର୍ଥାତ୍ ୧୯୩୦ରେ ଜୟପୁର ରାଜ ପରିବାର କଫିଚାଷ ଆରମ୍ଭ କରିଥିବା ନେଇ ପ୍ରମାଣ ରହିଛି । ଜୟପୁର ରାଜ ପରିବାର ସେତେବେଳେ ଜୟପୁର-ଲମତାପୁଟ ରାସ୍ତାରେ ଥିବା ପେଟାଘାଟିରେ କଫିଚାଷ କରିଥିବା କୁହାଯାଏ । ଜୟପୁର ରାଜ ପରିବାରଙ୍କ କଫିଚାଷ ହିଁ କୋରାପୁଟରେ କଫିଚାଷର ମୂଳଦୁଆ କହିଲେ ଅତ୍ୟୁକ୍ତି ହେବ ନାହିଁ । ପରବର୍ତ୍ତୀ ସମୟରେ ଲମତାପୁଟ ବ୍ଲକର ଅନକାଡେଲିରେ ମାଛକୁଣ୍ଡ ଜଳ ବିଦ୍ୟୁତ ପ୍ରକଳ୍ପ ଆରମ୍ଭ ହେବା ପରେ ଜଳଭଣ୍ଡାର ଚାରିପାଖେ ଥିବା ଜମିର ସୁରକ୍ଷା ପାଇଁ ରାଜ୍ୟ ସରକାର ସେତେବେଳେ ଅନକାଡେଲି, ମାଛକୁଣ୍ଡ, ଜଲାପୁଟ, ଚାଟୁଆ, ନନ୍ଦପୁର, ପାଡୁଆ ଅଞ୍ଚଳରେ ଆରମ୍ଭ କରିଥିଲେ ରିଭର୍ଭ୍ୟାଲି ପ୍ରୋଜେକ୍ଟ । ଉକ୍ତ ପ୍ରୋଜେକ୍ଟ ଅନୁଯାୟୀ ରାଜ୍ୟ ସରକାର ମୃତ୍ତିକା ସଂରକ୍ଷଣ ବିଭାଗ ଦ୍ୱାରା ୧୯୬୦ରେ ପ୍ରାୟ ଦୁଇହଜାର ଏକର ଜମିରେ ଛାୟାବୃକ୍ଷ ରୋପଣ ଏବଂ କଫିଚାଷ ଆରମ୍ଭ କରିଥିଲେ । ଫଳରେ ଜଳଭଣ୍ଡାର ଅଞ୍ଚଳର ମୃତ୍ତିକା ସଂରକ୍ଷଣ ହେବା ସହ ସେହି ଅଞ୍ଚଳର ଗରିବ ଲୋକଙ୍କ ପାଇଁ ରୋଜଗାରର ପନ୍ଥା ମିଳିପାରିଲା । କଫିଚାଷ କରା ଯାଇଥିବା ଉକ୍ତ ଜମି ପରିବାର ପିଛା ୨ ଏକର ହିସାବରେ ଗରିବଙ୍କୁ ସରକାର ଦେଇଛନ୍ତି, ଯାହାକି ଆଜିମଧ୍ୟ ସେମାନଙ୍କୁ ରୋଜଗାର ଦେଇ ଆସୁଛି । ଅନ୍ୟପକ୍ଷରେ ଭାରତ ସରକାରଙ୍କ କଫି ଗବେଷଣା ସଂସ୍ଥା ତଥା କଫି ବୋର୍ଡ କୋରାପୁଟ ଜିଲ୍ଲାରେ ସର୍ବେକ୍ଷଣ କରି ଏହି ଅଞ୍ଚଳର ମାଟି ଏବଂ ଜଳବାୟୁ କଫି ଚାଷ ପାଇଁ ଅନୁକୂଳ ବୋଲି ରିପୋର୍ଟ ଦେବା ପରେ ରାଜ୍ୟ ସରକାର ଜିଲ୍ଲାରେ କଫି ଚାଷ କରିବାକୁ ନିଷ୍ପତ୍ତି ଗ୍ରହଣ କରିଥିଲେ । ମୃତ୍ତିକା ସଂରକ୍ଷଣ ବିଭାଗ ଅଧୀନସ୍ଥ କଫି ଉନ୍ନୟନ ଶାଖା ଦ୍ୱାରା ଏହା କାର୍ଯ୍ୟକାରୀ କରିବାକୁ ସରକାର ନିଷ୍ପତ୍ତି ନେଇଥିଲେ । କୋରାପୁଟ ଜିଲ୍ଲାର ୧୦,୦୦୦ହେକ୍ଟର ଅଞ୍ଚଳ କଫିଚାଷ ପାଇଁ ଉପଯୋଗୀ ବୋଲି କଫି ଗବେଷଣା ସଂସ୍ଥା ସେତେବେଳେ ପ୍ରସ୍ତାବ ଦେଇଥିଲା । ଏହି କ୍ରମରେ ଜିଲ୍ଲାର କୋରାପୁଟ, ଦଶମନ୍ତପୁର, ଲକ୍ଷ୍ମୀପୁର, ସେମିଳିଗୁଡ଼ା,ପଟ୍ଟାଙ୍ଗି, ନନ୍ଦପୁର,ଏବଂ ଲମତାପୁଟ ବ୍ଲକରେ କଫିଚାଷ କରିବାକୁ ବିଭାଗ ପକ୍ଷରୁ ସରକାରୀ ସ୍ତରରେ ପଦକ୍ଷେପ ନିଆଯାଇଥିଲା ।

## ୧୯୮୦ରେ ପ୍ରଥମେ ଘରୋଇ କଫିଚାଷ

କଫିଚାଷରେ ଅଧିକ ଲାଭ ହେଉଥିବା ଦେଖି ଅନେକ ଚାଷୀ ଏବଂ ଉଦ୍ୟୋଗୀ ଘରୋଇ ମାଲିକାନାରେ କଫିଚାଷ କରି ବେଶ ସଫଳତା ପାଇଥିବା ନଜିର ରହିଛି । ୧୯୮୦ରେ କେତେକ ଯୁବ ଉଦ୍ୟୋଗୀ ଏବଂ ଚାଷୀ କଫିଚାଷ କରିବାକୁ ମନ ବଳାଇଥିଲେ । କଫିକୁ ଏକ ରାଜକୀୟ ଚାଷ ଭାବେ ଗ୍ରହଣ କରି ଅନେକ ଶିକ୍ଷିତ ଯୁବକ କଫିଚାଷ ପାଇଁ ମନ ବଳାଇଲେ । ଜଲାପୁଟ, ଅନକାଡେଲି, ଲମତାପୁଟ, ଦଶମନ୍ତପୁର, କାକିରିଗୁମା, ଦାମନଯୋଡ଼ି, ସେମିଳିଗୁଡ଼ା, ନନ୍ଦପୁର, ପାଡୁଆ ଅଞ୍ଚଳରେ ବେସରକାରୀ ଫାର୍ମ ଏବଂ ବ୍ୟକ୍ତି ବିଶେଷ ଶହଶହ ହେକ୍ଟର ଜମିରେ କଫିଚାଷ କରି ଲକ୍ଷଲକ୍ଷ ଟଙ୍କା ଆୟ କରୁଥିବାବେଳେ ଛାୟାବୃକ୍ଷ ଭାବେ ଗୋଲମରିଚ ଚାଷ କରି ସେଥିରୁ ମଧ୍ୟ ବେଶ ରୋଜଗାର କରିପାରିଛନ୍ତି । ବର୍ତ୍ତମାନ ଜିଲ୍ଲାରେ ପ୍ରାୟ ଏକ ହଜାର ହେକ୍ଟର ଜମିରେ ଘରୋଇ ଭାବେ କଫିଚାଷ କରା ଯାଉଥିବାବେଳେ ସରକାରୀ ସ୍କିମରେ ଅନୁସୂଚିତ ଜାତି ବର୍ଗର ଲୋକଙ୍କ ପାଇଁ ଦୁଇହଜାର ହେକ୍ଟର କମିରେ କଫିଚାଷ କରାଯାଉଛି । ଜିଲ୍ଲାର ପରିଚିତ କଫିଚାଷୀ ଇଂ. ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀଙ୍କ କହିବା ମୁତାବକ କଫିଚାଷ ହେଉଥିବା ଜମିରେ ଛାୟାବୃକ୍ଷ ଲଗାଯାଉ ଥିବାରୁ ସେହି ଜମିରେ ଗୋଲମରିଚ ଚାଷ ମଧ୍ୟ କରା ଯାଇଥାଏ । ଏହା ଯୋଗୁଁ ଚାଷୀକୁ କଫି ସହ ଅତିରିକ୍ତ ଲାଭ ଗୋଲମରିଚ ମିଳିଥାଏ । ଏକର ପିଛା ୧୨୦୦ କଫି ଚାରା ଏବଂ ୩୦୦ ଛାୟାବୃକ୍ଷ ରୋପଣ ହୋଇଥାଏ ବୋଲି ଶ୍ରୀ ପାଣିଗ୍ରାହୀ ସୂଚନା ଦେଇଥିବାବେଳେ ଏକର ପିଛା ଚାଷୀଙ୍କୁ ପ୍ରାୟ ୫୦-୭୦ ହଜାର ଟଙ୍କା ଖର୍ଚ୍ଚ କରିବାକୁ ପଡିଥାଏ ଓ ପ୍ରତିବଦଳରେ ଚାଷୀକୁ ମିଳିଥାଏ ଏକର ପିଛା ଦେଢ଼ଲକ୍ଷରୁ ଦୁଇଲକ୍ଷ ଟଙ୍କା । ସେହିପରି କଫି ଚାଷ କୋରାପୁଟ ଜିଲ୍ଲାରେ ଅନେକ ଲୋକଙ୍କୁ ରୋଜଗାର ଦେଉଥିବାବେଳେ ଉଚଶିକ୍ଷିତ ଯୁବ ଗୋଷ୍ଠୀ ମଧ୍ୟ ଏଥିପ୍ରତି ମନ ବଳାଇଥିବା ବିଶିଷ୍ଟ କପିଚାଷୀ ଓଡିଶା କଫି ଚାଷୀ ମହାସଂଘ ଉପସଭାପତି ତଥା ବ୍ରାଉନ୍ ଭେଲି କଫି ଫାର୍ମର ପ୍ରତିଷ୍ଠାତା ସୁଜୟ କୁମାର ପ୍ରଧାନ ପ୍ରତିକ୍ରିୟା ରଖିଛନ୍ତି ।



## ସିବେଟ କଫି କ'ଣ



ଏକ ସ୍ୱତନ୍ତ୍ର ନେଉଳ ଜାତୀୟ ସିବେଟ କ୍ୟାଟ୍, କଫି ବଗିଚାରେ କଫି ଫଳକୁ ଖାଇବା ପରେ ତାର ମଳରେ ବାହାରୁଥିବା କଫି ମଞ୍ଜିରୁ ପ୍ରସ୍ତୁତ ହୋଇଥାଏ ସିବେଟ୍ କ୍ୟାଟ କଫି । ବହୁତ କମ ପରିମାଣରେ ଉତ୍ପାଦିତ ହେଉଥିବା ବେଳେ ଏହା ବିଶ୍ୱର ସବୁଠାରୁ ଦାମୀ କଫି ବୋଲି କୁହାଯାଉଛି । ପୂର୍ବରୁ ଭିଏତନାମ, ବ୍ରାଜିଲ ଓ ଇଣ୍ଡୋନେସିଆ ଭଳି କଫି ପ୍ରଧାନ ଦେଶରେ ମିଳୁଥିବା ସିବେଟ କ୍ୟାଟ କଫି ବିଶ୍ୱ ଦରବାରରେ ସର୍ବୋତ୍କୃଷ୍ଟ କଫି ଭାବେ ପରିଚିତ ହୋଇଥିଲା । ମାତ୍ର କୋରାପୁଟରେ ମଧ୍ୟ ସମାନ ପ୍ରଣାଳୀରେ ସିବେଟ୍ କ୍ୟାଟ୍ କଫି ଉତ୍ପାଦନ ହୋଇ ବିଶ୍ୱ ବଜାରରେ ବେଶ ଲୋକପ୍ରିୟ ହୋଇପାରିଛି । କୋରାପୁଟ ନିକଟସ୍ଥ ଛୋଟାଗୁଡ଼ାରେ ବ୍ରାଉନ୍ ଭ୍ୟାଲିରେ ଏପରି ସିବେଟ କ୍ୟାଟ୍ ଦ୍ୱାରା କଫି କରାଯାଉଛି । ବଣ ଜଙ୍ଗଲରେ ରହୁଥିବା ନେଉଳ ଭଳି ଦେଖାଯାଉଥିବା ଜୀବ କଫି ବଗିଚାକୁ ଆସି ପାଚିଲା ଫଳ ଖାଇଥାନ୍ତି । ଏହାପରେ କଫି ମଞ୍ଜି ତାର ଅନ୍ତନଳୀରେ ପ୍ରାୟ ୮ ରୁ ୧୨ ଘଣ୍ଟା ସମୟ ସ୍ୱତନ୍ତ୍ର ଭାବେ ପାଚନ ପ୍ରକ୍ରିୟା ଦେଇ ଗତି କରିଥାଏ । ପରେ ଏହା ତାଙ୍କ ମଳରେ ବାହାରି ଥାଏ । ଯାହାକୁ ସ୍ୱତନ୍ତ୍ର ଯନ୍ତ୍ର ଦ୍ୱାରା ସଫା କରାଯାଇ ଉତ୍କୃଷ୍ଟମାନର କଫି ପ୍ରସ୍ତୁତ କରାଯାଉଛି । ଓଡ଼ିଶା ସରକାର ଏବଂ କୋରାପୁଟ କଫି ବୋର୍ଡ ଉଭୟେ କୋରାପୁଟ କଫିକୁ ଜି ଆଇ ଟ୍ୟାଗ୍ ଦେବା ନିମନ୍ତେ କେନ୍ଦ୍ର ସରକାର ନିକଟରେ ଆବେଦନ କରିଛନ୍ତି । ଅପରପକ୍ଷେ କୋରାପୁଟ ଜିଲ୍ଲା କଫିଚାଷରେ ବିଶ୍ୱ ବଜାରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବାବେଳେ କଫି ଓ ମସଲା ଜାତୀୟ ଚାଷକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା କୃଷି ଉଦ୍ୟୋଗ ଘୋଷଣାକୁ ଓଡ଼ିଶା କଫିଚାଷୀ ମହାସଂଘ ସ୍ୱାଗତ କରିଛି । ଏନେଇ ରାଜ୍ୟ ମହାସଂଘ ଉପସଭାପତି ସୁଜୟ କୁମାର ପ୍ରଧାନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି ।





## ଚାଷୀଙ୍କ ପାଇଁ ଶ୍ରେଷ୍ଠ ପୁରସ୍କାର 'କୋରାପୁଟ ବ୍ରାଣ୍ଡ'

କୋରାପୁଟ କଫିଚାଷୀଙ୍କ ଦୀର୍ଘଦିନର ଦାବି ଗ୍ରହଣ କରି ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାର କୋରାପୁଟ କଫିର ବିକ୍ରି ନିମନ୍ତେ କୋରାପୁଟ କଫି ନାଁରେ ଏକ ବ୍ରାଣ୍ଡ ସୃଷ୍ଟି କରିଛନ୍ତି । ଏହା ଜିଲ୍ଲାର କଫି ଚାଷୀଙ୍କ ପାଇଁ ଶ୍ରେଷ୍ଠ ପୁରସ୍କାର ବୋଲି କଫିଚାଷୀ କୁହନ୍ତି । ରାଜ୍ୟର ପ୍ରମୁଖ ସହରରେ ଏବେ କୋରାପୁଟ କଫିର ବେଶ୍ ଚାହିଦା ବୃଦ୍ଧି ପାଇଥିବାବେଳେ ଆମାଜନ୍ ଅନଲାଇନ ମାର୍କେଟିଂ ସଂସ୍ଥା କୋରାପୁଟ କଫି ବିକ୍ରି କରିବା କୋରାପୁଟ ପାଇଁ ଗର୍ବର ବିଷୟ । ଅନ୍ୟପକ୍ଷରେ କଫି ବିକ୍ରି ପାଇଁ କୋରାପୁଟ କିମ୍ବା ନିକଟସ୍ଥ କୌଣସି ସହରରେ ବଜାର ନ ଥିବା ଏକ ବଡ଼ ସମସ୍ୟା । କୋରାପୁଟ ଜିଲାରେ ଉତ୍ପାଦିତ କଫି ବିଶ୍ୱ ସ୍ତରରେ ମାନ୍ୟତା ଲାଭ କରି ଥିବାରୁ ଜିଲାରେ କଫି ବ୍ୟବସାୟ ପାଇଁ ଆବଶ୍ୟକ ବଜାର ବ୍ୟବସ୍ଥା ଏବଂ କଫି ପ୍ରକ୍ରିୟା କରଣ ଶିଳ୍ପ ପ୍ରତିଷ୍ଠା କରିବାକୁ କଫିଚାଷି ସଂଘ ଦାବି କରିଛି । ତେବେ ବର୍ତମାନ କୋରାପୁଟ ବ୍ଲକ ମହାଦେଇପୁଟ ପଞ୍ଚାୟତର ଏକଡେଲ୍ଲିରେ ଏକ ପ୍ରାଇଭେଟ୍ କମ୍ପାନୀ କଫି ପ୍ରକ୍ରିୟା କରଣ ୟୁନିଟ୍ ସ୍ଥାପନା କରିଛନ୍ତି । କିନ୍ତୁ ଉକ୍ତ କମ୍ପାନୀ କେବଳ ଟିଡିସିସି ମାଧ୍ୟମରେ ଆଦିବାସୀ ଚାଷିଙ୍କ କଫି କିଣି ପ୍ରୋସେସିଂ କରୁଥିବାରୁ ଅନ୍ୟ ବର୍ଗର ଚାଷୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । କେତେକ କଫି ଚାଷୀ ବାଧ ହୋଇ ନିଜସ୍ୱ ପ୍ରଚେଷ୍ଟାରେ ଛୋଟ ଛୋଟ ପ୍ରକ୍ରିୟା କରଣ ୟୁନିଟ୍ ସ୍ଥାପନା କରିଛନ୍ତି । କଫିଚାଷୀ ନିଜେ ସ୍ୱାବଲମ୍ବୀ ହେବା ସହ ହଜାର ହଜାର ଲୋକଙ୍କୁ ରୋଜଗାର ଦେଉଛନ୍ତି, ବର୍ତ୍ତମାନ ଜିଲ୍ଲାରେ ଘରୋଇ ଉଦ୍ୟୋଗୀ ଓ ସରକାରୀ ଯୋଜନାରେ ହିତାଧିକାରୀ ଥିବା କଫିଚାଷୀ ପ୍ରାୟ ତିନି ହଜାର ହେକ୍ଟର ଜମିରେ କଫି ଚାଷ କରିଥିବାବେଳେ ସେଥିରେ ୧୦ ହଜାର ଶ୍ରମିକ କାମଧନ୍ଦା ପାଉଥିବା ଜଣାପଡ଼ିଛି ।

## ବିଦେଶରେ ବଢୁଛି ଚାହିଦା




କୋରାପୁଟ କଫିର ସ୍ୱାଦ, ଗୁଣବତ୍ତା ବ୍ରାଜିଲ୍ ଏବଂ କଲମ୍ବିଆରେ ଉତ୍ପାଦିତ କଫି ଠାରୁ ଭଲ ରହୁଥିବାରୁ ଆମେରିକା, ୟୁରୋପ୍, ସାଉଦିଆରବ ଭଳି ଦେଶକୁ କୋରାପୁଟ କଫି ରପ୍ତାନି କରା ଯାଉଥିବା ଜଣା ପଡିଛି । ଟାଟା କଫି ଲିମିଟେଡ୍ କୋରାପୁଟ କଫି କିଣି ଷ୍ଟାର୍ ବକ୍ସକୁ ବିକ୍ରି କରିବା ସହ ୟୁରୋପକୁ ରପ୍ତାନି କରୁଥିବାବେଳେ ଆମେରିକାର ସାଉଥ୍ ଡାକୋଟା ସ୍ଥିତ ପ୍ୟୁର୍ ବିନସ୍ ପକ୍ଷରୁ କୋରାପୁଟ କଫି କିଣାଯାଉଛି । କିଛିମାସ ପୂର୍ବରୁ ପ୍ୟୁର୍ ବିନସ୍ ରୋଷ୍ଟର ନିକ୍ ରିଡ୍ କୋରାପୁଟର ବ୍ରାଉନ୍ଭ୍ୟାଲି କଫି ଫାର୍ମ ପରିଦର୍ଶନ କରି ସନ୍ତୋଷ ବ୍ୟକ୍ତ କରିଥିଲେ । ସାଉଥ୍ ଡାକୋଟାରେ ଉକ୍ତ କଫିର ଚାହିଦା ଦେଖି ସେ ପ୍ରାଥମିକ ପର୍ଯ୍ୟାୟରେ ୧ ମେଟ୍ରିକ୍ ଟନ୍ କଫି ରପ୍ତାନି କରିବାକୁ ବ୍ରାଉନ୍ ଭେଲି କଫି ଫାର୍ମ ମାଲିକ ସୁଜୟ କୁମାର ପ୍ରଧାନଙ୍କୁ ଅନୁରୋଧ କରିଥିବା ଜଣାପଡ଼ିଛି । ସେହିପରି ପୁଡୁଚେରୀ ଅରୋଭିଲେର କଫି ଆଇଡିଆଜ୍ କୋରାପୁଟ କଫି କ୍ରୟ କରି ଆନ୍ୟାନ୍ୟ ଦେଶରେ ବିକ୍ରି କରୁଥିବାବେଳେ କୃତୀ କଫି ବ୍ରାଉନ୍ ଭ୍ୟାଲି ବ୍ରାଣ୍ଡରେ ଭୁବନେଶ୍ୱର ଏବଂ ମୁମ୍ବଇରେ ବିକ୍ରି କରୁଥିବା ଜଣାପଡିଛି ।

## ସିବେଟ୍ କଫିର ନୂଆ ପରିଚୟ

ସାରାବିଶ୍ୱରେ କୋରାପୁଟ କଫିର ଚାହିଦା ବଢୁଛି । ବିଶ୍ୱ ବଜାରରେ କୋରାପୁଟ କଫି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି । ବର୍ତ୍ତମାନ ସମୟରେ କଫିର ହବ୍ କୋରାପୁଟ ପାଲଟିଥିବା ବେଳେ ଏକ ସମ୍ଭ୍ରାନ୍ତ ସିବେଟ କଫିକୁ ନେଇ ସାରା ବିଶ୍ୱରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଛି କୋରାପୁଟ । ଏହି ପ୍ରକାର ଗୋଟିଏ କପ୍ କଫିର ଦାମ ରହିଛି ୩ହଜାର ୫ଶହ ଟଙ୍କା । ଏକ ସ୍ୱତନ୍ତ୍ର ନେଉଳ ଜାତୀୟ ସିବେଟ କ୍ୟାଟ ମଳରୁ ତିଆରି ହେଉଥିବା ଏହି କଫି ବହୁତ କମ ପରିମାଣରେ ଉତ୍ପାଦିତ ହେଉଥିବା ବେଳେ ଏହାର ସ୍ୱତନ୍ତ୍ର ଗ୍ରାହକ ରହିଛନ୍ତି । ଯାହା ଏବେ କୋରାପୁଟରେ ପ୍ରସ୍ତୁତ ହେବା ସହ ସାରା ବିଶ୍ୱରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଛି । ବ୍ରାଉନ୍ ଭେଲି କଫି ବଗିଚାର ସିବେଟ କ୍ୟାଟଙ୍କ ଦ୍ୱାରା ପ୍ରସ୍ତୁତ କଫି ଦେଶ ତଥା ବିଦେଶରେ ବେଶ ଚାହିଦା ରହିଛି ।



# ଗୁଡ୍ ମର୍ଣ୍ଣିଂ ରିପୋର୍ଟର



## ନୀଳରକ୍ତ କଙ୍କଡ଼ା
# ବିଦେଶରେ ଗବେଷଣା ଭାରତରେ ବାଟବଣା

ନୀଳରକ୍ତ କଙ୍କଡ଼ାରେ ବହୁତ ଔଷଧୀୟ ଗୁଣ ରହିଛି। ଆମେରିକା ସେଥିରୁ ଆର୍ଥିକ ଅନୁଦାନ ସୃଷ୍ଟି କରିପାରୁଛି। ଚାଇନା, ଜାପାନରେ ମଧ୍ୟ ଏହା ଉପରେ କାମ ହେଉଛି। ମାତ୍ର ପରିତାପର ବିଷୟ ଯେ, ଭାରତରେ ଏହାକୁ ନେଇ ଆଖିଦୃଶିଆ ଗବେଷଣା ହୋଇନାହିଁ। ବ୍ୟବସାୟିକ ଦୃଷ୍ଟିରେ ରଖି ଏଯାଏଁ ଗବେଷଣା ହୋଇନାହିଁ। ଯାହାର ଆବଶ୍ୟକତା ଅଛି।



ପ୍ରତ୍ୟାଶା ପ୍ରିୟମ୍ବଦା ମହାନ୍ତି

୪୫୦ ମିଲିୟନ୍ ବର୍ଷ ପୂର୍ବେ ପୃଥିବୀ ପୃଷ୍ଠରେ ନୀଳରକ୍ତ କଙ୍କଡ଼ା ସୃଷ୍ଟି ହୋଇଥିଲା। ଯାହା ଆଜି ପର୍ଯ୍ୟନ୍ତ ତିଷ୍ଠି ରହିଛି। ତେବେ ପୃଥିବୀରେ ୪ଟି ପ୍ରଜାତିର ନୀଳରକ୍ତ କଙ୍କଡ଼ା ଦେଖାଯାଆନ୍ତି। ସେଥିରୁ ଭାରତରେ ଦୁଇଟି ପ୍ରଜାତିର ନୀଳରକ୍ତ କଙ୍କଡ଼ା ଦେଖିବାକୁ ମିଳେ। ସେଥିରୁ ବାଲେଶ୍ୱର ଉପକୂଳରୁ କେନ୍ଦ୍ରାପଡ଼ା ପର୍ଯ୍ୟନ୍ତ ଦୁଇଟି ପ୍ରଜାତିର କଙ୍କଡା ଦେଖାଯାନ୍ତି। ଲୁଣା ଜଙ୍ଗଲ ବା କାଦୁଆ ଜାଗାରେ କିଛି ନୀଳରକ୍ତ କଙ୍କଡ଼ା ଦେଖାଯାନ୍ତି। ତେବେ ବାଲେଶ୍ୱରର ଚାନ୍ଦିପୁର ଅଞ୍ଚଳରେ ଗୋଟେ ପ୍ରଜାତି ଏବଂ ବାସୁଦେବପୁର ପଟେ ଆଉ ଏକ ପ୍ରଜାତିର ନୀଳରକ୍ତ କଙ୍କଡ଼ା ଦେଖିବାକୁ ମିଳେ। ପ୍ରାୟତଃ ପୂର୍ଣ୍ଣମୀ, ଅମାବାସ୍ୟା ଜୁଆର ସମୟରେ ଅଣ୍ଡା ଦେବାକୁ ଆସିଥାନ୍ତି। ଏହି ସମୟରେ ସମୁଦ୍ର କୂଳକୁ ଗଲେ ଯୋଡି ହୋଇ କଙ୍କଡା ଆସୁଥିବାର ଲୋକେ ଦେଖିବାକୁ ପାଇବେ। ମାତ୍ର ଏବେ ଏହା ଧୀରେ ଧୀରେ ବିଲୁପ୍ତ ହେବାକୁ ବସିଲେଣି। ତେବେ ଏହାର ସୁରକ୍ଷା ପାଇଁ ବାଲେଶ୍ୱରର ନାଗରିକମାନଙ୍କ ଦ୍ୱାରା ନୀଳରକ୍ତ କଙ୍କଡ଼ା ଗବେଷଣା ଓ ସୁରକ୍ଷା ମଞ୍ଚ ଗଠନ କରାଯାଇ ବର୍ଷର ବିଭିନ୍ନ ସମୟରେ ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଛି। ସେହିପରି ଫକୀରମୋହନ ବିଶ୍ୱବିଦ୍ୟାଳୟ ପକ୍ଷରୁ ମଧ୍ୟ ପୂର୍ବରୁ ଗବେଷଣା କରାଯାଇଛି। ଏହି କଙ୍କଡ଼ା ଅନ୍ୟ କଙ୍କଡାଠାରୁ ଦେଖିବାକୁ ସମ୍ପୂର୍ଣ୍ଣ ଭିନ୍ନ। ଏହାକୁ କେହି କେହି ରାମ ଲକ୍ଷ୍ମଣ କଙ୍କଡ଼ା ମଧ୍ୟ କହିଥାନ୍ତି। ଏହାର ରକ୍ତରେ ଔଷଧୀୟ ଗୁଣ ରହିଛି ଯାହା ମାନବ ଜାତି ପାଇଁ ଦରକାରୀ। କର୍କଟ ଭଳି ଦୁଃସାଧ୍ୟ ରୋଗକୁ ପ୍ରତିହତ କରିବାର କ୍ଷମତା ଅଛି ବୋଲି ଗବେଷକମାନେ ମତ ରଖିଛନ୍ତି। ବାଲେଶ୍ୱର ଉପକୂଳ ଗୁଡୁପାଏ (ଖାଣ୍ଡିଆ), ବଳରାମଗଡ଼ି ମୁହାଣ, କଷାଫଳ, ବାହାବଳପୁର, ହଂସକୋରା, କୀର୍ତ୍ତନିଆ, ଡଗରା, ବିଚିତ୍ରପୁର ଓ ତାଳସାରିରେ ଦୁଇଟା ପ୍ରଜାତିର ନୀଳରକ୍ତ କଙ୍କଡ଼ା ଦେଖିବାକୁ ମିଳିଥାଏ ବୋଲି ଓଡ଼ିଶାର କ୍ରାବ ମ୍ୟାନ ଭାବରେ ଲୋକପ୍ରିୟ, ବିକାଶ ସାଥୀ ସମ୍ପାଦକ ତଥା ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଅତିଥି ଅଧ୍ୟାପକ ଡ. ବିଶ୍ୱଜିତ ପଣ୍ଡା କହିଛନ୍ତି।

# ବିନା ପ୍ରଶିକ୍ଷଣରେ କୁନି ଚିତ୍ରକର

ନା ଅଛି ହାତରେ ତୂଳୀ ନା ଅଛି ରଙ୍ଗ, ବିଦ୍ୟାଳୟର କଳାପଟାରେ କୁନି ହାତ ଆଙ୍କି ଚାଲିଛି ଭଳିକି ଭଳି ଚିତ୍ର। ଜଣେ ଅଭିଜ୍ଞ ଚିତ୍ରକର ପରି। ବିନା ପ୍ରଶିକ୍ଷଣ, ବିନା ପ୍ରେରଣାରେ ନୂତନ ପରିଚୟ ସୃଷ୍ଟି କରିବା ପାଇଁ କୁନି ହାତ କରୁଛି ସଂଘର୍ଷ। ଏହି କୁନି ପ୍ରତିଭା ଜଣକ ହେଉଛନ୍ତି ମନୋଜ ମାଝୀ।





ଉମାକଲ୍ୟାଣ ମହାପାତ୍ର

ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ ଅନ୍ତର୍ଗତ ଶୁଭାଦିଆର ମଲ୍ଲୀଲତା ଦାସ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଦ୍ୱିତୀୟ ଶ୍ରେଣୀର ଛାତ୍ର। ପାଠପଢ଼ା ସହ ଚିତ୍ର ଆଙ୍କିବାରେ ମାହୀର ହେଉଛନ୍ତି ମନୋଜ। ବିଦ୍ୟାଳୟରେ ଟିକିଏ ସମୟ ପାଇଲେ କିମ୍ବା ଶ୍ରେଣୀରେ ସାର ନ ଥିବା ସମୟରେ ହାତରେ ଚକ ଧରି ବ୍ଲାକ ବୋର୍ଡରେ ଚିତ୍ର ଆଙ୍କି ସମସ୍ତଙ୍କୁ ଚକିତ କରନ୍ତି। ଏଥିପାଇଁ ସେ କୌଣସି ପ୍ରଶିକ୍ଷଣ ନେଇ ନାହାଁନ୍ତି। ବଡ଼ ଭାଇ ଭଉଣୀମାନେ ଚିତ୍ର ଆଙ୍କିବା ଦେଖି ଶିଖିଛନ୍ତି ବୋଲି କୁହନ୍ତି ମନୋଜ। ସବୁଠାରୁ ବଡ କଥା ହେଲା ମନୋଜ ଚିତ୍ର ଆଙ୍କିବା ବେଳେ କେବେ ଲିଭାନ୍ତି ନାହିଁ କି ଓଭର ରାଇଟିଂ କରନ୍ତି ନାହିଁ। ତାର ଏହିଭଳି ପ୍ରତିଭାର ପରିଚୟ ପାଇବା ପରେ ଶିକ୍ଷକ ଶିକ୍ଷୟିତ୍ରୀମାନେ ତାକୁ ଉତ୍ସାହିତ କରୁଛନ୍ତି। ବ୍ଲାକ ବୋର୍ଡ଼କୁ ହାତ ପାଉ ନ ଥିବାରୁ ଚେୟାର ଉପରେ ଚଢି ଚିତ୍ର ଆଙ୍କିବାକୁ ସୁଯୋଗ ଦେଉଛନ୍ତି। ତାଙ୍କର ଏହି ପ୍ରତିଭା କୁ ଅବସରପ୍ରାପ୍ତ ଶିକ୍ଷକ ଲକ୍ଷ୍ମୀଧର ରାଉତ ଓ ସହ ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ବିଶ୍ୱାଳ ଖୁବ ପ୍ରଶଂସା କରିବା ସହ ଭବିଷ୍ୟତରେ ମନୋଜ ଜଣେ ଭଲ ଚିତ୍ରକର ହୋଇପାରିବେ ବୋଲି କହିଛନ୍ତି। ପ୍ରତିଭାର ବିକାଶ ପାଇଁ ସରକାରୀସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମ ଚାଲୁଥିଲେ ବି ସୁବିଧା ସୁଯୋଗ ଅଭାବରୁ ଭାଗ ନେଇ ପାରୁନାହାନ୍ତି ମନୋଜ। ଆଗକୁ ସୁଯୋଗ ମିଳିଲେ ମୁଁ ପ୍ରତିଯୋଗିତାରେ ଭାଗ ନେବି ବୋଲି କୁହନ୍ତି ମନୋଜ। ଭବିଷ୍ୟତରେ ଜଣେ ଭଲ ଚିତ୍ରକର ହେବାକୁ ଲକ୍ଷ୍ୟ ରଖିଥିବା ମନୋଜଙ୍କର ଆର୍ଥିକ ସ୍ୱଚ୍ଛଳ ନ ଥିବାରୁ କୌଣସି ପ୍ରଶିକ୍ଷଣ ନେଇ ପାରୁ ନାହାଁନ୍ତି। ପ୍ରଶିକ୍ଷଣ ନେଲେ ଆହୁରି ଭଲ ଚିତ୍ର ଆଙ୍କିବା ସହ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିବ ବୋଲି କୁହନ୍ତି ବିଦ୍ୟାଳୟର ପ୍ରଧାନଶିକ୍ଷକ। ପ୍ରତିକୂଳ ପରିସ୍ଥିତି ରୋକି ପାରେନି ପ୍ରତିଭାକୁ। ପ୍ରତିଭାକୁ ଚିହ୍ନଟ କରି ଲୋକଲୋଚନକୁ ଆଣିପାରିଲେ ପ୍ରତିଭାର ବିକାଶ ହୋଇ ପାରିବ।



# ଜଙ୍ଗଲ ମଣିଷ ସମାରୁ

ଆମେ ଯେତେବେଳେ ଅଜାଣତରେ ପ୍ରକୃତିକୁ ନଷ୍ଟକରି ଚାଲିଛେ, ସେତେବେଳେ ଦୁନିଆରେ ଅନେକ ଅଛନ୍ତି ଯେଉଁମାନେ ପ୍ରକୃତି ପ୍ରେମରେ ପଡ଼ି ଗଛଲତା, ପାହାଡ଼ ଆଦି ପ୍ରାକୃତିକ ପରିବେଶକୁ ସୁରକ୍ଷା ଦେଇ ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି। ସେହିପରି ଜଣେ ନିସ୍ୱାର୍ଥପର ସବୁଜ ଯୋଦ୍ଧା ହେଉଛନ୍ତି ବଲାଙ୍ଗିର ଜିଲ୍ଲା ଦାନିପାଲି ଗାଁର ଜଙ୍ଗଲ ମଣିଷ ସମାରୁ ମେଶ୍ରା।



ଅଭିଳାଷ ହୋତା

ଗୋଟିଏ ହାତରେ କୁରାଢ଼ି ଆଉ ଏକ ହାତରେ ଏକ ଛୋଟ ବ୍ୟାଗ। ପାଟିରେ ହାତ ତିଆରି ବିଡ଼ି। କଳା ମୁହଁ ସାଙ୍ଗକୁ ଧଳା ପଡ଼ିଯାଇଥିବା ଡୁଟି। ଏ ଚେହେରା ବଲାଙ୍ଗିର ଜିଲ୍ଲାର ଅନ୍ୟତମ ପର୍ଯ୍ୟଟନସ୍ଥଳ ବା ବଣଭୋଜୀ ସ୍ଥଳ ଗାଇଖାଇକୁ ଆସୁଥିବା ସମସ୍ତ ପର୍ଯ୍ୟଟକଙ୍କ ପାଇଁ ଏକ ଚିହ୍ନା ମୁହଁ। ସେ ହେଉଛନ୍ତି ଆଗଲପୁର ବ୍ଲକ ଦାନିପାଲି ଗାଁର ସମାରୁ ମେଶ୍ରା (୮୦)। ଭୋଜି କରିବାକୁ ଆସୁଥିବା ସମସ୍ତଙ୍କୁ ଭେଟି ଜଙ୍ଗଲ ସୁରକ୍ଷା କମିଟି ପାଇଁ ସହାୟତା ରାଶି ସଂଗ୍ରହ କରିଥାନ୍ତି। ସମାରୁ ଗତ ଦୁଇ ଦଶନ୍ଧି ହେଲା ଗାଇଖାଇ ଜଙ୍ଗଲ ସୁରକ୍ଷା କରିଆସୁଛନ୍ତି। ସକାଳ ହେଲେ ନିଜ ବ୍ୟାଗ ଓ କୁରାଢ଼ୀ ଧରି ଜଙ୍ଗଲ ଭିତରକୁ ପ୍ରବେଶ କରିଥାନ୍ତି। ଯିଏ ଦେଖିଲେ ସିଏ ଭାବିବ ଯେ ସମାରୁ ଗଛ କାଟିବାକୁ ଜଙ୍ଗଲକୁ ଯାଉଛନ୍ତି। କିନ୍ତୁ ସମାରୁଙ୍କୁ ଯିଏ ଚିହ୍ନିଛି ସେ ହିଁ ଜାଣିଛି ବୃଦ୍ଧ ଜଣକ ଗଛକୁ କେତେ ଭଲ ପାଆନ୍ତି। ସକାଳୁ ବାହାରିଲେ ସନ୍ଧ୍ୟା ପର୍ଯ୍ୟନ୍ତ ଜଙ୍ଗଲ ଭିତରେ ବୁଲି ପୁଣି ଘରକୁ ଫେରନ୍ତି। ତାଙ୍କର ଏଭଳି କାର୍ଯ୍ୟ ଦେଖି ବନ ବିଭାଗ ତରଫରୁ ହେଉଥିବା ବନୀକରଣ କାମରେ ତାଙ୍କୁ ନିୟୋଜିତ କରାଯାଇଥିଲା। ତାହା ବନ୍ଦ ହୋଇଯିବା ପରେ ଗାଇଖାଇ ଜଙ୍ଗଲ ସୁରକ୍ଷା କମିଟି ସାଲେଭଟା ପକ୍ଷରୁ ତାଙ୍କୁ ଜଙ୍ଗଲରେ ବୁଲିବା ଓ ଜଗିବା କାମରେ ନିୟୋଜିତ କରାଯାଇଛି। ମାସିକ ସାଢେ ତିନିହଜାର ଟଙ୍କାର ସ୍ୱଳ୍ପ ପାରିଶ୍ରମିକ ପାଉଥିବା ବେଳେ ତାହା ପରିବାରକୁ ଦେଇଥାନ୍ତି। ପୁଅ ଝିଅ ଉଭୟ ବାହା ହୋଇସାରିଥିବା ବେଳେ ଜଙ୍ଗଲ ହିଁ ତାଙ୍କ ଜୀବନ ବୋଲି ସେ କୁହନ୍ତି। ତେବେ ତାଙ୍କୁ ବନ ବିଭାଗରୁ କୌଣସି ସହାୟତା ପ୍ରଦାନ ସହ କିଛି ପାରିଶ୍ରମିକ ପ୍ରଦାନ କଲେ ବୟସର ଅପରାହ୍ଣରେ ତାଙ୍କ ପାଇଁ ଏକ ବଡ ପୁରସ୍କାର ହେବ ବୋଲି ସମାରୁ କହିଛନ୍ତି।

# ଜୀବନ୍ତ ଲୋକକଳା ଡେରା ବେଶ



ଗଞ୍ଜାମ ଜିଲ୍ଲାର ଭଞ୍ଜ ମାଟି ନିଜ ସ୍ୱତନ୍ତ୍ରତା ଯୋଗୁଁ କଳା, ସାହିତ୍ୟ, ସଂସ୍କୃତି ଓ ପରମ୍ପରାର ଗାଥାକୁ ଆଜି ମଧ୍ୟ ବିଶ୍ୱ ଦରବାରରେ ବଜାୟ ରଖିଛି। ଯାହାକୁ ନେଇ ଏ ମାଟି ଆଜି ଗର୍ବିତ। ନିଜର ଉତ୍କର୍ଷତା ଲାଗି ଦେଶ ବିଦେଶରେ ଏହାର ବହୁ ସୁନାମ ରହିଛି। ସଂଘର୍ଷମୟ ଜୀବନରେ ପୁରାତନ କଳାକୁ ବଞ୍ଚାଇ ରଖି ଆଜିବି ବହୁତ କଳାକାର ଏଠାରେ ରହିଛନ୍ତି।



ଜୟକୃଷ୍ଣ ପଟ୍ଟନାୟକ

ଭଞ୍ଜନଗର ନିକଟରେ ଥିବା ବଡ଼ କୋଦଣ୍ଡା ହେଉଛି ଲୋକକଳା ଓ ଐତିହ୍ୟ ସମ୍ପନ୍ନ କଳାକାରଙ୍କ ଗ୍ରାମ। କେଉଁ ଆବହମାନ କାଳରୁ ଏଠାକାର କଳାକାରମାନେ ଲୋକକଳା, ପଶୁମୁଖା ନୃତ୍ୟ, କଣ୍ଢେଇ ନାଚକୁ ରାଜ୍ୟ ତଥା ରାଜ୍ୟ ବାହାରେ ପ୍ରଦର୍ଶନ କରି ଗ୍ରାମ ପାଇଁ ଗୌରବ ଆଣିଛନ୍ତି। ଶହ ଶହ ବର୍ଷ ଧରି କାର୍ତ୍ତିକ ପୂର୍ଣ୍ଣିମା ଦିନ ବଡ଼ କୋଦଣ୍ଡା ଗ୍ରାମରେ ବିଶ୍ୱ ପ୍ରସିଦ୍ଧ ଡେରାବେଶ ପ୍ରଦର୍ଶିତ ହୋଇଆସୁଛି। ପୂର୍ବ ଦିନ ରାତ୍ରିଠାରୁ ଗ୍ରାମ ବଡଦାଣ୍ଡର ଉଭୟ ପାର୍ଶ୍ୱରେ ଅବସ୍ଥିତ ଶ୍ରୀଶ୍ରୀ ଜଗନ୍ନାଥ ମନ୍ଦିର ଓ ଶ୍ରୀଶ୍ରୀ ଗୋପୀନାଥ ମନ୍ଦିର ତରଫରୁ କଳାକାର ଓ କାରିଗରମାନେ ବେଶ ଗୁଡିକୁ ଆଖଡା ଘରୁ ବାହାର କରି ସେଗୁଡିକ କାଠ, ବାଉଁଶ ସାହାଯ୍ୟରେ ଡେରିବା ଆରମ୍ଭ କରିଥାନ୍ତି। ଏହି ବେଶ ଗୁଡିକ ସମ୍ପୂର୍ଣ୍ଣ ଭାବେ ପ୍ରଦର୍ଶିତ ହେବା ପାଇଁ ସେସବୁକୁ ଅନ୍ୟ ଉପରେ ଡେରା ଯାଉଥିବାରୁ ତାହାକୁ 'ଡେରା ବେଶ' ବୋଲି କୁହାଯାଏ। ଏହି ସବୁ ବେଶ ପ୍ରସ୍ତୁତ କରିବା ପାଇଁ କାରୀଗରମାନେ ବାଉଁଶ, ବେତ, କାଠ, କାଗଜ, ଅଠା, ରଙ୍ଗୀନ୍ କପଡ଼ା, ଛୋଟ କାଚ ଦର୍ପଣ, ରଙ୍ଗ ବେରଙ୍ଗର ମାଳି, ପୋହଳା ଆଦିରେ ତିଆରି ହାତୀ, ଘୋଡା, ବାଘ, ସିଂହ, ନବଗୁଞ୍ଜର, କଳଘୋଡା, ବୃଷଭ, ରାମ, ଲକ୍ଷ୍ମଣ, ହନୁମାନ, ରାବଣ, ଇନ୍ଦ୍ରଜିତ, ମେଘନାଦ, ରାଜା, ରାଣୀ, ମୟୂର ଭଳି ବଡ ବଡ କଣ୍ଢେଇ ମୂର୍ତ୍ତି ଶଗଡ଼ ଉପରେ ରଖି ସର୍ବସାଧରଣଙ୍କ ନିମିତ୍ତ କାର୍ତ୍ତିକ ପୂର୍ଣ୍ଣିମାରେ ପ୍ରଦର୍ଶନ କରିବାର ପରମ୍ପରା ରହିଛି। ସେହିପରି ବଡକୋଦଣ୍ଡା ଗ୍ରାମର ଅନ୍ୟ ଏକ ପରିଚୟ ହେଉଛି ଏହା ସୂତା କଣ୍ଢେଇ ନାଚର ଏନ୍ତୁଡିଶାଳ। ଏଠାକାର କାରିଗର ଓ କଳାକାରଙ୍କ ପ୍ରଚେଷ୍ଟାରେ ଏପରି ଏକ ଲୋକକଳା ବଞ୍ଚି ରହିଛି ବୋଲି ବାସ୍ତୁଶାସ୍ତ୍ର ବିଦ୍ ତଥା କଣ୍ଢେଇ ଗବେଷକ ଓ ସଂଗ୍ରାହକ ଡକ୍ଟର ସନ୍ନାସୀ ମହାରଣା ଏବଂ ଅନ୍ୟମାନେ ମତବ୍ୟକ୍ତ କରିଛନ୍ତି।







## ନୂଆ ଭଏସ୍ ଫିଚର୍ ହ୍ୟାଲୋ ଚାଟ୍-ଜିପିଟି

# କରିବ ମନୁଷ୍ୟ ଭଳି କଥାବାର୍ତ୍ତା

ଓପନ୍-ଏଆଇ ଏବେ ଉଭୟ ଆଣ୍ଡ୍ରଏଡ୍ ଏବଂ ଆଇଓଏସ୍ ପ୍ଲାଟଫର୍ମରେ ଚାଟ୍-ଜିପିଟି ପାଇଁ ଭଏସ୍ ଚାଟ୍ ଆରମ୍ଭ କରିଛି। ଚାଟ୍-ଜିପିଟିର ଏହି ନୂଆ ଭଏସ୍ ଫିଚର୍ ମୋବାଇଲ୍ ଉପଭୋକ୍ତାଙ୍କ ପାଇଁ ଏକ ନୂତନ ଅନୁଭୂତି ଆଣିଛି। ପ୍ରଥମେ ସେପ୍ଟେମ୍ବରରେ ଆରମ୍ଭ କରାଯାଇଥିବା ଏହି ଫିଚର କେବଳ ପ୍ଲସ୍ ଏବଂ ଏଣ୍ଟରପ୍ରାଇଜ୍ ଗ୍ରାହକଙ୍କ ପାଇଁ ଉପଲବ୍ଧ ଥିଲା। ପରେ ଏହାକୁ ମାଗଣା ବ୍ୟବହାରକାରୀଙ୍କ ପାଇଁ ମଧ୍ୟ ଉପଲବ୍ଧ କରାଯାଇଛି।

ଭଏସ୍ ଫିଚରରେ ପ୍ରବେଶ କରିବା ପାଇଁ ଚାଟ୍-ଜିପିଟିର ଆପ୍ଲିକେସନ୍ ସର୍ଚ୍ଚ କରନ୍ତୁ। ଓପନ୍ ହେବା ପରେ ଆପଣ ନିମ୍ନ ଡାହାଣ କୋଣରେ ଏକ ହେଡଫୋନ୍




ଆଇକନ୍ ଦେଖିବେ। ଭଏସ୍ ଇନପୁଟ୍ ଫିଚର ସହିତ ଏହାକୁ ବିଭ୍ରାନ୍ତ ନ କରିବା ଜରୁରୀ, ଯାହା କେବଳ କଥିତ ଶବ୍ଦଗୁଡ଼ିକୁ ଟେକ୍ସଟରେ ଅନୁବାଦ କରିଥାଏ। ଯେତେବେଳେ ଆପଣ ପ୍ରଥମ ଥର ପାଇଁ ଭଏସ୍ ଚାଟ୍ ଆରମ୍ଭ କରିବେ, ଆପଣଙ୍କୁ ୫ଟି ଅନନ୍ୟ ବିକଳ୍ପରୁ ଏଆଇ ଚାଟବଟ୍ ପାଇଁ ଏକ ଭଏସ୍ (ସ୍ୱର) ଚୟନ କରିବାକୁ ଅନୁରୋଧ କରାଯିବ। କାରଣ ଏଥିରେ ଭିନ୍ନ ଭିନ୍ନ ସ୍ୱର ରହିଛି।

ଆପ୍‌ଟିକୁ ଯଥାସମ୍ଭବ ବାର୍ତ୍ତାଳାପରେ ଦକ୍ଷ ରହିବାକୁ ସୁନିଶ୍ଚିତ କରିବା ପାଇଁ ଓପନ୍-ଏଆଇ ବହୁତ ଉଦ୍ୟମ କରିଛି। ଥରେ ଆପଣ ଭଏସ୍ ମୋଡ୍ ଲଞ୍ଚ୍ କରିବା ପରେ ଏହା ଷ୍ଟାଣ୍ଡାର୍ଡ ଚାଟ୍ ୱିଣ୍ଡୋଠାରୁ ସମ୍ପୂର୍ଣ୍ଣ ଭିନ୍ନ ଇଣ୍ଟରଫେସ୍ ଧାରଣ କରେ ଏବଂ ଚାଟ୍-ଜିପିଟି ଭର୍ଚୁଆଲ୍ ଭାବରେ ଏକ ବ୍ୟକ୍ତିରେ ପରିଣତ ହୁଏ, ଯେପରି ଆପଣ କଲ୍‌ରେ ଅଛନ୍ତି। ଆପଣଙ୍କ ଫୋନରେ ଅନ୍ୟାନ୍ୟ କାର୍ଯ୍ୟ ସମ୍ପାଦନ କରିବା ସମୟରେ ଆପଣ ଆପ୍ଲିକେସନରୁ ବାହାରି ବାର୍ତ୍ତାଳାପ ଜାରି ରଖିପାରିବେ। ଚାଟ୍-ଜିପିଟିର ଭଏସ୍ ଚାଟ୍ ବାର୍ତ୍ତାଳାପର ଏକ ଅତ୍ୟନ୍ତ ସ୍ୱାଭାବିକ ଅନୁଭବ ପ୍ରଦାନ କରିଥାଏ।

# ସାଇବର ଷ୍ଟକିଂ

ସମଗ୍ର ବିଶ୍ୱରେ ସାଇବର ଅପରାଧର ଘଟଣା ଦ୍ରୁତ ଗତିରେ ବୃଦ୍ଧି ପାଉଛି। ବର୍ତ୍ତମାନ ସମୟରେ ବୋଧହୁଏ ମଧ୍ୟରୁ ଖୁବ୍ କମ୍ ଲୋକ ସାଇବର ଷ୍ଟକିଂର ନାମ ଶୁଣିଥିବେ। ମୋଟାମୋଟି ଭାବେ କହିବାକୁ ଗଲେ ଏହା ଏକ ପ୍ରକାର ସାଇବର ଅପରାଧ। ସମ୍ପ୍ରତ ବିଶ୍ୱରେ ସାଇବର ଅପରାଧ ଘଟଣା ଦ୍ରୁତ ଗତିରେ ବୃଦ୍ଧି ପାଉଛି, ଯେଉଁଥିପାଇଁ ଡିଜିଟାଲ ଗୋପନୀୟତା ମଧ୍ୟ ବିପଦରେ ରହିଛି। ଯେତେବେଳେ ଆମେ ସୋସିଆଲ ମିଡିଆରେ ଫଟୋ କିମ୍ବା ଭିଡିଓ ଇତ୍ୟାଦି ସେୟାର କରୁ, ସେତେବେଳେ ଆମେ ଏହା ଜାଣି ନ ଥାଉ ଯେ, ଜାଣିଶୁଣି କିମ୍ବା ଅଜାଣତରେ ଫଟୋ କେଉଁଠାରେ ନିଆଯାଇଛି ଏବଂ ଆପଣ କେଉଁଠାରେ ଅଛନ୍ତି ସେ ବିଷୟରେ ଷ୍ଟକରଙ୍କ ନିକଟରେ ସୂଚନା ପହଞ୍ଚିଯାଇଥାଏ।

### ସାଇବର ଷ୍ଟକିଂ କ'ଣ?

ସାଇବର ଷ୍ଟକିଂ ଅର୍ଥ ହେଉଛି ସୋସିଆଲ ମିଡିଆ, ଇମେଲ କିମ୍ବା ଟେକ୍ସଟ୍ ମେସେଜିଂ ମାଧ୍ୟମରେ ଯେକୌଣସି ବ୍ୟକ୍ତିଙ୍କୁ ଷ୍ଟକ୍ କରିବା କିମ୍ବା ହଇରାଣ କରିବା। ସରଳ ଭାଷାରେ ବ୍ୟାଖ୍ୟା କରିବାକୁ, ଯେତେବେଳେ କେହି ଡିଜିଟାଲ୍ ମାଧ୍ୟମ ଜରିଆରେ କାହାକୁ ଷ୍ଟକ୍ କରନ୍ତି, ଏହାକୁ ସାଇବର ଷ୍ଟକିଂ କୁହାଯାଏ। ସୋସିଆଲ ମିଡିଆରେ ହଇରାଣର ସମ୍ମୁଖୀନ ହେବା ଭଳି କିଛି ଉଦାହରଣ ମାଧ୍ୟମରେ ଆପଣ ସାଇବର ଷ୍ଟକିଂ ବୁ ପାରିବେ। ଯଦି ଆପଣ ସାଇବର ଷ୍ଟକିଂରୁ ଦୂରେଇ ରହିବାକୁ ଚାହାଁନ୍ତି, ତେବେ ସୋସିଆଲ ମିଡିଆରେ ଆପଣଙ୍କର ବ୍ୟକ୍ତିଗତ ସୂଚନା ସେୟାର କରନ୍ତୁ ନାହିଁ ଏବଂ ଆପଣ ଯେକୌଣସି ସ୍ଥାନକୁ ଯାତ୍ରା କରିବା ସମୟରେ ଆପଣଙ୍କର ଅବସ୍ଥାନ ଇତ୍ୟାଦି ଅଂଶୀଦାର କରନ୍ତୁନାହିଁ। ଗୋପନୀୟତାକୁ ଧ୍ୟାନରେ ରଖି ସୋସିଆଲ ମିଡିଆରେ କେବେ ବି ମୋବାଇଲ୍ ନମ୍ବର ସେୟାର କରିବା ଉଚିତ୍ ନୁହେଁ।



## ବିପଦରେ ଡିଜିଟାଲ ଗୋପନୀୟତା

ମାଇକ୍ରୋବ୍ଲଗିଂ ପ୍ଲାଟଫର୍ମ ଏକ୍ସରେ ସରକାରଙ୍କର ଏକ ଆର୍ଟିଫିସିଆଲ ହ୍ୟାଣ୍ଡେଲ ରହିଛି, ଯାହା ସାଇବର ଅପରାଧ ସମ୍ପର୍କରେ ସାଧାରଣ ଲୋକଙ୍କୁ ସଚେତନ କରାଇବା ପାଇଁ କାର୍ଯ୍ୟ କରିଥାଏ। ଏହି ଆକାଉଣ୍ଟର ନାମ ହେଉଛି ସାଇବର ଦୋସ୍ତ, କିଛି ଘଣ୍ଟା ପୂର୍ବରୁ ସାଇବର ଦୋସ୍ତ ଆକାଉଣ୍ଟରୁ ଏକ ପୋଷ୍ଟ ପ୍ରସ୍ତୁତ କରାଯାଇଛି ଯେଉଁଥିରେ କୁହାଯାଇଛି ଯେ ଆପଣ କିପରି ନିଜକୁ ସାଇବର ଷ୍ଟକରଙ୍କ ନଜରରୁ ସୁରକ୍ଷିତ ରଖିପାରିବେ।

ଏହି ପୋଷ୍ଟରେ ସୂଚନା ଦିଆଯାଇଛି ଯେ ନିଜକୁ ସାଇବର ଷ୍ଟକରରୁ ରକ୍ଷା କରିବା ପାଇଁ ଆପଣଙ୍କୁ ଆପଣଙ୍କର ଅନଲାଇନ୍ ଉପସ୍ଥିତି ରକ୍ଷା କରିବାକୁ ପଡିବ। ଆପଣଙ୍କର ଅନଲାଇନ୍ ଉପସ୍ଥିତି ରକ୍ଷା କରିବାକୁ, ସୋସିଆଲ୍ ମିଡିଆ ପ୍ଲାଟଫର୍ମରେ ଦିଆଯାଇଥିବା ଗୋପନୀୟତା ସେଟିଂ ଆପଣଙ୍କୁ ଏହି କାର୍ଯ୍ୟରେ ସାହାଯ୍ୟ କରିବ। ଦି ଆପଣ ଆପଣଙ୍କର ଅନଲାଇନ୍ ଉପସ୍ଥିତିକୁ ସୁରକ୍ଷା ଦେବାକୁ ଚାହାଁନ୍ତି, ତେବେ ଆପଣ ସୋସିଆଲ୍ ମିଡିଆ ପ୍ଲାଟଫର୍ମର ଗୋପନୀୟତା ସେଟିଂକୁ ଯାଇ ବର୍ତ୍ତମାନ ସେଟିଂସମୂହକୁ ଅପଡେଟ୍ କରିବା ଉଚିତ୍।

# ଇଣ୍ଟରନେଟ୍‌ରେ ସର୍ଚ୍ଚ କରନ୍ତୁ ନାହିଁ ଏହି ଚାରୋଟି ଜିନିଷ

ଗୁଗୁଲ୍ ବର୍ତ୍ତମାନ ଆମ ଜୀବନର ଏକ ବିଶେଷ ଅଂଶ ହୋଇଯାଇଛି। ପରିସ୍ଥିତି ଏପରି ହୋଇଛି ଯେ ଯେତେବେଳେ ବି ଆମ ମନକୁ କୌଣସି ପ୍ରଶ୍ନ ଆସେ, ଆମେ ପ୍ରଥମେ ଗୁଗୁଲରୁ ଏହାର ଉତ୍ତର ମାଗୁ। ଯଦି ଆପଣ ମଧ୍ୟ ଏଥିରେ ଅଭ୍ୟସ୍ତ, ତେବେ କେତେକ କ୍ଷେତ୍ରରେ ଆପଣଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡିପାରେ। କିଛି ଜିନିଷ ବିଷୟରେ ଏଠାରେ ଜାଣନ୍ତୁ ଯାହା ଭୁଲରେ ମଧ୍ୟ ଗୁଗୁଲରେ ଖୋଜିବା ବା ସର୍ଚ୍ଚ କରିବା ଉଚିତ୍ ନୁହେଁ। ଗୁଗୁଲ୍ ହେଉଛି ବିଶ୍ୱର ଏକ ଶକ୍ତିଶାଳୀ ଏବଂ ସର୍ବାଧିକ ବ୍ୟବହୃତ ସର୍ଚ୍ଚ ଇଞ୍ଜିନ୍। ଗୁଗୁଲ୍ ସର୍ଚ୍ଚ ସାହାଯ୍ୟରେ ଆମେ ସମସ୍ତ ପ୍ରକାରର ସୂଚନା ପାଇଥା, କିନ୍ତୁ ଗୁଗୁଲ୍‌ରେ ମଧ୍ୟ କିଛି ଜିନିଷ ସର୍ଚ୍ଚ କରିବା ବେଆଇନ କିମ୍ବା କ୍ଷତିକାରକ। ଭାରତରେ ଏପରି କିଛି ଜିନିଷ ଅଛି ଯାହା ଗୁଗୁଲରେ ସର୍ଚ୍ଚ କରିବା ବେଆଇନ ଧରାଯାଏ । ଯଦି ଆପଣ ଏହି ଜିନିଷଗୁଡିକୁ ସର୍ଚ୍ଚ ଇଞ୍ଜିନ୍‌ରେ ଖୋଜିଥାନ୍ତି ତେବେ ଆପଣ ଜେଲ୍ ଯାଇପାରନ୍ତି। ଏଠାରେ ଆମେ ଏପରି ଚାରୋଟି ଜିନିଷ ବିଷୟରେ କହୁଛୁ ଯାହା ଗୁଗୁଲ୍‌ରେ ସର୍ଚ୍ଚ କରିବା ବେଆଇନ ବୋଲି ବିବେଚନା କରାଯାଏ...

### ■ ବୋମା ତିଆରି କୌଶଳ:

ଭାରତରେ ବୋମା ପ୍ରସ୍ତୁତ କରିବା ଏକ ଗୁରୁତର ଅପରାଧ। ଯଦି ଆପଣ ଗୁଗୁଲ୍‌ରେ ବୋମା ତିଆରି କରିବାର କୌଶଳ ସର୍ଚ୍ଚ କରନ୍ତି, ତେବେ ଆତଙ୍କବାଦ ଅଭିଯୋଗରେ ଆପଣଙ୍କୁ ଗିରଫ କରାଯାଇପାରିବ।

### ■ ଚାଇଲ୍ଡ ପୋନୋଗ୍ରାଫି

ଚାଇଲ୍ଡ ପୋନୋଗ୍ରାଫି ବା ଶିଶୁ ଅଶ୍ଳୀଳତା ଭାରତରେ ଏକ ଗୁରୁତର ଅପରାଧ। ଯଦି ଆପଣ ଗୁଗୁଲରେ ଏହିପରି କିଛି ବିଷୟରେ ସର୍ଚ୍ଚ କରନ୍ତି, ତେବେ ଆପଣ ବା ଯୌନ ଶୋଷଣ ଅଭିଯୋଗରେ ଗିରଫ ହୋଇପାରିବେ।



### ■ ବେଆଇନ ଔଷଧ

ବେଆଇନ ଔଷଧ ବିକ୍ରୟ ଏବଂ କ୍ରୟ ମଧ୍ୟ ଭାରତରେ ଏକ ଗୁରୁତର ଅପରାଧ ଭାବେ ଧରାଯାଏ। ଯଦି ଆପଣ ଗୁଗୁଲରେ ବେଆଇନ ଔଷଧ ସମ୍ପର୍କରେ ସର୍ଚ୍ଚ କରନ୍ତି, ତେବେ ବେଆଇନ ଔଷଧ ବା ଡ୍ରଗ୍ ଅପରାଧ ଆଇନ ଅନୁଯାୟୀ ଜେଲ୍ ଯିବାକୁ ପଡିପାରେ।

### ■ ହ୍ୟାକିଂ

ଭାରତରେ କମ୍ପ୍ୟୁଟର ହ୍ୟାକିଂ ମଧ୍ୟ ଅନ୍ୟ ଏକ ଗୁରୁତର ଅପରାଧ। ଯଦି ଆପଣ ଗୁଗୁଲରେ ହ୍ୟାକିଂ କୌଶଳ ସର୍ଚ୍ଚ କରନ୍ତି, ତେବେ ସାଇବର ଅପରାଧ ଅଭିଯୋଗରେ ଆପଣଙ୍କୁ ଗିରଫ କରାଯାଇପାରିବ।

ଏସବୁ ଜିନିଷ ବ୍ୟତୀତ ଆଉ କିଛି ରହିଛି ଯାହା ଗୁଗୁଲରେ ସର୍ଚ୍ଚ କରିବା ଆପଣଙ୍କ ପାଇଁ କ୍ଷତିକାରକ ହୋଇପାରେ। ଉଦାହରଣ ସ୍ୱରୂପ, ଯଦି ଆପଣ ଗୁଗୁଲରେ ଆତ୍ମହତ୍ୟା କିମ୍ବା ହତ୍ୟା କୌଶଳ ସର୍ଚ୍ଚ କରନ୍ତି, ତେବେ ଆପଣଙ୍କୁ ମାନସିକ ସ୍ୱାସ୍ଥ୍ୟ ସମସ୍ୟା ଏଡାଇବା ପାଇଁ ସାହାଯ୍ୟ ଦରକାର ହୋଇପାରେ। ଏମିତିକି ଯଦି ଆପଣ ଗୁଗୁଲ୍‌ରେ ଏପରି କିଛି ଜିନିଷ ସନ୍ଧାନ କରୁଛନ୍ତି ଯାହା ଆଇନଗତ କି ନୁହେଁ ତାହା ବିଷୟରେ ଆପଣ ନିଶ୍ଚିତ ନୁହଁନ୍ତି। ଏପରି ପରିସ୍ଥିତିରେ, ଆପଣ ଜଣେ ବିଶେଷଜ୍ଞଙ୍କଠାରୁ ପରାମର୍ଶ ନେଇପାରିବେ।

# ଏଣିକି 'ଏକ୍ସ'ରେ ଜବ୍ ସର୍ଚ୍ଚ...

ଯେବେଠାରୁ ଏଲନ ମସ୍କ ଏକ୍ସ ବା ଟ୍ୱିଟରର ଦାୟିତ୍ୱ ହାତକୁ ନେଲେଣି ସେବେଠାରୁ ସେ ଏଥିରେ ୟୁଜର୍ସଙ୍କ ଲାଗି ବହୁ ନୂଆ ଫିଚର ଆଣିବାରେ ଲାଗିଛନ୍ତି। ପୂର୍ବାପେକ୍ଷା ଏବେ ଟ୍ୱିଟରଅନେକ କିଛି ଅପଗ୍ରେଡ୍ କଲାଣି। ବର୍ତ୍ତମାନ ଏକ୍ସ କେବଳ ଖବର ଓ ତଥ୍ୟ ସେୟାର କରିବାର ଏକ ପ୍ଲାଟଫର୍ମ ହୋଇରହିନାହିଁ ବରଂ ଲୋକମାନେ ଏଥିରୁ ଅର୍ଥ ରୋଜଗାର ବି କରୁଛନ୍ତି।

ଏଲନ୍ ମସ୍କ ଏକ୍ସ ୟୁଜରଙ୍କ ଲାଗି ଏକ ନୂଆ ଫିଚର ଆଣିଛନ୍ତି, ଯାହା ସାହାଯ୍ୟରେ ଆପଣଙ୍କୁ ଚାକିରି ପାଇବା ସହଜ ହୋଇଯିବ। ମସ୍କ ଟ୍ୱିଟରକୁ ଏପରି ଏକ ପ୍ଲାଟଫର୍ମରେ ପରିଣତ କରିବାକୁ ଚାହୁଁଛନ୍ତି ଯେଉଁଥିରେ ସୋସିଆଲ ମିଡିଆ ସହିତ ଅନ୍ୟ ଜରୁରୀ ଅନଲାଇନ୍ କାମ ବି ହୋଇପାରିବ। ଏହି କ୍ରମରେ ସେ ଏକ୍ସରେ ଏକ ନୂଆ ଫିଚର ଯୋଡି ଦେଇଛନ୍ତି। ଏବେ ଆପଣ ଏଥିରେ ବହୁ ସହଜରେ ଚାକିରି ବି ଖୋଜିପାରିବେ। ଏଥିପାଇଁ କମ୍ପାନୀ 'ଜବ୍ ସର୍ଚ୍ଚ' ନାମକ ଟୁଲ୍ ଜାରି କରିଛି। ଏକ୍ସର ଏହି ସର୍ବଶେଷ ଫିଚର ସେହି ଲୋକମାନଙ୍କ କାମରେ ଆସିବ ଯେଉଁମାନେ ନିଜ କ୍ୟାରିୟରରେ ନୂତନ ନିଯୁକ୍ତିର ସନ୍ଧାନରେ ଅଛନ୍ତି। ଏହି ନୂଆ ଟୁଲ୍ ୟୁଜର୍ସଙ୍କୁ ସର୍ବଶେଷ ପ୍ରକାଶିତ ଚାକିରି ଖୋଜିବାରେ ସହାୟକ ହେବ। କେବଳ ଏତିକି ନୁହେଁ ବଡ ବଡ କମ୍ପାନୀ ସିଧାସଳଖ ଏକ୍ସରୁ ହିଁ କର୍ମଚାରୀ ଚୟନ କରିପାରିବେ। ଆହୁରିମଧ୍ୟ

ଏକ୍ସର ଏହି ଫିଚର ଲିଙ୍କଡ୍ ଇନ୍‌କୁ ବି ଟକ୍କର ଦେବ ବୋଲି କୁହାଯାଉଛି। ଏବେ ଅଧିକାଂଶ ଲୋକ ଚାକିରୀ ପାଇଁ ଲିଙ୍କଡ୍ ଇନ୍‌କୁ ଯାଇ ସର୍ଚ୍ଚ କରୁଛନ୍ତି। ଏଠାରେ ସୂଚାଇ ଦିଆଯାଇପାରେ କି ଏକ୍ସରେ ଜବ୍ ସର୍ଚ୍ଚ ଟୁଲ୍‌ର ଟେଷ୍ଟିଂ ଅଗଷ୍ଟ ମାସରୁ ଆରମ୍ଭ ହୋଇଥିଲା । ପ୍ରାୟ ୨ ମାସ ପରେ କମ୍ପାନୀ ଏହାକୁ ୟୁଜର୍ସଙ୍କ ଲାଗି କାର୍ଯ୍ୟକାରୀ କରିଦେଇଛି।




ଏକ୍ସରେ କୌଣସି ବି ୱେବ ଭର୍ସନରେ ଆପଣ ଜବ୍ ସର୍ଚ୍ଚ କରିପାରିବେ। ଯଦି ଆପଣ ଜଣେ ଏକ୍ସ ୟୁଜର ଓ ଆପଣଙ୍କ ଆକାଉଣ୍ଟ ଭେରିଫାଏଡ୍ ନୁହେଁ ତଥାପି ଆପଣ ଏହି ଜବ୍ ସର୍ଚ୍ଚ ଟୁଲ୍‌ର ଉପଯୋଗ କରିପାରିବେ। ଏଥିପାଇଁ ଆପଣଙ୍କୁ କେବଳ ଏକ୍ସରେ ଲଗ୍‌ଇନ୍ କରିବାର ଆବଶ୍ୟକତା ରହିଛି। ଏହାପରେ ଆପଣ ଜବ୍ ସର୍ଚ୍ଚ ପେଜ୍‌କୁ ଯାଇ ନିଜ ପସନ୍ଦ ମୁତାବିକ ଜବ୍ ସର୍ଚ୍ଚ କରିପାରିବେ।

# ସାଓମିର ପ୍ରଥମ ଇଭି କାର୍ ଏସ୍‌ୟୁ ୭

ଆଣ୍ଡ୍ରଏଡ୍ ସ୍ମାର୍ଟଫୋନ୍ ପାଇଁ ଜଣାଶୁଣା ସାଓମି ବଜାରକୁ ଏହାର ପ୍ରଥମ ଇଭି କାର୍ ଏସ୍‌ୟୁ୭ ଛାଡିବାକୁ ଯାଉଛି। ଚାଇନାରେ ଏହାର ପ୍ରଥମ ଇଭି କାର୍ ବିକ୍ରି ପାଇଁ କମ୍ପାନୀ ଲାଇସେନ୍ସ ପାଇଁ ଆବେଦନ କରିଛି। ନିୟାମକଙ୍କ ନିକଟରେ କରାଯାଇଥିବା ଫାଇଲିଂ ଅନୁଯାୟୀ, କମ୍ପାନୀର ପ୍ରଥମ ଇଭି କାର୍ ହେଉଛି ଏସ୍‌ୟୁ୭ ଏବଂ ଏସ୍‌ୟୁ୭ ମ୍ୟାକ୍ସ। ଏଥିରେ ହାଇପରଓସ୍ ନାମରେ ଏକ ଅପରେଟିଂ ସିଷ୍ଟମ୍ ସଂସ୍ଥାପିତ କରାଯାଇଛି ଯାହା ବ୍ୟବହାରକାରୀଙ୍କ ଘର, କାର ଏବଂ ମୋବାଇଲ୍ ଉପକରଣଗୁଡ଼ିକୁ ସଂଯୋଗ କରିପାରିବ। ସାଓମି କାର ବଜାରରେ ପ୍ରବେଶ କରିବାକୁ ଯୋଜନା କରୁଥିବାବେଳେ ଏହାକୁ କମ୍ପାନୀର ସ୍ମାର୍ଟଫୋନ୍ ଏବଂ ଇଭି ମଧ୍ୟରେ ସମ୍ପୂର୍ଣ୍ଣ ଇଣ୍ଟିଗ୍ରେଟେଡ୍ ଓଏସ୍ ଏକ୍ସପରିଏନ୍ସ ଭଳି ଟେକ୍ନୋଲୋଜି ସହ ଯୋଡାଯାଇଛି।




କାର୍ ରିଭ୍ୟୁ

## ରୋଲ୍ସ-ରୟେସୀ ସ୍ପେକ୍ଟର୍ ଇଭିର ପ୍ରଥମ ଭାରତୀୟ ଗ୍ରାହକ

# କାର୍ ଚାବି ନେବାକୁ ସାଣ୍ଡାଲ୍ ପିନ୍ଧି ଆସିଲେ

ଏକପୁସ୍ତକକୁ ଏହାର କଭରକୁ ନେଇ ବିଚାର କର ନାହିଁ ବୋଲି ରହିଥିବା ବାକ୍ୟାଂଶ ପୁଣି ଥରେ ପ୍ରମାଣିତ ହୋଇଛି, ଯେତେବେଳେ ଚେନ୍ନାଇର ଜଣେ ବ୍ୟକ୍ତି ସାଧାରଣ ପୋଷାକ ଏବଂ ଏକ ସ୍ୟାଣ୍ଡାଲ ପିନ୍ଧିଥିବାବେଳେ ଏକ ନୂତନ ରୋଲ୍ସ-ରୟେସୀ ସ୍ପେକ୍ଟର ଇଭି ସାମ୍ନାରେ ଫଟୋ ପୋଜ୍ ଦେଉଥିବାର ଦେଖାଯାଇଥିଲା। ବ୍ରିଟିଶ ବିଳାସପୂର୍ଣ୍ଣ ଅଟୋ ନିର୍ମାତାଙ୍କ ଅଲ-ଇଲେକ୍ଟ୍ରିକ୍ କାର ଏ ପର୍ଯ୍ୟନ୍ତ ଭାରତୀୟ ବଜାରରେ ପ୍ରବେଶ କରିପାରିନାହିଁ। ରିପୋର୍ଟ ଅନୁଯାୟୀ,କମ୍ପାନୀ ପକ୍ଷରୁ ଆନୁଷ୍ଠାନିକ ବଜାର ପ୍ରବେଶ ପୂର୍ବରୁ ଏହି ହାର୍ଡଟପ୍ ସେଦାନ୍‌ର ଡେଲିଭରୀ ଗ୍ରହଣ କରିଛନ୍ତି ବାଶ୍ୟାମ୍ ଯୁବରାଜ। ପେଷାରେ ଯୁବରାଜ ଜଣେ ବିଲଡର। ତାଙ୍କର କମ୍ପାନୀ ବାଶ୍ୟାମ୍ କନଷ୍ଟ୍ରକସନ ନାମରେ ପଞ୍ଜିକୃତ ହୋଇଛି।ଏକ୍ସ (ପୂର୍ବର ଟ୍ୱିଟର) ରେ ଏ ସମ୍ପର୍କିତ ଏକ ଫଟୋଗ୍ରାଫ୍ ସେୟାର କରି ଜଣେ ୟୁଜର ଲେଖିଛନ୍ତି ଯେ ଚେନ୍ନଇ ବିଲଡର୍ ବଜାର ପ୍ରବେଶ ପୂର୍ବରୁ ଭାରତର ପ୍ରଥମ ରୋଲ୍ସ ରୋଏସ୍ ସ୍ପେକ୍ଟର ହାତେଇଛନ୍ତି। ବାଶ୍ୟାମ୍ ରୋଲ୍ସ-ରୟେସୀ ସ୍ପେକ୍ଟର ଇଭିର 'ୱିଟରିଂ ବ୍ଲୁ' ଭାରିଆଣ୍ଟ କିଣିଛନ୍ତି, ଯାହାର ମୂଲ୍ୟ ଘରୋଇ ବଜାରରେ ପ୍ରାୟ ୯ କୋଟି ଟଙ୍କା (ଏକ୍ସ-ସୋ'ରୁମ୍) ରହିବ। କେତେକ ୟୁଜର ବାଶ୍ୟାମଙ୍କ ଡାଉନ୍-ଟୁ-ଆର୍ଥ ସ୍ୱଭାବ ସମ୍ପର୍କରେ କହିଥିବାବେଳେ ଅନ୍ୟମାନେ ରୋଲ୍ସ-ରୟେସୀ ସ୍ପେକ୍ଟର୍ ଇଭିର କିଛି ଆକର୍ଷଣୀୟ ବୈଶିଷ୍ଟ୍ୟ ବିଷୟରେ ଉଲ୍ଲେଖ କରିଥିଲେ।



# ପୁରୁଣା ପେନ୍‌ସନ୍ ପାଇଁ ପ୍ରସ୍ତୁତି ବୈଠକ




**ଭଦ୍ରକ, ୨।୧୨(ସମିସ):** ଭାଗବତ କଲ୍ୟାଣ ମଣ୍ଡପରେ ପୁରୁଣା ପେନ୍‌ସନ୍ ମହାରାଲି ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଭଦ୍ରକ ଜିଲ୍ଲା ଶାଖାର ସଭାପତି ସଞ୍ଜୟ ନନ୍ଦ ଅଧ୍ୟକ୍ଷତା କରିଥିଲେ। ଉକ୍ତ ବୈଠକରେ ରାଜ୍ୟ ସଂଘର ଉପଦେଷ୍ଟା ଉତ୍ତମ ଦାସ ଏବଂ ଭଦ୍ରକ ଜିଲ୍ଲାର ସମସ୍ତ ବ୍ଲକର ସଭାପତି, ସମ୍ପାଦକ ଯୋଗ ଦେଇଥିଲେ। ରାଜ୍ୟ ସଂଘର ସଭାପତି ବିଜୟ ମଲ୍ଲ ଓ ସମ୍ପାଦକ ବଙ୍କିମ କୁମାର ସାଗରଙ୍କ ନେତୃତ୍ୱରେ ଚଳିତ ଡିସେମ୍ବର ମହାରାଲିରେ ରାଜ୍ୟ ସରକାର ଏବଂ କେନ୍ଦ୍ର ସରକାର ଅଧିନରେ କାର୍ଯ୍ୟ କରୁଥିବା ସମସ୍ତ ଏନପିଏସ କର୍ମଚାରୀ ଯୋଗ ଦେବେ ବୋଲି ଆହ୍ୱାନ ଦେଇଛନ୍ତି। ଏଥିରେ ସମସ୍ତ ରାଜ୍ୟ ଓ କେନ୍ଦ୍ର ସରକାରୀ କର୍ମଚାରୀ ବହୁ ସଂଖ୍ୟାରେ ଯୋଗଦାନ କରି ମହାରାଲିକୁ ସଫଳ କରିବା ପାଇଁ ଏନଆଇଏମଓପିଏସ ଆହ୍ୱାନ କରିଛନ୍ତି। ଉକ୍ତ ରାଲିରେ ଭଦ୍ରକ ଜିଲ୍ଲା ତରଫରୁ ବହୁ ସଂଖ୍ୟାରେ କର୍ମଚାରୀ ଯୋଗ ଦେବା ପାଇଁ ଏକ ପ୍ରେସ ବାର୍ତ୍ତାରେ ମୁଖପାତ୍ର ଶ୍ରୀ ବାଇଧର ପଲାଇ ଅନୁରୋଧ କରିଛନ୍ତି।

# ଭିନ୍ନକ୍ଷମଙ୍କୁ ମିଳିଲା ସରକାରୀ ସହାୟତା

**ଆଗରପଡ଼ା, ୨।୧୨(ସମିସ)**

ବନ୍ତ ବ୍ଲକର ବିଭିନ୍ନ ପଞ୍ଚାୟତରେ ବସବାସ କରୁଥିବା ଭିନ୍ନକ୍ଷମଙ୍କୁ ସରକାରୀ ସ୍ତରୀୟ ସହାୟତା ମିଳିବାରେ ବିଳମ୍ବ ଘଟୁଥିଲା। ପ୍ରଶାସନର ନଜର ଆଢୁଆଳରେ ଭିନ୍ନକ୍ଷମ ରହିଯାଉଥିଲେ। ବିଭିନ୍ନ ସମୟରେ ସେମାନଙ୍କ ସମସ୍ୟାକୁ ଦୈନିକ 'ସକାଳ'ରେ ପ୍ରକାଶ କରି ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବା ପରେ ସେମାନେ ସରକାରୀ ସହାୟତା ପାଇପାରିଥିବାର ଜଣାପଡ଼ିଛି। ସୂଚନା ଅନୁଯାୟୀ, ଗତ ଫେବୃଆରୀ ୧୬ ତାରିଖ 'ଭିନ୍ନକ୍ଷମ ପୂର୍ଣ୍ଣିମାଙ୍କ ପାଇଁ ଟ୍ରାଇସାଇକଲ ସାତସପନ' ଶୀର୍ଷକ ଖବର 'ସକାଳ'ରେ ପ୍ରକାଶ ପାଇଥିଲା। ଖବର ପ୍ରକାଶିତ ହେବାପରେ ସେହି ମାସ ୨୩ ତାରିଖରେ ବନ୍ତ ପ୍ରଶାସନ ପକ୍ଷରୁ ବ୍ଲକ ଉନ୍ନୟନ ଅଧିକାରୀ ପ୍ରଦିପ ସେଠୀ, ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ, ସାମାଜିକ ସୁରକ୍ଷା ବିଭାଗ ଭାରପ୍ରାପ୍ତ ଅଧିକାରୀ ନିଶାକର ଖୁଣ୍ଟିଆ, ସ୍ଥାନୀୟ ସରପଞ୍ଚ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ରାଉତ ପ୍ରମୁଖ ପୂର୍ଣ୍ଣିମାଙ୍କ ଘରକୁ ଯାଇ ପରିବାର ବର୍ଗଙ୍କ ଉପସ୍ଥିତିରେ ତାଙ୍କୁ ହ୍ୱିଲ ଚେୟାର ପ୍ରଦାନ କରିବା ସହ ଆଗାମୀ ଦିନରେ ସେ ମାସିକ ପାଉଥିବା ୫୦୦ଟଙ୍କା ଭତ୍ତା ରାଶିକୁ ୭୦୦ଟଙ୍କା କରିବାକୁ ସମସ୍ତ ପଦକ୍ଷେପ ନେବାର ପ୍ରତିଶ୍ରୁତି ଦେଇଥିଲେ।

ବନ୍ତ ବ୍ଲକ ରାମଚନ୍ଦ୍ରପୁର ପଞ୍ଚାୟତ ଅର୍ନ୍ତଗତ ରାମଚନ୍ଦ୍ରପୁର ଗ୍ରାମର ପୂର୍ଣ୍ଣିମା ନାୟକ ୧୯ ବର୍ଷ ଧରି କେବଳ ଶୋଇ ରହୁଥିଲେ। ତାଙ୍କ ସମସ୍ୟା ସଂପର୍କରେ 'ସକାଳ'ରେ ପ୍ରକାଶିତ ହେବା ପରେ ପ୍ରଶାସନ ତରଫରୁ ଟ୍ରାଇସାଇକଲ ଯୋଗାଇ ଦିଆଯାଇଛି।



ସେହିପରି ବନ୍ତ ବ୍ଲକ ଅଣିଜୋ ପଞ୍ଚାୟତ ଅନ୍ତର୍ଗତ ରାଜନଗର ମଙ୍ଗଳପୁର ଗ୍ରାମର ରଶ୍ମିତା ଜେନା, ଅଣିଜୋ ଗ୍ରାମର କମଳା ବାରିକ ଓ ଅର୍ଜ୍ଜୁନୀ ଗାହଣ, ବିରିଡ଼ୀ ଗ୍ରାମର ଅଭିମନ୍ୟୁ ବେହେରାଙ୍କ ପୁଅ, ନରିପୁର ଗ୍ରାମର ଶିବ ସାହୁଙ୍କ ପୁଅ ଏବଂ ଚାରିଗାଁ ପଞ୍ଚାୟତ ଅନ୍ତର୍ଗତ ଇଟୁଆ ଗ୍ରାମର ଶରତ ପଣ୍ଡାଙ୍କ ପୁଅ ପ୍ରମୁଖଙ୍କ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବାରୁ ବଞ୍ଚିତ ହେଉଥିବା ସଂପର୍କରେ ଜୁନ ୧ ତାରିଖରେ 'ସରକାରୀ ସହାୟତା ଅପେକ୍ଷାରେ ଭିନ୍ନକ୍ଷମ' ଶୀର୍ଷକ ଖବର ଦୈନିକ 'ସକାଳ'ରେ ପ୍ରକାଶ ପାଇଥିଲା। ଖବର ପ୍ରକାଶ ପାଇବା ପରେ ଗତ ଅକ୍ଟୋବର ମାସରେ ପ୍ରଶାସନ ତରଫରୁ ସେମାନଙ୍କୁ ହ୍ୱିଲ ଚେୟାର ପ୍ରଦାନ କରାଯାଇଥିଲା। ସେହିପରି ବନ୍ତ ବ୍ଲକ ଆଡ଼ିଆ ପଞ୍ଚାୟତ ଅର୍ନ୍ତଗତ ଆଡ଼ିଆ ଗ୍ରାମର ଜନ୍ମରୁ ଦିବ୍ୟାଙ୍ଗ ହୋଇଥିବା ସୁମିତ୍ରା ବିଭାଗୀୟ ଅଧିକାରୀଙ୍କ ଭୁଲ ବିବରଣୀ ଯୋଗୁଁ ଗତ ପ୍ରାୟ ୭ ମାସ ହେବ ପ୍ରକୃତ ଭତ୍ତା ପାଇବାରୁ ବଞ୍ଚିତ ହେଉଥିଲେ। 'ବିଭାଗୀୟ ଅଧିକାରୀଙ୍କ ଅଣଦେଖାରୁ ସ୍ୱାମୀ ପାଲଟିଲେ ବାପା; ପ୍ରକୃତ ଭତ୍ତା ଟଙ୍କା ପାଇବାରୁ ବଞ୍ଚିତ ସୁମିତ୍ରା' ଶୀର୍ଷକ ଖବର ଦୈନିକ 'ସକାଳ'ରେ ଗତ ଅକ୍ଟୋବର ୧୪ ତାରିଖରେ ପ୍ରକାଶ ପାଇଥିଲା। ଖବର ପ୍ରକାଶ ପାଇବା ପରେ ସୁମିତ୍ରା ଇତି ମଧ୍ୟରେ ପ୍ରକୃତ ଭତ୍ତା ପାଇବାକୁ ଯୋଗ୍ୟ ବିବେଚିତ ହୋଇଥିବା ଜଣାପଡ଼ିଛି। ତେଣୁ ଏହିପରି ବିଭିନ୍ନ ସମୟରେ ବନ୍ତ ବ୍ଲକରେ ବସବାସ କରୁଥିବା ଭିନ୍ନକ୍ଷମଙ୍କୁ ସରକାରୀ ସହାୟତା ପ୍ରଦାନ କ୍ଷେତ୍ରରେ ଦୈନିକ 'ସକାଳ' ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବାର ପ୍ରୟାସ ଜାରୀ ରଖିଛି। ସରକାରୀ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଆଜି ସୁଦ୍ଧା ବନ୍ତ ବ୍ଲକରେ ୧୮୯୭ ଜଣ ହିତାଧିକାରୀଙ୍କୁ ମଧୁବାବୁ ଓ ଇନ୍ଦିରାଗାନ୍ଧୀ ଯୋଜନାରେ ସରକାରୀ ସହାୟତା ପ୍ରଦାନ କରାଯାଇଥିବା ବେଳେ ୨୦୨୩ରେ ୧୫୫ଜଣଙ୍କୁ ବାଣୀଶ୍ରୀ ଯୋଜନାରେ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି ଏବଂ ୨୯ଜଣ ଦିବ୍ୟାଙ୍ଗଙ୍କୁ ବିଭିନ୍ନ ପ୍ରକାର ଉପକରଣ ପ୍ରଦାନ କରାଯାଇଥିବା ଜଣାପଡ଼ିଛି।

'ସକାଳ' ପ୍ରଭାବ

# ହରିଗଙ୍ଗା ପୋଲ ତଳେ ଆବର୍ଜ୍ଜନା ଭର୍ତ୍ତି

**ଆଗରପଡ଼ା, ୨।୧୨(ସମିସ):** ଆଗରପଡ଼ା ମୁଖ୍ୟ ବଜାର କଲେଜ ଛକ ସନ୍ନିକଟ ହରିଗଙ୍ଗା ପୋଲ ଅପରପାର୍ଶ୍ୱରେ ବିଭିନ୍ନ ଅଳିଆ, ଆବର୍ଜ୍ଜନା ପଡୁଥିବାରୁ ଚାଷ ଜମିରୁ ଜଳ ନିଷ୍କାସନ ହୋଇନପାରି ଏକ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ଉକ୍ତ ସମସ୍ୟାକୁ ନେଇ ଦୈନିକ 'ସକାଳ'ରେ ବାରମ୍ବାର ଖବର ପ୍ରକାଶ ପାଉଥିଲେ ସୁଦ୍ଧା ବିଭାଗ ତରଫରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବାରୁ ଏହା ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟପନ୍ଥା ଉପରେ ଅଙ୍ଗୁଳ ନିର୍ଦ୍ଦେଶ କରୁଛି।



ସୂଚନା ଅନୁଯାୟୀ, ହରିଗଙ୍ଗା ପୋଲ ଅପରପାର୍ଶ୍ୱରେ ବିଭିନ୍ନ ଅଳିଆ, ଆବର୍ଜ୍ଜନା ପଡୁଥିବାରୁ ବିଭିନ୍ନ ସମୟରେ ଚାଷ କାର୍ଯ୍ୟ କରିବାରେ ଚାଷୀମାନେ ନାନାଦି ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଥାନ୍ତି। ବର୍ଷାଦିନେ ବିଟିପୁର ପଞ୍ଚାୟତ ସ୍ଥିତ ଗଡ଼ସାହୀ, ବଙ୍ଗାଳୀସାହୀ, ମଥାପାଗିଆ, ହଳଦୀପହଣୀ ଆଦି ଗ୍ରାମବାସୀଙ୍କ ଏକର ଏକର ଜମିରେ ବର୍ଷା ଜଳ ନିଷ୍କାସନ ହୋଇ ନପାରି ଜମି ରହିଥାଏ ଯଦ୍ୱାରା ପ୍ରତିବର୍ଷ ଧାନଚାଷ ଅମଳ ଠିକ୍ ଭାବେ ହୋଇ ପାରିନଥାଏ। ବେଳେବେଳେ ଚାଷୀମାନେ ନିଜ ପ୍ରଚେଷ୍ଟାରେ ପୋଲ ନିକଟରୁ ପାହାଡ଼ ପରି ରହିଥିବା ଅଳିଆ, ଅବର୍ଜ୍ଜନାକୁ ସଫା କରିବା ପରେ ଜଳନିଷ୍କାସନ ହୋଇଥାଏ। ମୁଖ୍ୟ କେନାଲ ବାମ ପାର୍ଶ୍ୱ ଅଞ୍ଚଳ ରାଉତରାପୁର, ପୁରୁଷଣ୍ଡ, ବିଟିପୁର ଧୋବାସାହୀ, ଭବାନୀଗଞ୍ଜ, ହାଟ ଆଦି ଅଞ୍ଚଳ ଜଳ ବାହାରି ଚାଷ ଜମି ଦେଇ ପୋଲ ନିକଟରେ ନିଷ୍କାସନ ହୋଇଥାଏ। ରାସ୍ତା ପ୍ରଶସ୍ତିକରଣ ସମୟରେ ବିଭାଗ ତରଫରୁ ଉକ୍ତ ପୋଲକୁ ଅଧିକ ଉଚ୍ଚତା ଓ ଚଉଡ଼ା କରାଯାଇ ନିର୍ମାଣ କରାଯାଇଥିଲେ ସୁଦ୍ଧା ଏହି ପୋଲ ନିକଟରେ ଦୈନିକ ମାଛ ହାଟ ଓ ଅନ୍ୟ ଆମିଷ ଦୋକାନ ମାନ ଖୋଲା ଯାଇଥିବାରୁ ଉକ୍ତ ଅଞ୍ଚଳରେ ଜଳ ନିଷ୍କାସନ ନ ହେବାରୁ ପରିବେଶ ଦୁର୍ଗନ୍ଧମୟ ହୋଇପଡୁଛି। ସରକାର ସ୍ୱଚ୍ଛ ଭାରତ ମିଶନ ଯୋଜନାରେ ବାର୍ଷିକ କୋଟିକୋଟି ଟଙ୍କା ଖର୍ଚ୍ଚ କରୁଥିବା ସ୍ଥଳେ ବିଭାଗୀୟ ଅଧିକାରୀଙ୍କ ଅଣଦେଖା ଯୋଗୁଁ ଉକ୍ତ ଯୋଜନା ଏଠାରେ ସମ୍ପୂର୍ଣ୍ଣ ଫେଲ ମାରିଥିବା ଜଣାପଡ଼ିଛି। ସରକାରୀ ସ୍ତରରେ ଯଦି ଏହି ସମସ୍ୟାର ସ୍ଥାୟୀ ପ୍ରତିକାର ପାଇଁ କୌଣସି କିଛି ପଦକ୍ଷେପ ନିଆ ନଯାଏ ତେବେ ଆଗାମୀ ଦିନରେ ଉକ୍ତ ସମସ୍ୟା ଅଞ୍ଚଳରେ ବଡ଼ଧରଣର ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି କରିବବୋଲି ବୁଦ୍ଧିଜୀବୀଙ୍କ ସମେତ ଅଞ୍ଚଳବାସୀ ଚିନ୍ତା ପ୍ରକଟ କରିଛନ୍ତି। ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ବିଭିନ୍ନ ମହଲରୁ ଦାବି ହେଉଛି।

# ବାରିକପୁର ଡିଗ୍ରୀ କଲେଜରେ ଏଡ୍‌ସ ଦିବସ




**ଭଣ୍ଡାରିପୋଖରୀ, ୨।୧୨(ସମିସ):** ବାରିକପୁର ଡିଗ୍ରୀ ମହାବିଦ୍ୟାଳୟରେ ବିଶ୍ୱ ଏଡ୍‌ସ ଦିବସ ଅଧ୍ୟକ୍ଷ ରମେଶ ଚନ୍ଦ୍ର ବେଉରିଆଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଜାତୀୟ ସେବା ଯୋଜନା ଅଧିକାରିଣୀ ରିତାଞ୍ଜଳୀ ପାରମାଣିକ ଓ ୟୁଥ୍ ରେଡକ୍ରସ ପରାମର୍ଶଦାତା ସୁରେଶ ଚନ୍ଦ୍ର ତ୍ରିପାଠୀଙ୍କ ସଂଯୋଜନାରେ ଛାତ୍ରଛାତ୍ରୀ ଏଡ୍‌ସ ସଚେତନତା ପ୍ଲାକାର୍ଡ ସହ ସ୍ଥାନୀୟ ଅଞ୍ଚଳ ପରିକ୍ରମା କରିଥିଲେ। ଆୟୋଜିତ ସଭାରେ ଗୌରାଙ୍ଗ ଚରଣ ନାଥ, ସନ୍ତୋଷ କୁମାର ଲେଙ୍କା, ଉମାକାନ୍ତ ମହାଳିକ, ନାରାୟଣ ଚନ୍ଦ୍ର ସେଠୀ, ସ୍ମିତା ସାଗରିକା, ସୌଭାଗ୍ୟଲକ୍ଷ୍ମୀ ସାହୁ ପ୍ରମୁଖ ଅଧ୍ୟାପକ ଓ ଅଧ୍ୟାପିକା ଯୋଗଦେଇ ଏଡ୍‌ସର କାରଣ ଓ ନିରାକରଣ ପାଇଁ ସଚେତନତା ଏକ ବଡ଼ ପ୍ରତିଷେଧକ ବୋଲି ମତବ୍ୟକ୍ତ କରିଥିଲେ। ୟୁଥ୍ ରେଡକ୍ରସ ସଂଯୋଜକ ଅଧ୍ୟାପକ ହରିହର ସାହୁ ଉଦ୍ଦେଶ୍ୟଜ୍ଞାପନ କରିଥିଲେ। ମମିତାରାଣୀ ନାୟକ, ଶ୍ରାବଣୀ ଦାଶ, ଗିତାଞ୍ଜଳୀ ଦାଶ ଅଲୋଚନାରେ ଅଂଶଗ୍ରହଣ କରିଥିଲେ। ଡେମୋନଷ୍ଟ୍ରେଟର ବିଜୟ ମଲ୍ଲିକ ଧନ୍ୟବାଦ ଦେଇଥିଲେ।

● ସକାଳ ପ୍ରଭାବ

# ସରକାରୀ ଅର୍ଥ ହଡ଼ପ ବନ୍ଦ ସହ ତଦନ୍ତ ଜାରି



**ଧାମନଗର, ୨।୧୨(ସମିସ):** ଧାମନଗର ଏନ୍‌ଏସି କାର୍ଯ୍ୟାଳୟରେ 'ସକାଳ'ର ପ୍ରଭାବ ପଡ଼ିଛି। ସରକାରୀ ଅର୍ଥ ହଡ଼ପ ବନ୍ଦ ସହ ତଦନ୍ତ ଜାରି ରଖିଛନ୍ତି ଅଧିକାରୀ। ଦୁର୍ନୀତିର ବହୁ ତଥ୍ୟ ହସ୍ତଗତ ହେବା ପରେ ଗତ ୩୦ ତାରିଖରେ ଏ ନେଇ 'ସକାଳ'ରେ ରିପୋର୍ଟ ପ୍ରକାଶ ପାଇବା ମାତ୍ରେ ତତ୍ପର ହୋଇପଡ଼ିଥିଲେ ଏନ୍‌ଏସି ଅଧିକାରୀ। ଶେଷରେ ସଫେଇ କର୍ମଚାରୀ ତଥା ଡ୍ରାଇଭରଙ୍କର ଦରମା ବନ୍ଦ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଛି। ଏନଏସି କାର୍ଯ୍ୟାଳୟରେ ଜଣେ ଡ୍ରାଇଭର ସଫେଇ କର୍ମଚାରୀ ଭାବେ ନିଯୁକ୍ତ ହୋଇଛନ୍ତି ସତ କିନ୍ତୁ ନିଜ ସଫେଇ କାର୍ଯ୍ୟ ନକରି ଅଧ୍ୟକ୍ଷାଙ୍କ ବ୍ୟକ୍ତିଗତ ଗାଡ଼ି ଚାଳକ ଭାବେ ଦୀର୍ଘ ଏକବର୍ଷରୁ ଅଧିକ ହେବ କାର୍ଯ୍ୟ କରି ସରକାରୀ ଅର୍ଥ ହଡ଼ପ କରିଚାଲିଥିଲେ। ଧାମନଗର ଏନଏସି କାର୍ଯ୍ୟାଳୟରେ ମଧୁଚନ୍ଦ୍ରିକରେ ଚାଲିଥିବା ଦୁର୍ନୀତି ଅଭିଯୋଗର ନିରପେକ୍ଷତା ତଦନ୍ତ କଲେ ସତ୍ୟତା ପଦାକୁ ଆସିବ ବୋଲି ଜିଲ୍ଲାପାଳଙ୍କ ନିକଟରେ କେତେକ କାଉନସିଲର ଓ ତାଙ୍କ ପ୍ରତିନିଧିମାନଙ୍କ ସହିତ ବୁଦ୍ଧିଜୀବୀ ମହଲରେ ଦାବି କରିଛନ୍ତି। ଏହି ଘଟଣାକୁ ନେଇ ଶନିବାର ପୂର୍ବାହ୍ନରେ ଅଧ୍ୟକ୍ଷା, ପ୍ରକ୍ସି ଅଧ୍ୟକ୍ଷ ଓ ଅଧିକାରୀଙ୍କ ମଧ୍ୟରେ ତୁତୁ ମେମେ ଲାଗିଥିବା ଦେଖାକୁ ମିଳିଥିଲା।

# ସାଂସଦଙ୍କ ଦ୍ୱାରା ଆବାସ ଯୋଜନା କାର୍ଯ୍ୟାଦେଶ ବଣ୍ଟନ

**ଧାମନଗର, ୨।୧୨(ସମିସ):** ଧାମନଗର ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ଉତ୍ସବ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସାଂସଦ ମଞ୍ଜୁଲତା ମଣ୍ଡଳ ଯୋଗଦେଇ ୫୨୦ଜଣ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ବରେଣ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଏନଏସି ଅଧ୍ୟକ୍ଷା ନିବେଦୀତା ଜେନା, ଉପାଧ୍ୟକ୍ଷ ଓସିମ ଏଜଦାନି କାଦରି, କେତେକ



କାଉନସିଲର ଯୋଗଦେଇଥିଲେ। ବିଜ୍ଞାପିତ ଅଞ୍ଚଳ ପରିଷଦର ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ନାୟକ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସୁଷମାରାଣୀ ରାଉତ ଅତିଥି ମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ରାମରତନ ମିଶ୍ର, ଧନେଶ୍ୱର ଧଳ, ସୁନିଲ ନାୟକ, ବିଜୟ କୁମାର ଦାସ, ଶରତ ଚନ୍ଦ୍ର ଦାସ, ସୁଶାନ୍ତ ବଳ, ଖଇରୁଲ ଓରା, ସମ୍ବିତ ନାୟକ, ପିତାମ୍ବର ନାୟକ ଓ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

# ନିଶା ନିବାରଣ ନିମନ୍ତେ ସଚେତନତା କାର୍ଯ୍ୟକ୍ରମ

**ଭଦ୍ରକ, ୨।୧୨(ସମିସ):** ଭଦ୍ରକ ଜିଲ୍ଲା ସର୍ବୋଦୟ ମଣ୍ଡଳ ସଭାପତି ଅମର କୁମାର ପାଣିଗ୍ରାହୀଙ୍କ ଦ୍ୱାରା ଓ ଜିଲ୍ଲା ପ୍ରଶାସନର ଅନୁମୋଦନ କ୍ରମେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ କିଶୋର କିଶୋରୀମାନଙ୍କୁ ସଚେତନତା କାର୍ଯ୍ୟକ୍ରମ ଜାରି ରହିଛି। ଆଜି ସର୍ବୋଦୟ ମଣ୍ଡଳ ପକ୍ଷରୁ ସଭାପତି ଶ୍ରୀ ପାଣିଗ୍ରାହୀ, ଉପସଭାପତି ଦେବୀକିଙ୍କର ପାଣିଗ୍ରାହୀ, ଆଇନଜୀବୀ ମାଧବାନନ୍ଦ ବେହେରା, ଶିକ୍ଷାବିତ ତ୍ରିଲୋଚନ ପଣ୍ଡା, ଅଲେଖ ଚନ୍ଦ୍ର ନାୟକ, ଆଲୁମିନି ସଭ୍ୟ ନିତ୍ୟାନନ୍ଦ ଜେନାଙ୍କ ସହଯୋଗରେ ଏକ ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ ନେହେରୁ ଉଚ୍ଚ ବିଦ୍ୟାଳୟ, ଗଣିଜଙ୍ଗର ପ୍ରଧାନ ଶିକ୍ଷୟିତ୍ରୀ ସଂଯୁକ୍ତା ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧିକାରୀ ସଂଘମିତ୍ରା ମହାନ୍ତି ମୁଖ୍ୟଅତିଥି ରୂପେ ଯୋଗ ଦେଇ କୋଟପା ଆଇନ ଓ ଏହାର ଦଣ୍ଡ ବିଷୟରେ ସୂଚନା ପ୍ରଦାନ କରିଥିଲେ।ଶିକ୍ଷୟିତ୍ରୀ ମଧୁସ୍ମିତା ନାୟକ, ଶୁଭସ୍ରୀ ବେହେରା, ନିତୁସ୍ମିତା ଗିରୀ, ଶ୍ରୀମତୀ ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ। ଶେଷରେ ଶିକ୍ଷୟିତ୍ରୀ ଜ୍ୟୋସ୍ନାରାଣୀ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# କେନାଲ ରାସ୍ତାରେ ନିକୃଷ୍ଟ ସାମଗ୍ରୀ ବ୍ୟବହାର

**ମଞ୍ଜୁରୀରୋଡ, ୨।୧୨(ସମିସ):** ଭଣ୍ଡାରିପୋଖରୀ ବ୍ଲକ ଆଖୁଆପଦା ଜଳସମ୍ପଦ ବିଭାଗ କାର୍ଯ୍ୟାଳୟ ନିକଟରୁ ପରମାନନ୍ଦପୁର ଜାର ଯାଏଁ ଯାଇଥିବା କେନାଲ ରାସ୍ତାର ଏବେ ପ୍ରଶସ୍ତିକରଣ କାର୍ଯ୍ୟ ହେଉଛି। ଯାଜପୁର ଜଳସମ୍ପଦ ବିଭାଗ ପକ୍ଷରୁ ଉକ୍ତ କେନାଲ ସମେତ ଅନ୍ୟ ତିନିଗୋଟି କେନାଲର ନବୀକରଣ କାର୍ଯ୍ୟ ପାଇଁ ଟେଣ୍ଡର ଆହ୍ୱାନ ହୋଇଥିଲା। ସେହି ଅନୁସାରେ ଠିକାଦାର ଜଣକ କେନାଲ ରାସ୍ତା ନବୀକରଣ ପାଇଁ ବିଭାଗ ସହିତ ଚୁକ୍ତି କରିଥିବା ବେଳେ କାମ ଅତି ନିକୃଷ୍ଟ ମାନର ହେଉଥିବା ଅଭିଯୋଗ ହେଉଛି। ଚୁକ୍ତି ଅନୁଯାୟୀ ଏହା ପୂର୍ବରୁ ଠିକାଦାର ଜଣକ ଧାମନଗର ଜଳସମ୍ପଦ ବିଭାଗ ଅଧିନ ବରୋଦା ବଜାର ଠାରୁ ଆଲିହା ଯାଏଁ ୩ନଂ କେନାଲର ମରାମତି କାର୍ଯ୍ୟ ମଧ୍ୟ କରିଥିଲେ। ରାସ୍ତା କାମରେ ଅତି ଖରାପ ମେଣ୍ଟାଲ ଓ ମାଟିମିଶା ମୋରମ ବ୍ୟବହାର ହୋଇଥିବା ସ୍ଥାନୀୟ ଲୋକେ ସେତେବେଳେ



ଅଭିଯୋଗ କରିଥିଲେ। ଯେଉଁଥି ପାଇଁ କାମ ଅନେକ ଦିନ ହେବ ଅସମ୍ପୂର୍ଣ୍ଣ ଭାବେ ପଡ଼ିରହିଥିଲା। ଅନୁରୂପ ଭାବେ ଠିକାଦାର ଜଣକ ମଧ୍ୟ ଆଖୁଆପଦା ଠାରୁ ପରମାନନ୍ଦପୁର ଯାଏଁ ଯାଇଥିବା କେନାଲର ପ୍ରଶସ୍ତିକରଣ କାମ ପାଇଁ ମେ' ମାସରେ କାର୍ଯ୍ୟ ଆରମ୍ଭ କରିଥିଲେ। ଆରମ୍ଭରୁ ସ୍ଥାନୀୟ ଲୋକେ ଏହାକୁ ତୀବ୍ର ବିରୋଧ କରିଥିଲେ। ଏଷ୍ଟିମେଣ୍ଟ ଅନୁଯାୟୀ ସଠିକ କାମ ହେଉନଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଥିବା ବେଳେ ଠିକାଦାର ଆରମ୍ଭରୁ କାମ ଛାଡ଼ିଦେଇ ଛୁ ମାରିଥିଲା। ଏବେ ପୁଣି କାମ ଆରମ୍ଭ କରିଥିବା ବେଳେ ଅତି ଛୋଟ ତଥା ନିକୃଷ୍ଟ ମାନର ମେଣ୍ଟାଲ କାମରେ ବ୍ୟବହାର ହେଉଛି। ଏହାଛଡ଼ା ଆବଶ୍ୟକ ପରିମାଣର ଡଷ୍ଟ ଓ ଆବଶ୍ୟକ ପରିମାଣର ସାମଗ୍ରୀ ବ୍ୟବହାର ହେଉନଥିବା ଅଭିଯୋଗ ଆସିଛି। ଏପରିକି ଜଳ ସମ୍ପଦ ବିଭାଗ କାର୍ଯ୍ୟାଳୟ ଠାରୁ ମାତ୍ର ୧୦୦/୨୦୦ମିଟର ଦୂରରେ କାମ ହେଉଥିବା ବେଳେ କ୍ଷେତ୍ରରେ ବିଭାଗୀୟ ଯନ୍ତ୍ରୀ କିମ୍ବା କର୍ମଚାରୀ ରହୁନଥିବାରୁ ମନମୁଖୀ ଭାବେ କେନାଲ ରାସ୍ତାର ପ୍ରଶସ୍ତିକରଣ କାର୍ଯ୍ୟ ହେଉଥିବା ପରମାନନ୍ଦପୁର, ବାଲିପୋଖରୀ, ଜଗନ୍ନାଥପ୍ରସାଦ ଗ୍ରାମର ବୁଦ୍ଧିଜୀବୀ ମାନେ ଜଣାଇଛନ୍ତି। ଗମନାଗମନ ଉପଯୋଗୀ ଉକ୍ତ କେନାଲ ରାସ୍ତାର ନିକୃଷ୍ଟ କାମକୁ ନେଇ ଆଗାମୀ ଦିନରେ ଜନ ଆନ୍ଦୋଳନ ମୁଣ୍ଡ ଟେକିବ ବୋଲି କୁହାଯାଉଛି।

ବିଜେଡିର ସାଙ୍ଗଠନିକ ସଭା

# ବ୍ଲକ୍‌ର ପ୍ରଗତିକୁ ଅଧିକ ଗତିଶୀଳ କରିବା ପାଇଁ ପରାମର୍ଶ

**ବନ୍ତ, ୨।୧୨(ସମିସ)**

ବନ୍ତ ଜଳସେଚନ କାର୍ଯ୍ୟାଳୟ ଛକରେ ବିଜେଡିର ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଧାୟକଙ୍କ ପ୍ରତିନିଧି ଇଂ.ପ୍ରୟାସକାନ୍ତି ସାମଲଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲା ପର୍ଯ୍ୟବେକ୍ଷକ ସଞ୍ଜୟ ଦାସବର୍ମା ଯୋଗଦେଇ ବନ୍ତ ବ୍ଲକର ପ୍ରଗତିକୁ କିଭଳି ଆହୁରି ଅଧିକ ଗତିଶୀଳ କରାଯାଇ ପାରିବ ସେନେଇ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ ଯୋଗ ଦେଇ କର୍ମୀମାନଙ୍କୁ ମିଳିତ ହୋଇ କରିବାକୁ ଆହ୍ୱାନ ଦେଇଥିଲେ। ଆୟୋଜିତ ସଭାରେ ସାଂସଦ ମଞ୍ଜୁଲତା ମଣ୍ଡଳ, ଭଦ୍ରକ ବିଧାୟକ ସଞ୍ଜୀବ ମଲ୍ଲିକ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଜିଲ୍ଲା ବିଜେଡି ସଭାପତି ଜଗନ୍ନାଥ ସ୍ୱାଇଁ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଜେନା, ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡେଇ, ବ୍ଲକ ଉପାଧ୍ୟକ୍ଷା ପ୍ରଗତିବାଳା ସ୍ୱାଇଁ, ବରିଷ୍ଠ ନେତା ସେକ୍ ଜଲାଲଉଦ୍ଦୀନ, ବ୍ଲକ ବିଜେଡି ସଭାପତି ଲକ୍ଷ୍ମୀକାନ୍ତ ମହାନ୍ତି, ବ୍ଲକ ମହିଳା ବିଜେଡି ସଭାନେତ୍ରୀ ନିହାରିକା ରାଉତ, ବ୍ଲକ ଯୁବ ବିଜେଡି ସଭାପତି ସତ୍ୟ ସାଧନ ବେଜ ଯୋଗ ଦେଇଥିଲେ। ଏହି ଅବସରରେ ନିଳୋକ ସମିତି ସଭ୍ୟ ଉଦ୍ଧବ ସେଠୀ, ଅନନ୍ତ ଚରଣ ଦାସ ଓ ତାଙ୍କ ସମର୍ଥକ ମାନେ ଅନ୍ୟ ଦଳ ଛାଡି ବିଜେଡିରେ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମରେ ପରିଚାଳନାରେ ନିର୍ବାଚନ ମଣ୍ଡଳୀ ଯୁବ ବିଜେଡି ସଭାପତି ବିପିନ ନାୟକ, ବ୍ଲକ ଛାତ୍ର ବିଜେଡି ସଭାପତି ପ୍ରଣବ କିଶୋର ଲେଙ୍କା, ଆଲୋକ ରାଉତ, ଶକ୍ତିଧର ରାଉତ, ଗଣନାଥ ବେହେରାଙ୍କ ସମେତ ଅନ୍ୟ ମାନେ ସହଯୋଗ କରିଥିଲେ। ଏଥିରେ ସମସ୍ତ ପଞ୍ଚାୟତର ନେତୃତ୍ୱ ଓ କର୍ମୀ ମାନେ ଯୋଗ ଦେଇଥିଲେ।

## ଜିଲ୍ଲା ପର୍ଯ୍ୟବେକ୍ଷକଙ୍କୁ ସମ୍ବର୍ଦ୍ଧନା

**ଅସୁରାଳି, ୨।୧୨(ସମିସ):** ବିଜେଡିର ଭଦ୍ରକ ଜିଲ୍ଲା ପର୍ଯ୍ୟବେକ୍ଷକ ସଞ୍ଜୟ ଦାସବର୍ମାଙ୍କୁ ଧାମନଗର ବିଜୁ ଜନତା ଦଳ ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଛି। ଶନିବାର ପୂର୍ବାହ୍ନରେ ସେ ଭଦ୍ରକ- ଆରଡ଼ି ରାଜପଥର ମଙ୍ଗଳପୁର ଠାରେ ପହଞ୍ଚିବା ପରେ ତାଙ୍କୁ ପୁଷ୍ପମାଲ୍ୟ, ପୁଷ୍ପଗୁଚ୍ଛ ଦେଇ ଶତାଧିକ ବିଜେଡି ନେତା ଓ କର୍ମୀ ସ୍ୱାଗତ କରିଥିଲେ। ପରେ ଏକ ବାଇକ ଶୋଭାଯାତ୍ରାରେ ଯାଇ ସେ ବରୁଣେଇ ପୀଠରେ ମା'ଙ୍କୁ ଦର୍ଶନ, ଅସୁରାଳି, କୋଠାର, ଧୁଷୁରୀ ଠାରେ ବିଜୁବାବୁଙ୍କ ପ୍ରତିମୂର୍ତ୍ତୀରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି ସମ୍ବର୍ଦ୍ଧନା ବେଳେ ଭଦ୍ରକ ବିଧାୟକ ସଞ୍ଜୀବ ମଲ୍ଲିକ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଜିଲ୍ଲା ସଭାପତି ଜଗନ୍ନାଥ ସ୍ୱାଇଁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶୋକ ନାୟକ, ଭଦ୍ରକ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଟୁନିବାଳା



ବିଶ୍ୱାଳ, ଏନଏସି ଅଧ୍ୟକ୍ଷା ନିବେଦିତା ଜେନା, ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ କୁମାର ମଲ୍ଲିକ, ବ୍ଲକ ଉପାଧ୍ୟକ୍ଷ ଜଗବନ୍ଧୁ ପ୍ରଧାନ, ସନ୍ତୋଷ ରାୟ, ହସନାବାଦ ସରପଞ୍ଚ ଅଜୟ ମଲ୍ଲିକ, ବରିଷ୍ଠ ନେତା ରଘୁନାଥ ଲେଙ୍କା ପ୍ରତାପ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

# ୭ରେ ସ୍ୱପ୍ନେଶ୍ୱରୀ ସନ୍ତୋଷୀ ମା'ଙ୍କ ସାଂସ୍କୃତିକ ପୂଜା

**ଅସୁରଳି, ୨।୧୨(ସମିସ):** ଚଳିତ ବର୍ଷର ଶ୍ରୀଶ୍ରୀ ସ୍ୱପ୍ନେଶ୍ୱର ସନ୍ତୋଷୀ ମା'ଙ୍କ ତୃତୀୟ ସାଂସ୍କୃତିକ ପୂଜା ମହୋତ୍ସବ ଆୟୋଜନ ପାଇଁ ଏକ ପ୍ରସ୍ତୁତି ବୈଠକ ଚୁନିଦା ସ୍ଥିତ ମା' କ୍ଷେତ୍ରବାସୀ ଓ ସନ୍ତୋଷୀ ମା'ଙ୍କ ପୀଠରେ ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠାତା ବାସନ୍ତୀଲତା ପରିଡ଼ାଙ୍କ ସଭାପତିତ୍ୱରେ ସରପଞ୍ଚ ନିରଞ୍ଜନ ମଲିକ, ରାଜ୍ୟସ୍ତରୀୟ ମହୋତ୍ସବ କମିଟି ସଭାପତି ରବିନାରାୟଣ ଖିଲାର, ଉପଦେଷ୍ଟା, ସନ୍ତୋଷୀ ମା' କମିଟି ନିତ୍ୟାନନ୍ଦ ବେହେରା, ବରିଷ୍ଠ ନାଗରିକ ଜଗନ୍ନାଥ ରାୟ, ମା'କ୍ଷେତ୍ରବାସୀ କମିଟି ସଭାପତି ଗୌରଗୋପାଳ ଜେନା, ସନ୍ତୋଷୀ ମା' କମିଟି ଆବାହକ କୃଷ୍ଣଚନ୍ଦ୍ର ବେହେରା, ସ୍ୱପ୍ନେଶ୍ୱର ସନ୍ତୋଷୀ ମା' ପୂଜା କମିଟି ସଭାପତି ପିତାମ୍ବର ପରିଡ଼ା, ମହୋତ୍ସବ କମିଟିର ସଂଯୋଜକ ସାମ୍ବାଦିକ ସନ୍ତୋଷ ଦାସ, ଅଭୟ ସାହୁ, ପ୍ରଧାନ ଶିକ୍ଷକ ଶେଖର ଜେନା, ପ୍ରଧାନ ଶିକ୍ଷକ ବଟକୃଷ୍ଣ ସେଠୀ, କଲ୍ୟାଣୀ ବରିଷ୍ଠ ନାଗରିକ ମଞ୍ଚ ସଭାପତି ରମାକାନ୍ତ ସୁତାର, ଶିକ୍ଷକ ନିର୍ମଳ ଚନ୍ଦ୍ର ସେଠି ଉପେନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇଥିଲେ। ୭ଦିନ ବ୍ୟାପୀ ଏହି ସାଂସ୍କୃତିକ ମହୋତ୍ସବ ଅନୁଷ୍ଠିତ ହେବ। ଏହି ମହୋତ୍ସବରେ ମୀନାବଜାର, ପିଲାମାନଙ୍କ ପାଇଁ ଦୋଳି, ସୁସାଦ୍ୟ ଖାଦ୍ୟ, ହରେକ ମାଲ ମିଳିବା ସହିତ ପ୍ରତିଦିନ ସନ୍ଧ୍ୟାରେ ଆଧ୍ୟାତ୍ମିକ ସଭା, ଆଲୋଚନା ଚକ୍ର, ସମ୍ବର୍ଦ୍ଧନା ସଭା, ପିଲାମାନଙ୍କ ମଧ୍ୟରେ ନୃତ୍ୟ, ନାଟକ, ସଂଗୀତ ପ୍ରତିଯୋଗିତା କରାଯାଇ ସେମାନଙ୍କୁ ପୁରସ୍କୃତ କରାଯିବ ବୋଲି କମିଟି ପକ୍ଷରୁ ସ୍ଥିର ହୋଇଛି। ଏଥି ସହିତ ମେଲୋଡ଼ି, ଯାତ୍ରା ଓ ସିନେ କଳାକାରଙ୍କର ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ରାଜ୍ୟ ସ୍ତରୀୟ ମହୋତ୍ସବ କମିଟି ସଭାପତି ଶ୍ରୀ ଖିଲାର କହିଛନ୍ତି।

# ଲୁଣାନଦୀ ସେତୁ ସଂଯୋଗୀକରଣ ରାସ୍ତା ପାଇଁ ତତ୍ପରତା

**ଡେରାବିଶ, ୨।୧୨(ସମିସ)**

ଡେରାବିଶ ବ୍ଲକ ଦାନପୁର ଲୁଣାନଦୀରେ ପୂର୍ତ୍ତ ବିଭାଗ ପକ୍ଷରୁ ନିର୍ମାଣ ହୋଇଥିବା ଦାନପୁର-ପାଣିଓଳା ସେତୁ ଇତି ମଧ୍ୟରେ ୮ ବର୍ଷ ବିତିଯାଇଛି। ସେତୁକୁ ସଂଯୋଗ କରୁଥିବା କେନ୍ଦ୍ରାପଡ଼ା ମୁଖ୍ୟ କେନାଲ୍ ଉପରେ ନିର୍ମାଣ ହୋଇଥିବା ସେତୁକୁ ସଂଯୋଗୀକରଣ ରାସ୍ତା ପାଇଁ ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ ଯାଏ ବାରମ୍ବାର ଦାବି ହୋଇ ଆସୁଛି। ଏହି ରାସ୍ତା ପାଇଁ କେନାଲ୍ ଉପରେ ଥିବା ସେତୁଟି ସମ୍ପୂର୍ଣ୍ଣ ଅକାମୀ ହୋଇ ପଡ଼ିରହିଛି। କେନାଲ୍ ସେତୁ ନିକଟରେ ଜମିଜମା ସମ୍ବନ୍ଧୀୟ ମାମଲା ନ୍ୟାୟାଳୟରେ ବିଚାରଧୀନ ଥିବାରୁ ରାସ୍ତା ନିର୍ମାଣରେ ସମସ୍ୟା ଦେଖାଦେଇଛି। ତେବେ ଏହି ସମସ୍ୟାର ସମାଧାନ ହୋଇଛି। ପୂର୍ତ୍ତ ବିଭାଗ ପକ୍ଷରୁ ସେତୁକୁ ସଂଯୋଗୀକରଣ ରାସ୍ତା ନିର୍ମାଣ କରିବା ପାଇଁ ତତ୍ପରତା ହୋଇଛି। ଏନେଇ ବିଭାଗୀୟ ସହକାରୀ ନିର୍ବାହୀ ଯନ୍ତ୍ରୀ ଅଶୋକ ବଳ ଓ ସହକାରୀ ଯନ୍ତ୍ରୀ ବିକ୍ରମ ସ୍ୱାଇଁଙ୍କ ସମେତ ଡେରାବିଶ ତହସିଲ କାର୍ଯ୍ୟାଳୟର ସୁପରଭାଇଜର ଅଶୋକ ସ୍ୱାଇଁ, ଦାନପୁର ଆରଆଇ ପଲ୍ଲବ ପ୍ରତିମ ପ୍ରଧାନ ପ୍ରମୁଖଙ୍କ ଉପସ୍ଥିତିରେ ସଂଯୋଗୀକରଣ ରାସ୍ତା ସ୍ଥାନ ଚିହ୍ନଟ କରି ମାପଚୁପ କରାଯାଇଛି। ଏ ବିଷୟରେ ସହକାରୀ ନିର୍ବାହୀ ଯନ୍ତ୍ରୀ ଶ୍ରୀ ବଳଙ୍କୁ ପଚାରିବାରୁ ଏହି ସଂଯୋଗୀକରଣ ରାସ୍ତା ନିର୍ମାଣ ପାଇଁ ବିଭାଗ ପକ୍ଷରୁ ଖୁବ୍ ଶିଘ୍ର ଟେଣ୍ଡର କରାଯାଇ ରାସ୍ତା ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବ ବୋଲି ସୂଚନା ଦେଇଥିଲେ। ସୂଚନାଯୋଗ୍ୟ, ଲୁଣାନଦୀର ଦାନପୁର ଠାରେ ସେତୁ ନିର୍ମାଣ ପାଇଁ ଡେରାବିଶ ଓ ଗରଦପୁର ବ୍ଲକ ଅଞ୍ଚଳବାସୀଙ୍କ ପକ୍ଷରୁ ହୋଇ ଆସୁଥିବା ଦାବିକୁ ଦୃଷ୍ଟିରେ ରଖି ପୂର୍ବତନ ବିଧାୟକ ବେଦପ୍ରକାଶ ଅଗ୍ରୱାଲାଙ୍କ ଉଦ୍ୟମରେ ଦାନପୁର-ପାଣିଓଳା ସେତୁ ନିର୍ମାଣ ହୋଇଥିଲା। ଏହି ସେତୁକୁ ୨୦୧୬ ମସିହାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକାର୍ପିତ କରିଥିଲେ। ସଂଯୋଗୀକରଣ ରାସ୍ତା ସ୍ଥାନଟି ନ୍ୟାୟାଳୟରେ ବିଚାରାଧୀନ ଥିବାରୁ ଅସ୍ଥାୟୀ ଭାବେ କେନ୍ଦ୍ରାପଡ଼ା ଜଳସମ୍ପଦ ବିଭାଗର କେନାଲ୍ ବନ୍ଧ ରାସ୍ତାକୁ ମରାମତି କରାଯାଇ କାର୍ଯ୍ୟକ୍ଷମ କରାଯାଇଥିଲା; ମାତ୍ର ଦାନପୁରରେ ଥିବା ବ୍ରିଟିଶ ଅମଳର ଲକ୍‌ପୋଲ ବିପଦ ସଙ୍କୁଳ ଅବସ୍ଥାରେ ଥିବାରୁ ଏହି ରାସ୍ତା ପାଇଁ ପୋଲଟି ବାଧକ ସାଜିଛି। ପ୍ରତ୍ୟେକ ଦିନ ଶହଶହ ସଂଖ୍ୟାରେ ବାଲି ବୋଝେଇ ଟ୍ରକ ଓ ବସ୍ ସମେତ ଅନ୍ୟାନ୍ୟ ଯାନବାହାନ ଏହି ରାସ୍ତା ଦେଇ ଯାତାୟତ କରିଥାନ୍ତି। ତେବେ ସଂଯୋଗୀକରଣ ରାସ୍ତା ପାଇଁ ବିଭାଗୀୟସ୍ତରରେ ଆରମ୍ଭ ହୋଇଥିବା ଉଦ୍ୟମ ଯୋଗୁ ଅଞ୍ଚଳବାସୀଙ୍କ ମଧ୍ୟରେ ଖୁସି ଦେଖାଦେଇଛି।



## ପ୍ଲାଷ୍ଟିକ ବର୍ଜନ ନେଇ ସଚେତନତା କାର୍ଯ୍ୟକ୍ରମ

**ପାରାଦୀପ, ୨।୧୨(ସମିସ):** କଳିଙ୍ଗ ବାଲିଯାତ୍ରା ମହୋତ୍ସବ ଅବସରରେ ଆଦର୍ଶ ପ୍ରୟାସ ପକ୍ଷରୁ ପ୍ଲାଷ୍ଟିକ ବର୍ଜନର ଏକ ଅଭିନବ ପ୍ରୟାସକୁ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ଇଫ୍‌କୋ ଲୋକ ସମ୍ପର୍କ ଅଧିକାରୀ ପ୍ରସନ୍ନ ବେଉରା ଏବଂ ଜେନେରାଲ ମ୍ୟାନେଜର ଦେବବ୍ରତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ଶୁଭାରମ୍ଭ କରିଥିଲେ। ଦୀର୍ଘଦିନ ଧରି ପ୍ଲାଷ୍ଟିକର ବ୍ୟବହାରରେ ଅହେତୁକ ବୃଦ୍ଧିକୁ ଦୃଷ୍ଟିରେ ରଖି ବିଭିନ୍ନ ସ୍ଥାନରେ ପ୍ଲାଷ୍ଟିକ ବର୍ଜନ କରିବାକୁ ସଙ୍ଗଠନ ସଚେତନତା କରିଆସୁଛି। ବାଲିଯାତ୍ରା ମହୋତ୍ସବରେ ହଜାର ହଜାର ସଂଖ୍ୟାର ଲୋକଙ୍କ ସମାଗମକୁ ଦୃଷ୍ଟିରେ ରଖି ସେମାନଙ୍କୁ ସଚେତନ କରିବାକୁ ବିଭିନ୍ନ ହୃଦୟସ୍ପର୍ଶୀ ଘଟଣାର ଚିତ୍ର ମାଧ୍ୟମରେ ଦର୍ଶାଯାଇଛି। ମନୁଷ୍ୟ କିପରି ଏତେ ସୁବିଧାବାଦି ହୋଇଯାଇଛି ଯେ ନିରୀହ ପଶୁପକ୍ଷୀ, ଜୀବଜନ୍ତୁ, ବୃକ୍ଷଲତା, ଜଳ, ମୃତ୍ତିକାକୁ ଏହି ପ୍ଲାଷ୍ଟିକର ବଳୟରେ ଶେଷ କରିବାକୁ ବସିଛି। ବେଳ ଥାଉ ଥାଉ ସଚେତନ ନ ହେଲେ ପରିଣତି ଅତି ଭାୟଙ୍କର ଓ ବିନାଶ ଅଭିମୁଖେ ଯାତ୍ରା କରିବ ବୋଲି ସତର୍କ କରାଯାଇଛି। ଏହି ସଚେତନତା କାର୍ଯ୍ୟକ୍ରମକୁ ସଂଗଠନର ସକ୍ରିୟ ସଦସ୍ୟ ଅମୀୟ ପ୍ରସାଦ ଦାସ, ଦେବିପ୍ରସାଦ ସାହୁ, ଭଞ୍ଜ କିଶୋର ମଲ୍ଲିକ, କାବିନ୍ଦ୍ର ସେଠୀ, ନାରେନ୍ ବର୍ମନ, ବିଷ୍ଣୁ ଚରଣ ମୁଦୁଲି, ସନ୍ତୋଷ ପାତ୍ର, ଦୀପକ ସ୍ୱାଇଁ, ଦେବକଲ୍ୟାଣ ମହାପାତ୍ର, ନିହାର ରଞ୍ଜନ, ସଚ୍ଚିକାନ୍ତ, ଦେବବ୍ରତ ପତି, ରାଜକିଶୋର କାଣ୍ଡି, କିଶୋର ମହାନ୍ତି, ରାକେଶ ସ୍ୱାଇଁ, ଜଗଦୀଶ ମଣ୍ଡଳ, ପ୍ରକାଶ ପ୍ରଧାନ, ପ୍ରମୁଖ ସମ୍ପାଦିତ କରିଥିଲେ।

## ବୃତ୍ତି ପରୀକ୍ଷାରେ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା





**ପଞ୍ଚୁପାଣ୍ଡବ, ୨।୧୨(ସମିସ):** ଡେରାବିଶ ବ୍ଲକସ୍ତରୀୟ ବୃତ୍ତି ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ୨୮ ଜଣଙ୍କ ମଧ୍ୟରେ ଭଗବତୀ କ୍ଲଷ୍ଟରର ଭଗବତୀ ସରକାରୀ ଉଚ୍ଚବିଦ୍ୟାଳୟ ଓ ଡେରାକେଶପୁର ପ୍ରାଥମିକ ବିଦ୍ୟାଳୟର ଦୁଇଜଣ ଛାତ୍ର କୃତିତ୍ୱ ହାସଲ କରିଛନ୍ତି। ଏଥିନିମନ୍ତେ ଭଗବତୀ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ଉର୍ମିଳା ଜେନା ବିଦ୍ୟାଳୟର କୃତୀ ଛାତ୍ରୀ ତ୍ରିଶାଲ କାଣ୍ଡିଙ୍କୁ ସମ୍ବର୍ଦ୍ଧିତ କରିଥିବାବେଳେ ଡେରାକେଶପୁର ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ନିନା ଶତପଥୀ ତାଙ୍କ ବିଦ୍ୟାଳୟର ଛାତ୍ର ପ୍ରଦୀପ କୁମାର ଦସଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି।

## ରାଜେନ୍ଦ୍ର ଦାସଙ୍କ ସ୍ମୃତିଚାରଣ



**କୁଜଙ୍ଗ, ୨।୧୨(ସମିସ):** ବାଗୋଇରେ ଦିବଂଗତ ରାଜେନ୍ଦ୍ର ନାରାୟଣ ଦାସଙ୍କ ସ୍ମୃତିଚାରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଇଂ ବ୍ରଜବନ୍ଧୁ ଖଟାଇଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମରେ ସମବାୟବିତ୍ ଅଭୟ ମହାପାତ୍ର, ବିଶିଷ୍ଟ କୃଷକ ନେତା ତଥା କୃଷକ ସଭାର ଜିଲ୍ଲା ସଭାପତି ଶ୍ରୀନିବାସ ଜୁଝାରସିଂହ, ପୂର୍ବତନ ସରପଞ୍ଚ କବି ବିଜୟ ଖଟେଇ, ପଞ୍ଚାୟତ ହାଇସ୍କୁଲର ପ୍ରଧାନ ଶିକ୍ଷକ ସୁବାସଚନ୍ଦ୍ର ଦାସ ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜୟ ସ୍ୱାଇଁ, ଶରତ ଚନ୍ଦ୍ର ବଳିୟାରସିଂହ, ବାବାଜୀ ଚରଣ ମଲିକ, ସୋମନାଥ ମଲିକ, ରଶ୍ମିକାନ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ସମ୍ମାନିତ ହେଲେ ଚାଷୀ

**ମହାକାଳପଡ଼ା, ୨।୧୨(ସମିସ):** କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ ଯଦୁପୁର ଅଞ୍ଚଳରେ ସାଇ ଏଜୁକେସନାଲ ଆଣ୍ଡ ଚାରିଟେବଲୁ ଟ୍ରଷ୍ଟର ଭୁବେନେଶ୍ୱର ଶାଖା ତରଫରୁ ଚାଷୀଙ୍କୁ ସମ୍ମାନିତ କରାଯାଇଛି। ଅତିଥି ଭାବେ ଯଦୁପୁର ସରପଞ୍ଚ ସଞ୍ଜୁକ୍ତା ଜେନା, ବରିଷ୍ଠ ସାମ୍ବାଦିକ ନିରଞ୍ଜନ ପରିଡ଼ା, ଦିବାକର ସାହୁ, ଭିକାରି ବେହେରା, ସାମ୍ବାଦିକ ଅମର ବିଶ୍ୱାଳ, ଶିଶିର ବିଶ୍ୱାଳ, ମୁଖ୍ୟ ପରିଚାଳକ ସତିଶ ଚନ୍ଦ୍ର ରାଉତରାୟ, ସାଇଏଜୁକେସନାଲ ଆଣ୍ଡ ଚାରିଟେବୁଲୁ ଟ୍ରଷ୍ଟ ପରିଚାଳନା ଟ୍ରଷ୍ଟି ଓ ସମ୍ପାଦକ ରାଜକିଶୋର ପ୍ରଧାନ, ସୁପ୍ରଭା ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ।

## ବାଲ୍ ବୈଜ୍ଞାନିକ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ

**ବାଲିକୁଦା, ୨।୧୨(ସମିସ)**

ବାଲିକୁଦା ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ବାଲିକୁଦା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ୫୧ତମ ବ୍ଲକସ୍ତରୀୟ ବାଲ୍ ବୈଜ୍ଞାନିକ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ବାଲିକୁଦା-ଏରସମା ବିଧାୟକ ତଥା ରଘୁନନ୍ଦନ ଦାସ ଉଦ୍‌ଘାଟନ କରିଥିଲେ। ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଏଥିରେ ୮୯ଟି ପ୍ରକଳ୍ପ ସ୍ଥାନ ପାଇଥିଲା। ବ୍ଲକ ଶିକ୍ଷା ଅଧିକାରୀ ବାଇଧର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବିଧାୟକଙ୍କ ସହ ବ୍ଲକ ଅଧ୍ୟକ୍ଷ ପ୍ରକାଶଚନ୍ଦ୍ର ପ୍ରଧାନ, ପ୍ରଧାନ ଶିକ୍ଷୟିତ୍ରୀ ସଂଯୁକ୍ତା ସୁବୁଦ୍ଧି, ଏବିଇଓ ଝରଣା ମହାନ୍ତି, ଗଙ୍ଗାଧର ବେହେରା, ଜାକିର ଖାନ, ରମାକାନ୍ତ ବାରିକ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷକ ସରୋଜ ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷକ ପ୍ରସନ୍ନ ସାହୁ ମଞ୍ଚ ପରିଚାଳନା କରିଥିଲେ। ଏହି ପ୍ରକଳ୍ପରୁ ୧୧ ପ୍ରକଳ୍ପ ପୁରସ୍କାର ପାଇଁ ମନୋନୀତ ହୋଇଥିଲା। ବିଚାରକ ଭାବେ ଅଧ୍ୟାପକ ଯୁଗଳ କିଶୋର ବିଶ୍ୱାଳ, ମିହିର ଚୌଧୁରୀ, ଅକ୍ଷୟ ମହାନ୍ତି ମୂଲ୍ୟାଙ୍କନ କରିଥିଲେ। ସନ୍ଧ୍ୟାରେ ବ୍ଲକ ଶିକ୍ଷା ଅଧିକାରୀ ବାଇଧର ତ୍ରିପାଠୀଙ୍କ ଅଧ୍ୟକ୍ଷତା ଓ ସିଆରସିସି ତପନ ନାୟକଙ୍କ ମଞ୍ଚ ପରିଚାଳନାରେ ଅନୁଷ୍ଠିତ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମରେ ଅତିଥି ଭାବେ ଅବସରପ୍ରାପ୍ତ ସ୍ତ୍ରୀ ଓ ପ୍ରସୂତି ବିଭାଗ ଡାକ୍ତର ମହେଶ୍ୱର ପ୍ରଧାନ, ବାଲିକୁଦା ସରପଞ୍ଚ ରାଜକିଶୋର ସାହୁ, ବାବର ଖୁଣ୍ଟିଆ, ଅନ୍ତର୍ଯ୍ୟାମୀ ପ୍ରଧାନ, ପ୍ରସନ୍ନଜିତ ଭଳ ପ୍ରମୁଖ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ପ୍ରଧାନ ଶିକ୍ଷକ ବାବନ ଚରଣ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥଲେ।




## ଦିବଂଗତ ପ୍ରଧାନ ଶିକ୍ଷକଙ୍କ ସ୍ମୃତିଚାରଣ



**କୁଜଙ୍ଗ, ୨।୧୨(ସମିସ):** କୁଜଙ୍ଗ ବ୍ଲକ ପୋତାନଇ ପଞ୍ଚାୟତ ପାଟେଳିଆ ଗ୍ରାମ ନିବାସୀ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ୱେତ ଲେଙ୍କାଙ୍କ ଏକାଦଶାହରେ ଏକ ସ୍ମୃତିଚାରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏରସମା ସହକାରୀ ଶିକ୍ଷା ଅଧିକାରୀ ଗୋପବନ୍ଧୁ ନାୟକ, ଶିକ୍ଷାବିତ୍ ବାବୁରାମ ଚୌଧୁରୀ, ଶ୍ରମିକ ନେତା ବିଷ୍ଣୁ ଚରଣ ମୁଦୁଲି ପ୍ରମୁଖ ଯେଗଦେଇ ତାଙ୍କ ସ୍ମୃତିଚାରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅମୀୟ ପାଳ, ନୀରଞ୍ଜନ ନାୟକ, କରୁଣାକର ମଲ୍ଲ, ଭାବଗ୍ରାହୀ ମିଶ୍ର, ପଙ୍କପାଳ ହାଇସ୍କୁଲର ପ୍ରାକ୍ତନ ପ୍ରଧାନ ଶିକ୍ଷକ ମୁରାରୀ ମିଶ୍ର, ବିଜୟ ପଣ୍ଡା, ପ୍ରହଲ୍ଲାଦ ଜେନା, ନବୀର ପ୍ରଧାନ, ରଞ୍ଜନ ଲେଙ୍କା, ବିନୋଦ ବିହାରୀ ମୁଦୁଲି, ପୋତାନଇ ସରପଞ୍ଚ ବ୍ରଜକିଶୋର ମହାରାଜ, ସମିତିସଭ୍ୟ ସତ୍ୟବାନ ମୁଦୁଲି ପ୍ରମୁଖ ଯୋଗ ଦେଇ ତାଙ୍କ ସ୍ମୃତିଚାରଣ କରିଥିଲେ। ପୁଅ ଚନ୍ଦନ, ବୋହୂ ସଙ୍ଗୀତା ପ୍ରମୁଖ ପରିଚାଳନା କରିଥିଲେ। ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ।

## ଅଢ଼ଙ୍ଗଗଡ଼ ବରିଷ୍ଠ ନାଗରିକ ମଞ୍ଚର ବୈଠକ

**ବିରିଡ଼ି, ୨।୧୨(ସମିସ):** ଅଢଙ୍ଗଗଡ଼ ବରିଷ୍ଠ ନାଗରିକ ମଞ୍ଚର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ନାଗରିକ ମଞ୍ଚର ସଭାପତି ପଦ୍ମନାଭ ଭୋଇ ଏଥିରେ ପୌରୋହିତ୍ୟ କରିଥିଲେ। ଲିଙ୍ଗରାଜ ମଲ୍ଲ, ଅକ୍ଷୟ ଦାସ, ସୁଧାଂଶୁ ଶେଖର ସାହୁ, ପ୍ରଫୁଲ୍ଲ ରାୟ, ନିତ୍ୟାନନ୍ଦ ଜେନା, ନାରାୟଣ ରାଉଲ, ଗୋବିନ୍ଦ ଚନ୍ଦ୍ର ମହାପାତ୍ର, ନିରଞ୍ଜନ ବେହେରା, ପ୍ରସନ୍ନ ପାତ୍ର, ନିର୍ମଳେନ୍ଦୁ ମହାପାତ୍ର, ହୁତାସନ ସେଠୀ, ରମେଶଚନ୍ଦ୍ର ମହାନ୍ତି, ସୁରେଶ ଚନ୍ଦ୍ର ରାୟ ପ୍ରମୁଖ ଉପସ୍ଥିତ ଥିଲେ।

## ଉମେଶ ସ୍ୱାଇଁଙ୍କ ଦ୍ୱିତୀୟ ଶ୍ରାଦ୍ଧ ବାର୍ଷିକ



**ବାଲିକୁଦା, ୨।୧୨(ସମିସ):** ପୂର୍ବତନ ବିଧାୟକ ସ୍ୱର୍ଗତ ଉମେଶ ସ୍ୱାଇଁଙ୍କ ଦ୍ୱିତୀୟ ଶ୍ରାଦ୍ଧ ବାର୍ଷିକ ମାଛଗାଁରେ ଅନୁଷ୍ଠିତ ହୋଇଯାଇଛି। ଉମେଶ ସ୍ୱାଇଁ ଫାଉଣ୍ଡେସନ ପକ୍ଷରୁ କୈଳାଶ ଚନ୍ଦ୍ର ବିଶ୍ୱାଳ ଏଥିରେ ସଭାପତିତ୍ୱ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜଗତସିଂହପୁର ବିଧାୟକ ପ୍ରଶାନ୍ତ ମୁଦୁଲି, ବାଲିକୁଦା-ଏରସମା ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ରଘୁନନ୍ଦନ ଦାସ, ବାଲିକୁଦା ବ୍ଲକ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନ, ରାଜ୍ୟ କାଳିଆ ଯୋଜନା ଏକ୍ସପର୍ଟ ମେମ୍ବର ସାରଦା ପ୍ରସନ୍ନ ଜେନା, ପୂର୍ବତନ ବିଧାୟକ ଡାକ୍ତର ଲଲାଟେନ୍ଦୁ ମହାପାତ୍ର, ବିଜେପି ନେତା ଡାକ୍ତର ଶଶାଙ୍କ ଶେଖର ସାହାଣୀ, ସରପଞ୍ଚ ସଞ୍ଜୟ ସ୍ୱାଇଁ, ବାଲିକୁଦା ସରପଞ୍ଚ ରାଜକିଶୋର ସାହୁ, ବରିଷ୍ଠ ଆଇନଜୀବୀ ରବୀନ୍ଦ୍ର ସ୍ୱାଇଁ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ବିଜୟ ଦାସ, ଉମେଶ ସ୍ୱାଇଁ ଫାଉଣ୍ଡେସନ ମୁଖ୍ୟ ଶିଖା ଉମେଶ ସ୍ୱାଇଁ, ପୁତ୍ର ଚିରାଗ ସ୍ୱାଇଁ, କଂଗ୍ରେସ ନେତା ନଳିନୀ ସ୍ୱାଇଁ, ପୂର୍ବତନ ସମିତିସଭ୍ୟ ରାଜୁ ମିଶ୍ର, ସମିତି ସଭ୍ୟ ନିରଞ୍ଜନ ଦାସଙ୍କ ସମେତ ଅନେକ ନେତା, ବୁଦ୍ଧିଜୀବୀ ଯୋଗ ଦେଇ ସ୍ୱର୍ଗତ ଉମେଶ ସ୍ୱାଇଁଙ୍କ ସ୍ମୃତିଚାରଣ କରିଥିଲେ। ଶିକ୍ଷକ ଅରୁଣ ମହାନ୍ତି ପ୍ରଦାନ କରିଥିଲେ।

## ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ଜଗତସିଂହପୁର, ୨।୧୨(ସମିସ):** ଜଗତସିଂହପୁର ବ୍ଲକ କାଦୁଅପଡ଼ା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ପ୍ରଦୀପ୍ତ କିଶୋର ଦାସଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଭାରତୀ ସିଂଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ଜିଲ୍ଲା ଓକିଲ ସଂଘ ସମ୍ପାଦକ ଆଇନଜୀବୀ ନରେଶ ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଶିକ୍ଷକ ସୁରେନ୍ଦ୍ର ନାଥ ଆଚାର୍ଯ୍ୟ ଯୋଗ ଦେଇ ବିଦାୟୀ ଶିକ୍ଷକ ଶ୍ରୀ ଦାସଙ୍କ କାର୍ଯ୍ୟଦକ୍ଷତା ଓ କର୍ତ୍ତବ୍ୟନିଷ୍ଠା ଉପରେ ଆଲୋକପାତ କରିଥିଲେ। ସମ୍ମାନୀତ ଅତିଥି ଭାବେ କାଦୁଅପଡ଼ା ସରପଞ୍ଚ ପ୍ରମୋଦ ସାହୁ, ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ନିରୂପମା ନାୟକ, ପ୍ରେମଶିଳା ଦାଶ, ଆଶ୍ରମବାଳା ଦୁବେ, ଗାୟତ୍ରୀ ଦେବୀ, ଆଳିପିଙ୍ଗଳ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ନଳିନୀପ୍ରଭା ଷଡ଼ଙ୍ଗୀ, ମୋ ସ୍କୁଲ୍ ଅଭିଯାନର ସଭାନେତ୍ରୀ ସଂଯୁକ୍ତା ସ୍ୱାଇଁ, ବିଦ୍ୟାଳୟ ପରିଚାଳନା କମିଟି ସଭାନେତ୍ରୀ ଲକ୍ଷ୍ମୀପ୍ରିୟା କାଣ୍ଡି, ଶିକ୍ଷକ ନିତ୍ୟାନନ୍ଦ ତ୍ରିପାଠୀ ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ଶିକ୍ଷୟତ୍ରୀ ସୌମ୍ୟାସୁଚରିତା ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷୟିତ୍ରୀ ଅପର୍ଣ୍ଣା ସାହୁ, ପ୍ରିୟଦର୍ଶିନୀ ତ୍ରିପାଠୀ, ରୁବିନା ବିଶ୍ୱାଳ, ରଶ୍ମିତା ସେନାପତି, ମିନର୍ଭା ମଲ୍ଲିକ, ରାଜଶ୍ରୀ ମହାନ୍ତି ମଧ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। କାର୍ଯ୍ୟକ୍ରମରେ କର୍ମଚାରୀ ଦେବଦତ୍ତ ମହାନ୍ତି ଓ ରମେଶ ବାରିକ ସହଯୋଗ କରିଥିଲେ। ପରିଶେଷରେ ବିଦାୟୀ ଶିକ୍ଷକ ପ୍ରଦୀପ୍ତ କିଶୋର ଦାସଙ୍କୁ ବିଦ୍ୟାଳୟ ତଥା ଛାତ୍ରୀମାନଙ୍କ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।



## ବଡଲାଙ୍ଗରେ ବିଜ୍ଞାନ ମେଳା

**କୁଜଙ୍ଗ, ୨।୧୨(ସମିସ):** କୁଜଙ୍ଗ ବ୍ଲକ ପାଟପୁର ପଞ୍ଚାୟତ ବଡଲାଙ୍ଗସ୍ଥିତ ସୁରବାଳା ଉଚ୍ଚ ବିଦ୍ୟାଳୟରେ ବିଜ୍ଞାନ ମେଳା ଓ ବିଜ୍ଞାନ ପ୍ରଶ୍ନମଞ୍ଚ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଗୌରାଙ୍ଗ ଚରଣ ରାଉତ ଏହି ମେଳାକୁ ଉଦ୍‌ଘାଟନ କରି ସ୍ୱଳ୍ପ ଖର୍ଚ୍ଚରେ କୁନି ବୈଜ୍ଞାନକମାନେ କରିଥିବା ନୂଆ ଭାବନା ଯୁକ୍ତ ପ୍ରକଳ୍ପକୁ ଉଚ୍ଚ ପ୍ରସଂଶା କରିଥିଲେ। ଏହି କାର୍ଯ୍ୟକ୍ରମରେ ୩୦ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପୂର୍ବତନ ପ୍ରଧାନ ଶିକ୍ଷକ କେଶବ ଚରଣ ଦାଶ, ବରିଷ୍ଠ ଶିକ୍ଷକ ପ୍ରଦୀପ ସ୍ୱାଇଁ, ପ୍ରମୋଦ ସାମନ୍ତରାୟ ପ୍ରମୁଖ ମେଳା ପରିଚାଳନା ସକରିଥିଲେ। ବିଜ୍ଞାନ ଶିକ୍ଷକ ନୃସିଂହ ଚରଣ ବାହାଲିଆ ପୌରୋହିତ୍ୟ କରିଥିଲେ।

# ରାସ୍ତା ଫାଟି ଆଁ; ଯାତାୟାତରେ ସମସ୍ୟା



**ରାଜକନିକା, ୨।୧୨(ସମିସ)**

ରାଜକନିକା ବ୍ଲକ ଅନ୍ତର୍ଗତ ସିହୋପଡ଼ା ପଞ୍ଚାୟତର ସିହୋପଡ଼ା ଗାଁ ମୁଣ୍ଡ ରାସ୍ତା ଫାଟି ଯାଇଥିବାରୁ ଯାତାୟାତରେ ନାହିଁ ନ ଥିବା ହୀନସ୍ତା ଭୋଗୁଛନ୍ତି ଗ୍ରାମବାସୀ। ଅବହେଳିତ ଏହି ଗାଁ ପ୍ରତି ପଞ୍ଚାୟତ ହେଉ କି ବ୍ଲକ ପ୍ରଶାସନ ଆଦୌ ନଜର ଦେଉ ନ ଥିବାବେଳେ ବହୁ ସମସ୍ୟା ଦେଖାଦେଇଛି। ଗାଁ ଲୋକଙ୍କ ଯାତାୟାତ ପାଇଁ ଏହି ରାସ୍ତାଟି କିଛି ବର୍ଷ ପୂର୍ବେ ନିର୍ମାଣ କରାଯାଇଥିଲା। ରାସ୍ତାଟି ବନ୍ତିଆ ନାଳ ଦେଇ ମହିଷୀଗୋଠ ପୂର୍ତ୍ତ ବିଭାଗ ରାସ୍ତାକୁ ଯୋଡୁଛି। ଏଥିରେ ସିହୋପଡ଼ା ଗାଁ ଲୋକଙ୍କ ସହିତ ଗୋମହିଷାଦି ବି ଯାତାୟାତ କରିଥାଆନ୍ତି। ତେବେ ରାସ୍ତାଟି ସେତେବେଳେ ନିମ୍ନମାନର ବୋଲି ଅଭିଯୋଗ ହୋଇଥିଲା। ସେଥିପ୍ରତି ଦୃଷ୍ଟି ନ ଦେଇ ବିଭାଗୀୟ ଅଧିକାରୀ ଓ ଠିକାଦାର ଯେନତେନ ପ୍ରକାର କାମ କରିଦେଲେ। ଆଜି ଗ୍ରାମବାସୀ ଭୋଗୁଛନ୍ତି ଦୁର୍ଦ୍ଦଶା। ଫଳରେ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ତୁରନ୍ତ ଏହି ବ୍ୟସ୍ତବହୁଳ ଗାଁ ରାସ୍ତାକୁ ମରାମତି କରିବାକୁ ଅଜୟ ଜେନା, ଅର୍ଜୁନ ଜେନା, ନିରଞ୍ଜନ ସାହାଣୀ, ଦାମୋଦର ପରିଡ଼ା, ଗୋପବନ୍ଧୁ ଜେନା, ପ୍ରମୋଦ ଜେନା, ହିମାଂଶୁ ବେହେରା, ରବିନାରାୟଣ ଜେନା ପ୍ରମୁଖ ଦାବି କରିଛନ୍ତି।

## ସାମୁଦ୍ରିକ କଇଁଛ ସୁରକ୍ଷା ସଚେତନତା ଶିବିର

**ରାଜନଗର, ୨।୧୨(ସମିସ):** ରାଜନଗର ବନଖଣ୍ଡ ତରଫରୁ କନିକା ରେଞ୍ଜ ପରିସର ମଧ୍ୟରେ ସାମୁଦ୍ରିକ କଇଁଛ ସୁରକ୍ଷା ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଗବେଷକ ପ୍ରସନ୍ନ ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସଚେତନତା ଶିବିରରେ ବନଖଣ୍ଡ ଅଧିକାରୀ ସୁଦର୍ଶନ ଗୋପିନାଥ ଯାଦବ ମୁଖ୍ୟ ଅତିଥି ଭାବେ ଯୋଗଦେଇ କଇଁଛଙ୍କୁ କିପରି ସୁରକ୍ଷା ପ୍ରଦାନ କରାଯାଇ ପାରିବ ସେ ନେଇ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସିଏଫ ଗଗନ ବିହାରୀ ମଲ୍ଲିକ, ପୁନମ ହୀରା ହାଁସଦା, କେନ୍ଦ୍ରାପଡ଼ା ଇକୋ କ୍ଲବର ସଂଯୋଜକ ଗୋପିନାଥ ଦାସ, ଅବସରପ୍ରାପ୍ତ ଶିକ୍ଷକ ଉପେନ୍ଦ୍ର ନାଥ ସ୍ୱାଇଁ, ନାଗାନାରାୟଣ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଓମ୍‌ପ୍ରକାଶ ବାରିକ, ରାଜନଗର ସହକାରୀ ମତ୍ସ୍ୟ ଅଧିକାରୀ ପ୍ରମୁଖ ଯୋଗଦେଇ କଇଁଛଙ୍କ ସୁରକ୍ଷା ଉପରେ ନିଜର ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ତାଳଚୁଆ ଟ୍ରଲର ଆସୋସିଏସନର ଟ୍ରଲର ମାଲିକ, ଡ୍ରାଇଭର, ପାରମ୍ପାରିକ ମତ୍ସ୍ୟଜୀବୀ, ଯନ୍ତ୍ରଚାଳିତ ବୋଟ୍ ସଂଘର ବୋଟ ମାଲିକ, କର୍ମଚାରୀ, ପରିବେଶବିତ୍ ଯୋଗ ଦେଇଥିଲେ। ରେଞ୍ଜ ଅଫିସର ମାନସ ଦାସ ଧନ୍ୟବାଦ ଦେବା ସହିତ ଟ୍ରଲର ମାଲିକ ଏବଂ ବୋଟ୍ ମାଲିକ ଓ ଡ୍ରାଇଭରଙ୍କୁ କଇଁଛ ଏବଂ ଡଲଫିନଙ୍କୁ ସୁରକ୍ଷା ଦେବାରେ ସହଯୋଗର ହାତ ବଢ଼ାଇବା ପାଇଁ କହିଥିଲେ। ଏହି କାର୍ଯ୍ୟକ୍ରମକୁ ଫରେଷ୍ଟର ପ୍ରଶାନ୍ତ ସିଂ, ଲକ୍ଷ୍ମୀଧର ବାରିକ ଏବଂ ସମସ୍ତ ବନ କର୍ମଚାରୀ ପରିଚାଳନା କରିଥିଲେ।

# ଶିବଙ୍କୁ ମିଳିଲା ଟ୍ରାଇସାଇକଲ

● ସ୍କୁଲ ଯିବାକୁ ଅନ୍ୟର ସାହାରା ଲୋଡୁଥିଲେ

**ଜଗତସିଂହପୁର, ୨।୧୨(ସମିସ)**



ଜଗତସିଂହପୁର ବ୍ଲକ ପାଟେଣୀ ଗାଁ ପଞ୍ଚାୟତ ମଣ୍ଡାସାହି ତରଡା ଗ୍ରାମର ନୃସିଂହ ଭୋଇଙ୍କ ପୁଅ ଦିବ୍ୟାଙ୍ଗ ଶିବ ପ୍ରସାଦ ଭୋଇଙ୍କୁ ଶେଷରେ ଟ୍ରାଇସାଇକଲ ମିଳିଛି। ସେ ଜନ୍ମରୁ ପୋଲିଓ ଆକ୍ରାନ୍ତ। ବାପା, ମା କିମ୍ବା ପିଉସୀ ତାଙ୍କୁ ସ୍କୁଲରେ ନେଇ ଛାଡୁଥିଲେ। ଏଥିପାଇଁ ସମୟ ସମୟରେ ଡେରି ହେଉଥିଲା। ତାଙ୍କ ବାପା ମା' ଏହି କାମରେ ରହିବା ଫଳରେ କାମକୁ ଯିବା କଷ୍ଟକର ଥିଲା। ବର୍ଷ ବର୍ଷ ଧରି ଏହି ସମସ୍ୟା ଲାଗି ରହିଥିଲା। ଶିବଙ୍କ ସମସ୍ୟା ଜାଣିବା ପରେ ପ୍ରଶାସନ ନିକଟରେ ଆଶୀର୍ବାଦ ସେବା ସଂଗଠନ ପକ୍ଷରୁ ଟ୍ରାଇ ସାଇକଲ ଦାବି କରାଯାଇଥିଲା। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁନିଲ ନାୟକଙ୍କ ପରାମର୍ଶ କ୍ରମେ ଜଗତସିଂହପୁର ବ୍ଲକ ସାମାଜିକ ସୁରକ୍ଷା ଅଧିକାରିଣି ରୂପରେଖା ସାହୁଙ୍କ ନିର୍ଦ୍ଦେଶ କ୍ରମେ ମଧୁସୂଦନପୁର ଶାସନ ପଞ୍ଚାୟତ କାର୍ଯ୍ୟାଳୟରେ ପଞ୍ଚାୟତର କାର୍ଯ୍ୟ ନିର୍ବାହୀ ଅଧିକାରୀ ଭାଗୀରଥି ରାଉତରାୟ ଦିବ୍ୟାଙ୍ଗ ଶିବଙ୍କୁ ଟ୍ରାଇସାଇକଲ ପ୍ରଦାନ କରିଥିଲେ। ସାଇକେଲ ପ୍ରଦାନ କରାଯିବା ସମୟରେ ଆଶୀର୍ବାଦ ସେବା ସଂଗଠନର ସଭାପତି ଜଗନ୍ନାଥ ବେହେରା, ରଶ୍ମିରଞ୍ଜନ ମହାନ୍ତି, ପ୍ରମିଳା ମଣ୍ଡଳ ସ୍ଥାନୀୟ ସରପଞ୍ଚ ପ୍ରମୁଖ ଉପସ୍ଥିତ ଥିଲେ।

### ଦୁର୍ଘଟଣାଜନିତ ଶୂନ୍ୟମୃତ୍ୟୁ ସପ୍ତାହ ପାଳନ

# ନିୟମ ମାନି ଗାଡ଼ି ଚଳାଅ, ନଚେତ୍ କାର୍ଯ୍ୟାନୁଷ୍ଠାନ

**ଯାଜପୁର, ୨।୧୨(ସମିସ):** ସମଗ୍ର ଦେଶରେ ବାର୍ଷିକ ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟା ୧.୫୦ ଲକ୍ଷ ଥିବାବେଳେ ଆମ ରାଜ୍ୟରେ ବର୍ଷକୁ ୫୦୦୦ ଲୋକଙ୍କ ପ୍ରାଣହାନୀ ଘଟୁଛି। ବିଶେଷତକରି ବିନା ହେଲମେଟ୍, ମଦ୍ୟପାନ, ମୋବାଇଲ ଫୋନ ବ୍ୟବହାର, ଅଧିକ ବେଗରେ ଗାଡ଼ି ଚଳାଇବା ଆଦି ଦୁର୍ଘଟଣାର ପ୍ରମୁଖ କାରଣ ଅଟେ। ଏହାଦ୍ୱାରା ଅନେକ ମୂଲ୍ୟବାନ ଜୀବନ ଅକାଳରେ ଝଡ଼ିପଡୁଛି। ଏହି ମୃତ୍ୟୁହାର କିପରି ହ୍ରାସ ପାଇବ, ତାହା ସମସ୍ତଙ୍କ ପାଇଁ ଉଦ୍‌ବେଗର କାରଣ ହୋଇଛି। ଏଥିପାଇଁ ସମଗ୍ର ରାଜ୍ୟ ଓ ଆମ ଯାଜପୁର ଜିଲ୍ଲାରେ ଚଳିତ ମାସ ୧ରୁ ୭ ତାରିଖ ପର୍ଯ୍ୟନ୍ତ ସପ୍ତାହ ବ୍ୟାପି ଦୁର୍ଘଟଣାଜନିତ ଶୂନ୍ୟମୃତ୍ୟୁ ସପ୍ତାହ ପାଳନ କରାଯାଉଛି। ଏ ଉପଲକ୍ଷେ ପ୍ରତ୍ୟେକ ଜୀବନ ମୂଲ୍ୟବାନ, ଯାଜପୁର ଜିଲ୍ଲାକୁ ଦୁର୍ଘଟଣାଜନିତ ଶୂନ୍ୟ ମୃତ୍ୟୁହାର ବଜାୟ ରଖିବାକୁ ଜିଲ୍ଲାପାଳ ତଥା ଜିଲ୍ଲା ସଡ଼କ ସୁରକ୍ଷା କମିଟି ଅଧ୍ୟକ୍ଷ ଚକ୍ରବର୍ତ୍ତୀ ସିଂହ ରାଠୋର ଆହ୍ୱାନ ଦେଇଥିବାବେଳେ ନିୟମ ଅମାନ୍ୟ କଲେ କଡ଼ା କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ ଦେଇଛନ୍ତି।

ଦୁଇଚକିଆ ଗାଡ଼ି ଚଳାଇଲାବେଳେ ହେଲ୍‌ମେଟ ପରିଧାନ କରି ନ ଥିଲେ ୧୦୦୦ ଜରିମାନା ଓ ୩ ମାସ ପାଇଁ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ କରାଯିବ। ମଦ୍ୟପାନ କରି ଗାଡ଼ି ଚଳାଇଲେ ୧୦, ୦୦୦ ଜରିମାନା ଓ ୩ ମାସ ପାଇଁ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ କରାଯିବା ସହ ୬ ମାସ ଜେଲ ଦଣ୍ଡ ଭୋଗିବାକୁ ପଡ଼ିବ। ମୋବାଇଲ ଫୋନ୍ ବ୍ୟବହାର କରି ଗାଡି ଚଳାଇଲେ ୫୦୦୦ ଜରିମାନା ଓ ୩ ମାସ ପାଇଁ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ କରାଯିବ। ଧାର୍ଯ୍ୟ ବେଗଠାରୁ ଅଧିକ ବେଗରେ ଗାଡ଼ି ଚଳାଇଲେ ୨୦୦୦ ଟଙ୍କା ଜରିମାନା ଓ ୩ ମାସ ପାଇଁ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ କରାଯିବ। ଧାର୍ଯ୍ୟ ଓଜନଠାରୁ ଅତ୍ୟଧିକ ଜିନିଷ ନେଇ ଗାଡ଼ି ଚଳାଇଲେ ୨୦, ୦୦୦ ଓ ଟନ୍ ପିଛା ୨୦୦୦ ଟଙ୍କା ଜରିମାନା, ୩ ମାସ ପାଇଁ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ କରାଯିବ। ୧୮ ବର୍ଷରୁ କମ୍ ବର୍ଷର ପିଲା ଗାଡ଼ି ଚଳାଇଲେ ଯୁଭେନାଇଲ ନିୟମ ଅନୁଯାୟୀ ୨୫ ହଜାର ଟଙ୍କା ଜରିମାନା ଓ ଗାଡ଼ି ଅଟକ ରଖାଯିବା ସହ ଅଭିଭାବକଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଭାରି ଓ ହାଲୁକା ଯାନ ଚଳାଇବା ବେଳେ ସିଟ୍ ବେଲ୍ଟ ବ୍ୟବହାର ନ କଲେ ୧୦୦୦ ଟଙ୍କା ଜରିମାନା ଦେବାକୁ ପଡ଼ିବ। ବିନା ଡ୍ରାଇଭିଂ ଲାଇସେନ୍ସରେ ଗାଡ଼ି ଚଳାଇଲେ ୫ ହଜାର ଟଙ୍କା, ନୋ ପାର୍କିଂରେ ଗାଡ଼ି ପାର୍କିଂ କଲେ ୫୦୦ ଟଙ୍କା ଜରିମାନା ଏବଂ ମାଲବାହୀ ଗାଡ଼ିରେ କୌଣସି ଯାତ୍ରୀଙ୍କୁ ନେଇ ଯାତ୍ରା କଲେ ୫୦୦୦ ଟଙ୍କା ଜରିମାନା ଦେବାର ଦଣ୍ଡବିଧାନ ରହିଛି।

ଏ ପରିପ୍ରେକ୍ଷୀରେ ଯାନ ଚଳାଇବା ସମୟରେ ହେଲମେଟ୍ ପରିଧାନ କରିବା, ମଦ୍ୟପାନ ନ କରିବା, ମୋବାଇଲ ଫୋନ୍ ବ୍ୟବହାର ନ କରିବା, ଧାର୍ଯ୍ୟ ବେଗରେ ଗାଡ଼ି ଚଳାଇବା, ୧୮ ବର୍ଷରୁ କମ୍ ବୟସର ପିଲାଙ୍କୁ ଗାଡ଼ି ଚଳାଇବାକୁ ନ ଦେବା, ସିଟ୍ ବେଲ୍ଟ ବ୍ୟବହାର କରିବା, ବିନା ଡ୍ରାଇଭିଂ ଲାଇସେନ୍ସରେ ଗାଡ଼ି ନ ଚଳାଇବା, ନୋ ପାର୍କିଂରେ ଗାଡି ପାର୍କିଂ ନ କରିବା, ମାଲ୍ ଗାଡ଼ିରେ କୌଣସି ଯାତ୍ରୀଙ୍କୁ ନେଇ ଯାତ୍ରା ନ କରି ଉପରୋକ୍ତ ନିୟମ ମାନିବା ସହ ଦଣ୍ଡ ବିଧାନକୁ ଦୃଷ୍ଟିରେ ରଖି ନିଜର ମୂଲ୍ୟବାନ ଜୀବନ ସୁରକ୍ଷିତ ରଖିବା ଓ ଜନସାଧାରଣଙ୍କ ଅମୂଲ୍ୟ ଜୀବନକୁ ସୁରକ୍ଷା ଦେଇ ଜିଲ୍ଲାରେ ଦୁର୍ଘଟଣାଜନିତ ଶୂନ୍ୟ ମୃତ୍ୟୁହାର ବଜାୟ ରଖିବାକୁ ଜିଲ୍ଲାପାଳ ଚକ୍ରବର୍ତ୍ତୀ ସିଂହ ରାଠୋର ଜିଲ୍ଲାବାସୀଙ୍କୁ ନିବେଦନ କରିଛନ୍ତି।

## ଖଣି ଅଞ୍ଚଳରେ ଏଡ୍‌ସ ସଚେତନତା



**କାଳିଆପାଣି, ୨।୧୨(ସମିସ):** କାଳିଆପାଣି ଖଣି ଅଞ୍ଚଳରେ ବିଶ୍ୱ ଏଡ୍‌ସ ଦିବସ ଉପଲକ୍ଷେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚିଙ୍ଗୁଡ଼ିପାଲ ଇ ଇ ଫାଉଣ୍ଡେସନ (ଅନନ୍ତ -ଭଗବତୀ) ଓ ଓଡ଼ିଶା ଖଣି ନିଗମର ମିଳିତ ସହଭାଗିତାରେ ଏହି ସଚେତନତା କାର୍ଯ୍ୟକ୍ରମ କଲରଙ୍ଗୀଅତା ଟ୍ରକ୍ ପାର୍କିଂଠାରେ ଅନୁଷ୍ଠିତ ହୋଇଥିଲା। ଏହି ସଚେତନତା କାର୍ଯ୍ୟକ୍ରମରେ ଖଣି ଅଞ୍ଚଳରେ ରହୁଥିବା ଶହ ଶହ ଡ୍ରାଇଭରଙ୍କୁ ଏଡ୍‌ସ ରୋଗ ସମ୍ବନ୍ଧରେ ସଚେତନ କରାଯାଇଥିଲା। ଫାଉଣ୍ଡେସନ ପକ୍ଷରୁ ଶ୍ରୀମତୀ ଭଗବତୀ ମହାନ୍ତ ଏଡ୍‌ସ ରୋଗର ଭୟାବହତା ଓ ଏହାର ନିରାକରଣ ବିଷୟରେ ଆଲୋଚନା କରିଥିଲେ। ଏହି ସଚେତନତା କାର୍ଯ୍ୟକ୍ରମରେ କଲରଙ୍ଗୀଅତା, ଭୀମଟାଙ୍ଗର, ପୁରିଆଝର ଗ୍ରାମର ମହିଳା ବହୁ ସଂଖ୍ୟାରେ ଯୋଗ ଦେଇଥିବାବେଳେ ରାଁସୋଲ ପଞ୍ଚାୟତ ସରପଞ୍ଚ କନକଲତା ସର୍ଦ୍ଦାର, କାଳିଆପାଣି ସରପଞ୍ଚ ବିକାଶ ପାତ୍ର, ୩୭ ନମ୍ବର ଜୋନ୍ ଜିଲ୍ଲା ପରିଷଦ ସଭ୍ୟା ଜେମା ଚାଖି, ଓଡ଼ିଶା ଖଣି ନିଗମ (କାଳିଆପାଣି) ଲୋକସମ୍ପର୍କ ଅଧିକାରୀ ଶ୍ରୀମତୀ ମଧୁସ୍ମିତା ଦାସ ଉପସ୍ଥିତ ଥିଲେ।

## ବଜ୍ରଗିରି ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଆରମ୍ଭ

**ଧର୍ମଶାଳା, ୨।୧୨(ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ କୋଟପୁର ପଞ୍ଚାୟତର ବଜ୍ରଗିରି ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଛି। ଅଧ୍ୟକ୍ଷ ପତିତପାବନ ବଳସାମନ୍ତ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଛନ୍ତି। ଶ୍ରୀ ବଳସାମନ୍ତ ରାଜ୍ୟ ସରକାରଙ୍କ ନୂଆ ଓଡ଼ିଶା, ଯୁବ ଓଡ଼ିଶା ପରିକଳ୍ପନା ଯୁବବର୍ଗଙ୍କ ଭିତରେ ଥିବା ସୃଜନଶୀଳତାକୁ ଲୋକଲୋଚନକୁ ଆଣିବା ମୂଳଲକ୍ଷ୍ୟ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ କ୍ରୀଡ଼ା, ସାଂସ୍କୃତିକ ଓ ସାମାଜିକ ସଚେତନତା ସୃଷ୍ଟି ହେବ କହିଥିଲେ। ପୂର୍ବତନ ଅଧ୍ୟକ୍ଷ କିଶୋର ଚନ୍ଦ୍ର ନାୟକ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ୧୫ନଂ ଜୋନ ଜିଲ୍ଲା ପରିଷଦ, ସମିତି ସଭ୍ୟା ଓ ସ୍ଥାନୀୟ ସରପଞ୍ଚ ଯୋଗ ଦେଇଥିଲେ। ନୋଡାଲ ଅଫିସର ସଞ୍ଜୟ କୁମାର ସାମଲ କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥଠିଲେ। ଅଧ୍ୟାପକ ସନ୍ତୋଷ କୁମାର ଦାଶ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଅଧ୍ୟାପକ ସୁବାସ ଚନ୍ଦ୍ର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାଧ୍ୟାପକ ପ୍ରଭାସ ଚନ୍ଦ୍ର ଚୋଲ, ସୁମନ୍ତ କୁମାର ଜେନା, ଲକ୍ଷ୍ମୀଧର ନାୟକ, ଅମର ରଞ୍ଜନ ସାମଲ, ଅରବିନ୍ଦ ଦାଶ ପ୍ରମୁଖ ଅଧ୍ୟାପକ, ଅଧ୍ୟାପିକା ଓ ଅଣଶିକ୍ଷକ କର୍ମଚାରୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଓଡ଼ଙ୍ଗ ଓ ସିଂହାପୁରରେ କାର୍ତ୍ତିକେଶ୍ୱର ପୂଜା

**ବାରବାଟୀ, ୨।୧୨(ସମିସ):** ରସୁଲପୁର ବ୍ଲକ ଅନ୍ତର୍ଗତ ବାରବାଟୀ ପଞ୍ଚାୟତର ଓଡ଼ଙ୍ଗସ୍ଥ ଆଞ୍ଚଳିକ କୃଷକ ସେବା ସମିତି ପକ୍ଷରୁ ବିଜୁ କୃଷକ ବଜାର ଓ ସିଂହାପୁରଠାରେ କାର୍ତ୍ତିକେଶ୍ୱରଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି। ବିଜୁ କୃଷକ ବଜାରରେ ପଣ୍ଡିତ ନିରଞ୍ଜନ କର, ଅଣାକାର ଦାଶ, ନବଘନ ପଣ୍ଡା ପ୍ରମୁଖ ପୂଜା କାର୍ଯ୍ୟ ତୁଲାଇଥିଲେ। ଅଶୋକ କର, ଅନ୍ନପୂର୍ଣ୍ଣା କର, ରାଧାନାଥ ଦାଶ, ତରୁଲତା ଦାଶ, କୁଳମଣି ପରିଡ଼ା, ବନଜା ପରିଡ଼ା କର୍ତ୍ତା ଥିଲେ। ପ୍ରତେକ ଦିନ ପାଲା, ମେଲୋଡି, ଭଜନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ସେହିପରି ସିଂହାପୁରରେ ପଣ୍ଡିତ ରାଜକିଶୋର ପଣ୍ଡା, ବିଜୟ ଦାଶ ପୂଜା କାର୍ଯ୍ୟ ତୁଲାଇଥିଲେ। ସତ୍ୟାନନ୍ଦ ନାୟକ, ସୁଚିତ୍ରା ନାୟକ କର୍ତ୍ତା ଥିଲେ। ଦୁଇଦିନ ଗୋଲ୍‌ଡେନ ଅପେରା ଦ୍ୱାରା ଯାତ୍ରା ମଞ୍ଚସ୍ଥ କରାଯାଇଥିଲା। ନାରାୟଣ କ୍ଲବର ସମସ୍ତ ସଭ୍ୟ ଓ ଗ୍ରାମବାସୀଙ୍କ ସହଯୋଗରେ ପୂଜା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଇନ୍ଦିରା ଗାନ୍ଧୀ କଲେଜରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଉଦ୍‌ଯାପିତ



**ବ୍ୟାସନଗର, ୨।୧୨(ସମିସ):** ବ୍ୟାସନଗରସ୍ଥ ଇନ୍ଦିରା ଗାନ୍ଧୀ ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ଆୟୋଜିତ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଶୁକ୍ରବାର ଉଦ୍‌ଯାପନ ହୋଇଯାଇଛି। ଅଧ୍ୟକ୍ଷ ରତ୍ନାକର ଜେନା ସଭାପତିତ୍ୱ କରି 'ନୂଆ ଓଡ଼ିଶା ଓ ନବୀନ ଓଡ଼ିଶା' ସମ୍ପର୍କରେ ଅଭିଭାଷଣ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ କୋରାଇ ବିଧାୟକ ଅଶୋକ କୁମାର ବଳ ଯୋଗଦେଇ ରାଜ୍ୟ ସରକାରଙ୍କ ଏହି ଯୋଜନା ଯୁବପିଢ଼ିଙ୍କୁ କ୍ରୀଡା, ସାଂସ୍କୃତିକ ଓ ସାମାଜିକ କ୍ଷେତ୍ରରେ ଦକ୍ଷତା ପ୍ରତିପାଦନ କରି ରାଜ୍ୟ ଓ ଜାତୀୟ ସ୍ତରରେ ସୁନାମ ଅର୍ଜନ କରିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଉଚ୍ଚଶିକ୍ଷା ବିଭାଗର ପୂର୍ବତନ ଆଞ୍ଚଳିକ ନିର୍ଦ୍ଦେଶକ ଡକ୍ଟର ମିହିର ରଞ୍ଜନ ସେଠୀ ଯୋଗଦେଇ ପିଲାଙ୍କ ବିକଶିତ ପ୍ରତିଭା ଅନୁଷ୍ଠାନ ଓ ଅଞ୍ଚଳକୁ ଜାତୀୟ ସ୍ତରରେ ପରିଚିତ କରାଇଥାଏ ବୋଲି କହିଥିଲେ।

ଅନ୍ୟତମ ସମ୍ମାନିତ ଅତିଥି ଭାବେ ଇନ୍ଦିରା ଗାନ୍ଧୀ ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷା ଦୟିତ୍ୱରେ ଥିବା ବରିଷ୍ଠ ପ୍ରାଧ୍ୟାପିକା ଲଳିତା ସାହୁ ଯୋଗଦେଇ ଅତ୍ୟନ୍ତ ଶୃଙ୍ଖଳାର ସହ ଦୀର୍ଘ ୯ ଦିନ ଧରି ଅନୁଷ୍ଠିତ ହୋଇଥିବା ଏହି କାର୍ଯ୍ୟକ୍ରମ ନିଶ୍ଚିତ ଭାବେ ଯୁବପିଢିଙ୍କୁ ମାର୍ଗଦର୍ଶନ କରିବାରେ ସହାୟକ ହେବ ବୋଲି କହିଥିଲେ। କ୍ରୀଡ଼ା ସଂଯୋଜକ ଅଧ୍ୟାପକ ମଳୟ ମଲ୍ଲିକ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବାବେଳେ କାର୍ଯ୍ୟକ୍ରମର ନୋଡାଲ ଅଧିକାରୀ ଅଧ୍ୟାପକ ପ୍ରଶାନ୍ତ କୁମାର ରାଉତ ସରକାରଙ୍କ ଏହି ନୂଆ-ଓ କାର୍ଯ୍ୟକ୍ରମର ସାମାଜିକ, ସାଂସ୍କୃତିକ ଓ କ୍ରୀଡା ପ୍ରତିଯୋଗିତାରେ ୭୫୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରି ପ୍ରତିଭାର ପରାକାଷ୍ଠା ପ୍ରଦର୍ଶିତ କରିଥିଲେ ବୋଲି ବିବରଣୀ ପ୍ରସଙ୍ଗର ସୂଚନା ଦେଇଥିଲେ। ଏ ଅବସରରେ କୃତିତ୍ୱ ଅର୍ଜନ କରିଥିବା କୃତୀ ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ପୁରସ୍କାର ବିତରଣୀ ଉତ୍ସବକୁ ସାଂସ୍କୃତିକ ସଂଯୋଜକ ଅଧ୍ୟାପକ ଅରୁଣ କୁମାର ମିଶ୍ର, ସନ୍ତୋଷ କୁମାର ଜେନା, ପଦ୍ମଭୂଷଣ ରାଉତରାୟ, ସାମାଜିକ କାର୍ଯ୍ୟକ୍ରମର ସଂଯୋଜିକା ଅଧ୍ୟାପିକା ସସ୍ମିତା ଆଚାର୍ଯ୍ୟ, ସୁମିତ୍ରା ରାଉତ, ରୋଜାଲିନ ମହାନ୍ତି, ତାରିଣୀ ତନୟା ସର, ଲିପ୍ସା ମିଶ୍ର, ରୋଜାଲିନ ଦାସ, ଯଜ୍ଞେଶ୍ୱରୀ ପଲେଇ ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ ଅଧ୍ୟାପକ ପଦ୍ମଭୂଷଣ ରାଉତରାୟ ଧନ୍ୟବାଦ ଅର୍ପଣ କରିଥିଲେ।

## ଶିକ୍ଷୟିତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**ଯଖପୁରା, ୨।୧୨(ସମିସ):** ଦାନଗଦି ବ୍ଲକ ଅନ୍ତର୍ଗତ ପଙ୍କପାଳ ପଞ୍ଚାୟତର ବୀଣାପାଣି ବିଦ୍ୟାପୀଠରେ ଶିକ୍ଷୟିତ୍ରୀ ଶ୍ରୀମତୀ ସୁକାନ୍ତୀ ପାତ୍ରଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମଣ୍ଡଳସ୍ତରୀୟ ପ୍ରଶାସନିକ ଅଧିକାରୀ ବଳରାମ ପତି, ସିଆରସି ମନୋଜ ପୃଷ୍ଟି, ଶିକ୍ଷା ବିକାଶର ପୂର୍ବତନ ସଭାପତି ରବିନାରାୟଣ ନାୟକ, ପୂର୍ବତନ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ରେଖିଦେଇପୁର ପ୍ରଧାନ ଶିକ୍ଷକ ଘନଶ୍ୟାମ ମହାରଣା, ପାଣିକୋଇଲି ଉଚ୍ଚବିଦ୍ୟାଳୟ ତଥା ବୀଣାପାଣିର ପୂର୍ବତନ ପ୍ରଧାନ ଶିକ୍ଷକ ସତ୍ୟବାଦୀ ପତ୍ର, ନିଖିଳ ଉତ୍କଳ ପ୍ରଧାନ ଶିକ୍ଷକ ଫେଡେରେସନର ସମ୍ପାଦକ ସନ୍ତୋଷ କୁମାର ସାହୁ, ଉପ୍ରା ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ଧନେଶ୍ୱର ଦାସ, ବୀଣାପାଣିର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଲମ୍ବୋଦର ନାୟକ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିରଞ୍ଚି ନାରାୟଣ ପଟ୍ଟ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଯୁଗପ୍ରଭା ସାବତଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୋ ସ୍କୁଲ ଅଭିଯାନର ରବୀନ୍ଦ୍ର ଜେନା, ମନ୍ମଥ ଶତପଥୀ, ସୂର୍ଯ୍ୟମଣି ଜେନା, ଆଲୋକ ଭୁତିଆ, ରମେଶ ଭୁତିଆ, ସଦାଶିବ ରାୟ, ଅନୁଜ ମଲ୍ଲିକ, ଦୈତାରୀ ବାରିକ, ବିରଞ୍ଚି ସାହୁ, ପୂର୍ବତନ ଶିକ୍ଷକ କିଶୋର ଶତପଥି, ସୁବାସ ଲେଙ୍କା ପ୍ରମୁଖ ଯୋଗଦେଇ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ଶିକ୍ଷୟିତ୍ରୀଙ୍କୁ ଶୋଭାଯାତ୍ରାରେ ତାଙ୍କ ବାସଭବନକୁ ନିଆଯାଇଥିଲା।

# ବିଜୁ ଯୁବ ଜନତା ଦଳର ବିଶାଳ ସମାବେଶ



**ଟମକା, ୨।୧୨(ସମିସ):** ଦାନଗଦି ବ୍ଲକର ଦେଉଳକଣ ଓ କିଆଝର ପଞ୍ଚାୟତର ବିଜୁ ଯୁବ ଜନତା ଦଳର ଚମ୍ପାଝର ଜଙ୍ଗଲ ପାଖ ପଡ଼ିଆରେ ଏକ ବିଶାଳ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏହି ସମାବେଶରେ ମୁଖ୍ୟଅତିଥି ଭାବେ ବ୍ଲକର ଯୁବ ସଭାପତି ଚନ୍ଦନ କର, ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ଅଜୟ ବିନ୍ଧାଣୀ, ଜିଲ୍ଲା ଯୁବ ସମ୍ପାଦକ ସୌମ୍ୟରଞ୍ଜନ ମହାପାତ୍ର, ବ୍ଲକ ଯୁବ କମିଟିର ଧର୍ମେନ୍ଦ୍ର ଜେନା, ସୁରେଶ ମହନ୍ତ, ଏସ୍‌କେ ଅବତାର ଅଲ୍ଲୀ ଯୋଗଦେଇ ଯୁବ ଓଡ଼ିଶା, ନବୀନ ଓଡ଼ିଶାର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ରାଜ୍ୟର ଏହି ଜନହିତକର ଯୋଜନା କିପରି ସବୁ ଲୋକଙ୍କ ପାଖରେ ପହଞ୍ଚିବ, ସେ ନେଇ ଯୁବକଙ୍କୁ ପରାମର୍ଶ ଦେଇଥିଲେ। ସୁକିନ୍ଦା ବିଧାୟକ ତଥା ମନ୍ତ୍ରୀ ପ୍ରୀତୀରଞ୍ଜନ ଘଡ଼ାଇଙ୍କ ଉଦ୍ୟମରେ ସୁକିନ୍ଦା ଆଜି ଶୀର୍ଷରେ ପହଞ୍ଚିପାରିଛି। ଏହି ଯୁବ ସମାବେଶ ପ୍ରତି ପଞ୍ଚାୟତରେ କରାଯିବ ବୋଲି ସଭାପତି ସୂଚନା ଦେଇଥିଲେ। ଏହି ସମାବେଶକୁ ସଫଳ କରିବା ପାଇଁ ଯୁବ ସଭାପତି ଧର୍ମେନ୍ଦ୍ର ନାୟକ, ଜ୍ଞାନରଞ୍ଜନ ମହାପାତ୍ର, ଦ୍ୱାରିକାନାଥ ଦାସ, ନରୋତ୍ତମ ବେହେରା, ଦିଲ୍ଲୀପ ପ୍ରଧାନ, ବିପିନି ପାତ୍ର, ରଶ୍ମୀରଞ୍ଜନ ମହାନ୍ତ, ଚିତ୍ତରଞ୍ଜନ ବାରିକ, କିସାନ ମୁଣ୍ଡା, ମଦନ ତନ୍ତୀ, ବଂଶୀଧର ଦାସ, ଶରତ ପାତ୍ରଙ୍କ ସମେତ କମିଟିର ସମସ୍ତ ସଭ୍ୟ ସହଯୋଗ କରିଥିଲେ। ଏହି ସମାବେଶରେ ୪୦୦ରୁ ଉର୍ଦ୍ଧ୍ୱ ଯୁବକ ଉପସ୍ଥିତ ଥିଲେ।

## ଝାଡ଼େଶ୍ୱର କଲେଜରେ ଏଡ୍‌ସ ଦିବସ ପାଳିତ




**ଟମକା, ୨।୧୨(ସମିସ):** ଟୋଲକାନୀଠାରେ ଥିବା ଝାଡ଼େଶ୍ୱର ଜୁନିୟର କଲେଜରେ ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ଡଃ ଯୁଗଳ କିଶୋର ହୋତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଗୋବର୍ଦ୍ଧନପୁର ଚିକିତ୍ସାଳୟ ଅଧିକାରୀ ଡା. ସଞ୍ଜୀବ କୁମାର ବେହେରା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ବରିଷ୍ଠ ସାମ୍ବାଦିକ ଦୁଷ୍ମନ୍ତ କୁମାର ରାଉତ ମୁଖ୍ୟବକ୍ତା ଓ ସମ୍ମାନିତ ଅତିଥି ଭାବେ କଲେଜର ପ୍ରତିଷ୍ଠାତା ସମ୍ପାଦକ ବରିଷ୍ଠ ଶିକ୍ଷାବିତ୍ ଦୀନବନ୍ଧୁ ପୃଷ୍ଟି ପ୍ରମୁଖ ଯୋଗ ଦେଇଥିଲେ। ଅତିଥିମାନେ ଏଚଆଇଭି ସଂକ୍ରମଣଜନିତ ଏଡ୍‌ସର ଭୟାବହତା ଉପରେ ଚିନ୍ତାପ୍ରକଟ କରି ଏହାର ଦୂରୀକରଣ ନିମନ୍ତେ ଜନସଚେତନତାକୁ ଗୁରୁତ୍ୱ ଦେବାକୁ ଅନୁରୋଧ କରିଥିଲେ। ଛାତ୍ରଛାତ୍ରୀ ଆତ୍ମ ସଂଯମତା ରକ୍ଷା କରିବା ସହ ସମାଜରେ ଜନସଚେତନତା ସୃଷ୍ଟି କରିବାରେ ପ୍ରମୁଖ ଭୂମିକା ଗ୍ରହଣ କଲେ, ଏହି ରୋଗକୁ ଅନେକାଂଶରେ ପ୍ରଶମିତ କରାଯାଇପାରିବ ବୋଲି ଆଶା ପ୍ରକଟ କରିଥିଲେ। ଏହି ମହାମାରୀକୁ ମୂଳୋତ୍ପାଟନ କରିବା ପାଇଁ ଶପଥ ପାଠ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅଧ୍ୟାପିକା ମୀରାମ୍ବିକା ସାହୁ, ପ୍ରଣତୀ ମହାନ୍ତି, ନିତୁ ସାହୁ, ଇତିଶ୍ରୀ ମଲ୍ଲିକ, ଅଧ୍ୟାପକ ପ୍ରସନ୍ନ ସେନାପତି, ଖଗେଶ ଜେନା, ରଞ୍ଜନ କୁମାର ସାହୁ, ପାରିଜାତ ମହାନ୍ତି, ବାଇଧର ସାହୁ, କୃଷ୍ଣଚନ୍ଦ୍ର ସାହୁ, ସମାଜସେବୀ ଅରୁଣ ଦାସ, ମୁଖ୍ୟ କିରାଣି ସୁକାନ୍ତ କୁମାର ସାହୁ, ଅବନୀ ମହାରଣା, ନାରାୟଣ ଚନ୍ଦ୍ର ସାହୁ, ସୁଶାନ୍ତ ପଣ୍ଡା, ସତ୍ୟଭାମା ସାହୁ, ଡିଇଓ ସୁଷମାରାଣୀ ପୃଷ୍ଟି ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଅଧ୍ୟାପକ ରଞ୍ଜନ ଖଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ଅଲେଖପୁର ସରସ୍ୱତୀ ଶିଶୁମନ୍ଦିରରେ ବାର୍ଷିକ କ୍ରୀଡ଼ା



**ଟମକା, ୨।୧୨(ସମିସ):** ସ୍ଥାନୀୟ ଥାନା ଅନ୍ତର୍ଗତ ଅଲେଖପୁର ସରସ୍ୱତୀ ଶିଶୁ ମନ୍ଦିରରେ ୨୦ତମ ବାର୍ଷିକ କ୍ରୀଡ଼ା ଆରମ୍ଭ ହୋଇଛି। ଶିଶୁମନ୍ଦିରର ଛାତ୍ରଛାତ୍ରୀ ଗ୍ରାମଦେବତୀଙ୍କ ପାଖରୁ ପୂଜା କରିବା ପରେ ମଶାଲ ଶୋଭାଯାତ୍ରାରେ ଯାଇ ଖେଳ ପଡ଼ିଆରେ ପହଞ୍ଚିଥିଲେ। ମୁଖ୍ୟଅତିଥି ଭାବେ ଯୁବ ସମାଜସେବୀ ସୌମ୍ୟରଞ୍ଜନ ମହାପାତ୍ର ଯୋଗଦେଇ ପତକା ଉତ୍ତୋଳନ କରି କ୍ରୀଡା ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ନରୋତ୍ତମ ବେହେରା, ଅନୀଲ ଦାସ, ଶିଶୁ ମନ୍ଦିରର ପରିଚାଳନା କମିଟି ସମ୍ପାଦକ ପଦ୍ମନାଭ ରାଉତ, ଆଚାର୍ଯ୍ୟ ବିପିନ ବିହାରୀ ମିଶ୍ର ଉପସ୍ଥିତ ରହି ଶାନ୍ତିଶୃଙ୍ଖଳାର ସହିତ ଖେଳ କରିବାକୁ ପରାମର୍ଶ ଦେଇଥିଲେ।

## ଆଦିବାସୀ କ୍ଲବ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆରମ୍ଭ

**ଟମକା, ୨।୧୨(ସମିସ):** ବୁରୁଡି ସାହି ଖେଳ ପଡ଼ିଆରେ ଆଦିବାସୀ କ୍ଲବ୍ ପକ୍ଷରୁ ନବମ ବାର୍ଷିକ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି। କିଆଝର ପଞ୍ଚାୟତର ସରପଞ୍ଚଙ୍କ ପ୍ରତିନିଧି ସୌମ୍ୟରଞ୍ଜନ ମହାପାତ୍ର, ବ୍ଲକ ଉପାଧ୍ୟକ୍ଷ ଅଜୟ ବିନ୍ଧାଣୀ, ବ୍ଲକ ଯୁବ ବିଜେଡି ସଭାପତି ଚନ୍ଦନ କର, ବିପିନି ସେଠୀ, ଦ୍ୱାରିକାନାଥ ଦାସ ଅତିଥି ଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ଯାଜପୁର ଜିଲ୍ଲା ବ୍ୟତୀତ ଅନ୍ୟ ଜିଲ୍ଲା ଆଦିବାସୀ ଫୁଟବଲ ଦଳ ଭାଗ ନେଇଛନ୍ତି। ଉକ୍ତ ତିନିଦିନିଆ ଟୁର୍ଣ୍ଣାମେଣ୍ଟର ଉଦ୍‌ଯାପନୀ ଉତ୍ସବରେ ମନ୍ତ୍ରୀ ଇଂ ପ୍ରୀତିରଞ୍ଜନ ଘଡାଇ, ବ୍ଲକ ଅଧ୍ୟକ୍ଷା ଅର୍ଚ୍ଚନା ଦାସ ଯୋଗ ଦେବେ ବୋଲି ବୁରୁଡ଼ି ସାହି ଆଦିବାସୀ କ୍ଲବ କର୍ମକର୍ତ୍ତା ସୂଚନା ଦେଇଛନ୍ତି।

### ବ୍ଲକସ୍ତରୀୟ ବିଜ୍ଞାନ, ଗଣିତ ଓ ପରିବେଶ ପ୍ରଦର୍ଶନୀ

# 'ବିଜ୍ଞାନ ହିଁ ସମାଜରେ କ୍ରାନ୍ତି ଆଣିପାରିଛି'

**ବାଲିଚନ୍ଦ୍ରପୁର, ୨।୧୨(ସମିସ):** ବଡ଼ଚଣା ବ୍ଲକସ୍ତରୀୟ ବିଜ୍ଞାନ, ଗଣିତ, ପରିବେଶ ଓ କୃଷି ପ୍ରଦର୍ଶନୀ ପତରାଜପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ବିଜ୍ଞାନ ହିଁ ସମାଜରେ କ୍ରାନ୍ତି ଆଣିପାରିଛି ବୋଲି ଏଠାରେ ଆୟୋଜିତ ପ୍ରଦର୍ଶନୀରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ପତରାଜପୁର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜୟନ୍ତ କୁମାର ପରିଡ଼ାଙ୍କ ଅଧ୍ୟକ୍ଷତା ଅନୁଷ୍ଠିତ ସଭାରେ ବଡ଼ଚଣା ବ୍ଲକ ଶିକ୍ଷାଧିକାରିଣୀ ସବିତା ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜ୍ଞାନ ମେଳାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟ ବୈଜ୍ଞାନିକ ତିଆରି କାରଖାନା। ବିଜ୍ଞାନ ସଚେତନତା ସୃଷ୍ଟି ଓ ଦୃଢ଼ ଜାତୀୟ ସଂହତି ଗଠନରେ ସହାୟକ ହୋଇଥାଏ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଜ୍ଞାନଭିତ୍ତିକ ଜିଜ୍ଞାସା ମନୋବୃତ୍ତି ଉଦ୍ରେକ କରିବାକୁ ଏଭଳି କାର୍ଯ୍ୟକ୍ରମ ବେଶ୍ ସହାୟକ ହେବ ବୋଲି କହିଥିଲେ।

ମୁଖ୍ୟବକ୍ତା ଭାବେ ବଡ଼ଚଣା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସ୍ମୃତିରଞ୍ଜନ ଆଚାର୍ଯ୍ୟ ଯୋଗଦେଇ ଲୁକ୍କାୟିତ ପ୍ରତିଭାର ବିକାଶ ପାଇଁ ବିଜ୍ଞାନ ମେଳା ଏକ ପ୍ରକୃଷ୍ଟ ମଞ୍ଚ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ବଡଚଣା ବ୍ଲକ ଶିକ୍ଷା ଉପଅଧିକାରୀ



ରତିକାନ୍ତ ସାମଲ, ବାଲିଚନ୍ଦ୍ରପୁର କ୍ଲଷ୍ଟରର ସିଆରସିସି ପ୍ରଶାନ୍ତ କୁମାର ପୃଷ୍ଟି, ପତରାଜପୁର ସରପଞ୍ଚ ତନୁଶ୍ରୀ ଦାସ, ସମିତି ସଭ୍ୟ କୁଳମଣି ବାରିକ, ମୋ ସ୍କୁଲ ଅଭିଯାନର ସଭାପତି ଜ୍ଞାନରଞ୍ଜନ ଦାସ, ସ୍କୁଲ ପରିଚାଳନା କମିଟି ସଭାପତି ରାକେଶ କୁମାର ବାରିକ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷକ ବିଘ୍ନେଶ୍ୱର ସିଂ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଅମିତା ସିଂ ମଞ୍ଚ ପରିଚାଳନା କରିଥିଲେ। ଉକ୍ତ ପ୍ରଦର୍ଶନୀରେ ବଡ଼ଚଣା ବ୍ଲକର ୯୪ଟି ସ୍କୁଲରୁ ୧୫୪ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଶିକ୍ଷାଧିକାରିଣୀ ଶ୍ରୀମତୀ ସାହୁ ସମସ୍ତ ପ୍ରକଳ୍ପକୁ ବୁଲି ଦେଖି ପ୍ରଦର୍ଶନୀ ପାଇଁ ଛାତ୍ରଛାତ୍ରୀଙ୍କ ବେଶ୍ ଉସାଠହ ଥିବା ଦେଖି ଖୁସିବ୍ୟକ୍ତ କରିଥିଲେ। କନିଷ୍ଠ ଓ ବରିଷ୍ଠ ବର୍ଗ ପ୍ରକଳ୍ପରେ ଭାଗ ନେଇଥିବା କୁନି ବୈଜ୍ଞାନିକଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ପ୍ରକଳ୍ପ ବେଶ୍ ପ୍ରଶଂସିତ ହୋଇଥିଲା। ୬ ଜଣ ବରିଷ୍ଠ ଶିକ୍ଷକ ଯୋଗଦେଇ ପ୍ରକଳ୍ପର ମୂଲ୍ୟାଙ୍କନ କରିଥିଲେ। ବିଚାରକ ୬ଟି ପ୍ରକଳ୍ପକୁ ଜିଲ୍ଲା ସ୍ତର ପାଇଁ ମନୋନୀତ କରିଥିଲେ।

**୬ଟି ପ୍ରକଳ୍ପ ଜିଲ୍ଲା ସ୍ତରକୁ ମନୋନୀତ**

ଅପରାହ୍ନରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବ ପ୍ରାରମ୍ଭରେ ବିଦ୍ୟାଳୟର ଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରାଯାଇଥିଲା। ଶିକ୍ଷାଧିକାରିଣୀ ସବିତା ସାହୁ ସମସ୍ତ ଶିଶୁ ବୈଜ୍ଞାନିକଙ୍କୁ ପ୍ରମାଣ ପତ୍ର ଓ କୃତୀ ପ୍ରତିଯୋଗିଙ୍କୁ ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରିଥିବାବେଳେ ଜିଲ୍ଲାସ୍ତରୀୟ ପ୍ରଦର୍ଶନୀରେ ଅଂଶଗ୍ରହଣ ପାଇଁ ଖଡିଅଙ୍ଗ ସରକାରୀ ବିଦ୍ୟାଳୟର ସଂସିତା ମହାନ୍ତି, ସମରେଶ୍ୱର ବିଦ୍ୟାପୀଠର ତନ୍ମୟଶ୍ରୀ ମହାପାତ୍ର, ପତରାଜପୁର ବିଦ୍ୟାଳୟର ଦିଶା ସୁପ୍ରିୟା ପ୍ରିୟଦର୍ଶିନୀ, ଆରପିସି ବିଦ୍ୟାଳୟର ବି. ଆଦ୍ୟା ଅଭିଲିପ୍ସା, ଜାହ୍ନଗିରି ବିଦ୍ୟାଳୟର ପାର୍ଥ ପ୍ରୀତମ ପ୍ରଧାନ, ଛତିଆ ବିଦ୍ୟାଳୟର ଶୁଭମ ନାଥଙ୍କୁ ମନୋନୀତ କରାଯାଇଥିଲା। ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ସ୍କୁଲ ପରିଚାଳନା କମିଟି ସଦସ୍ୟସଦସ୍ୟା ଓ ଅଭିଭାବକଙ୍କ ସହ ବରିଷ୍ଠ ନାଗରିକ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ହରପ୍ରିୟା ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।

ପ୍ରଦର୍ଶନୀକୁ ଶ୍ରଦ୍ଧାଞ୍ଜଳି ଦାସ, ଦୈତାରୀ ମଲ୍ଲିକ, ସୁରେଶ ଚନ୍ଦ୍ର ଖିଲାର, ବନୀତା ବିଶ୍ୱାଳ, ବସନ୍ତ ପ୍ରଧାନ, ରସାନନ୍ଦ ନାୟକ, ପ୍ରିୟଦର୍ଶିନୀ ରାଉତ, ଦେବୀଦତ୍ତା ଦେବସ୍ମିତା, ମାମିନା ଅନୁ ରଞ୍ଜନୀ, ଧିରେନ ମହାପାତ୍ର, ଶ୍ରୀନନ୍ଦନ ସାମଲ, ତାପସ ପାତ୍ର, ଅନନ୍ତ କିଶୋର ସାହୁ, ଦୁଃଶାସନ ସେଠୀ, ବିଜୟ ପରିଡ଼ା ପ୍ରମୁଖ ପରିଚାଳନା କରିଥିଲେ।

ସକାଳ
THE SAKALA



ପ୍ରଥମ ଟେଷ୍ଟ: ତାଇଜୁଲଙ୍କ ୧୦ ୱିକେଟ ସଫଳତା; ନ୍ୟୁଜିଲାଣ୍ଡର ଲଜ୍ଜାଜନକ ପରାଜୟ

# ବାଂଲାଦେଶର ଐତିହାସିକ ବିଜୟ

ସିଲ୍‌ହଟ୍, ୨।୧୨ (ଏଜେନ୍ସି): ସ୍ଥାନୀୟ ସିଲ୍‌ହଟ୍ ଇଣ୍ଟରନ୍ୟାସନାଲ୍ କ୍ରିକେଟ୍ ଷ୍ଟାଡିୟମରେ ଭ୍ରମଣକାରୀ ନ୍ୟୁଜିଲାଣ୍ଡ ଓ ବାଂଲାଦେଶ ମଧ୍ୟରେ ଅନୁଷ୍ଠିତ ପ୍ରଥମ ଟେଷ୍ଟରେ ବଡ଼ ଓଲଟ୍‌ପାଲଟ ଦେଖିବାକୁ ମିଳିଛି। ବିଶ୍ୱମାନ୍ୟତାର ୫ମ ସ୍ଥାନରେ ରହିଥିବା ନ୍ୟୁଜିଲାଣ୍ଡକୁ



### ଶେଷ ୩ ମୁକାବିଲାରୁ ୨ ବିଜୟ

ବାଂଲାଦେଶ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ସର୍ବପ୍ରଥମ ଟେଷ୍ଟ ମ୍ୟାଚ୍ ୨୨ ବର୍ଷ ତଳେ ୨୦୦୧ ଡିସେମ୍ବର ୧୮ ରେ ହାମିଲଟନରେ ଖେଳାଯାଇଥିଲା। ଇତ୍ୟବସରରେ ଦୁଇ ଦଳ ମଧ୍ୟରେ ୧୮ ଟେଷ୍ଟ ଖେଳାଯାଇଥିବାବେଳେ ନ୍ୟୁଜିଲାଣ୍ଡ ୧୩ ଓ ବାଂଲାଦେଶ ୨ ମ୍ୟାଚ୍‌ରେ ବିଜୟୀ ହୋଇଛନ୍ତି। ୩ଟି ମ୍ୟାଚ୍ ଅମୀମାଂସିତ ରହିଛି। ତେବେ ନ୍ୟୁଜିଲାଣ୍ଡ ବିପକ୍ଷରେ ଖେଳିଥିବା ପ୍ରଥମ ୧୫ ଟେଷ୍ଟରୁ ବାଂଲାଦେଶ ୧୩ ପରାଜୟ ଓ ୨ ମ୍ୟାଚ୍ ଅମୀମାଂସିତ ରଖିଥିଲା। ଅର୍ଥାତ୍ ପ୍ରଥମ ୧୫ ମ୍ୟାଚରେ ବିଜୟ ସ୍ୱାଦ ଚାଖିପାରି ନ ଥିଲା। କିନ୍ତୁ ଶେଷ ୩ଟି ମ୍ୟାଚରୁ ୨ଟି ବିଜୟ ସହ ଏହି ଏସୀୟ ଦଳ ନ୍ୟୁଜିଲାଣ୍ଡକୁ କଡ଼ା ଟକ୍କର ଦେଇଛି। ୨୦୨୨ରେ ବାଂଲାଦେଶ ୮ ୱିକେଟ୍‌ରେ ନ୍ୟୁଜିଲାଣ୍ଡକୁ ଏକ ଟେଷ୍ଟରେ ହରାଇଥିଲା।



୧୫୦ ରନରେ ପରାସ୍ତ କରି ଘରୋଇ ବାଂଲାଦେଶ ଐତିହାସିକ ବିଜୟ ହାସଲ କରିଛି। ବାଂଲାଦେଶ ପକ୍ଷରୁ ଧାର୍ଯ୍ୟ ୩୩୨ ରନର ଲକ୍ଷ୍ୟକୁ ପିଛା କରି ନ୍ୟୁଜିଲାଣ୍ଡ ତାଇଜୁଲ ଇସଲାମଙ୍କ ସ୍ପିନକୁ ସାମ୍ନା କରି ନ ପାରି ଶନିବାର ୫ମ ଦିବସରେ ୧୮୧ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଫଳରେ ନାଜମୁଲ ହୋସେନ ସାଣ୍ଟୋଙ୍କ ନେତୃତ୍ୱାଧୀନ ବାଂଲାଦେଶ ୧୫୦ ରନରେ ବଡ଼ ବିଜୟ ହାସଲ କରିଛି। ଟେଷ୍ଟ କ୍ରିକେଟ୍ ଇତିହାସରେ ନ୍ୟୁଜିଲାଣ୍ଡ ବିପକ୍ଷରେ ବାଂଲାଦେଶର ଏହା ୨ୟ ବିଜୟ। ବାଂଲାଦେଶ ଗତବର୍ଷ ମାଉଣ୍ଟ ମାଉଙ୍ଗାନୁଇରେ ଅନୁଷ୍ଠିତ ଟେଷ୍ଟରେ ୮ ୱିକେଟ୍‌ରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରି ପ୍ରଥମ ବିପର୍ଯ୍ୟୟ ଘଟାଇଥିଲା।

ବାଂଲାଦେଶ ପକ୍ଷରୁ ଧାର୍ଯ୍ୟ ୩୩୨ ରନର ଲକ୍ଷ୍ୟକୁ ପଶ୍ଚାତଧାବନ କରି ଟିମ୍ ସୌଦୀଙ୍କ ନେତୃତ୍ୱାଧୀନ ନ୍ୟୁଜିଲାଣ୍ଡ ଶୁକ୍ରବାର ଷ୍ଟମ୍ପ ସୁଦ୍ଧା ୨ୟ ପାଳିରେ ୭ ୱିକେଟ୍ ହରାଇ ୧୧୩ ରନ କରି ଏକ ନିଶ୍ଚିତ ପରାଜୟ ଦିଗରେ ଅଗ୍ରସର ହୋଇଥିଲା। ଶନିବାର ମ୍ୟାଚର ଶେଷ ଦିବସ ହୋଇଥିବାବେଳେ ଅନ୍ତିମ ୩ ୱିକେଟ୍‌ରେ ନ୍ୟୁଜିଲାଣ୍ଡକୁ ଜିତିବାକୁ ଆହୁରି ୨୧୯ ରନ ଆବଶ୍ୟକ ହେଉଛି। ଯାହାକି ନ୍ୟୁଜିଲାଣ୍ଡ ପାଇଁ ଏକପ୍ରକାର କଷ୍ଟସାଧ ଥିଲା। ଅନ୍ତିମ ତଥା ପଞ୍ଚମ ଦିବସରେ ଏହି ଅସମାପ୍ତ ସ୍କୋରରୁ ବ୍ୟାଟିଂ ଆରମ୍ଭ କରି ନ୍ୟୁଜିଲାଣ୍ଡ ୧୮୧ରେ ସୀମିତ ରହି ପରାଜୟବରଣ କରିଥିଲା। ୯ମ ୱିକେଟ୍‌ରେ ଇଶ୍ ସୋଧୀ (୨୨ ରନ) ଓ ଅଧିନାୟକ ସୌଦୀ (୪୩ ରନ) ୪୬ ରନ ଭାଗୀଦାରି କରି କିଛି ସମୟ ଲଢ଼େଇ କରିଥିଲେ। ଦଳ ପକ୍ଷରୁ ଡାରୀଲ ମିଚେଲ ସର୍ବାଧିକ ୫୮ ରନ କରିଥିଲେ। ବାଂଲାଦେଶର ବାମହାତୀ ସ୍ପିନର ତାଇଜୁଲଙ୍କୁ ସର୍ବାଧିକ ୬ଟି ୱିକେଟ୍ ମିଳିଥିଲା। ପୂର୍ବରୁ ପ୍ରଥମ ପାଳିରେ ମଧ୍ୟ ସେ ୪ ୱିକେଟ୍ ନେଇଥିଲେ। ଫଳରେ ତାଇଜୁଲ ମ୍ୟାଚରେ ୧୮୪ ରନ ବ୍ୟୟରେ ୧୦ ୱିକେଟ୍ ସଫଳତା ପାଇଛନ୍ତି। ଏହି ମ୍ୟାଚ୍ ବିଜୟୀ ବୋଲିଂ ଲାଗି ତାଙ୍କୁ ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଛି। ପୂର୍ବରୁ ବାଂଲାଦେଶ ପ୍ରଥମ ପାଳିରେ ୩୧୦ ରନ ଜବାବରେ ନ୍ୟୁଜିଲାଣ୍ଡ ୩୧୭ ରନ କରି ଅଗ୍ରଣୀ ହାସଲ କରିଥିଲା। ଏହାପରେ ୨ୟ ପାଳିରେ ବାଂଲାଦେଶ ସାଣ୍ଟୋଙ୍କ ୧୦୫ ରନ ସହାୟତାରେ ୩୩୮ ରନରେ ସୀମିତ ରହିଥିଲା। ଦୁଇ ମ୍ୟାଚ୍‌ବିଶିଷ୍ଟ ସିରିଜର ଅନ୍ତିମ ତଥା ୨ୟ ମୁକାବିଲା ଡିସେମ୍ବର ୬ (ବୁଧବାର)ରୁ ଢାକାରେ ଖେଳାଯିବ।

### ସଂକ୍ଷିପ୍ତ ସ୍କୋର

ବାଂଲାଦେଶ ପ୍ରଥମ ପାଳି: ୩୧୦ରେ ଅଲ୍‌ଆଉଟ୍।
ନ୍ୟୁଜିଲାଣ୍ଡ ପ୍ରଥମ ପାଳି: ୩୧୭/୧୦ରେ ଅଲ୍‌ଆଉଟ୍।
ବାଂଲାଦେଶ ୨ୟ ପାଳି: ୩୩୮/୧୦
ନ୍ୟୁଜିଲାଣ୍ଡ ୨ୟ ପାଳି: ୧୮୧/୧୦, ୭୧.୧ ଓଭର (ଡାରୀଲ ମିଚେଲ- ୫୮, ସୋଧୀ- ୨୨, ୱିଲିୟମସନ- ୧୧, ସୌଦୀ- ୩୪, ତାଇଜୁଲ- ୬/୭୫)।

ବିଶ୍ୱକପ୍ ଫାଇନାଲ ପରାଜୟ

# ଅହମ୍ମଦାବାଦ୍ ପିଚ୍‌କୁ ଦାୟୀ କଲେ ଦ୍ରାବିଡ୍

ନୂଆଦିଲ୍ଲୀ, ୨।୧୨(ଏଜେନ୍ସି): ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଦିନିକିଆ ବିଶ୍ୱକପ୍ ଫାଇନାଲରେ ପରାଜୟକୁ ଇତିମଧ୍ୟରେ ୧୩ ଦିନ ବିତିଯାଇଛି। ଏହି ଫାଇନାଲ ପରାଜୟର ଦୁଃଖ ଓ ଗ୍ଲାନିକୁ ଭାରତୀୟ କ୍ରିକେଟର ଓ ପ୍ରଶଂସକ ଭୁଲି ପାରିନାହାନ୍ତି। ଭାରତୀୟ ମୁଖ୍ୟ ପ୍ରଶିକ୍ଷକ ରାହୁଲ ଦ୍ରାବିଡ ଏହି ପରାଜୟ ପାଇଁ ଅହମ୍ମଦାବାଦର ପିଚ୍‌କୁ ଦାୟୀ କରିଛନ୍ତି। ଏ ନେଇ ଆୟୋଜିତ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ସମୀକ୍ଷା ବୈଠକରେ ସେ ଏହି କଥା କହିଛନ୍ତି। ଏହି ବୈଠକରେ ଦ୍ରାବିଡ୍‌ଙ୍କ ସମେତ ଅଧିନାୟକ ରୋହିତ ଶର୍ମା କଡ଼ା ତଥା ତୀକ୍ଷ୍ଣ ପ୍ରଶ୍ନବାଣର ସମ୍ମୁଖୀନ ହୋଇଥିଲେ। ନୂଆଦିଲ୍ଲୀ ଆୟୋଜିତ ଏହି ବୈଠକରେ ବିସିସିଆଇ ସମ୍ପାଦକ ଜୟ ଶାହା, ଉପ-ସଭାପତି ରାଜୀବ ଶୁକ୍ଲା, କୋଷାଧ୍ୟକ୍ଷ ଆଶିଷ ସେଲାର ଉପସ୍ଥିତ ଥିଲେ। ପରାଜୟ ନେଇ ଏହି ବୈଠକରେ ଦ୍ରାବିଡ୍ ଓ ରୋହିତଙ୍କୁ ବିଭିନ୍ନ ପ୍ରଶ୍ନ ପଚରାଯାଇଥିଲା। ଏହି ପିଚ୍‌ରେ ବଲ୍ ଆଶାନୁରୂପ ଟର୍ଣ୍ଣ ହୋଇ ନଥିଲା। ପ୍ରଥମେ ବ୍ୟାଟିଂ କରି ଭାରତ ଭଲ ଆରମ୍ଭ କରିଥିଲେ ମଧ୍ୟ ମଧ୍ୟକ୍ରମ ବ୍ୟାଟରମାନେ ଏହି ମୁମେଣ୍ଟମ ବଜାୟ ରଖିବାରେ ବିଫଳ ହୋଇଥିଲେ। ସାଧାରଣତଃ ନୂଆ ପିଚ୍‌ରେ ନକ୍‌ଆଉଟ୍ ମ୍ୟାଚ୍ ଖେଳାଯାଇଥାଏ। କିନ୍ତୁ ସ୍ଥାନୀୟ କ୍ୟୁରେଟରଙ୍କ ପରାମର୍ଶକ୍ରମେ ଫାଇନାଲ ମ୍ୟାଚ୍ ଏହି ପିଚ୍‌ରେ ଖେଳାଯାଇଥିଲା। ଏହି ପିଚ୍‌ରେ ଅବଶ୍ୟ ଭାରତ ଲିଗ୍ ପର୍ଯ୍ୟାୟ ମ୍ୟାଚ୍‌ରେ ପାକିସ୍ତାନକୁ ପରାସ୍ତ କରିଥିଲେ। ସ୍ପିନରଙ୍କ ପାଇଁ ସୁବିଧାଜନକ ସ୍ଥିତି ସୃଷ୍ଟି କରିବାକୁ ପିଚ୍‌ରେ ବେଶୀ ପାଣି ଦିଆଯାଇ ନଥିଲା। କିନ୍ତୁ ଭାରତ ପାଇଁ ଏହା ବୁମେରାଂ ହୋଇଥିଲା। ପିଚ୍ ସ୍ଲୋ ଥିଲା ଓ ବ୍ୟାଟିଂ ବେଳେ ଏଥିପାଇଁ ଭାରତକୁ ମୂଲ୍ୟଦେବାକୁ ହୋଇଥିଲା। ପ୍ରଥମ ୧୦ଟି ମ୍ୟାଚ୍‌ରେ ଆମ ରଣନୀତି କାମ ଦେଇଥିଲେ ମଧ୍ୟ ଫାଇନାଲ ମ୍ୟାଚ୍‌ରେ ଫଳ ଓଲଟା ହୋଇଥିଲା ବୋଲି ଦ୍ରାବିଡ କହିଛନ୍ତି।



# କୋହଲି ଇଟାଲୀ ମହିଳା ଫୁଟବଲରଙ୍କ ପ୍ରିୟ କ୍ରିକେଟର

ନୂଆଦିଲ୍ଲୀ, ୨।୧୨(ଏଜେନ୍ସି): ୟୁରୋପୀୟ ଦେଶ ଇଟାଲୀରେ ବି କ୍ରିକେଟର ଲୋକପ୍ରିୟତା ରହିଛି। ଇଟାଲୀର ତାରକା ମହିଳା ଫୁଟବଲର ଅଗଟା ଇସାବେଲା ସେଣ୍ଟାସୋଙ୍କ ଏକ ଟୁଇଟ୍‌ରୁ ଏହା ଜଣାପଡ଼ିଛି। ଭାରତୀୟ ବ୍ୟାଟିଂ ସୁପରଷ୍ଟାର ବିରାଟ କୋହଲି ହେଉଛନ୍ତି ସେଣ୍ଟାସୋଙ୍କ ପ୍ରିୟ କ୍ରିକେଟର। ସାମାଜିକ ଗଣମାଧ୍ୟମ ଏକ୍ସ (ଟୁଇଟର)ରେ ଏକ ପ୍ରଶ୍ନରେ ଉତ୍ତର ଦେବାକୁ ଯାଇ ଏହା ଉଲ୍ଲେଖ କରିଛନ୍ତି। କୋହଲିଙ୍କ ଫଟୋ ଓ ଏକ ଛେଳି ଅର୍ଥାତ ଗୋଟ୍ (ସର୍ବକାଳୀନ ଶ୍ରେଷ୍ଠ)ର ଇମୋଟିକନ ପୋଷ୍ଟ କରି ଏହି ପ୍ରଶ୍ନର ଉତ୍ତର ଅତି ସୁନ୍ଦର ଢଙ୍ଗରେ ଦେଇଛନ୍ତି। ଜଣେ ୟୁଜର ତାଙ୍କର ପ୍ରିୟ କ୍ରିକେଟର କିଏ ବୋଲି ପ୍ରଶ୍ନ କରିଥିଲେ। କୋହଲି ଏବେ ବିଶ୍ୱର ସବୁଠାରୁ ଲୋକପ୍ରିୟ କ୍ରିକେଟର ବିବେଚିତ ହେଉଛନ୍ତି। ସଦ୍ୟ ସମାପ୍ତ ଦିନିକିଆରେ ସେ ସର୍ବାଧିକ ରନ ସଂଗ୍ରହ କରିବା ସହ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ୩୫ ବର୍ଷୀୟ କୋହଲି ନ୍ୟୁଜିଲାଣ୍ଡ ବିପକ୍ଷ ସେମିଫାଇନାଲ ମ୍ୟାଚ୍‌ରେ ୫୦ତମ ଦିନିକିଆ ଶତକ ହାସଲ କରି ନିଜ ଗୁରୁ ସଚିନ ତେନ୍ଦୁଲକରଙ୍କୁ ପଛରେ ପକାଇ ନୂଆ ରେକର୍ଡ ସ୍ଥାପନ କରିଥିଲେ। ସେଣ୍ଟାସୋ ଇଟାଲୀର ସେକେଣ୍ଡ ଡିଭିଜନ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ସିରି ବି'ରେ ଭେନେଜିଆ ତରଫରୁ ପ୍ରତିନିଧିତ୍ୱ କରୁଛନ୍ତି। ସେ ୯୦ ନଂର ଜର୍ସି ପରିଧାନ କରୁଛନ୍ତି। ଇନଷ୍ଟାଗ୍ରାମ୍‌ରେ ତାଙ୍କର ୭୧ ହଜାର ଫଲୋଅର ରହିଛନ୍ତି। ଇନ୍‌ଷ୍ଟାଗ୍ରାମ୍‌ରେ କୋହଲିଙ୍କ ୨୬ କୋଟି ୪୦ ଲକ୍ଷ ଫଲୋଅର ରହିଛନ୍ତି।






● ପ୍ରଜ୍ଞାନନ୍ଦ-ବୈଶାଳୀଙ୍କ କୃତିତ୍ୱ

## ବିଶ୍ୱର ପ୍ରଥମ ଗ୍ରାଣ୍ଡମାଷ୍ଟର ଭାଇ-ଭଉଣୀ

ନୂଆଦିଲ୍ଲୀ, ୨।୧୨ (ଏଜେନ୍ସି): ଭାରତୀୟ ଚେସ୍ ତାରକା ଆର୍ ପ୍ରଜ୍ଞାନନ୍ଦଙ୍କ ଭଉଣୀ ଆର୍ ବୈଶାଳୀ ଶନିବାର ଗ୍ରାଣ୍ଡମାଷ୍ଟର (ଜିଏମ୍) ଟାଇଟଲ୍ ଅର୍ଜନ କରିଛନ୍ତି। ସ୍ପେନରେ ଅନୁଷ୍ଠିତ ଲୋବ୍ରେଗାଟ୍ ଓପନ୍‌ରେ ସେ ଦ୍ୱିତୀୟ ରାଉଣ୍ଡରେ ତୁର୍କୀର ତାମେର ତାରିକ ସେଲ୍‌ଫବେସ୍‌ଙ୍କୁ ପରାସ୍ତ କରିବା ସହ ଗ୍ରାଣ୍ଡମାଷ୍ଟର ପାଇଁ ଆବଶ୍ୟକ ୨୫୦୦ ରେଟିଂ ପଏଣ୍ଟ ଅତିକ୍ରମ କରିଥିଲେ। ଏଥିସହ ଗ୍ରାଣ୍ଡମାଷ୍ଟର ଟାଇଟଲ୍ ହାସଲ କରିବାରେ ୨୨ ବର୍ଷୀୟା ବୈଶାଳୀ ଭାରତର ୩ୟ ମହିଳା ତଥା ୮୪ତମ ଖେଳାଳି ହୋଇଛନ୍ତି।



ଏହିକ୍ରମରେ ବୈଶାଳୀ ଓ ପ୍ରଜ୍ଞାନନ୍ଦ ଆଉ ଏକ ଉଲ୍ଲେଖନୀୟ କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ବିଶ୍ୱର ପ୍ରଥମ ଭାଇ-ଭଉଣୀ ଯୋଡ଼ି ଭାବେ ଗ୍ରାଣ୍ଡମାଷ୍ଟର ଟାଇଟଲ୍ ଅର୍ଜନ କରି ଇତିହାସ ରଚିଛନ୍ତି। ବୈଶାଳୀଙ୍କ ସାନ ଭାଇ ପ୍ରଜ୍ଞାନନ୍ଦ ୨୦୧୮ରେ ଗ୍ରାଣ୍ଡମାଷ୍ଟର ହାସଲ କରିଥିଲେ। ପ୍ରଜ୍ଞାନନ୍ଦଙ୍କୁ ସେତେବେଳେ ୧୨ ବର୍ଷ ହୋଇଥିଲା। ଉଲ୍ଲେଖଯୋଗ୍ୟ, ଭାରତୀୟ ମହିଳା ଭାବେ ପୂର୍ବରୁ କୋନେରୁ ହମ୍ପି ଓ ଡି ହାରିକା ଗ୍ରାଣ୍ଡମାଷ୍ଟର ଟାଇଟଲ୍ ପାଇଥିଲେ।

୧୭ ବର୍ଷରୁ କମ୍ ଫିଫା ବିଶ୍ୱକପ୍

## ଜର୍ମାନୀ ନୂଆ ଚାମ୍ପିଅନ

ସେଣ୍ଟ୍ରାଲ ଜାଭା, ୨।୧୨(ଏଜେନ୍ସି): ଇଣ୍ଡୋନେସିଆରେ ଅନୁଷ୍ଠିତ ୧୭ ବର୍ଷରୁ କମ୍ ପୁରୁଷ ଫିଫା ବିଶ୍ୱକପ୍‌ରେ ଏଥର ଏକ ନୂଆ ଚାମ୍ପିଅନକୁ ଦେଖିବାକୁ ମିଳିଛି। ସ୍ଥାନୀୟ ସୁରକର୍ତ୍ତା ଷ୍ଟାଡିୟମରେ ଶନିବାର ଅନୁଷ୍ଠିତ ଫାଇନାଲ ମୁକାବିଲାରେ ୟୁରୋପୀୟ ଦେଶ ଜର୍ମାନୀ ଫ୍ରାନ୍ସକୁ ୪-୩ ପେନାଲ୍ଟି ସୁଟ୍ ଆଉଟରେ ପରାସ୍ତ କରି ପ୍ରଥମଥର ପାଇଁ ଚାମ୍ପିଅନ ହୋଇଛି। ୨୦୦୧ ଚାମ୍ପିଅନ ତଥା ଅନ୍ୟତମ ୟୁରୋପୀୟ ଦେଶ ଫ୍ରାନ୍ସର ଦ୍ୱିତୀୟ ଟାଇଟଲ ଆଶା ଧୂଳିସାତ ହୋଇଛି। ଜର୍ମାନୀ ଅବଶ୍ୟ ୧୯୮୫




ବିଶ୍ୱକପ୍ ଫାଇନାଲରେ ନାଇଜେରିଆଠାରୁ ପରାସ୍ତ ହୋଇ ଟାଇଟଲ ହାସଲରୁ ବଞ୍ଚିତ ହୋଇଥିଲା। ସେହିପରି ଜର୍ମାନୀ ୨୦୦୭ ଓ ୨୦୧୧ ବିଶ୍ୱକପ୍‌ରେ ତୃତୀୟ ଓ ୧୯୯୭ ବିଶ୍ୱକପ୍‌ରେ ଚତୁର୍ଥ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲା। ଅର୍ଥାତ ପୂର୍ବରୁ ଜର୍ମାନୀ ଟାଇଟଲ ହାସଲ କରି ନଥିଲେ ମଧ୍ୟ ଥରେ ଫାଇନାଲ ଓ ୩ଥର ସେମିଫାଇନାଲରେ ପ୍ରବେଶ କରିଥିଲା। ଅନ୍ୟପଟେ ଫ୍ରାନ୍ସ ଥରେ ଚାମ୍ପିଅନ, ଥରେ ରନର୍ସଅପ୍ ଓ ଗତ ୨୦୧୯ ସଂସ୍କରଣରେ ତୃତୀୟ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲା। ଏଥର ଆଫ୍ରିକୀୟ ଦେଶ ମାଲି ତୃତୀୟ ଓ ଆର୍ଜେଣ୍ଟିନା ଚତୁର୍ଥ ସ୍ଥାନରେ ରହି ଅଭିଯାନ ଶେଷ କରିଛନ୍ତି।

କଡ଼ା ସଂଘର୍ଷପୂର୍ଣ୍ଣ ଫାଇନାଲ ମୁକାବିଲାରେ ଜର୍ମାନୀ ତରଫରୁ ୨୯ତମ ମିନିଟ୍‌ରେ ପ୍ୟାରିସ ବ୍ରୁନର ପେନାଲ୍ଟି ଜରିଆରେ ଓ ନୋହ ଡାର୍ଭିକ୍ ୫୧ତମ ମିନିଟ୍‌ରେ ଗୋଲ ଦେଇଥିଲେ। ୦-୨ରେ ପଛରେ ରହି ଫ୍ରାନ୍ସ ପ୍ରତ୍ୟାବର୍ତ୍ତନ କରି ଦୁଇଟି ଗୋଲ ଦେଇ ମ୍ୟାଚ୍ ଡ୍ର ରଖିଥିଲା। ଦଳ ତରଫରୁ ୫୩ତମ ମିନିଟ୍‌ରେ ସାଇମନ ନଦେଲିଆ ବୋଉଆବ୍ରେ ଓ ୮୫ତମ ମିନିଟ୍‌ରେ ମାଥିଆସ ଆମୋଉଗୋଉ ଗୋଲ ଦେଇଥିଲେ। ନିର୍ଦ୍ଧାରିତ ସମୟ ଶେଷ ସୁଦ୍ଧା ମ୍ୟାଚ୍ ଅମୀମାଂସିତ ରହିଥିଲା। ଫଳରେ ପେନାଲ୍ଟି ସୁଟ୍ ଆଉଟ୍‌ର ସହାୟତା ନିଆଯାଇଥିଲା। ଏଥିରେ ଜର୍ମାନୀ ୪-୩ ଗୋଲରେ ବିଜୟୀ ହୋଇ ପ୍ରଥମଥର ଚାମ୍ପିଅନ ହେବା ସହ ଇତିହାସ ସୃଷ୍ଟି କରିଛି। ଟୁର୍ଣ୍ଣାମେଣ୍ଟରେ ଆର୍ଜେଣ୍ଟିନା ଫରୱାର୍ଡ ଅଗଷ୍ଟିନ୍ ରୁବେର୍ଟୋ ସର୍ବାଧିକ ୮ଟି ଗୋଲ ସ୍କୋର କରିଛନ୍ତି।

● ଜର୍ମାନୀରେ ପ୍ରବଳ ତୁଷାରପାତ: ବରଫରେ ଭର୍ତ୍ତି ହେଲା ଷ୍ଟାଡିୟମ

## ବେୟର୍ନ ମ୍ୟୁନିକ-ୟୁନିୟନ ବର୍ଲିନ ମ୍ୟାଚ୍ ସ୍ଥଗିତ



ବର୍ଲିନ, ୨।୧୨ (ଏଜେନ୍ସି): ପ୍ରବଳ ବର୍ଷା ଲାଗି ମ୍ୟାଚ୍ ବାତିଲ ହୋଇଥିବାର ଅନେକ ଉଦାହରଣ ପୂର୍ବରୁ ରହିଛି। କିନ୍ତୁ ଶନିବାର ଏକ ବିଚିତ୍ର ଚିତ୍ର ଦେଖିବାକୁ ମିଳିଛି। ସମ୍ପୂର୍ଣ୍ଣ ବରଫରେ ପରିପୂର୍ଣ୍ଣ ହୋଇଯାଇଛି ଷ୍ଟାଡିୟମ, ଗ୍ରାଉଣ୍ଡ ଓ ଏହାର ଆଖପାଖ ଅଞ୍ଚଳ। ଏପରି ଏକ ସ୍ଥିତିରେ ଖେଳିବା ସମ୍ଭବପର ନ ହେବାରୁ ଶେଷରେ ମ୍ୟାଚ୍‌କୁ ସ୍ଥଗିତ ରଖିବାକୁ ପଡ଼ିଛି। ଏଭଳି ଏକ ଘଟଣା ଜର୍ମାନୀର ପେଷାଦାର ଫୁଟ୍‌ବଲ ଲିଗ୍ ବୁନ୍ଦେସଲିଗାରେ ଦେଖିବାକୁ ମିଳିଛି। ଯେଉଁଥି ପାଇଁ ଶନିବାର ବେୟର୍ନମ୍ୟୁନିକ ଓ ୟୁନିୟନ ବର୍ଲିନ ମଧ୍ୟରେ ହେବାକୁ ଥିବା ମ୍ୟାଚକୁ ଶେଷରେ ସ୍ଥଗିତ କରିଦିଆଯାଇଛି।

ଗତ ଦୁଇଦିନ ଧରି ଜର୍ମାନୀରେ ପ୍ରବଳ ତୁଷାରପାତ ଦେଖିବାକୁ ମିଳିଛି। ଯେଉଁଥି ପାଇଁ ରାସ୍ତାଘାଟଠାରୁ ଆରମ୍ଭ କରି ଷ୍ଟାଡିୟମ ମଧ୍ୟ ବରଫରେ ଭର୍ତ୍ତି ହୋଇଯାଇଛି। ଏଭଳି ସ୍ଥିତିରେ ଆଲିଆଞ୍ଜ ଏରେନା ଷ୍ଟାଡିୟମରେ ବେୟର୍ନ ମ୍ୟୁନିକ ଓ ୟୁନିୟନ ବର୍ଲିନ ମଧ୍ୟରେ ଶନିବାର ଅପରାହ୍ଣ ୩ଟା ୩୦ରେ ମ୍ୟାଚ୍ ଖେଳାଯିବାକୁ ଥିବା ମ୍ୟାଚକୁ ଅନୁମତି ଦିଆ ନଯାଇ ସ୍ଥଗିତ ରଖାଯାଇଛି। ଘରୁ ବାହାରକୁ ନ ବାହାରିବାକୁ ସ୍ଥାନୀୟ ପୁଲିସ ପକ୍ଷରୁ ଜନସାଧାରଣଙ୍କୁ ପରାମର୍ଶ ଦିଆଯାଇଥିଲା। ଏପରିକି ରାସ୍ତାଘାଟ ବରଫରେ ଭର୍ତ୍ତି ହୋଇଯାଇଥିବାରୁ ଗମନାଗମନ ମଧ୍ୟ ସମ୍ଭପର ହୋଇ ନ ଥିଲା। ଖେଳାଳି ଓ ଦର୍ଶକଙ୍କ ସୁରକ୍ଷାକୁ ଧ୍ୟାନରେ ରଖି ଶେଷରେ ଏହି ନିଷ୍ପତ୍ତି ନିଆଯାଇଛି।

୫ରୁ ପୁରୁଷ କନିଷ୍ଠ ବିଶ୍ୱକପ୍ ହକି

# କୋରିଆ ସହ ଭାରତର ପ୍ରଥମ ମୁକାବିଲା

ବେଙ୍ଗାଲୁରୁ, ୨।୧୨(ଏଜେନ୍ସି): ଅନ୍ତର୍ଜାତୀୟ ହକି ମହାସଂଘ ଆନୁକୂଲ୍ୟରେ ମାଲେସିଆର କ୍ୱାଲାଲମ୍ପୁରଠାରେ ଆୟୋଜିତ ହେବାକୁ ଯାଉଛି ପୁରୁଷ କନିଷ୍ଠ ବିଶ୍ୱକପ୍ ହକି-୨୦୨୩। ଏହି ପ୍ରତିଯୋଗିତାରେ ମୋଟ ୧୬ଟି ଦଳ ଅଂଶଗ୍ରହଣ କରୁଥିଲାବେଳେ ଏହା ଡିସେମ୍ବର ୫ରୁ ଆରମ୍ଭ ହୋଇ ୧୬ରେ ଶେଷହେବ। ଅଂଶଗ୍ରହଣକାରୀ ୧୬ଟି ଦଳକୁ ୪ଟି ଗ୍ରୁପ୍‌ରେ ଭାଗ କରାଯାଇଛି। ଗ୍ରୁପ୍ ପର୍ଯ୍ୟାୟରେ ରାଉଣ୍ଡ ରବିନ ଲିଗ୍ ପଦ୍ଧତିରେ ଥରେ ଲେଖାଏଁ ମ୍ୟାଚ୍ ଖେଳାଯିବ। ପ୍ରତ୍ୟେକ ଗ୍ରୁପ୍‌ର ଦୁଇ ଶ୍ରେଷ୍ଠ ଦଳ କ୍ୱାର୍ଟର ଫାଇନାଲକୁ ଉନ୍ନୀତ ହେବ। ୪ଟି ଯାକ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଡିସେମ୍ବର ୧୨, ଦୁଇଟିଯାକ ସେମିଫାଇନାଲ ମ୍ୟାଚ୍ ଡିସେମ୍ବର ୧୪ ଓ ଫାଇନାଲ ମ୍ୟାଚ୍ ଡିସେମ୍ବର ୧୬ରେ ଖେଳାଯିବ।

ଭୁବନେଶ୍ୱରରେ ଗତଥର ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଚତୁର୍ଥ ସ୍ଥାନ ଅଧିକାର କରିଥିବା ଭାରତ ଏଥର ଗ୍ରୁପ୍-ସି'ରେ ସ୍ଥାନ ପାଇଛି। ଏହି ଗ୍ରୁପ୍‌ରେ ଦକ୍ଷିଣ କୋରିଆ, ସ୍ପେନ୍ ଓ କାନାଡାକୁ ମଧ୍ୟ ସ୍ଥାନ ମିଳିଛି। ଡିଫେଣ୍ଡିଂ ଚାମ୍ପିଅନ୍ ଆର୍ଜେଣ୍ଟିନା, ଚିଲି, ଅଷ୍ଟ୍ରେଲିଆ ଓ ମାଲେସିଆ ଗ୍ରୁପ୍-ଏ'ରେ, ଜର୍ମାନୀ, ଫ୍ରାନ୍ସ, ଦକ୍ଷିଣ ଆଫ୍ରିକା ଓ ଇଜିପ୍ଟ ଗ୍ରୁପ୍-ବି'ରେ, ନେଦରଲାଣ୍ଡସ, ନ୍ୟୁଜିଲାଣ୍ଡ, ବେଲଜିୟମ ଓ ପାକିସ୍ତାନ ଗ୍ରୁପ-ସି'ରେ ସ୍ଥାନ ପାଇଛନ୍ତି।

### ଭାରତର ଖେଳସୂଚୀ

| ତାରିଖ | ପ୍ରତିଦ୍ୱନ୍ଦ୍ୱୀ | ଭାରତୀୟ ସମୟ |
|---|---|---|
| ୫।୧୨ | କୋରିଆ | ୩ଟା ୩୦ ମିନିଟ୍ |
| ୭।୧୨ | ସ୍ପେନ୍ | ୫ଟା ୩୦ ମିନିଟ୍ |
| ୯।୧୨ | କାନାଡା | ୩ଟା ୩୦ ମିନିଟ୍ |

ପ୍ରସାରଣ: ଭାଏକମ୍ ସ୍ପୋର୍ଟ୍ସ ୧୮-୩, ୧୮-୧ ଏଚ୍‌ଡି, ଜିଓ ସିନେମା



ବେଙ୍ଗାଲୁରୁରୁ ଶନିବାର କ୍ୱାଲାଲମ୍ପୁର ଅଭିମୁଖେ ଯାତ୍ରା କରିଥିବା ଭାରତୀୟ ପୁରୁଷ ଦଳ ଡିସେମ୍ବର ୫ରେ ଦକ୍ଷିଣ କୋରିଆ ମୁକାବିଲାରୁ ଅଭିଯାନ ଆରମ୍ଭ କରିବ। ଟାଇଟଲ ଆଶାୟୀ ଥିବା ଏହି ଦଳର ଦ୍ୱିତୀୟ ମ୍ୟାଚ୍ ସ୍ପେନ୍ ସହ ଡିସେମ୍ବର ୭ରେ ଓ କାନାଡ଼ା ସହ ତୃତୀୟ ମ୍ୟାଚ୍ ଡିସେମ୍ବର ୯ରେ ଆୟୋଜିତ ହେବ। ଗ୍ରୁପ୍‌ରେ ପ୍ରଥମ ଦୁଇଟି ସ୍ଥାନ ଅଧିକାର କରିପାରିଲେ ଭାରତ କ୍ୱାର୍ଟର ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବ। ଉତ୍ତମ ସିଂ ଏହି ଦଳର ନେତୃତ୍ୱ ନେଇଥିଲାବେଳେ ଅରାଇଜିତ ସିଂ ହୁଣ୍ଡାଲ ତାଙ୍କ ଡେପୁଟି ରହିଛନ୍ତି।

ଅଧିନାୟକ ଉତ୍ତମ ସିଂଙ୍କ ମତରେ ଆମେ ଗତଥର ତୃତୀୟ ସ୍ଥାନ ଲାଗି ମୁକାବିଲାରେ ଫ୍ରାନ୍ସଠାରୁ ପରାଜିତ ହୋଇ ନିରାଶା ସୃଷ୍ଟି କରିଥିଲୁ। ଏହା ମଧ୍ୟରେ ଦଳର ଖେଳରେ ଯଥେଷ୍ଟ ଉନ୍ନତି ହୋଇଛି ଓ ଦଳ ଶକ୍ତିଶାଳୀ ହୋଇଛି। ଆମେ ପ୍ରତ୍ୟେକ ମ୍ୟାଚ୍ ଲାଗି ଭିନ୍ନ ଭିନ୍ନ ରଣନୀତତ ଓ ଯୋଜନା ଅନୁଯାୟୀ ଖେଳିବୁ। ଗତଥରର ନିରାଶାକୁ କିପରି ଏଡ଼ାଇପାରିବୁ, ସେ ସମ୍ପର୍କରେ ଆମେ ବେଶ ଅବଗତ ଅଛୁ ବୋଲି କହନ୍ତି ଉତ୍ତମ। ଉପଅଧିନାୟକ ଅରାଇଜିତଙ୍କ ମଧ୍ୟରେ ଆମେ ଗତବର୍ଷ ସୁଲତାନ ଜୋହୋର କପ୍ ଓ ଏସିଆ କପ୍‌ରେ ବିଜୟୀ ହୋଇଛୁ। ଚଳିତବର୍ଷ ସୁଲତାନ ଜୋହୋର କପରେ ଆମେ ତୃତୀୟସ୍ଥାନ ଅଧିକାର କରିଥିଲୁ। ଗତ ବିଶ୍ୱକପ୍ ପରଠାରୁ ଦଳରେ ଅନେକ ପରିବର୍ତ୍ତନ ହୋଇଛି। ଆମେ ଏଥିରୁ ଫାଇଦା ଉଠାଇବୁ ବୋଲି ଅରାଇଜିତ କହନ୍ତି।

ଏସବୁ ସତ୍ତ୍ୱେ ଭାରତର ଜଣେ ପ୍ରମୁଖ ଖେଳାଳି ଶାରଦାନନ୍ଦ ତିୱାରୀ ଅସୁସ୍ଥତା କାରଣରୁ ଶେଷ ମୁହୂର୍ତ୍ତରେ ଦଳରୁ ବାଦ୍ ପଡ଼ିଛନ୍ତି। ତାଙ୍କ ସ୍ଥାନରେ ସୁଖବିନ୍ଦର ସିଂଙ୍କୁ ସାମିଲ କରାଯାଇଛି। ଯୋଗେମ୍ବର ରାଉତଙ୍କୁ ବଦଳ ଖେଳାଳିଭାବେ ନେବାକୁ ଦଳ ବାଧ ହୋଇଛି।




# ଫିଟ୍‌ନେସ୍ କିଙ୍ଗ୍ 'ବିରାଟ'



ଯେତେବେଳେ କ୍ରିକେଟ୍ ଦୁନିଆରେ ଫିଟ୍‌ନେସ କଥା ଆଲୋଚନାକୁ ଆସେ ସେତେବେଳେ ଭାରତର ତାରକା ବ୍ୟାଟର୍ ବିରାଟ କୋହଲିଙ୍କୁ ଆଦୌ ଅଣଦେଖା କରିପାରିବେ ନାହିଁ। ଫିଟ୍‌ନେସର ଆଇକନ୍ ଭାବେ କୋହଲି ସାରା ବିଶ୍ୱରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ତାଙ୍କୁ ଫୁଟ୍‌ବଲ ସୁପରଷ୍ଟାର୍ କ୍ରିଷ୍ଟିଆନୋ ରୋନାଲ୍ଡୋ ଓ ଟେନିସ କିମ୍ବଦନ୍ତୀ ରାଫେଲ ନାଦାଲଙ୍କ ସହ ତୁଳନା କରାଯାଏ। ବିରାଟ ଜିମ୍‌ରେ ଝାଳ ବୁହାଉଥିବାର ଅନେକ ଭିଡିଓ ସାମାଜିକ ଗଣମାଧ୍ୟମରେ ବେଶ୍ ଲୋକପ୍ରିୟତା ହାସଲ କରିଛି। ନିର୍ଦ୍ୱନ୍ଦ୍ୱରେ କୁହାଯାଇପାରେ, ଭାରତୀୟ କ୍ରିକେଟ୍‌ରେ ଫିଟ୍‌ନେସର ଟ୍ରେଣ୍ଡ କୋହଲିଙ୍କଠାରୁ ହିଁ ସର୍ବପ୍ରଥମେ ଆରମ୍ଭ ହୋଇଥିଲା। ଆଜି ଭାରତୀୟ ଦଳ ବିଶ୍ୱର ସବୁଠାରୁ ଫିଟ୍ କ୍ରିକେଟ୍ ଦଳ ଭାବେ ଜଣାଶୁଣା। ୩୫ ବର୍ଷୀୟ କୋହଲି ନିଜକୁ ଫିଟ୍ ରଖିବା ପାଇଁ ଜିମ୍‌ରେ ଘଣ୍ଟା ଘଣ୍ଟା ଧରି ଝାଳ ବୁହାନ୍ତି। ଏହା ସହିତ କଠୋର ଖାଦ୍ୟ ମଧ୍ୟ ଅନୁସରଣ କରନ୍ତି। ୨୦୧୮ ରୁ ସେ ଅଣ୍ଡାକୁ ଛାଡ଼ି ଶାକାହାରୀ ହୋଇଯାଇଛନ୍ତି। ପ୍ରୋଟିନ ଆବଶ୍ୟକତାକୁ ପୂରଣ କରିବା ପାଇଁ ସେ କେବଳ ଅଣ୍ଡା ହିଁ ଖାଇଥାନ୍ତି। ଆସନ୍ତୁ କୋହଲିଙ୍କ କଠିନ ଡାଏଟ୍, ୱାର୍କଆଉଟ୍ ଯୋଜନା ଓ ଫିଟ୍‌ନେସ ଟିପ୍ସ ଉପରେ ନଜର ପକାଇବା। ■

୨୦୦୮ ରେ ୧୯ ବର୍ଷରୁ କମ୍ ବିଶ୍ୱକପ୍‌ରେ ଭାରତକୁ ଚାମ୍ପିଅନ କରାଇ ସେତେବେଳର ଯୁବ ଅଧିନାୟକ ବିରାଟ କୋହଲି ପ୍ରଥମେ ଲୋକଲୋଚନକୁ ଆସିଥିଲେ। ଇତିମଧ୍ୟରେ କୋହଲି ଅନ୍ତର୍ଜାତୀୟ କ୍ରିକେଟ୍‌ରେ ୧୫ ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତାଇ ସାରିଛନ୍ତି। ନିକଟରେ ଶେଷ ହୋଇଥିବା ଦିନିକିଆ ବିଶ୍ୱକପ୍‌ର ୧୩ତମ ସଂସ୍କରଣରେ ସେ ୧୧ ମ୍ୟାଚରୁ ୩ଟି ଶତକ ସହାୟତାରେ ରେକର୍ଡ ୭୬୫ ରନ କରି ସର୍ବାଧିକ ସ୍କୋରର୍ ରହିଥିଲେ। ଫିଲ୍ଡରେ ଦ୍ରୁତ ରନ୍ ସାଙ୍ଗକୁ ଦମ୍‌ଦାର ଫିଟନେସ ପାଇଁ ବିରାଟ ପ୍ରଶଂସକଙ୍କ ମଧ୍ୟରେ ସ୍ୱତନ୍ତ୍ର ସ୍ଥାନ ହାସଲ କରିଛନ୍ତି। ଯେତେବେଳେ ସେ ୱିକେଟ୍‌ରେ ରନ ପାଇଁ ଦୌଡ଼ନ୍ତି ସେତେବେଳେ ଏକ ଚିତା ଦୌଡ଼ିଲା ଭଳି ଲାଗନ୍ତି। ଦୌଡ଼ିବାରେ ସାଥୀ ଭାରତୀୟ ଖେଳାଳିଙ୍କୁ ସେ ବହୁ ପଛରେ ପକାଇଦିଅନ୍ତି। ତାଙ୍କର ଫିଟ୍‌ନେସ ମଧ୍ୟ ଆଜିର ଯୁବ ପିଢ଼ିଙ୍କୁ ବେଶ୍ ଆକୃଷ୍ଟ କରିପାରିଛି।

## ଘରୋଇ ଖାଦ୍ୟକୁ ବିରାଟଙ୍କ ପସନ୍ଦ

କୋହଲି ସର୍ବଦା ଘରେ ରନ୍ଧା ହୋଇଥିବା ଖାଦ୍ୟ ଖାଇବାକୁ ପସନ୍ଦ କରିଥାନ୍ତି। ସେ ନିଜକୁ ଜଣେ ଖାଦ୍ୟ ପ୍ରିୟ ଭାବେ ବର୍ଣ୍ଣନା କରିଥାନ୍ତି, କିନ୍ତୁ ଜଙ୍କ୍ ଫୁଡ, ମସଲାଯୁକ୍ତ ଖାଦ୍ୟ, ଲୁଣ ଆଦିରୁ ନିଜକୁ ଦୂରେଇ ରଖିଥାନ୍ତି। ଅପେକ୍ଷାକୃତ କମ୍ କ୍ୟାଲୋରୀ ଥିବା ଖାଦ୍ୟକୁ ପସନ୍ଦ କରିଥାନ୍ତି। ବିଭିନ୍ନ ପ୍ରକାର ଡ୍ରାଏ-ଫ୍ରୁଟ୍ସ ସହ ଗ୍ରୀନ-ଟି କୋହଲିଙ୍କ ଭାରି ପ୍ରିୟ। ମାଂସପେଶୀ ବଢ଼ାଇବାରେ ସାହାଯ୍ୟ କରୁଥିବାରୁ କୋହଲି ଡାଏଟ୍ ଯୋଜନାରେ ପ୍ରୋଟିନ-ଯୁକ୍ତ ଖାଦ୍ୟ ସାମିଲ କରିଥାନ୍ତି। ସେହିଭଳି ସୁପ୍, ସାଲାଡ୍ ସହିତ ପନିପରିବାକୁ ମଧ୍ୟ ଖାଦ୍ୟ ମେନ୍ୟୁରେ ରଖିଥାନ୍ତି। କୋହଲି ପ୍ରୋଟିନ ଆବଶ୍ୟକତାକୁ ପୂରଣ କରିବା ଲାଗି



ସକାଳ ଜଳଖିଆରେ ଆମଲେଟ୍ (୩ଟି ଅଣ୍ଡାର ଧଳାଅଂଶରେ ପ୍ରସ୍ତୁତ) ସହ ସିଝା ଅଣ୍ଡା, ତରଭୁଜ ଓ ସାଲାଡ୍ ଖାଇଥାନ୍ତି। ଲଞ୍ଚ୍‌ରେ କିନ୍ତୁ କୋହଲି କମ୍ ଖାଦ୍ୟ ଖାଇବାକୁ ପସନ୍ଦ କରିଥାନ୍ତି। ଏଥିରେ ବିଭିନ୍ନ ପ୍ରକାର ଫଳ, ରୁଟି, ଡାଲି ଓ ସବୁଜ ପନିପରିବାରେ ପ୍ରସ୍ତୁତ ତରକାରୀ ରହିଥାଏ। ସେହିଭଳି ରାତିରେ କୋହଲି ରୁଟି, ଡାଲି ସହ ଏକ ପନିପରିବା ମିଶ୍ରିତ ସାଲାଡ୍ ଖାଇଥାନ୍ତି। ଜିମ୍ ସେସନ ପରେ ସେ ପ୍ରୋଟିନ ସେକ୍, ସୋୟା ମିଲ୍କ ଓ ବଟର ପନିର ଖାଇଥାନ୍ତି। ଯାହା ତାଙ୍କୁ ଫିଟ୍ ରଖିବାରେ ବେଶ୍ ସହାୟତା କରିଥାଏ।

## ସପ୍ତାହରେ ୫ ଦିନ ଜିମ୍

ନିଜକୁ ସର୍ବଦା ଫିଟ୍ ରଖିବା ଲାଗି କୋହଲି ସପ୍ତାହରେ ୫ ଦିନ ଜିମ୍‌ରେ ଝାଳ ବୁହାଇଥାନ୍ତି ଓ ୨ ଦିନ ବିଶ୍ରାମ ନେଇଥାନ୍ତି। ଜିମ୍‌ରେ ତାଙ୍କ ୱାର୍କ ଆଉଟ୍ ମଧ୍ୟରେ କଠିନ ଓଜନ ଓ କାର୍ଡିଓ ଏକ୍ସରସାଇଜର ଏକ କମ୍ବିନେସନ ରହିଥାଏ। ଏହା ପତଳା ଓ ଶକ୍ତିଶାଳୀ ମାଂସପେଶୀ, ଶରୀରକୁ ଦୃଢ଼ ଓ ଶକ୍ତିଶାଳୀ ଏବଂ ଶରୀରର ନିମ୍ନ ମାଂସପେଶୀକୁ ଟୋନ୍ କରିବାରେ ସହାୟତା କରିଥାଏ। ସେହିଭଳି ବେଞ୍ଚପ୍ରେସ୍ ଓ ଡେଡ୍‌ଲିଫ୍ଟ କରିବାକୁ ପସନ୍ଦ କରିଥାନ୍ତି। ■



## ଟାଇଗରଙ୍କ ପ୍ରତ୍ୟାବର୍ତ୍ତନ



ଆମେରିକୀୟ ଗଲ୍ଫ ସୁପରଷ୍ଟାର ଟାଇଗର ଉଡ୍ସ ଦୀର୍ଘଦିନ ପରେ କୋର୍ସକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ବାହାମାସର ନ୍ୟୁ ପ୍ରୋଭିନ୍ସର ଅଲବାନୀସ୍ଥିତ ଗଲ୍ଫ କୋର୍ସରେ ଚାଲିଥିବା ହିରୋ ୱାର୍ଲ୍ଡ ଚ୍ୟାଲେଞ୍ଜ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିଛନ୍ତି। ଏହା ଏକ ମେଜର ଟୁର୍ଣ୍ଣାମେଣ୍ଟ ହୋଇ ନଥିଲେ ମଧ୍ୟ ଏଥିରେ ଅଂଶଗ୍ରହଣ କରିବା ଗଲ୍ଫ ଓ ତାଙ୍କ ପାଇଁ ବେଶ୍ ଗୁରୁତ୍ୱ ବହନ କରୁଛି। ଗତ ଏପ୍ରିଲ୍‌ରେ ମାଷ୍ଟର୍ସ ଟୁର୍ଣ୍ଣାମେଣ୍ଟ ଖେଳିବା ଅବସରରେ ସେ ଆଘାତ ସମସ୍ୟା କାରଣରୁ ଓହରିଯାଇଥିଲେ। ଏହା ତାଙ୍କ ପାଇଁ ଘରବାହୁଡା ସଦୃଶ ହୋଇଛି। କାରଣ ଟାଇଗର ହେଉଛନ୍ତି ଏହି ଟୁର୍ଣ୍ଣାମେଣ୍ଟର ଅନ୍ୟତମ ଆୟୋଜକ ଓ ତାଙ୍କ ଫାଉଣ୍ଡେସନ ପାଇଁ ଏହା ବେଶ୍ ସହାୟ ହେବ। ପୂର୍ବରୁ ସେ ଏହି ଟୁର୍ଣ୍ଣାମେଣ୍ଟରେ ୫ଥର ଚାମ୍ପିଅନ ଓ ୬ଥର ରନର୍ସଅପ ହୋଇଛନ୍ତି। ଆସନ୍ତା ମାସରେ ଟାଇଗର ୪୮ ବର୍ଷରେ ପଦାର୍ପଣ କରିବେ। ତାଙ୍କୁ ବାଦଦେଲେ ୨୦ ଜଣ ଗଲ୍ଫ ସୁପରଷ୍ଟାର ଏଥିରେ ଅଂଶଗ୍ରହଣ କରିବେ। ଏଥିରେ ପ୍ରଦର୍ଶନ ଅପେକ୍ଷା ତାଙ୍କ ଅଂଶଗ୍ରହଣକୁ ପ୍ରଶଂସକମାନେ ଅଧିକ ଗୁରୁତ୍ୱ ଦେଉଛନ୍ତି। ଦୀର୍ଘ ୨୫ ବର୍ଷର ଜାଜ୍ଜ୍ୱଲ୍ୟମାନ କ୍ୟାରିୟରରେ ଟାଇଗର ସଫଳତାର ଶୀର୍ଷରେ ପହଞ୍ଚିଥିଲେ। ସେ ୧୫ଥର ମେଜର ଟାଇଟଲ ହାସଲ କରିଛନ୍ତି। ସେ ବିଶ୍ୱର ସର୍ବକାଳୀନ ଶ୍ରେଷ୍ଠ ଗଲ୍ଫର ବିବେଚିତ ହେଉଛନ୍ତି। ଆଧୁନିକ କ୍ରୀଡ଼ା ଇତିହାସରେ ସେ ସବୁଠାରୁ ପ୍ରସିଦ୍ଧି ପାଇଥିବା ଆଥଲେଟ ବିବେଚିତ ହୁଅନ୍ତି। ସେ ମଧ୍ୟ ୱାର୍ଲ୍ଡ ଗଲ୍ଫ ହଲ୍ ଅଫ୍ ଫେମ୍‌ରେ ସାମିଲ ହୋଇଛନ୍ତି। ୧୮ଥର ୱାର୍ଲ୍ଡ ଗଲ୍ଫ ଚାମ୍ପିଅନ, ରେକର୍ଡ ୧୧ଥର ପିଜିଏ ପ୍ଲେୟର ଅଫ୍ ଦି ଇୟର ବିବେଚିତ ହୋଇଛନ୍ତି ଏହି ମହାନ ଗଲ୍ଫର। ତାଙ୍କ ସଫଳତାର ତାଲିକା ବେଶ୍ ଲମ୍ବା। ଫର୍ମ ଓ ଫିଟନେସ ବଜାୟ ରଖିଲେ ସେ ଆହୁ କିଛି ବର୍ଷ ଗଲ୍ଫ ସହିତ ଜଡିତ ରହି ନିଜର ପୁରୁଣା ସଫଳତାକୁ ଦୋହରାଇବେ ବୋଲି ଆଶା କରାଯାଉଛି। ■

## ଶ୍ରୀଶାନ୍ତ, ବିନ୍ନିଙ୍କ ନୂଆ ଇନିଂସ





ଭାରତର ଦୁଇଜଣ ପୂର୍ବତନ କ୍ରିକେଟର ଏବେ ନୂଆ ଇନିଂସ ଆରମ୍ଭ କରିବାକୁ ଯାଉଛନ୍ତି। ଅନ୍ତର୍ଜାତୀୟ କ୍ରିକେଟ ଛାଡିସାରିଥିବା ଏହି ଦୁଇ କ୍ରିକେଟର ଟେକ୍ସାସର ହଷ୍ଟନସ୍ଥିତ ମୁସା କ୍ରିକେଟ ଷ୍ଟାଡିୟମରେ ଡିସେମ୍ବର ୧୯ରୁ ୩୧ ତାରିଖ ମଧ୍ୟରେ ଖେଳାଯିବାକୁ ଥିବା ଆମେରିକାନ ପ୍ରିମିୟର ଲିଗ୍ (ଏପିଏଲ୍)ରେ ଅଂଶଗ୍ରହଣ କରିବେ। ଏମାନେ ହେଲେ ପୂର୍ବତନ ଦ୍ରୁତ ବୋଲର ଏସ୍ ଶ୍ରୀଶାନ୍ତ ଓ ଅଲରାଉଣ୍ଡର ଷ୍ଟୁଆର୍ଟ ବିନ୍ନି। ଗତ ମେ'ରେ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଏହି ଲିଗ୍‌କୁ ସ୍ୱୀକୃତି ପ୍ରଦାନ କରିଥିଲା। ୟୁନାଇଟେଡ ଷ୍ଟେଟ୍ସ ଅଫ୍ ଆମେରିକା (ୟୁଏସ୍ଏ) କ୍ରିକେଟ ବୋର୍ଡ ଏହି ଲିଗ୍ ପାଇଁ ୪୦ ଜଣ ଅନ୍ତର୍ଜାତୀୟ କ୍ରିକେଟରଙ୍କୁ ନେଇ ୭ଟି ଦଳ ଗଠନ କରିଛି। ଶ୍ରୀଶାନ୍ତ ଓ ବିନ୍ନି ପ୍ରିମିୟମ ଇଣ୍ଡିଆନ୍ସ ଟିମ୍ ତରଫରୁ ପ୍ରତିନିଧିତ୍ୱ କରିବେ। ୪୦ ବର୍ଷୀୟ ଶ୍ରୀଶାନ୍ତ ଓ ୩୯ ବର୍ଷୀୟ ବିନ୍ନି ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଘୋଷଣା କରିଥିଲେ। ଶ୍ରୀଶାନ୍ତ ଭାରତ ପାଇଁ ୨୭ ଟେଷ୍ଟ, ୫୩ ଦିନିକିଆ ଓ ୧୦ଟି ଟି-୨୦ ମ୍ୟାଚ୍ ଖେଳିଛନ୍ତି। ସେହିପରି ବିନ୍ନି ୬ ଟେଷ୍ଟ ଓ ୧୪ଟି ଦିନିକିଆ ମ୍ୟାଚ୍ ଖେଳିଛନ୍ତି। ଟି-୨୦ ଫର୍ମାଟ୍‌ରେ ଖେଳାଯିବାକୁ ଥିବା ଏହି ଲିଗ୍‌ରେ ଅଂଶଗ୍ରହଣ କରିବାକୁ ଥିବା ୭ଟି ଦଳଗୁଡିକ ହେଲେ ଆମେରିକାନ୍ସ, ଇଣ୍ଡିଆନ୍ସ, ପାକ୍ସ, ୱିଣ୍ଡିଜ, ବେଙ୍ଗଲିଜ୍, ଅସିସ୍ ଓ ଇଂଲିଶ୍। ବିଶ୍ୱ ତଥା ଆମେରିକୀୟ କ୍ରିକେଟ ପାଇଁ ଏହି ଲିଗ୍ ବେଶ୍ ଗୁରୁତ୍ୱ ବହନ କରୁଛି। ନ୍ୟୁୟର୍କ ଟାଇମ୍ସ ସ୍କ୍ୱାୟାରରେ ଏହି ଲିଗ୍ ଲଞ୍ଚ ହୋଇଥିଲା। ଦୀର୍ଘ ୧୨୮ ବର୍ଷ ପରେ ଲସ୍ ଏଞ୍ଜେଲ୍ସ ଅଲିମ୍ପିକ୍ସ (୨୦୨୮)ରେ କ୍ରିକେଟକୁ ସାମିଲ କରାଯିବାକୁ ନିଷ୍ପତ୍ତି ନିଆଯିବା ପରେ ଏହି ଲିଗ୍‌ର ଗୁରୁତ୍ୱ ଆହୁରି ବଢ଼ିଯାଇଛି। ■

## ପ୍ୟାରିସ୍ ଅଲିମ୍ପିକ୍ସରେ ବିଦାୟ



ସ୍ପେନ୍ ଟେନିସ ସୁପରଷ୍ଟାର ରାଫେଲ ନାଦାଲ ଦୀର୍ଘଦିନ ପରେ ପ୍ରତିଯୋଗିତାମୂଳକ ଖେଳକୁ ପ୍ରତ୍ୟାବର୍ତ୍ତନ କରିବା ନେଇ ଘୋଷଣା କରିଛନ୍ତି। ୨୨ଟି ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିଥିବା ନାଦାଲ ଆଗାମୀ ବ୍ରିସ୍‌ବେନ ଅନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟ ଖେଳିବେ। ଏହା ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଟୁର୍ଣ୍ଣାମେଣ୍ଟ ଅଷ୍ଟ୍ରେଲିଆନ ଓପନର ୱାର୍ମଅପ୍ ଇଭେଣ୍ଟ ବିବେଚିତ ହୋଇଥାଏ। ଅର୍ଥାତ ସେ ଏଥର ଅଷ୍ଟ୍ରେଲିଆନ୍ ଓପନ୍ ଖେଳିବା ନିଶ୍ଚିତ ମନେ ହେଉଛି। ପୂର୍ବରୁ ନାଦାଲ ୨୦୦୯ ଓ ୨୦୨୨ରେ ଏହି ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ହୋଇଥିଲେ। କ୍ଲେ କୋର୍ଟର ରାଜା କୁହାଯାଉଥିବା ୩୭ ବର୍ଷୀୟ ନାଦାଲ ଗୋଇଠିରେ ବାରମ୍ବାର ଆଘାତ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି ଓ ଏଥିପାଇଁ ଏକାଧିକ ବାର ଅସ୍ତ୍ରୋପଚାର ମଧ୍ୟ କରାଇଛନ୍ତି। ରେକର୍ଡ ୧୪ଟି ଫ୍ରେଞ୍ଚ୍ ଓପନ୍ ଟାଇଟଲ ହାସଲ କରିଥିବା ନାଦାଲଙ୍କ କ୍ୟାରିୟର ଏବେ ଅନ୍ତିମ ସୋପାନରେ ପହଞ୍ଚିଛି। ତେଣୁ ଆସନ୍ତାବର୍ଷ ସେ ଫ୍ରେଞ୍ଚ୍ ଓପନ୍ ଖେଳିବାକୁ ନିଶ୍ଚିତ ଭାବେ ପ୍ରୟାସ କରିବେ। କ୍ୟାରିୟର ଶେଷ କରିବାର ସମୟ ଉପନୀତ ହୋଇଛି ବୋଲି ନାଦାଲ ପୂର୍ବରୁ କହିସାରିଛନ୍ତି। ୨୦୨୪ ହେବ ତାଙ୍କ କ୍ୟାରିୟରର ଶେଷ ବର୍ଷ। ଫ୍ରେଞ୍ଚ୍ ଓପନ୍ ସହ ପ୍ୟାରିସ ଅଲିମ୍ପିକ୍ସ ଖେଳି ସେ ଅବସର ନେବେ ଓ ଟେନିସ୍‌ରେ ତାଙ୍କର ୨୨ ବର୍ଷ ଉଜ୍ଜ୍ୱଳମୟ କ୍ୟାରିୟରର ଅନ୍ତଘଟିବ ବୋଲି ସେ ପରୋକ୍ଷରେ ସୂଚନା ଦେଇଛନ୍ତି। ସ୍ପେନ୍‌ର ଅନ୍ୟତମ ଯୁବ ସୁପରଷ୍ଟାର କାର୍ଲୋସ ଆଲକାରାଜ ପ୍ୟାରିସ ଅଲିମ୍ପିକ୍ସରେ ନାଦାଲଙ୍କ ସହ ଯୁଗଳ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଇଚ୍ଛା ପ୍ରକାଶ କରିଛନ୍ତି। ନାଦାଲ ପୂର୍ବରୁ ୨୦୦୮ ବେଜିଂ ଅଲିମ୍ପିକ୍ସରେ ଏକକରେ ସ୍ୱର୍ଣ୍ଣ ଓ ୨୦୧୬ ରିଓ ଅଲିମ୍ପିକ୍ସରେ ଯୁଗଳରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ■

## ଉଚ୍ଚତା ଛୋଟ, ଛକା ବଡ଼ ବଡ଼



ଶାରୀରିକ ଉଚ୍ଚତା ଛୋଟ, କିନ୍ତୁ ମାରୁଛନ୍ତି ଲମ୍ବା ଲମ୍ବା ଛକା। ମହେନ୍ଦ୍ର ସିଂ ଧୋନୀଙ୍କ ପରେ ତାଙ୍କୁ ମଧ୍ୟ ଭାରତୀୟ କ୍ରିକେଟର ପରବର୍ତ୍ତୀ ଫିନିଶର କୁହାଯାଉଛି। ଚଳିତ ଅଷ୍ଟ୍ରେଲିଆ ବିପକ୍ଷ ଟି-୨୦ ସିରିଜରେ ସେ ଦମ୍‌ଦାର ପ୍ରଦର୍ଶନ କରି କରିଛନ୍ତି। ଭାରତକୁ ଏହି ସିରିଜରେ ବିଜୟୀ କରାଇବାରେ ମଧ୍ୟ ତାଙ୍କର ପ୍ରମୁଖ ଭୂମିକା ରହିଛି। ଏହି ଯୁବ କ୍ରିକେଟର ହେଉଛନ୍ତି ରିଙ୍କୁ ସିଂ। ଉତ୍ତରପ୍ରଦେଶର ଆଲିଗଡ଼ରୁ ଆସିଥିବା ୨୬ ବର୍ଷୀୟ ରିଙ୍କୁ ସିଂଙ୍କ ଉଚ୍ଚତା ହେଉଛି ୫ ଫୁଟ ୫ ଇଞ୍ଚ୍। ସେତେ ଡେଙ୍ଗା ହୋଇ ନଥିଲେ ମଧ୍ୟ ସେ ବିଶ୍ୱସ୍ତରୀୟ ବୋଲରଙ୍କ କ୍ୱାଲିଟି ବଲକୁ ବାଉଣ୍ଡରୀ ବାହାରକୁ ପଠାଇବାରେ ସିଦ୍ଧହସ୍ତ। ଶନିବାର ରାୟପୁରରେ ଅନୁଷ୍ଠିତ ଅଷ୍ଟ୍ରେଲିଆ ବିପକ୍ଷ ଟି-୨୦ ମ୍ୟାଚ୍‌ରେ ସେ ୨୯ଟି ବଲ୍ ଖେଳି ୪ ଚୌକା ଓ ୨ ଛକା ସହ ୪୬ ରନକରି ସ୍ଥିତି ସମ୍ଭାଳିବା ସହ ଦଳକୁ ସମ୍ମାନଜନକ ସ୍କୋର ପ୍ରଦାନ କରିଥିଲେ। ସେ ଏଥିରେ ୧୦୦ ମିଟର ଦୂରତାକୁ ଏକ ଛକା ମାରିଥିଲେ। ରିଙ୍କୁଙ୍କର ଏହି ଗଗନଚୁମ୍ବୀ ଛକାକୁ ଦେଖି ସମସ୍ତେ ଆଶ୍ଚର୍ଯ୍ୟ ହୋଇଥିଲେ ଓ ଏହା ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ ହୋଇଛି। ୧୩ତମ ଓଭରରେ ଅଷ୍ଟ୍ରେଲୀୟ ବୋଲର ବେନ ଡ୍ୱାରସୁଇସ୍‌ଙ୍କ ଏକ ବଲରେ ସେ ଷ୍ଟେପ୍ ଆଉଟ କରି ମିଡ୍‌ୱିକେଟ ଉପରେ ଏହି ଛକା ମାରିଥିଲେ। ରିଭର୍ସ ସୁଇପ୍ କରି ସେ ଏହି ମ୍ୟାଚ୍‌ରେ ୮୮ ମିଟର ଲମ୍ବାର ଏକ ଛକା ମଧ୍ୟ ମାରିଥିଲେ। ଏଥସହ ରିଙ୍କୁ ଏକ ସ୍ୱତନ୍ତ୍ର ତଥା ଏଲିଟ୍ ଗ୍ରୁପ୍‌ରେ ସାମିଲ ହୋଇଛନ୍ତି। ଏହି ତାଲିକାରେ ପୂର୍ବରୁ ଯୁବରାଜ ସିଂ, କ୍ରିସ୍ ଗେଲ ଓ ମହେନ୍ଦ୍ର ସିଂ ଧୋନି ସାମିଲ ରହିଛନ୍ତି। ଟି-୨୦ ଫର୍ମାଟ୍‌ରେ ଏମାନେ ୧୦୦ ମିଟରରୁ ଅଧିକ ଦୂର ବିଶିଷ୍ଟ ଛକା ମାରିଛନ୍ତି। ତୃତୀୟ ଟି-୨୦ରେ ସେ ବ୍ୟାଟିଂ କରିବାର ସୁଯୋଗ ପାଇ ନଥିଲେ। ଦ୍ୱିତୀୟ ମ୍ୟାଚ୍‌ରେ ସେ ମାତ୍ର ୯ ବଲରୁ ୪ ଚୌକା ଓ ୨ ଛକା ସହ ଅପରାଜିତ ୩୧ ରନ ସଂଗ୍ରହ କରିଥିଲେ। ସେହିପରି ପ୍ରଥମ ଟି-୨୦ରେ ସେ ୨୨ ବଲରୁ ୪ ଚୌକା ସହ ୨୨ ରନକରି ଅପରାଜିତ ରହିବା ସହ ଦଳକୁ ଜିତାଇଥିଲେ। ■

## ପଞ୍ଚମ ଟି-୨୦ ଆଜି

# ଅବଶିଷ୍ଟ ଖେଳାଳିଙ୍କୁ ମିଳିବ ସୁଯୋଗ

ବେଙ୍ଗାଲୁରୁ, ୨।୧୨(ଏଜେନ୍ସି): ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ପଞ୍ଚମ ତଥା ଶେଷ ଟି-୨୦ ମ୍ୟାଚ୍ ସ୍ଥାନୀୟ ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌ରେ ରବିବାର ଖେଳାଯିବ। ଏହା ପୂର୍ବରୁ ଖେଳାଯାଇଥିବା ୪ଟି ମୁକାବିଲା ମଧ୍ୟରୁ ଭାରତ ୩ଟିରେ ଜିତି ଆଗୁଆ ସିରିଜ୍ କବ୍‌ଜା କରିନେଇଛି। ଏହି ମ୍ୟାଚ୍‌ରେ ହାର ଜିତି ନେଇ ଉଭୟ ଦଳ ଉପରେ ଚାପ ନ ଥିଲେ ମଧ୍ୟ ଟି-୨୦ ବିଶ୍ୱକପ୍ ଆଉ ୭ ମାସ ଥିବାରୁ ମ୍ୟାଚ୍‌ର ଗୁରୁତ୍ୱ ରହିଛି। ଏଣୁ ମ୍ୟାଚ୍‌କୁ କୌଣସି ଦଳ ଦିନିକିଆ ବିଶ୍ୱକପ୍। ଉଭୟ ଦଳ ମଧ୍ୟରେ ଫାଇନାଲ ମୁକାବିଲା ହୋଇଥିଲା। ଏହି ଦଳରୁ କେବଳ ଦୁଇ ଜଣ ଖେଳାଳିଙ୍କୁ ଭାରତ ଟି-୨୦ ସିରିଜ୍ ଲାଗି ମନୋନୀତ କରିଥିଲା। ଅନ୍ୟପକ୍ଷରେ ଅଷ୍ଟ୍ରେଲିଆ ୮ ଜଣ ଖେଳାଳିଙ୍କୁ ଖେଳିବା ସୁଯୋଗ ଦେଇଥିଲା। ଚତୁର୍ଥ ମ୍ୟାଚ୍ ପୂର୍ବରୁ ଅଷ୍ଟ୍ରେଲିଆ ମଧ୍ୟ ବରିଷ୍ଠ ଖେଳାଳିଙ୍କୁ ସ୍ୱଦେଶ ଫେରାଇ ନେଇଥିଲା। ଏସବୁ ସୂଚନା ଦେବାର ଅର୍ଥ ଉଭୟ ଦଳ ଟି-୨୦ ବିଶ୍ୱକପ୍ ଲାଗି ଏହି ସିରିଜ୍‌କୁ ଗୁରୁତ୍ୱ ଦେଇଛନ୍ତି। ବ୍ୟାଟିଂରେ ଯୁବ ଖେଳାଳି ଯଶସ୍ୱୀ ଜୟସ୍ୱାଲ, ଋତୁରାଜ ଗାଏକ୍ୱାଡ ଓ ରିଙ୍କୁ ସିଂ ବେଶ ପ୍ରଭାବଶାଳୀ ପ୍ରଦର୍ଶନ କରିଛନ୍ତି। ଶେଷ ମ୍ୟାଚ୍‌ରେ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଓ ଉପଅଧିନାୟକ ଶ୍ରେୟସ ଆୟରଙ୍କଠାରୁ ଏଭଳି ପ୍ରଦର୍ଶନ ଆଶା କରାଯାଉଛି। ବୋଲିଂରେ ଦୁଇ ସ୍ପିନର ରବି ବିଷ୍ଣୋଇ ଓ ଅକ୍ଷର ପଟେଲ ବେଶ ପ୍ରଭାବ ପକାଇଛନ୍ତି। କିନ୍ତୁ ସମାନ ପ୍ରଦର୍ଶନ ଫାଷ୍ଟ ବୋଲରଙ୍କଠାରୁ ଦେଖିବାକୁ ମିଳିନାହିଁ। ମୁକେଶ କୁମାର ଅନ୍ୟମାନଙ୍କ ଅପେକ୍ଷା କୁହାଯାଉଥିବା ଖେଳାଳିଙ୍କଠାରୁ କିଛି ବଡ଼ ସ୍କୋର ଆଶା କରାଯାଉଛି। ଏହି ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ତାହାର ଦୁଇ ଶ୍ରେଷ୍ଠ ଫାଷ୍ଟ ବୋଲର ଜେସନ ବେହେରନଡର୍ଫ ଓ ନାଥାନ ଏଲିସ୍‌ଙ୍କୁ ସୁଯୋଗ ଦେବ। ତନବୀର ସାଙ୍ଗା ଭଲ ଖେଳିଥିବାରୁ ଏଠାରେ ଖେଳିବାର ସୁଯୋଗ ପାଇବେ। ଖେଳ ବା ଖେଳାଳି ଯିଏ ହୁଅନ୍ତୁନା କାହିଁକି ଏଠାରେ ଆଉ ଏକ ହାଇ ସ୍କୋରିଂ ମ୍ୟାଚ୍ ଦେଖିବାକୁ ମିଳିବ ବୋଲି ଆଶା କରାଯାଇପାରେ।



ହାଲ୍‌କା ଭାବେ ନେବେ ନାହିଁ ବୋଲି ଆଶା କରାଯାଉଛି। ଅନ୍ୟ ପକ୍ଷରେ ଭାରତ ସିରିଜ୍ ଜିତିସାରିଥିବାରୁ ଆଦୌ ଖେଳିବାକୁ ସୁଯୋଗ ପାଇ ନଥିବା ଦୁଇ ଖେଳାଳି ଶିବମ ଦୁବେ ଓ ଦକ୍ଷିଣ ଆଫ୍ରିକା ବିପକ୍ଷ ସୀମିତ ଓଭର ସିରିଜ୍ ଲାଗି ମନୋନୀତ ହୋଇଥିବା ୱାଶିଂଟନ ସୁନ୍ଦରଙ୍କୁ ଏହି ମ୍ୟାଚ୍‌ରେ ଖେଳିବା ସୁଯୋଗ ମିଳିପାରେ।

ଏହି ସିରିଜ୍ ଆରମ୍ଭ ପୂର୍ବରୁ ଉଭୟ ଦଳ କ୍ଳାନ୍ତ ଥିଲେ। ଏହାର କାରଣ ଥିଲା ଦେଢ଼ମାସ ଧରି ଖେଳାଯାଇଥିବା ଏହି ଫର୍ମାଟ ଲାଗି ସମ୍ପୂର୍ଣ୍ଣ ନୂଆ ଦଳକୁ ସୁଯୋଗ ମିଳିଛି। ଉଭୟ ଦଳ ଭାରତୀୟ ପିଚ୍‌ରେ ଭଲ ବ୍ୟାଟିଂ କରିଛନ୍ତି। ରବିବାର ବେଙ୍ଗାଲୁରୁରେ ଖେଳାଯିବାକୁ ଥିବା ଶେଷ ମ୍ୟାଚ୍‌ରେ ମଧ୍ୟ ବଡ଼ ବଡ଼ ସଟ୍ ଦେଖିବାକୁ ମିଳିବ।

ଭାରତୀୟ ଦଳ ଉତ୍‌ଥାନ ପତନ ଦେଇ ଆସିଛି। ଦଳର ପ୍ରାୟ ସମସ୍ତ ଖେଳାଳିଙ୍କ ଠାରୁ କିଛି ନା କିଛି ଉନ୍ନତ ପ୍ରଦର୍ଶନ ଦେଖିବାକୁ ମିଳିଛି। ବ୍ୟାଟିଂ ହେଉ କିମ୍ବା ବୋଲିଂ ସବୁଥିରେ ଦଳଗତ ଖେଳ ଦେଖିବାକୁ ମିଳିଛି। ଉନ୍ନତ କରିଛନ୍ତି। ଏଠାରେ ଶେଷଥର ଫାଷ୍ଟ ବୋଲରଙ୍କୁ ସେମାନଙ୍କ ଦକ୍ଷତାର ପରୀକ୍ଷା ଦେବାକୁ ହେବ।

ମାଥ୍ୟୁ ୱେଡଙ୍କ ନେତୃତ୍ୱରେ ଏବେ ଯୁବ ଖେଳାଳିଙ୍କୁ ନେଇ ଅଷ୍ଟ୍ରେଲିଆ ଦଳ ଖେଳୁଛି। ଦିନିକିଆ ବିଶ୍ୱକପ୍ ଫାଇନାଲର ଶ୍ରେଷ୍ଠ ଖେଳାଳି ଟ୍ରାଭିସ୍ ହେଡ୍‌ଙ୍କଠାରୁ ଏଯାଏ ବିସ୍ଫୋରକ ବ୍ୟାଟିଂ ଦେଖିବାକୁ ମିଳିନାହିଁ। ଟ୍ରାଭିସ୍ ହେଡ କିମ୍ବା ନବାଗତ ଖେଳାଳି କିଛି ବି ଚମତ୍କାରିତା ଦେଖାଇ ନାହାନ୍ତି। ଏହି ମ୍ୟାଚରେ ଅଷ୍ଟ୍ରେଲିଆର ଭବିଷ୍ୟତ

### ବେଙ୍ଗାଲୁରୁରେ ଭାରତ; ଜିତିଛି ୨, ହାରିଛି ୩

ଏହି ମ୍ୟାଚଟି ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌ରେ ହେବ ୯ମ ଅନ୍ତର୍ଜାତୀୟ ଟି-୨୦ ମୁକାବିଲା। ଏଠାରେ ପୂର୍ବରୁ ୭ଟି ମ୍ୟାଚ୍ ଖେଳାଯାଇଛି। ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଖେଳାଯିବାକୁ ଥିବା ପ୍ରଥମ ମୁକାବିଲାଟି ବର୍ଷା ଯୋଗୁ ସମ୍ଭବ ହୋଇପାରି ନଥିଲା। ଏହି ୭ଟି ମଧ୍ୟରୁ ଭାରତ ୫ଟିରେ ଖେଳିଛି। ଏହି ୫ଟି ମଧ୍ୟରୁ ଘରୋଇ ଦଳ ୨ଟିରେ ଜିତିଥିଲାବେଳେ ୩ଟି ମ୍ୟାଚ୍‌ରେ ପରାଜିତ ହୋଇଛି। ଅନ୍ୟପକ୍ଷରେ ଏଠାରେ ଅଷ୍ଟ୍ରେଲିଆ ୨ଟି ମ୍ୟାଚ୍ ଖେଳି ସବୁଥିରେ ବିଜୟୀ ହୋଇଛି। ଏଠାରେ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଦ୍ୱିତୀୟ ଟି-୨୦ ମୁକାବିଲା ଖେଳାଯିବ।

#### ସମ୍ଭାବ୍ୟ ଖେଳାଳି

**ଭାରତ-** ଯଶସ୍ୱୀ ଜୟସ୍ୱାଲ, ଋତୁରାଜ ଗାଏକ୍ୱାଡ, ଶ୍ରେୟସ ଆୟର, ସୂର୍ଯ୍ୟକୁମାର ଯାଦବ (ଅଧିନାୟକ), ଜିତେଶ ଶର୍ମା, ଶିବମ ଦୁବେ/ ରିଙ୍କୁ ସିଂ, ଅକ୍ଷର ପଟେଲ/ୱାଶିଂଟନ ସୁନ୍ଦର, ରବି ବିଷ୍ଣୋଇ, ଦୀପକ ଚହର, ଆଭେଷ ଖାନ୍, ମୁକେଶ କୁମାର।
- ଇଶାନ କିଶାନ, ତିଳକ ବର୍ମା, ଅର୍ଶଦୀପ ସିଂ, ପ୍ରସିଦ୍ଧ କ୍ରିଷ୍ଣା।

**ଅଷ୍ଟ୍ରେଲିଆ-** ଜୋଶ ଫିଲିପ୍, ଟ୍ରାଭିସ୍ ହେଡ୍, ବେନ୍ ମ୍ୟାକଡର୍ମଟ, ଟିମ୍ ଡେଭିଡ, ଆରୋନ ହାର୍ଡି, ମାଥ୍ୟୁ ସର୍ଟ, ମାଥ୍ୟୁ ୱେଡ୍ (ଅଧିନାୟକ), ବେନ୍ ଡ୍ୱାରଶୁଇସ, ନାଥାନ ଏଲିସ/ କେନ ରିଚାର୍ଡସନ, ଜେସନ ବେହେରନଡର୍ଫ, ତନବୀର ସାଙ୍ଗା।

**ଖେଳ ଆରମ୍ଭ : ରାତି ୭ଟା**
**ପ୍ରସାରଣ : ସ୍ପୋର୍ଟ୍ସ ୧୮ , ଜିଓ ସିନେମା**

● ମହିଳା କନିଷ୍ଠ ବିଶ୍ୱକପ୍ ହକି

## କ୍ୱାର୍ଟରକୁ ଯାଇପାରିଲାନି ଭାରତ

ସାଣ୍ଟିଆଗୋ, ୨।୧୨(ଏଜେନ୍ସି): ଏଠାରେ ଚାଲିଥିବା ମହିଳା କନିଷ୍ଠ ବିଶ୍ୱକପ୍ ହକିରେ ଭାରତୀୟ ଦଳ କ୍ୱାର୍ଟର ଫାଇନାଲ ଖେଳିବାରୁ ବଞ୍ଚିତ ହୋଇଛି। ଶନିବାର ଖେଳାଯାଇଥିବା ଲିଗ୍ ମ୍ୟାଚ୍‌ରେ ଭାରତ ୨-୩ ଗୋଲରେ ବେଲଜିୟମଠାରୁ ହାରିଯିବା ପରେ ଗ୍ରୁପ୍‌ରେ ବେଲଜିୟମ ଓ ଜର୍ମାନୀ ପଛକୁ ତୃତୀୟ ସ୍ଥାନ ହାସଲ କରି କ୍ୱାର୍ଟର ଫାଇନାଲକୁ ଯାଇ ପାରି ନାହିଁ। ନିୟମ ଅନୁଯାୟୀ ପ୍ରତ୍ୟେକ ଗ୍ରୁପ୍‌ର ଦୁଇ ଶ୍ରେଷ୍ଠ ଦଳ କ୍ୱାର୍ଟର ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବେ। ଭାରତ ଜର୍ମାନୀ ନିକଟରୁ ପରାଜିତ ହୋଇଥିଲା ବେଳେ କାନାଡ଼ାକୁ ହରାଇଥିଲା। ଏବେ ବେଲଜିୟମଠାରୁ ହାରିବା ଫଳରେ ଦଳକୁ ନିରାଶ ହେବାକୁ ପଡ଼ିଛି। ଏହି ମ୍ୟାଚ୍‌ରେ ଭାରତ ପକ୍ଷରୁ ଅନ୍ନୁ ଦୁଇଟି ଯାକ ଗୋଲ କରିଥିଲେ। ଗୋଟିଏ ଗୋଲ ପେନାଲ୍ଟି କର୍ଣ୍ଣରରୁ ଓ ଆଉ ଗୋଟିଏ ପେନାଲ୍ଟି ଷ୍ଟ୍ରୋକ୍‌ରୁ ହୋଇଥିଲା।

## ଆରାଧ୍ୟା, ଆହାନ, ଆଦିତ୍ୟଙ୍କୁ ସଫଳତା



ଭୁବନେଶ୍ୱର, ୨।୧୨ (ସମିସ): ଓଡ଼ିଶାର ୩ ଟେନିସ ଖେଳାଳି ଆରାଧ୍ୟା ବର୍ମା, ଆହାନ ଓ ଆଦିତ୍ୟ ଶତପଥୀ ଦେଶର ଭିନ୍ନ ଭିନ୍ନ ସ୍ଥାନରେ ଅନୁଷ୍ଠିତ ଜାତୀୟ ପ୍ରତିଯୋଗିତାରେ ସଫଳତା ହାସଲ କରିଛନ୍ତି। ଆରାଧ୍ୟା ଦିଲ୍ଲୀର ଆର୍‌କେ ଖାନ୍ନା ଷ୍ଟାଡିୟମରେ ଆୟୋଜିତ ଆଇଟିଏଫ୍ କନିଷ୍ଠ ଟେନିସ ପ୍ରତିଯୋଗିତାର ମହିଳା ଯୁଗଳରେ ରନର୍ସଅପ୍ ହୋଇଛନ୍ତି। ସେ ଆଇଶି ବିସ୍ତଙ୍କୁ ସାଥୀ କରି ଖେଳୁଥିଲେ। ସେହିଭଳି ଆହାନଙ୍କୁ ଦ୍ୱୈତ ଟାଇଟଲ୍ ସଫଳତା ମିଳିଛି। ସିକନ୍ଦରାବାଦ୍‌ରେ ଅନୁଷ୍ଠିତ ସର୍ବଭାରତୀୟ ନ୍ୟାସନାଲ ସିରିଜ ୧୪ ବର୍ଷରୁ କମ୍ ଟେନିସରେ ଆହାନ ବାଳିକା ଏକକ ଓ ଯୁଗଳରେ ଚାମ୍ପିଅନ ହୋଇଛନ୍ତି। ବାଳିକା ଯୁଗଳରେ ସେ କର୍ଣ୍ଣାଟକର କାର୍ତ୍ତିକ ପଦ୍ମାକରଙ୍କୁ ସାଥୀ କରି ଖେଳିଥିଲେ। ଅପରପକ୍ଷରେ ମେଣ୍ଢାଶାଳସ୍ଥିତ ଗୁରୁକୂଳ ରିସୋର୍ଟରେ ସର୍ବଭାରତୀୟ ଟେନିସ ଆସୋସିଏସନ ଓ ଓଡ଼ିଶା ଟେନିସ ଆସୋସିଏସନର ମିଳିତ ସହଯୋଗରେ ଅନୁଷ୍ଠିତ ପୁରୁଷ ଏକ ଲକ୍ଷ ଟଙ୍କା ପୁରସ୍କାର ରାଶିବିଶିଷ୍ଟ ପ୍ରତିଯୋଗିତାରେ ଆଦିତ୍ୟ ଶତପଥୀ ଟ୍ରଫି ଜିତିଛନ୍ତି। ଆଦିତ୍ୟ ପୁରୁଷ ଯୁଗଳରେ ଛତିଶଗଡ଼ର ସୌର୍ଯ୍ୟ ମାଣିକଙ୍କୁ ସାଥୀ କରି ଏହି ସଫଳତା ପାଇଥିଲେ।

## ଆନ୍ତଃସ୍କୁଲ ଫୁଟବଲ

## ଫାଇନାଲରେ କ୍ୟାପିଟାଲ ବନାମ କିସ୍





ଭୁବନେଶ୍ୱର, ୨।୧୨(ସମିସ): କ୍ୟାପିଟାଲ ହାଇସ୍କୁଲ ଓ କିସ୍ ସ୍କୁଲ ମଧ୍ୟରେ ଭୁବନେଶ୍ୱର ଭେଟେରାନ ଖେଳାଳି ସଂଘ ପକ୍ଷରୁ ଆୟୋଜିତ ପ୍ରଥମ ଆନ୍ତଃସ୍କୁଲ ଫୁଟବଲ ଫାଇନାଲ ଖେଳାଯିବ। ଶନିବାର ଏହି ପ୍ରତିଯୋଗିତାର ଦୁଇଟିଯାକ ସେମିଫାଇନାଲ ଖେଳାଯାଇଥିଲା। ଏହା ମଧ୍ୟରୁ ପ୍ରଥମ ସେମିରେ କ୍ୟାପିଟାଲ ହାଇସ୍କୁଲ ୩-୨ ଟାଇବ୍ରେକର ଗୋଲରେ ୟୁନିଟ-୬ ହାଇସ୍କୁଲ୍‌କୁ ପରାସ୍ତ କରିଥିଲା।

ବିଜୟୀ ଦଳର ସୁରେଶ ମୁର୍ମୁ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲା। ଦ୍ୱିତୀୟ ସେମିରେ କିସ୍ ସ୍କୁଲ ୪-୦ ଗୋଲରେ କଟକର ସୟଦ ସେମିନାରୀ ସ୍କୁଲ୍‌କୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲା। ରାଜୁ ମାରାଣ୍ଡିଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ପ୍ରଥମ ମ୍ୟାଚରେ ରାଧାଶ୍ୟାମ ସାହୁ ଓ ଦ୍ୱିତୀୟ ମ୍ୟାଚ୍‌ରେ ବିବେକାନନ୍ଦ ଦାସ ଅତିଥିଭାବେ ଯୋଗଦେଇଥିଲେ। ରବିବାର ୟୁନିଟ୍ ୬ ବନାମ ସୟଦ ସେମିନାରୀ ମଧ୍ୟରେ ତୃତୀୟ ସ୍ଥାନ ଲାଗି ଏବଂ କ୍ୟାପିଟାଲ ଓ କିସ୍ ମଧ୍ୟରେ ଫାଇନାଲ ମୁକାବିଲା ଖେଳାଯିବ।

● ଜାତୀୟ ବେଞ୍ଚପ୍ରେସ ଉଦ୍‌ଯାପିତ

## ଓଡ଼ିଶାକୁ ୭ ପଦକ, ବଇଦ ଶ୍ରେଷ୍ଠ

ଭୁବନେଶ୍ୱର, ୨।୧୨(ସମିସ): ବେଙ୍ଗାଲୁରୁଠାରେ ଶେଷ ହୋଇଥିବା ଜାତୀୟ ବେଞ୍ଚପ୍ରେସ୍ ପ୍ରତିଯୋଗିତାରେ ଓଡ଼ିଶାକୁ ୭ଟି ପଦକ ମିଳିଛି। ଏହା ମଧ୍ୟରେ ୩ଟି ସ୍ୱର୍ଣ୍ଣ, ୨ଟି ରୌପ୍ୟ ଓ ୨ଟି କାଂସ୍ୟ ପଦକ ରହିଛି। ବରିଷ୍ଠ ବିଭାଗରେ ମହେନ୍ଦ୍ର କୁମାର ରାଉତ, ଉପକନିଷ୍ଠ ବିଭାଗରେ ଆୟୁଷ କୁମାର ଓ ମାଷ୍ଟର୍ସ ବିଭାଗରେ ବଇଦ କୁମାର ତାଣ୍ଡି ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି। ମାଷ୍ଟର୍ସ ବିଭାଗରେ ବଇଦଙ୍କୁ ମଧ୍ୟ ଶ୍ରେଷ୍ଠ ପ୍ରତିଯୋଗୀଭାବେ ବିବେଚିତ କରାଯାଇଛି। ମାଷ୍ଟର-୧ ବିଭାଗରେ ସନ୍ତୋଷ ଦାସ, ବରିଷ୍ଠ ମହିଳା ବିଭାଗରେ ଆରା ବେଗମ କାଂସ୍ୟ ଜିତିଛନ୍ତି। କନିଷ୍ଠ ମହିଳା ବିଭାଗରେ ଶ୍ରାବଣୀ ଜେନା ଓ ମାଷ୍ଟର ମହିଳାରେ ଗୀତାଞ୍ଜଳି ନାୟକ ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଛନ୍ତି। ଏହି ପ୍ରତିଯୋଗିତାରେ ରାଜେଶ ଶତପଥୀଙ୍କ ନେତୃତ୍ୱରେ ଓଡ଼ିଶାରୁ ୨୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପଦକ ବିଜେତାମାନଙ୍କୁ ରାଜ୍ୟ ଶକ୍ତିଉତ୍ତୋଳନ ସଂଘର ସମ୍ପାଦକ ହରିପ୍ରସାଦ ପଟ୍ଟନାୟକ, ଉପସଭାପତି ଇଂ ଚିତ୍ତରଞ୍ଜନ ସ୍ୱାଇଁ, ପ୍ରଦୀପ କୁମାର ପାତ୍ର, ସମରେନ୍ଦ୍ର ରାଉତରାୟ ଅଭିନନ୍ଦନ ଜଣାଇବା ସହ ସମ୍ବର୍ଦ୍ଧିତ କରିଥିଲେ।



## ଓଡ଼ିଶାର ସୁରୋମିତା, ସୁମନଙ୍କୁ ସ୍ୱର୍ଣ୍ଣ



**ଦକ୍ଷିଣ ଏସୀୟ କରାଟେ**

ଭୁବନେଶ୍ୱର, ୨।୧୨(ସମିସ): ନେପାଳରେ ଆରମ୍ଭ ହୋଇଥିବା ଦକ୍ଷିଣ ଏସୀୟ କରାଟେ ପ୍ରତିଯୋଗିତାର ପ୍ରଥମ ଦିନରେ ଓଡ଼ିଶାକୁ ଦୁଇଟି ସ୍ୱର୍ଣ୍ଣ ପଦକ ମିଳିଛି। ଏଥିରେ ଭାଗ ନେଇଥିବା ସୁରୋମିତା ସିହ୍ନା ୨୧ ବର୍ଷରୁ କମ୍ ମହିଳା କାଟାରେ ଓ ସୁମନ ଶେଖର ଦାସ ପୁରୁଷ ଫାଇଟିଙ୍ଗ୍‌ରେ ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି। ଏହି ପ୍ରତିଯୋଗିତାରେ ଓଡ଼ିଶାରୁ ପାଞ୍ଚ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ବାକି ୩ଜଣ ପ୍ରତିଯୋଗୀ ରବିବାର ହେବାକୁ ଥିବା ଇଭେଣ୍ଟରେ ଅଂଶଗ୍ରହଣ କରିବେ। ପ୍ରଥମ ଦିନରେ ସ୍ୱର୍ଣ୍ଣପଦକ ଜିତିଥିବା ଦୁଇ ପ୍ରତିଯୋଗୀଙ୍କୁ ଓଡ଼ିଶା କରାଟେ ଡୋ ସଂଘ ପକ୍ଷରୁ ଅଭିନନ୍ଦନ ଜଣାଯାଇଅଛି।

## କୁଚ୍ ବିହାର ଟ୍ରଫି: ଓଡ଼ିଶା ୭୪/୨

ଭୁବନେଶ୍ୱର, ୨।୧୨(ସମିସ): ମହାରାଷ୍ଟ୍ରର ବାରାମତୀଠାରେ ଓଡ଼ିଶା ଓ ମହାରାଷ୍ଟ୍ର ମଧ୍ୟରେ ଖେଳାଯାଇଥିବା ୧୯ ବର୍ଷରୁ କମ୍ କୁଚ୍ ବିହାର ଟ୍ରଫି ବର୍ଷା ଯୋଗୁଁ ବାଧାପ୍ରାପ୍ତ ହୋଇଛି। ପ୍ରବଳ ବର୍ଷା ଯୋଗୁଁ ପ୍ରଥମ ଦିନ ଖେଳ ସମ୍ପୂର୍ଣ୍ଣ ବାତିଲ କରିବାକୁ ପଡ଼ିଥିଲା। ଦ୍ୱିତୀୟ ଦିନ ଅର୍ଥାତ ଶନିବାର ବର୍ଷା ହୋଇ ନଥିଲେ ମଧ୍ୟ ଓଦା ପଡ଼ିଆ ଯୋଗୁଁ ଖେଳ ବିଳମ୍ବରେ ଆରମ୍ଭ ହୋଇଥିଲା। ଦ୍ୱିତୀୟ ଦିନ ମାତ୍ର ୨୩ ଓଭର ଖେଳ ସମ୍ଭବ ହୋଇଥିଲା। ଏଥିରେ ଓଡ଼ିଶା ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଦ୍ୱିତୀୟ ଦିନ ଖେଳାଯାଇଥିବା ୨୩ ଓଭର ଖେଳରେ ଓଡ଼ିଶା ୨ ୱିକେଟ ହରାଇ ୭୪ ରନ୍ କରିବାକୁ ସମର୍ଥ ହୋଇଛି। ଦଳ ପକ୍ଷରୁ ସ୍ୱୟମ୍ଭ ଶ୍ରୀବାସ୍ତବ ସର୍ବାଧିକ ୩୫ ରନ୍ କରିଥିଲାବେଳେ ଶ୍ରେୟାଂଶୁ ପଟ୍ଟନାୟକ ୨୮ ରନ୍ କରି ଶେଷଯାଏ ଅପରାଜିତ ରହିଥିଲେ।

## ବିଶାଳ ସ୍କୋର ଅଭିମୁଖେ ବିଦର୍ଭ

**ବିଜୟ ମର୍ଚ୍ଚାଣ୍ଟ ଟ୍ରଫି**

ଭୁବନେଶ୍ୱର, ୨।୧୨(ସମିସ): ଆସାମର ଗୁଆହାଟୀଠାରେ ଚାଲିଥିବା ୧୬ ବର୍ଷରୁ କମ୍ ବିଜୟ ମର୍ଚ୍ଚାଣ୍ଟ ଟ୍ରଫିରେ ଓଡ଼ିଶା ବିପକ୍ଷ ମ୍ୟାଚ୍‌ରେ ବିଦର୍ଭ ବିଶାଳ ସ୍କୋର ଅଭିମୁଖେ ଅଗ୍ରସର ହୋଇଛି। ଏହି ମ୍ୟାଚ୍‌ର ପ୍ରଥମ ଦିନରେ ସ୍ୱାଗତ ସୌରଭ ମିଶ୍ରଙ୍କ ୮୦ ରନ୍ ଓ ମୟଙ୍କ ପଟ୍ଟନାୟକଙ୍କର ୪୭ ରନ୍ ସହାୟତାରେ ପ୍ରଥମେ ବ୍ୟାଟିଂ କରି ଓଡ଼ିଶା ୨୨୪ ରନ୍‌ରେ ଅଲଆଉଟ ହୋଇଯାଇଥିଲା। ଜବାବରେ ଦ୍ୱିତୀୟ ଦିନ ଖେଳ ଶେଷ ସୁଦ୍ଧା ବିଦର୍ଭ ପ୍ରଥମ ପାଳିରେ ୩ ୱିକେଟ ହରାଇ ୩୫୨ ରନ୍ ସଂଗ୍ରହ କରିନେଇଛି। ଦଳ ପକ୍ଷରୁ ସର୍ବେଶ ଇଖାନକର ସର୍ବାଧିକ ୧୦୫ ଓ ଯଶ ଚୌଉଡେ ୯୯ ରନ୍ କରିଥିଲେ। ଓଡ଼ିଶା ପକ୍ଷରୁ ଯୋଗେଶ୍ୱର ବାଗ ୨ଟି ଓ ରେହାନ ଖାନ୍ ଗୋଟିଏ ୱିକେଟ ନେଇଥିଲେ।

● କନିଷ୍ଠ, ଉପକନିଷ୍ଠ ପୁରୁଷ ଏକାଡେମୀ ହକି

## ଓଡ଼ିଶା ନାଭାଲ ଟାଟା ଏଚ୍‌ପିସିକୁ ରୌପ୍ୟ



ଭୁବନେଶ୍ୱର, ୨।୧୨ (ସମିସ): ତାମିଲନାଡୁରେ ଉଦ୍‌ଯାପିତ ହୋଇଯାଇଥିବା ହକି ଇଣ୍ଡିଆ କନିଷ୍ଠ, ଉପକନିଷ୍ଠ ପୁରୁଷ ଏକାଡେମୀ ହକି ଚାମ୍ପିଅନସିପ୍ ଓଡ଼ିଶା ନାଭାଲ ଟାଟା ହକି ହାଇପରଫରମାନ୍ସ ସେଣ୍ଟର (ଏଚ୍‌ପିସି) ରନର୍ସଅପ୍ ହୋଇଛି। ପୁରୁଷ କନିଷ୍ଠ ଫାଇନାଲରେ ଓଡ଼ିଶା ନାଭାଲ ଟାଟା ଏଚ୍‌ପିସିର ମୁକାବିଲା ସେଲ୍‌ଫ ହକି ଏକାଡେମୀ ସହ ହୋଇଥିଲା। ଏଥିରେ ୩-୨ ଗୋଲରେ ପରାଜୟବରଣ କରି ନାଭାଲ ଟାଟା ଏଚ୍‌ପିସି ରୌପ୍ୟ ପଦକରେ ସନ୍ତୁଷ୍ଟ ରହିଛି। ସେହିଭଳି ଉପକନିଷ୍ଠ ବିଭାଗରେ ମଧ୍ୟ ସେଲ୍‌ଫ ହକି ଏକାଡେମୀ ଟାଇଟଲ୍ ବାଜିମାତ୍ କରିନେଇଛି।

# ଶ୍ରାବଣୀଙ୍କୁ ୯ .୪୦ ଲକ୍ଷ ଟଙ୍କାର ପ୍ରୋତ୍ସାହନ

ଭୁବନେଶ୍ୱର, ୨।୧୨(ସମିସ): ରାଜ୍ୟର ତାରକା ମହିଳା ଆଥଲେଟ ଶ୍ରାବଣୀ ନନ୍ଦଙ୍କୁ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ତରଫରୁ ୯ ଲକ୍ଷ ୪୦ ହଜାର ଟଙ୍କାର ଅର୍ଥରାଶି ପୁରସ୍କାର ପ୍ରଦାନ କରାଯାଇଛି। ସେ ନିକଟରେ ଗୋଆରେ ଅନୁଷ୍ଠିତ ୩୭ତମ ଜାତୀୟ କ୍ରୀଡ଼ା ଓ ଅନ୍ୟ କ୍ରୀଡ଼ା ଶୃଙ୍ଖଳରେ ଦମ୍‌ଦାର ପ୍ରଦର୍ଶନ କରି ପୁରସ୍କୃତ ହୋଇଛନ୍ତି।

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ଉତ୍ସବରେ ଯୋଗଦେଇ କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ତୁଷାରକାନ୍ତି ବେହେରା ଶ୍ରାବଣୀଙ୍କୁ ଅର୍ଥରାଶି ପୁରସ୍କାର ସହ ରୂପା ତାରକସିର ଫଳକ, ଉତ୍ତରୀୟ ଏବଂ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରିଥିଲେ। ନିଷ୍ଠା ଓ କଠିନ ପରିଶ୍ରମ ଦ୍ୱାରା ଶ୍ରାବଣୀ ରାଜ୍ୟ ପାଇଁ ଗର୍ବ ଓ ଗୌରବ ଆଣିଦେଇଛନ୍ତି ବୋଲି କ୍ରୀଡ଼ାମନ୍ତ୍ରୀ କହିଥିଲେ। ଶ୍ରାବଣୀ ମଧ୍ୟ ରାଜ୍ୟରେ ନିର୍ମିତ ହୋଇଥିବା ବିଶ୍ୱସ୍ତରୀୟ କ୍ରୀଡ଼ା ଭିତ୍ତିଭୂମୀ ପାଇଁ ରାଜ୍ୟ ସରକାରଙ୍କୁ ପ୍ରଶଂସା କରିଥିଲେ। ଏହା ଦ୍ୱାରା ଭବିଷ୍ୟତରେ ରାଜ୍ୟରେ ବିଶ୍ୱସ୍ତରୀୟ କ୍ରୀଡ଼ାବିତ ସୃଷ୍ଟି ହୋଇପାରିବେ ବୋଲି ସେ କହିଛନ୍ତି। କ୍ରୀଡ଼ା ଓ ଯୁବସେବା ସଚିବ ଆର ଭିନିଲ କ୍ରିଷ୍ଣା ଶ୍ରାବଣୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। ସେହିପରି ଶ୍ରାବଣୀ ଯୁବ କ୍ରୀଡ଼ାବିତଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି ବୋଲି କ୍ରୀଡ଼ା ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସ କହିଥିଲେ। ଏହି ଅବସରରେ ଶ୍ରାବଣୀଙ୍କ କୋଚ୍ ନୀଳମାଧବ ଦେଓ ଓ ଫିଜିଓ ଅର୍ଚ୍ଚିତା ଲେଙ୍କାଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା।




ଜାତୀୟ କ୍ରୀଡ଼ାରେ ଶ୍ରାବଣୀ ୨୦୦ମିଟରରେ ସ୍ୱର୍ଣ୍ଣ, ୧୦୦ମିଟରରେ ରୌପ୍ୟ ହାସଲ କରିଥିବାରୁ ତାଙ୍କୁ ଯଥାକ୍ରମେ ୫ ଓ ୩ ଲକ୍ଷ ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ୨୦୦୨ରେ ୬୨ତମ ଜାତୀୟ ଓପନ୍ ଚାମ୍ପିଅନସିପ୍‌ରେ ସେ ସ୍ୱର୍ଣ୍ଣ ଓ ରୌପ୍ୟ ପାଇ ଯଥାକ୍ରମେ ୬୦ ଓ ୪୦ ହଜାର ଟଙ୍କା ପୁରସ୍କାର ପାଇଛନ୍ତି। ସେ ଆଉ ଏକ ରୌପ୍ୟ ପାଇଁ ୪୦ ହଜାର ଟଙ୍କା ପୁରସ୍କାର ହାସଲ କରିଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA.
EDITOR: UMAKANT MISHRA
ସମ୍ପାଦକ: ଉମାକାନ୍ତ ମିଶ୍ର